୬୧ତମ ବର୍ଷ    ୧୫ ଅଗଷ୍ଟ ୨୦୧୮    ତୃତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ    ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି

ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଅଗଷ୍ଟ, ୨୦୧୮]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ପ୍ରାଚୀନ ଭାରତର ଶାସ୍ତ୍ର | ... | ଶ୍ରୀଅରବିନ୍ଦ | ... | ୯ |
| ଯଥାର୍ଥ ସ୍ୱାଧୀନତା | ... | ଶ୍ରୀମା | ... | ୧୧ |
| ଏକ ଆନ୍ତର୍ରାଷ୍ଟ୍ରୀୟ ଶିକ୍ଷାକେନ୍ଦ୍ର | ... | ଶ୍ରୀମା | ... | ୧୨ |
| ଯଥାର୍ଥ ଶିକ୍ଷାଦାନର ତିନୋଟି ନୀତି | ... | ଶ୍ରୀଅରବିନ୍ଦ | ... | ୧୫ |
| ନୂତନ ଚେତନା ପାଇଁ ନୂତନ ଶିକ୍ଷା | ... | ... | ... | ୧୭ |
| ଶିକ୍ଷା କରିବାକୁ ଚାହୁଁଥିବା ସାନ ଓ ବଡ଼ ସମସ୍ତଙ୍କ ପ୍ରତି | ... | ଶ୍ରୀମା | ... | ୧୮ |
| ଶିକ୍ଷାକେନ୍ଦ୍ରର ଡିଗ୍ରୀ ବା ପ୍ରମାଣପତ୍ର ସମ୍ପର୍କରେ | ... | ... | ... | ୧୯ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୧ |
| ବ୍ରହ୍ମଚର୍ଯ୍ୟ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୪ |
| ବାୟୁ, ପ୍ରାଣଶକ୍ତିମାନଙ୍କ ଦେବତା (ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୪୮, ଋଷି : ବାମଦେବ) | ... | ଶ୍ରୀଅରବିନ୍ଦ | ... | ୨୭ |
| ଅମରତା ପାଇଁ ପ୍ରସ୍ତୁତ ? | ... | ଶ୍ରୀ ମନୋଜ ଦାସ | ... | ୩୧ |
| ପୂର୍ଣ୍ଣାଙ୍ଗ ଶିକ୍ଷା – ଏହାର ପରିବେଶ, ପ୍ରୟୋଗ ଓ ପରିଣତି | ... | ଶ୍ରୀ ପ୍ରପତ୍ତି | ... | ୩୫ |
| ଶ୍ରୀଅରବିନ୍ଦ ଓ ଦିଲୀପକୁମାର (୭) | ... | ... | ... | ୪୦ |
| ବିବର୍ତ୍ତନର ଶକ୍ତିରୂପେ ଶିକ୍ଷକ | ... | ... | ... | ୪୪ |
| ଆହତ ଶୈଶବ ଓ ପୂର୍ଣ୍ଣାଙ୍ଗ ଶିକ୍ଷା | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୮ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଅଷ୍ଟାବକ୍ର ସଂହିତା | ... | ... | ... | ୫୧ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ପୃଥିବୀର ସ୍ମୃତି-ଭଣ୍ଡାରରେ ପ୍ରବେଶ | ... | ଶ୍ରୀମା | ... | ୫୫ |

**ଶେଷ ପୃଷ୍ଠା**

| | | | | |
|---|---|---|---|---|
| ଛାତ୍ରର ନିଜସ୍ୱ ରୁଚିକୁ ଉପଯୁକ୍ତ ମୂଲ୍ୟ ଦେବା | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୮ |


❖

Sri Aurobindo has come on earth not to bring a teaching or a creed in competition with previous creeds or teachings, but to show the way to overpass the past and to open concretely the route towards an imminent and inevitable future.

(MCW, Vol. 13 p. 4) – The Mother

*

Sri Aurobindo incarnated in a human body the supramental consciousness and has not only revealed to us the nature of the path to follow and the method of following it so as to arrive at the goal, but has also by his own personal realisation given us the example; he has provided us with the proof that the thing can be done and the time is now to do it.

(MCW, Vol. 13 p. 21) – The Mother

ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠରେ ଆବିର୍ଭୂତ ହୋଇଛନ୍ତି ଅତୀତର ଧାର୍ମିକ ଶିକ୍ଷା ବା ଧର୍ମମତରାଜି ସହ ପ୍ରତିଯୋଗିତା କରି ଅନ୍ୟ ଏକ ଧର୍ମଶିକ୍ଷା ବା ସମ୍ପ୍ରଦାୟ ପ୍ରତିଷ୍ଠା କରିବା ପାଇଁ ନୁହେଁ, ବରଂ ସେ ଆସିଛନ୍ତି ବାସ୍ତବରୂପେ ଦେଖାଇ ଦେବା ପାଇଁ ଯେ ଅତୀତକୁ କିପରି ପୂର୍ଣ୍ଣରୂପେ ଅତିକ୍ରମ କରି ଏକ ଅନିବାର୍ଯ୍ୟ ଓ ଆସନ୍ନ ଭବିଷ୍ୟତର ଦ୍ୱାର ଉଦ୍‌ଘାଟନ କରିବାକୁ ହେବ ।

— ଶ୍ରୀମା

*

ଶ୍ରୀଅରବିନ୍ଦ ଅତିମାନସ ଚେତନାକୁ ଏକ ମାନବଶରୀରରେ ମୂର୍ତ୍ତ କରିଥିଲେ ଏବଂ ଏହି ଲକ୍ଷ୍ୟରେ ଉପନୀତ ହେବା ନିମିତ୍ତ ଯେଉଁ ପଥ ଅବଲମ୍ବନ କରିବାକୁ ହେବ ତାହାର ସ୍ୱରୂପ ଓ ପଦ୍ଧତିକୁ ଯେ କେବଳ ଆମ ସମ୍ମୁଖରେ ଉଦ୍‌ଘାଟିତ କରିଥିଲେ ତାହା ନୁହେଁ, ବରଂ ତାଙ୍କ ନିଜର ବ୍ୟକ୍ତିଗତ ସିଦ୍ଧିଲାଭ ଦ୍ୱାରା ଆମମାନଙ୍କ ସମ୍ମୁଖରେ ତାହାର ଦୃଷ୍ଟାନ୍ତ ରଖିଯାଇଛନ୍ତି; ସେ ଆମମାନଙ୍କୁ ଏହି ପ୍ରମାଣ ଦେଇଯାଇଛନ୍ତି ଯେ ଏହି ଲକ୍ଷ୍ୟ ସାଧିତ ହୋଇପାରିବ ଏବଂ ଏଥିପାଇଁ ବର୍ତ୍ତମାନହିଁ ପ୍ରକୃଷ୍ଟ ସମୟ ।

— ଶ୍ରୀମା



The ascent of the human soul to the supreme Spirit is that soul's highest aim and necessity, for that is the supreme reality; but there can be too the descent of the Spirit and its powers into the world and that would justify the existence of the material world also, give a meaning, a divine purpose to the creation and solve its riddle. East and West could be reconciled in the pursuit of the highest and largest ideal, Spirit embrace Matter and Matter find its own true reality and the hidden Reality in all things in the Spirit.

– Sri Aurobindo

ପରମ ଚୈତନ୍ୟକୁ ମାନବାତ୍ମାର ଆରୋହଣହିଁ ସେ ଆତ୍ମାର ସର୍ବୋଚ୍ଚ ଲକ୍ଷ୍ୟ ଏବଂ ପ୍ରୟୋଜନୀୟତା, ଯେହେତୁ ତାହାହିଁ ପରମ ବାସ୍ତବତା; କିନ୍ତୁ ସେ ମହାଚୈତନ୍ୟ ଏବଂ ତଦୀୟ ଶକ୍ତିରାଜିର ମଧ୍ୟ ଏ ପୃଥିବୀ ଭିତରକୁ ଅବତରଣ ଘଟିପାରେ ଏବଂ ତାହା ଏ ସ୍ଥୂଳ ପୃଥିବୀର ସ୍ଥିତିର ଯୌକ୍ତିକତା ବି ପ୍ରତିପାଦିତ କରିବ, ସୃଷ୍ଟିକୁ ଅର୍ଥପୂର୍ଣ୍ଣ କରିବ ଏବଂ ତାହାର ପ୍ରହେଳିକାର ସମାଧାନ କରିବ । ମହତ୍ତମ ଏବଂ ବୃହତ୍ତମ ଆଦର୍ଶର ସନ୍ଧାନରେ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ମିଳିତ ହୋଇ ପାରିବେ, ଚୈତନ୍ୟ ଜଡ଼କୁ କରିବ ଆଶ୍ଲେଷ ଏବଂ ଜଡ଼ ଚୈତନ୍ୟ ଦ୍ୱାରାହିଁ ସବୁବସ୍ତୁରେ ନିହିତ ତା'ର ପ୍ରକୃତ ସତ୍ୟ ଏବଂ ସଂଗୁପ୍ତ ସତ୍ୟର ସନ୍ଧାନ ପାଇପାରିବ ।

— ଶ୍ରୀଅରବିନ୍ଦ



# ପ୍ରାଚୀନ ଭାରତର ଶାସ୍ତ୍ର

## ଶ୍ରୀଅରବିନ୍ଦ

କେବଳ ଭଗବାନଙ୍କୁ ଉପଲବ୍ଧି କରିବା ପ୍ରାଚୀନ କାଳରେ ଋଷିଗଣଙ୍କର ଲକ୍ଷ୍ୟ ନ ଥିଲା, ତହିଁ ସଙ୍ଗେ ସଙ୍ଗେ ସେମାନେ ଚେଷ୍ଟା କରୁଥିଲେ ଏହି ସଂସାର ଓ ଜୀବନର ଯଥାର୍ଥ ସ୍ୱରୂପକୁ ଜାଣିବା ପାଇଁ ଏବଂ ଜ୍ଞାନ ବଳରେ ତାକୁ ଆୟତ୍ତକୁ ଆଣି ଏପରି ରୂପ ଦେବା ପାଇଁ ଯାହାକୁ ମଣିଷ ତା'ର ବିଚାର ଓ ସଂକଳ୍ପ ବଳରେ ବ୍ୟବହାର କରିପାରିବ ଏକ ନିର୍ଣ୍ଣିତ ଧାରାରେ, ଏକ ସୁନ୍ଦର ପନ୍ଥା ଓ ଶୃଙ୍ଖଳାର ନିରାପଦ ଭିତ୍ତି ଉପରେ । ଏହି ଅଧ୍ୟବସାୟର ଚରମ ପରିଣତି ହେଲା ଶାସ୍ତ୍ର । ଆମେ ଯେତେବେଳେ ଆଜିକାଲି ଶାସ୍ତ୍ର କଥା କହୁ, ଅନେକ ସମୟରେ ଆମେ ଏକଥା କହୁ ଯେ ସେଗୁଡ଼ିକ ଧର୍ମ ଓ ସମାଜ ସମ୍ବନ୍ଧୀୟ ବିଧି ବ୍ୟବସ୍ଥା ଏବଂ ମନୁ, ପରାଶର ପ୍ରଭୃତି ପ୍ରାଚୀନ ବୈଦିକ ଋଷିଗଣ ପ୍ରଣୟନ କରିଥିବାରୁ ସେଗୁଡ଼ିକ ଅତି ପବିତ୍ର ।

କିନ୍ତୁ ପ୍ରାଚୀନ ଭାରତରେ ଶାସ୍ତ୍ର କହିଲେ ଯେକୌଣସି ସୁବ୍ୟବସ୍ଥିତ ଶିକ୍ଷା ଓ ବିଜ୍ଞାନକୁ ବୁଝାଉଥିଲା । ଜୀବନର ପ୍ରତ୍ୟେକ ବିଭାବ, କର୍ମର ପ୍ରତ୍ୟେକ ଧାରା, ଜ୍ଞାନର ପ୍ରତ୍ୟେକ ବିଷୟ ନିଜ ନିଜର ଶାସ୍ତ୍ର ଓ ବିଜ୍ଞାନ ଉପରେ ପ୍ରତିଷ୍ଠିତ ଥିଲା । ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ, ଯଥାଯୁକ୍ତ ସାଧାରଣ ସିଦ୍ଧାନ୍ତ, ପୂର୍ଣ୍ଣ ଅନୁଭୂତି, ବୋଧି, ଯୁକ୍ତି ସଙ୍ଗତ ଓ ପରୀକ୍ଷାମୂଳକ ବିଶ୍ଳେଷଣ ଓ ସମନ୍ୱୟକୁ ଭିତ୍ତିକରି ପ୍ରତ୍ୟେକ ବିଷୟବସ୍ତୁକୁ ଏପରିଭାବେ ଆୟତ୍ତ କରା ହୋଇଥିଲା ଏବଂ ତାତ୍ତ୍ୱିକ ଓ ବ୍ୟାବହାରିକ ଶୃଙ୍ଖଳାରେ ରଖିବାକୁ ଉଦ୍ୟମ କରା ଯାଇଥିଲା ଯାହାଫଳରେ ମଣିଷ ତା'ର ଜୀବନ ପାଇଁ କେଉଁ ବସ୍ତୁ କିପରି ଫଳପ୍ରସୂ ତାହା ଚିହ୍ନିପାରି ଯଥାର୍ଥ ଜ୍ଞାନର ନିରାପଦ ଭିତ୍ତି ଉପରେ କାମ କରିଯିବାକୁ ସମର୍ଥ ହୋଇ ପାରିଥିଲା । ଛୋଟ ବଡ଼ ସବୁ ବିଷୟକୁ ସମାନ ଯତ୍ନ ଓ ମନୋଯୋଗ ସହକାରେ ପରୀକ୍ଷା କରା ହେଉଥିଲା ଏବଂ ପ୍ରତ୍ୟେକଟି ବିଷୟର ଶିଳ୍ପଶାସ୍ତ୍ର ଓ ବିଜ୍ଞାନ ତିଆରି କରାହୋଇଥିଲା ।

ଉଚ୍ଚତମ ଆଧ୍ୟାତ୍ମିକ ଜ୍ଞାନର କଥାକୁ ଯେତେବେଳେ ଉପନିଷଦ୍ ପରି ଏକ ପୁଞ୍ଜୀଭୂତ ବୋଧିଦୀପ୍ତ ଅନୁଭୂତି ଓ ଦିବ୍ୟଜ୍ଞାନର ଭାଷାରେ ବ୍ୟକ୍ତ କରା ନ ହୋଇ ବୌଦ୍ଧିକ ଉପଲବ୍ଧିର ଏକ ପଦ୍ଧତି ଓ ଶୃଙ୍ଖଳା ଭିତରେ ବ୍ୟକ୍ତ କରାଯାଇଛି ସେତେବେଳେ ତାହା ଶାସ୍ତ୍ରର ରୂପ ନେଇଛି ଏବଂ ସେହି ମର୍ମରେ ଗୀତା ତା'ର ଅଧ୍ୟାତ୍ମ ଶିକ୍ଷାକୁ ଗୁହ୍ୟତମ ବିଜ୍ଞାନ ବା ଗୁହ୍ୟତମ ଶାସ୍ତ୍ର ନାମରେ ଅଭିହିତ କରିବାକୁ ସମର୍ଥ ହୋଇଛି । ଭାରତର ପ୍ରାଚୀନ ସଂସ୍କୃତି ତା'ର ସକଳ କ୍ରିୟାଧାରା ଭିତରେ ଏହି ଉଚ୍ଚ ବିଜ୍ଞାନ ସମ୍ମତ ଓ ଦାର୍ଶନିକ ଭାବକୁ ଅକ୍ଷୁଣ୍ଣ ରଖିଥିଲା । ପ୍ରସ୍ତୁତିମୂଳକ ସାଧନାର ବାହ୍ୟରୂପ, ଏହାକୁ ସମର୍ଥନ କରୁଥିବା ଦର୍ଶନ, ତା'ର ଆନ୍ତର ସାଧନା କିଂବା ଯୋଗର ପଦ୍ଧତି କିଂବା ଆଧ୍ୟାତ୍ମିକ ଜୀବନଧାରାର ପ୍ରଣାଳୀ – ଏସବୁ ନ ଥିଲେ ଭାରତର କୌଣସି ଧର୍ମ ପରିପୂର୍ଣ୍ଣ ବୋଲି ଗୃହୀତ ହେଉ ନ ଥିଲା । ଏପରିକି ପ୍ରଥମ ଦୃଷ୍ଟିରେ ଯାହା ଅଯୌକ୍ତିକ ମନେ ହୁଏ ତହିଁରୁ ମଧ୍ୟ ଅଧିକାଂଶ ଭିତରେ ଏକ ଦାର୍ଶନିକ ଦୃଷ୍ଟିକୋଣ ଓ ତାତ୍ପର୍ଯ୍ୟ ରହିଥିଲା ।

ଏହି ପୂର୍ଣ୍ଣ ଉପଲବ୍ଧି ଓ ଦାର୍ଶନିକ ବୈଶିଷ୍ଟ୍ୟହିଁ ଭାରତ ବର୍ଷରେ ସକଳ ଧର୍ମକୁ ଏପରି ଜୀବନୀ ଶକ୍ତି ଦେଇଛି ଓ ବେଶ୍ ନିରାପଦରେ ବନ୍ଧେଇ ରଖିଛି ସ୍ଥାୟିଭାବରେ, ଏବଂ ଆଧୁନିକ ଯୁଗର ସଂଶୟବାଦୀ ଅନୁସନ୍ଧାନର ଆତ୍ମଦ୍ରାବକ ଶକ୍ତିକୁ ପ୍ରତିରୋଧ କରିବା ପାଇଁ ସମର୍ଥ କରି ଦେଇଛି । ଅନୁଭୂତି ଓ ବିଚାର ଭିତରେ ଯାହାକିଛି ଦୋଷତ୍ରୁଟି, ସେସବୁକୁ ଏହି ଶକ୍ତି ତରଳାଇ ଦେଇପାରେ, ମାତ୍ର ଏହି ମହାନ୍ ଆର୍ଯ୍ୟ ଶିକ୍ଷାଦୀକ୍ଷାର ହୃତ୍‌ପିଣ୍ଡ ଓ ମନକୁ ତରଳାଇ ପାରିବ ନାହିଁ । କିନ୍ତୁ ଆମକୁ ଯାହା ନିରୀକ୍ଷଣ କରିବାକୁ ପଡ଼ିବ, ତାହା ହେଉଛି ଏହା ଯେ ଯେତେବେଳେ ଭାରତୀୟ ସଂସ୍କୃତି ଉଚ୍ଚ ଓ ନୀଚ ଜ୍ଞାନ ଭିତରେ କିଂବା ବସ୍ତୁ ବିଷୟକ ଜ୍ଞାନ ଓ ଆତ୍ମଜ୍ଞାନ ଭିତରେ ପାର୍ଥକ୍ୟକୁ ଉପଲବ୍ଧି କରିଥିଲା, ସେତେବେଳେ ମଧ୍ୟ ଅନ୍ୟ କେତେକ ଧର୍ମ ପରି ଏହା ସେମାନଙ୍କ ଭିତରେ ବ୍ୟବଧାନ ସୃଷ୍ଟି କରି ନ ଥିଲା, ତା'ର ବିବେଚନାରେ ପାର୍ଥିବ ବସ୍ତୁଜ୍ଞାନ ଥିଲା ଏକ ପ୍ରସ୍ତୁତି ଯାହା ମଣିଷକୁ ଉଠାଇ ନେଇଯାଏ ଆତ୍ମଜ୍ଞାନ ଓ ଭଗବାନଙ୍କ ଅଭିମୁଖେ ।

ସକଳ ଶାସ୍ତ୍ର ଋଷିମାନଙ୍କ ନାମରେ ଅନୁମୋଦନ ପାଇଥିଲେ । ସେଇ ଋଷିମାନେ ଆଚାର୍ଯ୍ୟ ନାମରେ ପରିଚିତ ଥିଲେ, କେବଳ ଅଧ୍ୟାତ୍ମ ସତ୍ୟ ଓ ଦର୍ଶନର ଆଚାର୍ଯ୍ୟ ନୁହେଁ –

ଏଇଠି ଆମେ ଲକ୍ଷ୍ୟ କରିପାରୁ ଯେ ସକଳ ଭାରତୀୟ ଦର୍ଶନର, ନ୍ୟାୟ ବା ତର୍କ ଶାସ୍ତ୍ରର, ବୈଶେଷିକ ଦର୍ଶନର, ପରମାଣୁ ତତ୍ତ୍ୱର ସର୍ବୋଚ୍ଚ ପରମ ସୁର ଓ ଚରମ ଲକ୍ଷ୍ୟ ଥିଲା ଅଧ୍ୟାତ୍ମଜ୍ଞାନ ଓ ମୁକ୍ତି – ସେମାନେ ମଧ ଶିଳ୍ପକଳା, ସାମାଜିକ, ରାଜନୈତିକ ଏବଂ ସାମରିକ, ଭୌତିକ, ନୈତିକ ଆଦି ସକଳ ବିଜ୍ଞାନର ଶିକ୍ଷାଦାତା ଥିଲେ । ଏବଂ ପ୍ରତ୍ୟେକ ଶିକ୍ଷକ ତା'ର ଯୋଗ୍ୟତା ଅନୁଯାୟୀ ଏକ ଗୁରୁ କିଂବା ଆଚାର୍ଯ୍ୟ ରୂପରେ ମାନବାତ୍ମାର ଏକ ପଥପ୍ରଦର୍ଶକ କିଂବା ଉପଦେଷ୍ଟା ରୂପେ ସମ୍ମାନ ଲାଭ କରୁଥିଲେ । ସମସ୍ତ ଜ୍ଞାନ ଗୁମ୍ଫା ହୋଇ ଗୋଟିଏ ପରାଜ୍ଞାନରେ ପରିଣତ ହୋଇଥିଲା ଏବଂ କ୍ରମଶଃ ତାହା ଊର୍ଦ୍ଧ୍ୱଗାମୀ ହୋଇ ଚାଲିଥିଲା ଏକ ପରମ ଜ୍ଞାନ ଆଡ଼କୁ ।

*

ପ୍ରାଚୀନ ମନର ପ୍ରସାରତା ନେଇ ଭାରତୀୟ ନୀତି-ଶାସ୍ତ୍ରର ପଦ୍ଧତି ଥିଲା ଖୁବ୍ ଉଦାର । ଯଦିଓ ତା'ର ଥିଲା ତପସ୍ୟାର ବର୍ଦ୍ଧିଷ୍ଣୁଭାବ; ଥିଲା ଏକ ନିର୍ଦ୍ଦିଷ୍ଟ କଠୋରତା, ତଥାପି ମଣିଷର ସୌନ୍ଦର୍ଯ୍ୟବୋଧମୟ ପ୍ରକୃତି ଉପରେ କିଂବା ସୁଖ ଓ ଭୋଗ ବିଳାସୀ ସତ୍ତା ଉପରେ ଏହା କୌଣସି ନିଷେଧାଦେଶ ଜାରି କରି ନ ଥିଲା ବା ପ୍ରବଳଭାବେ ନିରୁତ୍ସାହିତ କରି ନ ଥିଲା । ସକଳ ପ୍ରକାରର ଓ ସକଳ ସ୍ତରର ସୌନ୍ଦର୍ଯ୍ୟବୋଧକୁ ଚରିତାର୍ଥ କରିବା ଥିଲା ଭାରତୀୟ ସଂସ୍କୃତିର ଏକ ବିଶେଷ ଅଙ୍ଗ । କାବ୍ୟ, ନାଟକ, ଗୀତ, ନୃତ୍ୟ, ସଙ୍ଗୀତ, ଛୋଟ ବଡ଼ ଧରଣର ଶିଳ୍ପକଳା – ଏସବୁ ଋଷିମାନଙ୍କର ଅନୁମୋଦନରେ ଆତ୍ମାନୁଶୀଳନର ଯନ୍ତ୍ରରୂପେ ବିବେଚିତ ହେଉଥିଲା ।

*

ଏକ ମହାନ୍ ସଂସ୍କୃତିର ଲକ୍ଷ୍ୟ ହେଲା, ମଣିଷ ଯାହା ନୁହେଁ ତାକୁ ସେଇପରି ଏକ ଊର୍ଦ୍ଧ୍ୱତର ସ୍ତରକୁ ଉନ୍ନୀତ କରିବା; ତାକୁ ଜ୍ଞାନ ଅଭିମୁଖେ ଚାଳିତ କରିବା ଯଦିଓ ତା'ର ଆରମ୍ଭ ଅତଳସ୍ପର୍ଶୀ ଅଜ୍ଞତାରୁ; ତାକୁ ଯୁକ୍ତି ଓ ବିଚାର ସମ୍ମତଭାବେ ଜୀବନ ପଥରେ ଚାଲିବାକୁ ଶିକ୍ଷାଦେବା ଯଦିଓ ସେ ଅତି ବେଶୀ ଅବିଚାର ଓ ଅଯୁକ୍ତି ଭିତରେହିଁ ଚାଲେ; ତାକୁ ଚଳିବାକୁ ଶିକ୍ଷାଦେବା ମଙ୍ଗଳ ଓ ଐକ୍ୟର ବିଧାନ ଅନୁସାରେ ଯଦିଓ ତା'ର ଜୀବନ ବର୍ତ୍ତମାନ ଅମଙ୍ଗଳ ଓ ଅନୈକ୍ୟରେ ଭରା; ସୌନ୍ଦର୍ଯ୍ୟ ଓ ସମନ୍ୱୟର ବିଧାନ ଅନୁସାରେ ତାକୁ ଚଳିବାକୁ ଶିକ୍ଷା ଦେବା ଯଦିଓ ବର୍ତ୍ତମାନ ତା'ର ପ୍ରାକୃତ ଜୀବନ ହେଉଛି ସମନ୍ୱୟ ବିହୀନ ଓ ବର୍ବରତାର ଆବର୍ତ୍ତରେ ପୂର୍ଣ୍ଣ; ଶେଷରେ ତାହାକୁ ଚଳିବାକୁ ଶିକ୍ଷାଦେବା ଆତ୍ମାର ଉଚ୍ଚ ବିଧାନ ଅନୁସାରେ ଯଦିଓ ବର୍ତ୍ତମାନ ସେ ଅହଂ-ଭାବଗ୍ରସ୍ତ, ଜଡ଼ଗ୍ରସ୍ତ, ଆଧ୍ୟାତ୍ମିକତାର କୌଣସି ଚିହ୍ନ ତା'ଠାରେ ନାହିଁ, ଯଦିଓ ଶରୀରମୟ ସତ୍ତାର ଦାବି ତା' ପାଖରେ ଓ ବାସନାରେ ଏହା ନିମଗ୍ନ ।

ଯଦି କୌଣସି ସଭ୍ୟତାରେ ଏଥିରୁ ଗୋଟିଏ ହେଲେ ଲକ୍ଷ୍ୟ ନ ଥାଏ, ତା'ହେଲେ ତାହାକୁ ସଂସ୍କୃତି କୁହାଯିବ ନାହିଁ, ଏବଂ ଏହା ନିଶ୍ଚିତ ଯେ ତାହା କେବେହେଲେ ଏକ ବିଶାଳ ଓ ମହାନ୍ ସଂସ୍କୃତି ନୁହେଁ । କିନ୍ତୁ ଏହିସବୁ ଲକ୍ଷ୍ୟ ଭିତରୁ ଶେଷ ଲକ୍ଷ୍ୟଟିକୁ ପ୍ରାଚୀନ ଭାରତରେ ଶ୍ରେଷ୍ଠ ବୋଲି ଧରା ଯାଇଥିଲା; କାରଣ ଏହାରି ଭିତରେହିଁ ଅନ୍ୟ ସମସ୍ତ ଲକ୍ଷ୍ୟ ଅନ୍ତର୍ଭୁକ୍ତ ଏବଂ ଅନ୍ୟ ସମସ୍ତ ଲକ୍ଷ୍ୟକୁ ଏହି ଲକ୍ଷ୍ୟ ଅତିକ୍ରମ କରିଯାଇଛି । ଏହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ଯତ୍ନ କରିବା ଅର୍ଥ ଜାତିର ଜୀବନକୁ ମହତ୍ତର କରି ଗଢ଼ିବା; ଏହାକୁ ନେଇ ଆଦୌ ଚେଷ୍ଟା ନ କରିବା ଅପେକ୍ଷା ବରଂ ଚେଷ୍ଟା କରି ବିଫଳ ହେବାହିଁ ଶ୍ରେୟସ୍କର; ଏବଂ ଏଥିରେ ଆଂଶିକ ସଫଳତା ମଧ ମାନବ ଜୀବନର ଭବିଷ୍ୟତ୍ ସମ୍ଭାବନା ପାଇଁ ଏକ ବିରାଟ ଅବଦାନ ।

(The Foundation of Indian Culture, pp. 166 - 67, 168 - 69, 172 - 73) ✤

ହେ ଭାରତବର୍ଷ, ହେ ଆଲୋକ ଓ ଆଧ୍ୟାତ୍ମିକ ଜ୍ଞାନର ଦେଶ ! ପୃଥିବୀରେ ତୁମର ଯଥାର୍ଥ କର୍ମସାଧନ ନିମନ୍ତେ ଜାଗ୍ରତ୍ ହୁଅ, ପୃଥିବୀକୁ ଏକତା ଏବଂ ସୌଷମ୍ୟର ମାର୍ଗ ପ୍ରଦର୍ଶନ କର ।

*୨୩ ସେପ୍ଟେମ୍ବର, ୧୯୬୭* ଶ୍ରୀମା

# ଯଥାର୍ଥ ସ୍ୱାଧୀନତା

## ଶ୍ରୀମା

ମୁଁ ତୁମକୁ କହେ ସମ୍ପୂର୍ଣ୍ଣ 'ସ୍ୱାଧୀନ ହୁଅ'; କିନ୍ତୁ ତୁମେ ଏ ଶବ୍ଦଗୁଡ଼ିକର ପ୍ରକୃତ ଅର୍ଥ ବୁଝିବା ଆବଶ୍ୟକ । ଅନେକ ସମୟରେ ସ୍ୱାଧୀନତାକୁ ଲୋକମାନେ ଯଥେଚ୍ଛାଚାର ବୋଲି ଭୁଲ୍ କରନ୍ତି । ସାଧାରଣ ମନ ପାଇଁ ସ୍ୱାଧୀନ ହେବାର ଅର୍ଥ ହେଉଛି ସମସ୍ତ ଭୁଲ୍ କାର୍ଯ୍ୟକୁ ଅବାଧରେ କରି ପାରିବାର ସୁଯୋଗ । ଏହା ସ୍ପଷ୍ଟ ଯେ ଆମେ ସେହି ଧରଣର ସ୍ୱାଧୀନତା କଥା କହୁ ନାହୁଁ । ମୁଁ ଯେତେବେଳେ କହେ 'ସ୍ୱାଧୀନ ହୁଅ', ମୁଁ ଯଥାର୍ଥ ସ୍ୱାଧୀନତା କଥା କହେ, ଯାହାର ଅର୍ଥ ହେଉଛି ସମସ୍ତ ଆସକ୍ତିରୁ ମୁକ୍ତି ।

ସେଠାରେ ପହଞ୍ଚିପାରିବା କିନ୍ତୁ ସହଜ ନୁହେଁ । ଉଦାହରଣସ୍ୱରୂପ ତୁମେ ନିଜକୁ ପଚାର ସମସ୍ତ ନିନ୍ଦା ଓ ପ୍ରଶଂସାର କେତେ ଊର୍ଦ୍ଧ୍ୱରେ ତୁମେ ରହିଛ । ଅବଶ୍ୟ ଏହାର ଅର୍ଥ ନୁହେଁ ଯେ, ତୁମେ ଅନ୍ୟମାନଙ୍କଠାରୁ ନିଜକୁ ଏତେ ଉପରେ ବୋଲି ଭାବିବ ଯେ ସେମାନଙ୍କର ମତାମତକୁ ଅବହେଳାର ଦୃଷ୍ଟିରେ ଦେଖିବ, ନା, ତା' ନୁହେଁ; କିନ୍ତୁ ବର୍ତ୍ତମାନ ତୁମ ନିଜର ଅଜ୍ଞାନତା ସମେତ ଚାରିଆଡ଼େ ଯେଉଁ ଅଜ୍ଞାନତା ପୂରି ରହିଛି ତାହାକୁ ବିଚାରକୁ ନେଇ ତୁମର ଜାଣିରଖିବା ଉଚିତ ଯେ ଅନ୍ୟ ଜଣକୁ ଠିକ୍ ଭାବରେ ବିଚାର କରିବାର ସାମର୍ଥ୍ୟ କାହାର ନାହିଁ । ତୁମ ଭିତରେ ବା ତୁମ ଗୁରୁଙ୍କ ଭିତରେ ଥିବା ଦିବ୍ୟ-ଚେତନାହିଁ ତୁମର ଏକମାତ୍ର ପଥପ୍ରଦର୍ଶକ ।

ଯଥାର୍ଥରେ ସ୍ୱାଧୀନ ହେବାର ଏକମାତ୍ର ବାଟ ହେଉଛି ଭଗବାନଙ୍କ ନିକଟରେ ତୁମର ସମର୍ପଣକୁ ଆହୁରି ସାମଗ୍ରିକ ଓ ସର୍ତ୍ତ ବିହୀନ କରିବା । ତା'ହେଲେ ଦେଖିବ ତୁମକୁ ଯାହା ବାନ୍ଧି ରଖିଛି, ଆବଦ୍ଧ ଓ ଶୃଙ୍ଖଳିତ କରିଛି ସେସବୁର ଗୁରୁତ୍ୱ କୁଆଡ଼େ ଉଭେଇଯାଇଛି ଓ ଅତ୍ୟନ୍ତ ସ୍ୱାଭାବିକ ଭାବରେ ତୁମଠାରୁ ସେଗୁଡ଼ିକ ଖସି ପଡ଼ିଛି ।

ତା' ବୋଲି ଏହାର ଅର୍ଥ ନୁହେଁ ଯେ ଅନ୍ୟମାନଙ୍କ ଜରିଆରେ ତୁମ ନିକଟକୁ ଯାହା ବି ଆସୁ ସେଥିରୁ କିଛି ଶିଖିବାର ନାହିଁ, ବରଂ ଅନ୍ୟ ପକ୍ଷରେ ଜଣେ ଶିଶୁ ମଧ୍ୟ ତୁମକୁ ଅନେକ ଶିକ୍ଷା ଦେଇପାରେ । ଏହାର ଅର୍ଥ ନୁହେଁ ଯେ ଶିଶୁଟିର ଅଜ୍ଞାନତା ତୁମଠାରୁ କମ୍, କିନ୍ତୁ ସେ ତୁମର ପ୍ରତିକୃତିକୁ ଦେଖାଉଥିବା ଏକ ଦର୍ପଣ ପରି କାର୍ଯ୍ୟ କରିପାରେ ଏବଂ ତୁମ ସ୍ୱଭାବର ଏପରି କିଛିକୁ ପ୍ରତିବିମ୍ବିତ କରିପାରେ, ଯାହା ସମ୍ପର୍କରେ ତୁମେ ସଚେତ ନଥିଲ । ତେଣୁ ତୁମେ ଏଥିରୁ ଏକ ମହତ୍ ଉପକାର ପାଇପାର, ଅବଶ୍ୟ ଏଥିପାଇଁ ତୁମେ ଅବାଞ୍ଛିତ ପ୍ରତିକ୍ରିୟା ବିନା କିପରି ଶିକ୍ଷା ଗ୍ରହଣ କରିବାକୁ ହୁଏ ତାହା ଜାଣିଥିବା ଉଚିତ ।

ତୁମର ଏପରି ଅଭିଜ୍ଞତା ହେବା ଉଚିତ ଯେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ତୁମେ ଅନ୍ୟଠାରୁ କିଛି ଶିଖିପାର । ତଥାପି ସେମାନଙ୍କ ମତାମତ ଦ୍ୱାରା ବାନ୍ଧିହେଲା ପରି ଅନୁଭବ ନକରି ସବୁବେଳେ ମନେ ରଖିବ ଯେ ଗୋଟିଏ ମାତ୍ର ପରମ ସତ୍ୟ ରହିଛି ଯେ କି ସବୁ ଜାଣିପାରେ ଓ ବିଚାର କରିପାରେ । ତା' ହେଲେହିଁ ତୁମେ ମୁକ୍ତ ।

ମୁଁ ତୁମଠାରୁ ଏହି ସ୍ୱାଧୀନତା ଚାହୁଁଛି, ତୁମେ ଯେପରି ସମସ୍ତ ଆସକ୍ତିରୁ, ସମସ୍ତ ଅଜ୍ଞାନତାରୁ, ସମସ୍ତ ପ୍ରତିକ୍ରିୟାରୁ ମୁକ୍ତ ରୁହ – ଭଗବାନଙ୍କ ନିକଟରେ ପୂର୍ଣ୍ଣ ସମର୍ପଣ ବ୍ୟତୀତ ଅନ୍ୟ ସବୁଥିରୁ ମୁକ୍ତ ରୁହ, କାରଣ ଏହି ସମର୍ପଣ ସହିତହିଁ ପରମ ଆଧ୍ୟାତ୍ମିକ ସ୍ୱାଧୀନତା ଆସେ ।

(ବୁଲେଟିନ୍, ଫେବ୍ରୁଆରୀ, ୧୯୫୮) ✤

# ଏକ ଆନ୍ତର୍ରାଷ୍ଟ୍ରୀୟ ଶିକ୍ଷାକେନ୍ଦ୍ର

## ଶ୍ରୀମା

ପୃଥିବୀପୃଷ୍ଠରେ ମନୁଷ୍ୟ ଯେଉଁ ଅବସ୍ଥାରେ ବାସ କରୁଛି ତାହାହିଁ ତାହାର ଅନ୍ତର୍ଚେତନାର ସ୍ଥିତିର ପରିଣାମ । ଚେତନାର ରୂପାନ୍ତର ନ କରି ପୃଥିବୀକୁ ପରିବର୍ତ୍ତନ କରିବାକୁ ଉଦ୍ୟମ କରିବା ଗୋଟାଏ ସ୍ୱପ୍ନବିଳାସ ମାତ୍ର । ଯେଉଁ ବ୍ୟକ୍ତିଗଣ ମାନବ-ଜୀବନରେ ବିଭିନ୍ନ କ୍ଷେତ୍ରରେ, ଅର୍ଥନୀତିକ, ରାଷ୍ଟ୍ରନୀତିକ, ସାମାଜିକ, ଆର୍ଥିକ, ଶିକ୍ଷାଗତ ବା ସ୍ୱାସ୍ଥ୍ୟମୂଳକ ଅବସ୍ଥାର ଉନ୍ନତି ନିମିତ୍ତ କ'ଣ କରାଯାଇପାରେ ଏବଂ କ'ଣ କରିବା ଉଚିତ ବୋଲି ଉପଲବ୍ଧି କରିଥିଲେ, ଠିକ୍ ସେହି ବ୍ୟକ୍ତିଗଣ ସ୍ୱୀୟ ଚେତନାକୁ ଅଳ୍ପ-ବହୁତ ଗୋଟାଏ ଅସାଧାରଣ ଅବସ୍ଥାକୁ ଉନ୍ନୀତ କରିଥିଲେ ଏବଂ ଚେତନାର ଉଚ୍ଚତର ଭୂମି-ସକଳ ସହିତ ନିଜକୁ ସଂଯୁକ୍ତ କରିଥିଲେ । କିନ୍ତୁ ସେମାନଙ୍କର ଧାରଣାରାଜି ମୂଳତଃ ତତ୍ତ୍ୱରୂପେ ରହିଗଲା, ଅଥବା ସେହି ଧାରଣାଗୁଡ଼ିକ ଯେବେ ବି କାର୍ଯ୍ୟରେ ପରିଣତ କରିବାକୁ ଚେଷ୍ଟା କରାଯାଇଥିଲା, ତାହା ସର୍ବଦାହିଁ ଅତି ଦୟନୀୟ ଭାବେ, କରୁଣ ଭାବେ ଅଳ୍ପ ବା ବହୁତ କାଳ ପରେ ବିଫଳ ହୋଇଥିଲା । କାରଣ ମାନବ-ଚେତନା ସ୍ୱୟଂ ରୂପାନ୍ତରିତ ନ ହେଲେ କୌଣସି ମାନବିକ ସଂସ୍ଥା ସମଗ୍ରରୂପେ ପରିବର୍ତ୍ତିତ ହୋଇପାରିବ ନାହିଁ । ନୂତନ ସମାଜର ଦିଶାରୀଗଣ ଜଣକ ପରେ ଜଣେ ଆସିଛନ୍ତି, ଆଧ୍ୟାତ୍ମିକ ବା ସାମାଜିକ ବହୁ ବିଭିନ୍ନ ଧର୍ମ ସୃଷ୍ଟି କରାହୋଇଛି ଏବଂ ସେସବୁର ଅୟମାରମ୍ଭ ଖୁବ୍ ସମ୍ଭାବନାଯୁକ୍ତ ବୋଲି ମନେ ହେଉଥିଲା, ଏବଂ ଯେହେତୁ ମାନବଜାତି ନିଜ ଅନ୍ତରରେ ରୂପାନ୍ତରିତ ହୋଇ ନ ଥିଲା, କ୍ରମଶଃ ମାନବ-ପ୍ରକୃତିଜାତ ପୁରାତନ ଦୁର୍ଗୁଣରାଜି ଧୀରେ ଧୀରେ ପୁନର୍ବାର ପ୍ରକାଶିତ ହେଲା ଏବଂ କିଛି ସମୟ ପରେ ଦେଖାଗଲା ଯେ ମନୁଷ୍ୟ ଯେଉଁଠାରୁ ଯାତ୍ରାରମ୍ଭ କରିଥିଲା, ଏତେ ଆଶା ଓ ଉତ୍ସାହ ପରେ ବି ଠିକ୍ ସେହି ସ୍ଥାନରେହିଁ ପଡ଼ିରହିଛି । ଏହି ପ୍ରକାର ଉଦ୍ୟମରେ, ସାଧାରଣତଃ ମନୁଷ୍ୟ ସମାଜର ଉନ୍ନତିକଳ୍ପେ ଦୁଇଟି ଗତିଧାରା ଦେଖାଦେଇଛି : ଯାହା ଆପାତତଃ ଦୁଇଟି ପରସ୍ପର ବିରୋଧୀ ଗତିଧାରା ବୋଲି ମନେହେଲେ ମଧ୍ୟ ଅଗ୍ରଗତି ନିମିତ୍ତ ପରସ୍ପର ପରିପୂରକ ଓ ସହାୟକ । ଗୋଟିଏ ଧାରା ଚାହେ ସମଷ୍ଟିଗତ ପୁନର୍ଗଠନ, ଯାହା ମାନବ-ସମାଜର ଐକ୍ୟ ଦିଗରେ ସଫଳତାର ସହ କାର୍ଯ୍ୟକାରୀ ହେବ, ଅନ୍ୟଟି ଘୋଷଣା କରେ ଯେ ସକଳ ଅଗ୍ରଗତି ସର୍ବପ୍ରଥମେ ବ୍ୟକ୍ତି ଦ୍ୱାରାହିଁ ସାଧିତ ହୁଏ, ଏବଂ ଜୋର୍ ଦେଇ କହେ ବ୍ୟକ୍ତିକୁ ଏପରି ପରିବେଶ ବା ଅବସ୍ଥା ମଧ୍ୟରେ ରଖିବାକୁ ହେବ ଯେଉଁଥିରେ ସେ ଅବାଧରେ ଅଗ୍ରଗତି କରିପାରେ । ଉଭୟ ଗତିଧାରା ସମାନଭାବେ ସତ୍ୟ ଏବଂ ସମାନଭାବେ ଆବଶ୍ୟକ, ଏବଂ ଆମମାନଙ୍କର ଉଦ୍ୟମ ଉଭୟ ଦିଗରେ ପରିଚାଳିତ ହେବା ବାଞ୍ଛନୀୟ । ସମଷ୍ଟିଗତ ଅଗ୍ରଗତି ଓ ବ୍ୟଷ୍ଟିଗତ ଉନ୍ନତି ଉଭୟ ପରସ୍ପର ନିର୍ଭରଶୀଳ । ବ୍ୟଷ୍ଟି ଗୋଟାଏ ଅଗ୍ରଗାମୀ ପଦକ୍ଷେପ ନେବା ପୂର୍ବରୁ ସମଷ୍ଟିଗତ ଜୀବନଧାରାରେ କିଛି ପରିମାଣରେ ଏକ ଆନୁଷଙ୍ଗିକ ଅଗ୍ରଗତି ହୋଇଥିବା ଆବଶ୍ୟକ । ତେଣୁ ଏପରି ଏକ ମାର୍ଗ ଆବିଷ୍କାର କରିବାକୁ ହେବ ଯଦ୍ଦ୍ୱାରା ଉଭୟ ଅଗ୍ରଗତି ଏକହିଁ ସଙ୍ଗେ ସାଧିତ ହୋଇପାରିବ ।

ଏହି ଆବଶ୍ୟକତାର ସମାଧାନ ନିମିତ୍ତ ଶ୍ରୀଅରବିନ୍ଦ ଏକ ଆନ୍ତର୍ରାଷ୍ଟ୍ରୀୟ ଶିକ୍ଷାକେନ୍ଦ୍ରର ପରିକଳ୍ପନା କରିଥିଲେ । ଏହା ଫଳରେ ମାନବ-ସମାଜର ଶ୍ରେଷ୍ଠ ବ୍ୟକ୍ତିମାନଙ୍କୁ ମାନବଜାତିର କ୍ରମ-ବର୍ଦ୍ଧମାନ କ୍ରମିକ ଐକ୍ୟ ନିମିତ୍ତ କାର୍ଯ୍ୟ କରିବା ସକାଶେ ପ୍ରସ୍ତୁତ ହେବାକୁ ହେବ ଏବଂ ପରିଶେଷରେ ମାନବଜାତି ପୃଥିବୀ ଉପରେ ଅବତରି ଆସୁଥିବା ନୂତନ ଶକ୍ତିକୁ ଗ୍ରହଣ କରି ନିଜକୁ ରୂପାନ୍ତର କରିବାକୁ ସକ୍ଷମ ହେବ । ଏହି ଶିକ୍ଷାକେନ୍ଦ୍ରର ସଙ୍ଗଠନ ନିମିତ୍ତ ଓ ବିବିଧ ପାଠ୍ୟକ୍ରମର ନିୟାମକରୂପେ ଏହି କେତେକ ଉଦାର ଭାବରାଜି ବିଶେଷ ସହାୟକ ହେବ । ଏହିସବୁ ଉଦାର ଚିନ୍ତାରାଜି ଶ୍ରୀଅରବିନ୍ଦଙ୍କ ବିଭିନ୍ନ ରଚନାବଳିର ଏବଂ 'ଶାରୀରିକ ଶିକ୍ଷଣ ପତ୍ରିକା'ରେ ତାଙ୍କର କେତେକ ଧାରାବାହିକ ଲେଖାରେ ବିଶେଷଭାବେ ଆଲୋଚିତ ହୋଇଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି ଯେ ମାନବଜାତିର ଐକ୍ୟ କୌଣସି ବାହ୍ୟ ଏକରୂପତ୍ୱ (uniformity) କିଂବା ବଶ୍ୟତା ଦ୍ୱାରା କରାଯାଇ ପାରିବ ନାହିଁ । ଯେଉଁଥିରେ ପ୍ରତ୍ୟେକ ଜାତି ତାହାର ନିଜର ପ୍ରତିଭା ପ୍ରକାଶ କରିବାର ସୁଯୋଗ ପାଇବ ଏବଂ ନିଜର ଯଥାର୍ଥ ସ୍ଥାନ ଅଧିକାର

କରିବ,— ଏପରି ଏକ ସମନ୍ୱୟମୂଳକ ବିଶ୍ୱ-ରାଷ୍ଟ୍ରସଂଘ ଗଠନ କରିବାକୁ ହେବ ଏବଂ ଏହା ଦ୍ୱାରାହିଁ ମାନବଜାତିର ଏକ ବ୍ୟାପକ ଏବଂ କ୍ରମବର୍ଦ୍ଧିଷ୍ଣୁ ଐକ୍ୟ ସ୍ଥାୟୀ ହେବାର କିଛି ଆଶା ରହିବ । ଯଦି ଏହି ସମନ୍ୱୟମୂଳକ ସଂଗଠନକୁ ଜୀବନ୍ତ କରିବାକୁ ହୁଏ, ତେବେ ଏହି ବର୍ଗୀକରଣ ଏକ କେନ୍ଦ୍ରୀୟ ଉଚ୍ଚ ବିଶାଳ ଆଦର୍ଶ ଅନୁଯାୟୀ ସମ୍ପାଦିତ ହେବ । ଏହି ଆଦର୍ଶ ମଧ୍ୟରେ ସକଳ ଗତିଧାରା, ଏପରିକି ସଂପୂର୍ଣ୍ଣ ପରସ୍ପର ବିରୋଧୀ ଭାବଧାରା ତାହାର ଯଥାଯଥ ସ୍ଥାନ ଅଧିକାର କରିବ । ଏହି ଆଦର୍ଶହିଁ ଏପରି ଏକ ନୂତନ ଆଦର୍ଶ ସୃଷ୍ଟି କରିବ ଯାହା ଆଗାମୀ ମନୁଷ୍ୟଜାତିର ସୃଷ୍ଟିକାରିଣୀ ଏକ ନୂତନ ଶକ୍ତିର ଅଭିବ୍ୟକ୍ତିର ପଥ ସୁଗମ କରିବ ।

ସକଳ ପ୍ରକାର ପ୍ରତିଦ୍ୱନ୍ଦ୍ୱିତାର ପ୍ରେରଣା, ଅଧିକାରବୋଧ ଏବଂ ନିଜେ ସର୍ବପ୍ରଥମ ହେବା ପାଇଁ ଯେଉଁ ସଂଘର୍ଷ, ତାହା ଏକେବାରେ ଅନ୍ତର୍ହିତ ହେବ ଏବଂ ତାହା ସ୍ଥାନରେ ଦେଖାଦେବ ଏକ ସମନ୍ୱୟମୂଳକ ସଂସ୍ଥା ନିମିତ୍ତ ସଂକଳ୍ପ ଏବଂ ସୁସ୍ପଷ୍ଟ ଓ ଫଳପ୍ରଦ ସହଯୋଗ ନିମିତ୍ତ ଆଗ୍ରହ ।

ଏହାକୁ ସମ୍ଭବପର କରିବାକୁ, ଶିଶୁମାନେ ଖୁବ୍ ଅଳ୍ପ ବୟସରୁ କେବଳ ଏହି ଧାରଣା ପ୍ରତି ନୁହେଁ, କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବା ସକାଶେ ଅଭ୍ୟସ୍ତ ହେବା ଉଚିତ । ତେଣୁ ଏହି ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରଟି କେବଳ ସକଳ ଦେଶରୁ ଛାତ୍ରମାନଙ୍କୁ ଗ୍ରହଣ କରିବା ଦୃଷ୍ଟିରୁ କିଂବା ସେମାନଙ୍କର ନିଜ ମାତୃଭାଷାରେ ଶିକ୍ଷା ଦିଆଯିବା ଦୃଷ୍ଟିରୁ ଆନ୍ତର୍ଜାତିକ ନୁହେଁ, କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ ଯେହେତୁ ପୃଥିବୀର ବିଭିନ୍ନ ପ୍ରାନ୍ତର ସଂସ୍କୃତିକୁ ସକଳଙ୍କ ନିମିତ୍ତ ଗ୍ରହଣୋପଯୋଗୀ ପନ୍ଥାରେ ଉପସ୍ଥାପିତ କରାଯିବ, ଆଉ ତାହା କେବଳ ବୁଦ୍ଧିଗତ, ଧାରଣାଗତ, କଳ୍ପନାଗତ, ସିଦ୍ଧାନ୍ତଗତ, ତତ୍ତ୍ୱଗତ ଏବଂ ଭାଷାଗତ ନୁହେଁ, କିନ୍ତୁ ଜୀବନ୍ତଭାବେ ଅଭ୍ୟାସ, ପ୍ରଥା ଓ କଳାର ସକଳ ରୂପରେ— ଚିତ୍ରବିଦ୍ୟା, ଭାସ୍କର୍ଯ୍ୟ, ସଂଗୀତ, ସ୍ଥାପତ୍ୟ, ସାଜସଜ୍ଜା— ଏବଂ ସ୍ଥୂଳ ଭାବରେ ପ୍ରାକୃତିକ ଦୃଶ୍ୟ, ପୋଷାକ ପରିଚ୍ଛଦ, ଖେଳକସରତ୍, ଶିଳ୍ପ ଓ ଖାଦ୍ୟ ପ୍ରଭୃତିରେ ମଧ୍ୟ । ଏକ ପ୍ରକାର ବିଶ୍ୱ-ପ୍ରଦର୍ଶନୀ (World Exhibition)ର ବ୍ୟବସ୍ଥା କରିବାକୁ ହେବ ଯହିଁରେ ସବୁ ଦେଶ ବାସ୍ତବରେ ଯଥାର୍ଥ ଓ ଜୀବନ୍ତ ଭାବରେ ପ୍ରତିନିଧିତ୍ୱ କରିପାରିବେ । ଆଉ ଆଦର୍ଶଟି ହେଲା ଏହି ଯେ ପ୍ରତ୍ୟେକ ଦେଶ ନିମିତ୍ତ ତାହାର ନିର୍ଦ୍ଦିଷ୍ଟ ସଂସ୍କୃତିକୁ ପ୍ରତିନିଧିତ୍ୱ କରିବା ପାଇଁ କ୍ଷେତ୍ର ରହିବ ଏବଂ ତାହା ଏପରି ଛାଞ୍ଚରେ ଗଢ଼ାଯିବ ଯାହା ସେହି ଦେଶର ପ୍ରକୃତି ବା ସ୍ୱଭାବକୁ ପରିବେଷଣ କରିପାରିବ : ଏହା ସେହି ଦେଶର ବିଶେଷ ପ୍ରତିନିଧିମୂଳକ ଉତ୍ପାଦନକୁ ପ୍ରଦର୍ଶନ କରିବ ଯାହା ପ୍ରାକୃତିକ ତଥା ମାନବନିର୍ମିତ, ଆଉ ମଧ୍ୟ ଯାହା ବୌଦ୍ଧିକ ପ୍ରତିଭା, ଶିଳ୍ପପ୍ରତିଭା ତଥା ଆଧ୍ୟାତ୍ମିକ ପ୍ରବୃତ୍ତିର ପ୍ରକାଶକ ହୋଇଉଠିବ । ଏହିପରି ଭାବରେ ପ୍ରତ୍ୟେକ ଦେଶର ଏହି ସାଂସ୍କୃତିକ ସମନ୍ୱୟରେ ଏକ କାର୍ଯ୍ୟକାରୀ ଏବଂ ବାସ୍ତବ ଆଗ୍ରହ ଜନ୍ମିବ ଏବଂ ସେ ତା' ନିଜ ଦେଶର ପ୍ରତିନିଧିତ୍ୱ କରୁଥିବା ପ୍ରଦର୍ଶନୀ-ମଣ୍ଡପର ଦାୟିତ୍ୱ ଗ୍ରହଣ କରି ଅନ୍ୟମାନଙ୍କ ସହ ସହଯୋଗ କରିବ । ଆଉ ମଧ୍ୟ ଆବଶ୍ୟକତା ଅନୁଯାୟୀ ଛୋଟ ବା ବଡ଼ ଗୋଟିଏ ଛାତ୍ରାବାସ ତାହା ସଙ୍ଗରେ ରଖାଯିବ ଯେଉଁଠାରେ ଗୋଟିଏ ଦେଶ ବା ଜାତିର ଛାତ୍ରମାନଙ୍କର ଏକତ୍ର ରହିବାର ବ୍ୟବସ୍ଥା କରାଯିବ । ଏହା ଦ୍ୱାରା ସେମାନେ ନିଜ ମାତୃଭୂମିର ନିଜସ୍ୱ ସଂସ୍କୃତିକୁ ଉପଭୋଗ କରିପାରିବା ସଙ୍ଗେ ସଙ୍ଗେ ଶିକ୍ଷାକେନ୍ଦ୍ରରେ ଏପରି ଶିକ୍ଷା ପାଇବେ ଯାହା ପୃଥିବୀରେ ପ୍ରତିଷ୍ଠିତ ଅନ୍ୟାନ୍ୟ ସଂସ୍କୃତି ସହିତ ସେମାନଙ୍କୁ ପରିଚିତ କରାଇବ । ଏହି ଭାବରେ ଆନ୍ତର୍ଜାତିକ ଶିକ୍ଷା କେବଳ ସ୍କୁଲ ବେଞ୍ଚ ଉପରେ ଗୋଟିଏ ତାତ୍ତ୍ୱିକ ବ୍ୟାଖ୍ୟା ହେବ ନାହିଁ, ବରଂ ତାହାର ପ୍ରତ୍ୟେକ ଦିଗରେ ଟିକିନିଖି ଭାବରେ କାର୍ଯ୍ୟକାରୀ ହେବ ।

ସଙ୍ଗଠନର ଗୋଟାଏ ସ୍ଥୂଳ ଧାରଣା ଏଠାରେ ଦିଆଯାଇଛି । ଏହାକୁ କିପରି ପ୍ରୟୋଗ କରିବାକୁ ହେବ, କାର୍ଯ୍ୟରେ ପରିଣତ କରିବାକୁ ହେବ, ତାହା ପରେ 'ବୁଲେଟିନ୍'ରେ ଆଲୋଚନା କରାଯିବ ।

ତତ୍ପରେ ପ୍ରଥମ ଲକ୍ଷ୍ୟ ହେବ ବ୍ୟକ୍ତିଗତ ଭାବେ ପ୍ରତ୍ୟେକଙ୍କୁ ସାହାଯ୍ୟ କରିବା ଯଦ୍ଦ୍ୱାରା ସେମାନେ ସ୍ୱଦେଶର ମୌଳିକ ପ୍ରତିଭା ସମ୍ବନ୍ଧରେ ସଚେତ ହେବେ ଏବଂ ତତ୍‌ସଙ୍ଗେ ଅନ୍ୟ ଦେଶର ଜୀବନଯାପନ ପ୍ରଣାଳୀର ସଂସ୍ପର୍ଶରେ ଆସିବା ଦ୍ୱାରା ପୃଥିବୀପୃଷ୍ଠର ସକଳ ଦେଶର ବାସ୍ତବ ତାତ୍ପର୍ଯ୍ୟ (Spirit)କୁ ଜାଣିପାରିବେ ଏବଂ ସମ୍ମାନ କରିବାକୁ ଶିଖିବେ । କାରଣ ସମସ୍ତ ବିଶ୍ୱସଂଘ ଯଥାର୍ଥଭାବେ ଗଠିତ ହେବାର ଏବଂ ବଞ୍ଚି ରହିବାର ସାମର୍ଥ୍ୟ ଲାଭ କରିବାର ମୂଳଭିତ୍ତି ନିର୍ଭର କରେ ଦେଶ ଦେଶ ମଧ୍ୟରେ ପରସ୍ପର ବୁଝାମଣା ଓ ସମ୍ମାନର ଆଦାନପ୍ରଦାନ ଉପରେ, ଠିକ୍ ଯେପରି ବ୍ୟକ୍ତି ବ୍ୟକ୍ତି ମଧ୍ୟରେ । ବର୍ତ୍ତମାନ ମାନବ ଯେଉଁ ଦୁଃଖଯାତନାପୂର୍ଣ୍ଣ ଅଜ୍ଞାନ ଅନ୍ଧକାର

ମଧ୍ୟରେ ରହିଛି, ତହିଁରୁ ଉଚ୍ଚ ସ୍ତରକୁ ଉଠିବାର ସମ୍ଭାବନା କେବଳ ପରସ୍ପର ସଦ୍ଭାବ ସୂତ୍ରରେ ସାମୂହିକ ଶୃଙ୍ଖଳା, ସଂଗଠନ ଓ ସହଯୋଗ ମଧ୍ୟରେ ନିହିତ । ଏଠାରେ ଏହି ଶିକ୍ଷାକେନ୍ଦ୍ରରେ କେବଳ ଏହି ଲକ୍ଷ୍ୟ ଓ ପ୍ରେରଣାକୁ ନେଇ ସମସ୍ତ ମାନବ-ସମସ୍ୟାର ବିଚାର କରାଯିବ ଏବଂ ସେସବୁର ସମାଧାନ କରାଯିବ ଶ୍ରୀଅରବିନ୍ଦଙ୍କ ଲେଖାରେ ପ୍ରକାଶିତ ଅତିମାନସ ଜ୍ଞାନର ଆଲୋକରେ ।

(ବୁଲେଟିନ୍, ଏପ୍ରିଲ ୧୯୫୨)

I am perfectly sure, I am quite confident, there is not the slightest doubt in my mind, that this University, which is being established here, will be the greatest seat of knowledge upon earth.

It may take fifty years, it may take a hundred years, and you may doubt about my being there; I may be there or not, but these children of mine will be there to carry out my work.

And those who collaborate in this divine work today will have the joy and pride of having participated in such an exceptional achievement.

(CWM, Vol. 12, 112)

*28 May, 1953* – The Mother

ଏହି ବିଷୟଟିକୁ ମୁଁ ନିଶ୍ଚିତ ଭାବରେ ଜାଣିଛି, ଏହି ବିଷୟରେ ମୋର ସଂପୂର୍ଣ୍ଣ ବିଶ୍ୱାସ ରହିଛି ଏବଂ ଏହି ବିଷୟରେ ମୋ ମନରେ ଏତେ ଟିକିଏ ହେଲେ ସନ୍ଦେହ ନାହିଁ ଯେ, ଏଠାରେ ଯେଉଁ ବିଶ୍ୱବିଦ୍ୟାକେନ୍ଦ୍ରଟିର ପ୍ରତିଷ୍ଠା ହେଉଛି, ତାହା ଦିନେ ସମଗ୍ର ପୃଥିବୀରେ ଜ୍ଞାନଲାଭର ସର୍ବଶ୍ରେଷ୍ଠ ସ୍ଥାନରୂପେ ପରିଗଣିତ ହେବ ।

ଏଥିଲାଗି ପଚାଶ ବର୍ଷ ଲାଗିପାରେ, ଶହେ ବର୍ଷ ଲାଗିପାରେ; ଏବଂ ମୁଁ ସେତେବେଳେ ରହିଥିବି କି ନାହିଁ, ତୁମେମାନେ ସେହି ବିଷୟରେ ହୁଏତ ସନ୍ଦେହ ବି କରୁ ଥାଇପାର । ମାତ୍ର, ମୁଁ ରୁହେ କି ନରୁହେ, ମୋର ଏହି ପିଲାମାନେ ଅବଶ୍ୟ ଥିବେ, ଏବଂ ମୋରି କାର୍ଯ୍ୟଟିକୁ ଅବଶ୍ୟ ସମ୍ପାଦିତ କରୁଥିବେ ।

ଏବଂ ଆଜି ଯେଉଁମାନେ ଏହି ଦିବ୍ୟକାର୍ଯ୍ୟଟିରେ ସହଯୋଗ କରୁଛନ୍ତି, ସେମାନେ ଯେ ଏପରି ଏକ ମହାନ୍ ଓ ଅଭୂତପୂର୍ବ ଲକ୍ଷ୍ୟ ସାଧନରେ ଅଂଶଗ୍ରହଣ କରିଛନ୍ତି, ସେମାନେ ସେଥିଲାଗି ନିଶ୍ଚୟ ଆନନ୍ଦ ଓ ଗର୍ବ ଅନୁଭବ କରିବେ ।

*୨୮ ମଇ, ୧୯୫୩* – ଶ୍ରୀମା

# ଯଥାର୍ଥ ଶିକ୍ଷାଦାନର ତିନୋଟି ନୀତି

## ଶ୍ରୀଅରବିନ୍ଦ

ଯଥାର୍ଥ ଶିକ୍ଷାଦାନର ପ୍ରଥମ ନୀତି ଏହି ଯେ କିଛି ବି ଶିକ୍ଷା ଦିଆଯାଇ ପାରିବ ନାହିଁ । ଶିକ୍ଷକ ଜଣେ ଉପଦେଷ୍ଟା ବା ଅବଧାନ ନୁହନ୍ତି, ସେ ଜଣେ ସାହାଯ୍ୟଦାତା ଓ ପଥପ୍ରଦର୍ଶକ । ତାଙ୍କର କର୍ତ୍ତବ୍ୟ ହେଲା ସୂଚନା ଦେବା, କିନ୍ତୁ ଜବରଦସ୍ତି କିଛି ଲଦିଦେବା ନୁହେଁ । ବାସ୍ତବରେ ସେ ଛାତ୍ରର ମନକୁ ତାଲିମ କରନ୍ତି ନାହିଁ, ସେ କେବଳ ତାହାର ଜ୍ଞାନାର୍ଜନର ଯନ୍ତ୍ରଗୁଡ଼ିକୁ କିପରି ପୂର୍ଣ୍ଣତା ପ୍ରଦାନ କରିବାକୁ ହେବ, ତାହା ଦେଖାଇ ଦିଅନ୍ତି ଏବଂ ତାହାର ପଦ୍ଧତିରେ ଉତ୍ସାହିତ ଓ ସହାୟତା କରନ୍ତି । ସେ ତାକୁ ଜ୍ଞାନ ପ୍ରଦାନ କରନ୍ତି ନାହିଁ, ନିଜେ କିପରି ଜ୍ଞାନ ଅର୍ଜନ କରିପାରିବ ତାହାର ଉପାୟ ଦେଖାଇ ଦିଅନ୍ତି । ସେ ଛାତ୍ର ମଧ୍ୟରେ ଅନ୍ତର୍ନିହିତ ଜ୍ଞାନକୁ ବହିର୍ଦ୍ଦେଶକୁ ଆଣି ତାହାର ପ୍ରୟୋଗ କରନ୍ତି ନାହିଁ, କେବଳ ତାକୁ ଦେଖାଇ ଦିଅନ୍ତି ଯେ ତାହା କେଉଁଠାରେ ନିହିତ ଏବଂ ତାହାକୁ ବହିର୍ଦ୍ଦେଶକୁ ଆଣିବାକୁ ସେ କିପରି ଅଭ୍ୟସ୍ତ ହୋଇପାରେ । ଏହି ନିୟମ କେବଳ କିଶୋର ଓ ପ୍ରୌଢ଼ ମନକୁ ଶିକ୍ଷା ଦେବା ନିମିତ୍ତ ପ୍ରୟୋଗ କରାଯାଇ ପାରିବ ଏବଂ ଶିଶୁ-ମନକୁ ଶିକ୍ଷା ଦେବା ନିମିତ୍ତ ଏହା ପ୍ରଯୋଜ୍ୟ ନୁହେଁ,– ଏହା ଏକାନ୍ତ ରକ୍ଷଣଶୀଳ ଏବଂ ଅଜ୍ଞାନମୂଳକ ମତବାଦ । ଶିଶୁ ବା ବୟସ୍କ ବ୍ୟକ୍ତି, ବାଳକ ବା ବାଳିକା, ସମସ୍ତଙ୍କ ନିମିତ୍ତ ଉତ୍ତମ ଶିକ୍ଷାଦାନର କେବଳ ଏହି ଏକମାତ୍ର ଉତ୍ତମ ନିୟମ ଅଛି । ବୟସର ତାରତମ୍ୟ ଅନୁସାରେ ପ୍ରୟୋଜନୀୟ ସାହାଯ୍ୟ ଓ ମାର୍ଗ-ନିର୍ଦ୍ଦେଶର ମାତ୍ରା କମ୍ ବା ବେଶୀ ହୋଇପାରେ କିନ୍ତୁ ମୂଳତଃ ଏହି ନିୟମର ପ୍ରକୃତିରେ କୌଣସି ପରିବର୍ତ୍ତନ ହୁଏ ନାହିଁ ।

ଦ୍ୱିତୀୟ ନୀତି ହେଲା ଉତ୍କର୍ଷସାଧନ ନିମିତ୍ତ ମନକୁ ନିଜର ପରାମର୍ଶ ଗ୍ରହଣ କରିବାକୁ ହେବ । ଛାତ୍ରମାନଙ୍କୁ ମାତାପିତା ବା ଶିକ୍ଷକଙ୍କ ଅଭିଳଷିତ ଛାଞ୍ଚରେ ପିଟାପିଟି କରି ଗଢ଼ିତୋଳିବାର ଧାରଣା ଏକ ବର୍ବରୋଚିତ ଅଜ୍ଞାନ କୁସଂସ୍କାର ମାତ୍ର । ଛାତ୍ର ନିଜେହିଁ ନିଜର ସ୍ୱଭାବ ଅନୁଯାୟୀ ବିକାଶପ୍ରାପ୍ତ ହେବାକୁ ଅନୁପ୍ରାଣିତ ହେବା ଉଚିତ । ପୁତ୍ରକନ୍ୟାଙ୍କୁ ପୂର୍ବନିର୍ଦ୍ଧାରିତ କୌଣସି ନିର୍ଦ୍ଦିଷ୍ଟ ଗୁଣାବଳୀ, ଶକ୍ତି, ଭାବଧାରା, ନୈତିକ ଉତ୍କର୍ଷର ଅଧିକାରୀ କରାଇବା ନିମିତ୍ତ ଅଥବା ପୂର୍ବକଳ୍ପିତ ଏକ ଜୀବନନିର୍ବାହ-ପନ୍ଥା ନିମିତ୍ତ ପ୍ରସ୍ତୁତ କରାଇବାର ମନୋଭାବ ଧାରଣ କରିବାଠାରୁ ମାତାପିତାଙ୍କ ପକ୍ଷରେ ଆଉ କିଛି ବଡ଼ ଭୁଲ୍ ନାହିଁ । ସ୍ୱଭାବକୁ ତାହାର ନିଜ ଧର୍ମତ୍ୟାଗ କରିବା ନିମିତ୍ତ ବାଧ କରିବାର ଅର୍ଥ ସବୁଦିନ ପାଇଁ ତାହାର କ୍ଷତି ଘଟାଇବା, ବିକାଶରେ ବ୍ୟାଘାତ ଆଣିବା ଓ ପୂର୍ଣ୍ଣତାଲାଭକୁ ବିକୃତ କରିବା । ମାନବ-ଆତ୍ମା ଉପରେ ଏହା ଏକ ସ୍ୱାର୍ଥଜଡ଼ିତ ଅତ୍ୟାଚାର ଏବଂ ରାଷ୍ଟ୍ର ସକାଶେ ଏକ ଆଘାତ; କାରଣ ଏହା ଫଳରେ ଏହାର ମଙ୍ଗଳ ନିମିତ୍ତ ବ୍ୟକ୍ତି ତାହାର ଯେଉଁ ସର୍ବୋତ୍କୃଷ୍ଟ ଦାନ ଦେଇଥା'ନ୍ତା ତାହା ରାଷ୍ଟ୍ର ହରାଇ ବସେ ଏବଂ ତତ୍ ପରିବର୍ତ୍ତେ ତାହାଠାରୁ ଗ୍ରହଣ କରିବାକୁ ବାଧ୍ୟହୁଏ ଯାହା ଅପୂର୍ଣ୍ଣ, କୃତ୍ରିମ, ଦ୍ୱିତୀୟ ଶ୍ରେଣୀୟ, ଆଗ୍ରହହୀନ ଓ ସାଧାରଣ । ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଏପରି କିଛି ନିହିତ ଯାହା ଦିବ୍ୟ, ଯାହା ତାହାର ନିଜସ୍ୱ, ଏବଂ ପୂର୍ଣ୍ଣତା ଓ ସାମର୍ଥ୍ୟ ପ୍ରାପ୍ତି ନିମିତ୍ତ ପ୍ରତ୍ୟେକର ରହିଛି ସୁଯୋଗ – ତାହାର ପରିସର ଯେତେ କ୍ଷୁଦ୍ର ହେଉନା କାହିଁକି – ଯାହା ଭଗବାନ୍ ତାକୁ ଦାନ କରନ୍ତି ଏବଂ ଯାହାକୁ ସେ ଗ୍ରହଣ ଅଥବା ବର୍ଜନ କରିପାରେ । ଆମର ଏକାନ୍ତ କର୍ତ୍ତବ୍ୟ ହେଲା ଏହାକୁ ଆବିଷ୍କାର କରିବା, ବିକଶିତ କରାଇବା ଓ ବ୍ୟବହାର କରିବା । ଶିକ୍ଷାର ସର୍ବପ୍ରଧାନ ଲକ୍ଷ୍ୟ ହେବା ଉଚିତ ଏକ ମହତ୍ ଉଦ୍ଦେଶ୍ୟସାଧନ ନିମିତ୍ତ ବିକାଶଶୀଳ ଅନ୍ତରାତ୍ମାକୁ ତାହାର ନିଜ ମଧ୍ୟସ୍ଥ ସର୍ବୋତ୍କୃଷ୍ଟ ବସ୍ତୁକୁ ବାହାର କରି ଆଣିବାରେ ଓ ତାହାକୁ ପୂର୍ଣ୍ଣତା ପ୍ରଦାନ କରିବାରେ ସାହାଯ୍ୟ କରିବା ।

ଶିକ୍ଷାଦାନର ତୃତୀୟ ନୀତି ହେଉଛି ନିକଟସ୍ଥ ପାରିପାର୍ଶ୍ୱିକ ଅବସ୍ଥାରୁ ଆରମ୍ଭ କରି ଦୂର-ଦୂରାନ୍ତ ପର୍ଯ୍ୟନ୍ତ, ବର୍ତ୍ତମାନ ଯାହା ଉପସ୍ଥିତ ତହିଁରୁ ଆରମ୍ଭ କରି ଭବିଷ୍ୟତରେ ଯାହା ହୋଇଉଠିବ ସେଥି ନିମିତ୍ତ କାର୍ଯ୍ୟକରିବା । ପ୍ରାୟ ସଦାସର୍ବଦା, ମାନବପ୍ରକୃତିର ମୂଳଭିତ୍ତି ହେଲା ତାହାର ଅନ୍ତରାତ୍ମାର ଅତୀତ ଅବସ୍ଥା ଏବଂ ତାହାର ବଂଶପରମ୍ପରା, ପରିବେଶ, ଜାତୀୟତା, ଦେଶ, ଯେଉଁ ମୃତ୍ତିକାରୁ ସେ ଖାଦ୍ୟ ଗ୍ରହଣ କରେ, ଯେଉଁ ବାୟୁ ସେ ନିଃଶ୍ୱାସରେ ସେବନ କରେ, ଯେଉଁ ଦୃଶ୍ୟ, ଶବ୍ଦ ଓ ଅଭ୍ୟାସରାଜି ସହ ସେ ଅଭ୍ୟସ୍ତ ।

ଯେହେତୁ ସେସବୁ ତାହାକୁ ତାହାର ଅଜ୍ଞାତସାରରେ ପ୍ରଭାବିତ କରନ୍ତି, ତଥାପି ଏହା ନୁହେଁ ଯେ ସେସବୁ କମ୍ ପ୍ରଭାବଶାଳୀ ଭାବେ ତାହାକୁ ଗଢ଼ି ତୋଳନ୍ତି । ତେଣୁ ସେହିସବୁକୁ ନେଇହିଁ ଆମମାନଙ୍କୁ ଶିକ୍ଷା ଆରମ୍ଭ କରିବାକୁ ହେବ । ବ୍ୟକ୍ତି ଯେଉଁ ଦେଶରେ ବାସକରେ, ସ୍ୱଚ୍ଛନ୍ଦରେ ଗଢ଼ିଉଠେ ଏବଂ ଯାହାର ପରିବେଶ ମନକୁ ପରିବେଷ୍ଟିତ କରେ ତହିଁରୁ ତାହାର ପ୍ରକୃତିର ଚେରମୂଳକୁ ଉତ୍ପାଟିତ କରି ତାହାର ବିପରୀତଧର୍ମୀ ଦେଶ ଓ ଜୀବନର ମାନସିକ ଚିତ୍ର ଓ ଭାବଧାରାକୁ ଗ୍ରହଣ କରିବା ଉଚିତ ନୁହେଁ । ଯଦି ବାହାରୁ କିଛି ଆଣିବାକୁ ହେବ ତେବେ ତାହାକୁ ଗ୍ରହଣ କରିବା ନିମିତ୍ତ ମନ ନିକଟରେ ସମର୍ପଣ କରିବାକୁ ହେବ କିନ୍ତୁ ବାଧ କରି ଲଦି ଦେବାକୁ ହେବ ନାହିଁ । ଏକ ସ୍ୱାଧୀନ ଏବଂ ସ୍ୱାଭାବିକ ଅଭିବୃଦ୍ଧିହିଁ ଯଥାର୍ଥ ବିକାଶର ସର୍ତ୍ତ । ଏପରି ମାନବାତ୍ମାସବୁ ଦେଖାଯାଆନ୍ତି ଯେଉଁମାନେ ସ୍ୱଭାବତଃ ସେମାନଙ୍କ ପରିବେଶ ବିରୋଧରେ ବିଦ୍ରୋହୀ ହୋଇଉଠନ୍ତି ଏବଂ ଏହା ବୋଧହୁଏ ଯେ ସେମାନେ ଭିନ୍ନ ଯୁଗ ଓ ଦେଶର ବ୍ୟକ୍ତି । ସେମାନେ ସେମାନଙ୍କ ସ୍ୱାଭାବିକ ଆଗ୍ରହକୁ ଅନୁସରଣ କରିବା ଉଚିତ; କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅବସନ୍ନ, ଶକ୍ତିହୀନ, ଶୂନ୍ୟ ଓ ଅପ୍ରାକୃତିକ ହୋଇପଡ଼ନ୍ତି ଯଦି ସେମାନଙ୍କୁ କୃତ୍ରିମ ଭାବେ କୌଣସି ବିପରୀତଧର୍ମୀ ଛାଞ୍ଚରେ ପକାଇ ଗଢ଼ିବାର ପ୍ରୟାସ କରାଯାଏ । ଏହା ଈଶ୍ୱରଙ୍କର ବ୍ୟବସ୍ଥା ଯେ ସେମାନେ କୌଣସି ଏକ ନିର୍ଦ୍ଦିଷ୍ଟ ଦେଶ, ଯୁଗ ଓ ସମାଜର ବ୍ୟକ୍ତି ହେବା ଉଚିତ; ସେମାନେ ହେବା ଉଚିତ ଅତୀତର ଶିଶୁଗଣ, ବର୍ତ୍ତମାନର ଅଧିକାରୀ, ଭବିଷ୍ୟତର ସ୍ରଷ୍ଟା । ଅତୀତ ହେଉଛି ଆମମାନଙ୍କର ଭିତ୍ତିଭୂମି, ବର୍ତ୍ତମାନ ଆମମାନଙ୍କର ବିଷୟବସ୍ତୁ ଏବଂ ଭବିଷ୍ୟତ୍ ହେଉଛି ଆମମାନଙ୍କର ଲକ୍ଷ୍ୟ ଓ ପ୍ରଗତିର ପରାକାଷ୍ଠା । ଜାତୀୟ ଶିକ୍ଷା ବ୍ୟବସ୍ଥାରେ ପ୍ରତ୍ୟେକେହିଁ ନିଜ ନିଜର ଉପଯୁକ୍ତ ଓ ସ୍ୱାଭାବିକ ସ୍ଥାନ ଗ୍ରହଣ କରିବା ଉଚିତ ।

(ଶ୍ରୀଅରବିନ୍ଦ ଓ ଶ୍ରୀମା, ଶିକ୍ଷା ପୁସ୍ତକ,
ପୃଷ୍ଠା, ୨୬-୨୯) ❖

*Mother, would you please define in a few words what you mean essentially by "free progress"?*

A progress guided by the soul and not subjected to habits, conventions or preconceived ideas.

(CWM 12 : 171,177) The Mother

*ମାଆ, ''ମୁକ୍ତ ଅଗ୍ରଗତି'' କହିଲେ ଆପଣ କ'ଣ ବୁଝନ୍ତି, ତାହାକୁ ଅଳ୍ପ କେତୋଟି ଶବ୍ଦରେ ବ୍ୟାଖ୍ୟା କରି କହିଦେବେ କି ?*

ଯେଉଁ ଅଗ୍ରଗତି ଆତ୍ମା ଦ୍ୱାରା ପରିଚାଳିତ ହେଉଥିବ, ଯାହା କୌଣସି ଅଭ୍ୟସ୍ତତା, ଚିରାଚରିତତା ଅଥବା ପୂର୍ବନିର୍ଦ୍ଧାରିତ ଧାରଣାର ଅଧୀନ ହୋଇ ରହି ନ ଥିବ, ତାହାହିଁ ମୁକ୍ତ ଅଗ୍ରଗତି ।

— ଶ୍ରୀମା

# ନୂତନ ଚେତନା ପାଇଁ ନୂତନ ଶିକ୍ଷା

## (ମା'ଙ୍କ ସହ ପ୍ରଶ୍ନୋତ୍ତର)

**ଶିକ୍ଷାର ଯଥାର୍ଥ ଲକ୍ଷ୍ୟ ଓ ଉଦ୍ଦେଶ୍ୟ**

*ଆମର ଏହି ଶିକ୍ଷାକେନ୍ଦ୍ରଟିର ପ୍ରକୃତ ଉଦ୍ଦେଶ୍ୟ ଓ ପ୍ରକୃତ ଲକ୍ଷ୍ୟ କ'ଣ ? ଏଠାରେ କ'ଣ ଶ୍ରୀଅରବିନ୍ଦଙ୍କର ରଚନାବଳୀ ପଢ଼ାଯିବ ? କେବଳ ସେତିକି ପଢ଼ାଯିବ ? ଏଗୁଡ଼ିକ ସବୁଯାକ ପଢ଼ାଯିବ ନା ସେଥିରୁ କେତୋଟି ମାତ୍ର ପଢ଼ାଯିବ ? ଅଥବା ଶ୍ରୀଅରିବନ୍ଦ ଓ ମାଆଙ୍କର ରଚନାବଳୀକୁ ପଢ଼ିବା ସକାଶେ ଏଠାରେ ଛାତ୍ରମାନଙ୍କୁ ପ୍ରସ୍ତୁତ କରାଯିବ ? ଏଠାରେ ସେମାନଙ୍କୁ ଏକ ଆଶ୍ରମ ଜୀବନ ଲାଗି ପ୍ରସ୍ତୁତ କରାଯିବ ନା ''ବାହାରର'' କୌଣସି ଅନ୍ୟ ଜୀବିକା ବା କାର୍ଯ୍ୟ ଲାଗି ପ୍ରସ୍ତୁତ କରାଯିବ ? ଏଠି ଚାରିଆଡ଼େ ବର୍ତ୍ତମାନ ଏତେ ପ୍ରକାରର ମତ ଶୁଣିବାକୁ ମିଳୁଛି ଏବଂ, ଯେଉଁମାନେ ପ୍ରକୃତ କଥା ଜାଣିଥିବେ ବୋଲି ଆମେ ଆଶା କରୁଛୁ, ସେମାନେ ମଧ୍ୟ ଏପରି ଭିନ୍ନ ଭିନ୍ନ ପ୍ରକାରର କଥା କହୁଛନ୍ତି ଯେ, ସେଥିମଧ୍ୟରୁ କେଉଁଟିକୁ ବିଶ୍ୱାସ କରିବାକୁ ହେବ ବା କେଉଁଟି ଅନୁସାରେ କାର୍ଯ୍ୟ କରିବାକୁ ହେବ, ସେକଥା ମୋତେ ଜାଣି ହେଉ ନାହିଁ । ଏବଂ, ପ୍ରକୃତ ଓ ନିଶ୍ଚିତ ଭାବରେ ଏ ବିଷୟରେ କିଛି ନ ଜାଣିଲେ, ଆମେ ପୁଣି କେଉଁ ଭିତ୍ତି ଉପରେ କାର୍ଯ୍ୟ କରି ପାରିବୁ ? ମାଆ, ଆପଣ ଆମକୁ ଏଥିରେ ଆପଣଙ୍କର ମାର୍ଗଦର୍ଶନ ଦିଅନ୍ତୁ, ମୋର ଏହାହିଁ ପ୍ରାର୍ଥନା ।*

ଏଠାରେ ଏହିସବୁ ରଚନା କିଂବା ଅନ୍ୟ କୌଣସି ରଚନାକୁ ପାଠ କରିବା ଲାଗି ପ୍ରସ୍ତୁତ କରିବାର ଆଦୌ କୌଣସି ପ୍ରଶ୍ନ ନାହିଁ । ମନୁଷ୍ୟର ଭାବନା, ଅନୁଭୂତି ଓ କର୍ମାଚରଣର ନିତ୍ୟନୈମିତ୍ତିକ ସାଧାରଣ ରୁଟିନ୍ ମଧ୍ୟରୁ ସେଥିଲାଗି ସମର୍ଥ ସମସ୍ତଙ୍କୁ ଟାଣି ବାହାର କରି ନେଇଆସିବା,– ଏଠାରେ ତାହାହିଁ ଯଥାର୍ଥ ପ୍ରଶ୍ନ । ମନୁଷ୍ୟର ସେହି ନିତ୍ୟନୈମିତ୍ତିକ ଭାବନା – ତଥା କର୍ମପ୍ରଣାଳୀର ଦାସତ୍ୱକୁ ନିଜ ଭିତରୁ କାଢ଼ି ଫିଙ୍ଗିଦେବାକୁ ଯେଉଁମାନେ ଏଠାରେ ଅଛନ୍ତି, ସେମାନଙ୍କୁ ଯାବତୀୟ ସୁଯୋଗ ଆଣି ଯୋଗାଇ ଦେବା ହେଉଛି ଅସଲ କାର୍ଯ୍ୟ । ଜୀବନକୁ ବଞ୍ଚିବାର ଅଧିକ ସତ୍ୟମୟ ଏକ ଅନ୍ୟ ମାର୍ଗ ରହିଛି ବୋଲି ଏକ ଯଥାର୍ଥ ଜୀବନକୁ କିପରି ବଞ୍ଚିବାକୁ ହୁଏ ଏବଂ ନିଜକୁ କିପରି ଏକ **ଯଥାର୍ଥ ସତ୍ତାରେ** ପରିଣତ କରିହୁଏ, ଶ୍ରୀଅରବିନ୍ଦ ଆମକୁ ସେହି କଥାଟିକୁ ଶିଖାଇଦେଇ ଯାଇଛନ୍ତି ବୋଲି ଯେଉଁମାନେ ପ୍ରକୃତରେ ଶୁଣିବାକୁ ଇଚ୍ଛା କରୁଛନ୍ତି, ସେହିମାନଙ୍କୁ ଶିକ୍ଷା ଦେବା ହେଉଛି ଅସଲ ପ୍ରଶ୍ନ ଓ ଲକ୍ଷ୍ୟ । ଏବଂ, **ସେହି ଅନ୍ୟ ଜୀବନଟି** ଲାଗି ପିଲାମାନଙ୍କୁ ପ୍ରସ୍ତୁତ କରି ଆଣିବା ଏବଂ ଯୋଗ୍ୟ କରି ଆଣିବାହିଁ ଏଠାରେ ଶିକ୍ଷାର ପ୍ରକୃତ ଲକ୍ଷ୍ୟ ବୋଲି ଯେଉଁମାନେ ଶୁଣିବା ଲାଗି ଇଚ୍ଛା କରିବେ, ସେହିମାନଙ୍କୁ ଶିକ୍ଷା ଦେବା ହେଉଛି ଅସଲ କାର୍ଯ୍ୟ ।

ଏହା ବାହାରେ ଆଉ ଯାହାକିଛି ରହିଲା, ମଣିଷର ଭାବିବା ଓ ଜୀବନ ବଞ୍ଚିବା ବିଷୟରେ ଯେତେ ଯାହା ଚିରାଚରିତ ପ୍ରଣାଳୀ ଓ ପଦ୍ଧତି ରହିଛି, ସେଗୁଡ଼ିକ ଲାଗି ବିପୁଳ ପୃଥିବୀ ପଡ଼ିରହିଛି ଏବଂ ସେଠାରେ ସମସ୍ତଙ୍କ ଲାଗି ସେଥିପାଇଁ ନିଶ୍ଚୟ ପ୍ରଶସ୍ତ ସ୍ଥାନ ମିଳିଯାଇ ପାରିବ ।

ଆମେ ସଂଖ୍ୟା ଚାହୁଁନା,– ଆମେ ବଛାବଛା କେତେ ଜଣଙ୍କୁ ଚାହୁଁ; ଆମେ ବିଚକ୍ଷଣ ପ୍ରତିଭାସମ୍ପନ୍ନ ଛାତ୍ର ଚାହୁଁନା, ଆମେ ଜୀବନ୍ତ କେତୋଟି ଆତ୍ମାହିଁ ଚାହୁଁ ।

*

ଏକଥା ସମସ୍ତଙ୍କ ଜାଣିବା ଉଚିତ, ଏବଂ ସମସ୍ତଙ୍କ ଆଗରେ ଏହି କଥାଟିକୁ କହିବାରେ ଆମର ଆଦୌ କୌଣସି କୁଣ୍ଠା ପ୍ରକାଶ କରିବା ଉଚିତ ନୁହେଁ ଯେ, ନିଜର ଜୀବନକୁ ଏକ ନିର୍ଦ୍ଦିଷ୍ଟ ମାର୍ଗ ଯୋଗାଇ ଦେବା ପାଇଁ ଯେଉଁମାନଙ୍କ ମଧ୍ୟରେ ଅଗ୍ରଗତି କରିବାର ପ୍ରୟୋଜନଟି ଯଥେଷ୍ଟ ପରିମାଣରେ ସଚେତନ ହୋଇ ସାରିଛି, ସେହିମାନଙ୍କୁ ଆବିଷ୍କାର କରିବା ଲାଗି ଓ ଯଥାର୍ଥ ପ୍ରୋତ୍ସାହନ ଯୋଗାଇ ଦେବା ଲାଗିହିଁ ଆମର ଏହି ବିଦ୍ୟାଳୟଟି ରହିଛି । ତାହାହିଁ ହେଉଛି ଆମର ଏହି ବିଦ୍ୟାଳୟଟିର ଲକ୍ଷ୍ୟ ।

(CWM 12 : 117-18)

# ଶିକ୍ଷା କରିବାକୁ ଚାହୁଁଥିବା ସାନ ଓ ବଡ଼ ସମସ୍ତଙ୍କ ପ୍ରତି

## ଶ୍ରୀମା

ଏହି ପୃଥିବୀର ଇତିହାସରେ ପରିବର୍ତ୍ତନକାଳୀନ ଏପରି ଗୋଟିଏ ଗୋଟିଏ ମୁହୂର୍ତ୍ତ ରହିଛି, ଯେତେବେଳେ କି ହଜାର ହଜାର ବର୍ଷ ଧରି ତିଷ୍ଠି ରହି ଆସିଥିବା ବସ୍ତୁଗୁଡ଼ିକ ଅପସରି ଯିବାକୁ ବାଧ୍ୟ ହୋଇଛନ୍ତି ଏବଂ ଅଭିବ୍ୟକ୍ତ ହେବାକୁ ଯାଉଥିବା ଅନ୍ୟ ବସ୍ତୁଗୁଡ଼ିକ ଲାଗି ବାଟ ଛାଡ଼ି ଦେଇଛନ୍ତି । ଆମେ ହୁଏତ ପ୍ରାୟ ଏପରି ମଧ୍ୟ କହିପାରିବା ଯେ ଏହିସବୁ ସମୟରେ ବିଶ୍ୱଜଗତରେ ଏକ ବିଶେଷ ସଂକେନ୍ଦ୍ରଣ ବା ତାହାର ପ୍ରଚେଷ୍ଟାର ଏକ ଅତିସଘନତା ସଂଘଟିତ ହୋଇ ଆସିଥାଏ; ଯେଉଁ ପ୍ରକାର ଅଗ୍ରଗତିଟି ହେବାକୁ ଯାଉଥାଏ ଓ ଯେଉଁ ଗୁଣାତ୍ମକ ସ୍ତରରେ ରୂପାନ୍ତରଟି ପ୍ରକୃତରେ ଉପଲବ୍ଧ ହେବାକୁ ରହିଥାଏ, ତାହାରି ଅନୁସାରେହିଁ ସେହି ସଂକେନ୍ଦ୍ରଣ ଓ ସେହି ଅତି ସଘନତାରେ ମଧ୍ୟ ଏକ ପାର୍ଥକ୍ୟ ପରିଦୃଷ୍ଟ ହୋଇଥାଏ । ବିଶ୍ୱ-ଇତିହାସର କ୍ରମରେ ବର୍ତ୍ତମାନ ଆମେ ସେହିଭଳି ଏକ ସନ୍ଧିକ୍ଷଣରେ ଆସି ପହଞ୍ଚିଛୁ । ପ୍ରକୃତି ଯେପରି ପୂର୍ବେ ଏକ ସମୟରେ ପୃଥିବୀପୃଷ୍ଠରେ ମନୁଷ୍ୟ ରୂପୀ ଏକ ମନୋମୟ ସତ୍ତାର ସୃଷ୍ଟି କରିଥିଲା, ଠିକ୍ ସେହିପରି ବର୍ତ୍ତମାନ ମଧ୍ୟ ଏହି ମନୋମୟ ଭୂମିରେ ଏକ ଅତିମାନସ ଚେତନା ତଥା ବ୍ୟକ୍ତିତ୍ୱର ସଂସ୍ଫୁରଣ ଲାଗି ଏକ ସଂକେନ୍ଦ୍ରିତ ଏବଂ ସଘନକ୍ରିୟା ଆରମ୍ଭ ହୋଇ ଗଲାଣି ।

କେତେକ ସତ୍ତା ଯେଉଁମାନେ ଦେବକଳ୍ପନାର ସେହି ଗୂଢ଼ ଯୋଜନାଟିର ଆଭାସ ପାଇଛନ୍ତି ବୋଲି ମୁଁ ହୁଏତ କହିପାରିବି, ସେମାନେ ବିଶ୍ୱର ଜୀବନଭୂମିରେ ଏହି ମୁହୂର୍ତ୍ତଟିର ମହତ୍ତ୍ୱ ବିଷୟରେ ସଜ୍ଞାନ ହୋଇ ରହିଛନ୍ତି । ଏବଂ ଯଥାଶକ୍ତି ଯାବତୀୟ ଉପାୟରେ ଆପଣାର ଭୂମିକାଟିକୁ ଗ୍ରହଣ କରିବା ଲାଗି ସେମାନେ ଏହି ପୃଥିବୀରେ ଜନ୍ମଗ୍ରହଣ କରିଛନ୍ତି । ଏକ ବିରାଟ ଜ୍ୟୋତିରାଲୋକିତ ଚେତନା ପୃଥିବୀ ଉପରେ ଆନତ ଏବଂ ସଞ୍ଚାରିତ ହୋଇ ରହିଛି ଏବଂ ତାହାର ବାୟୁମଣ୍ଡଳରେ ଏକ ଉଦ୍‌ବେଳନ ସୃଷ୍ଟି କରିବାରେ ଲାଗିଛି । ଯେଉଁମାନେ ନିଜକୁ ଉନ୍ମୋଚିତ କରି ରଖି ପାରିଛନ୍ତି, ସେମାନେ ସମସ୍ତେ ଏହି ଚଞ୍ଚଳାବର୍ତ୍ତଟି ମଧ୍ୟରୁ ଏକ ତରଙ୍ଗ ଆସି ସେମାନଙ୍କୁ ସ୍ପର୍ଶ କରୁଥିବାର ଅନୁଭବ କରି ପାରୁଛନ୍ତି, ଏହି ଆଲୋକର ଏକ ରଶ୍ମିକୁ ଅନୁଭବ କରି ପାରୁଛନ୍ତି, ସେମାନେ ନିଜ ନିଜର ସାମର୍ଥ୍ୟ ଅନୁସାରେ ତାହାକୁ ଏକ ନିର୍ଦ୍ଦିଷ୍ଟ ଆକାର ଦେବା ଲାଗି ବାଟ ଖୋଜୁଛନ୍ତି ।

ଏଠାରେ ରହିଥିବା ଆମେ ସମସ୍ତେ ଏହି ବିକିରଣକାରୀ ଆଲୋକଟିର କେନ୍ଦ୍ରଟିରେ ଅବସ୍ଥାନ କରୁଥିବାର ସେହି ଅଭୂତପୂର୍ବ ସୌଭାଗ୍ୟଟିକୁ ଲାଭ କରିଛୁ, ରୂପାନ୍ତର-ଶକ୍ତିଟିର ଏକାବେଳେକେ ଉତ୍ସରେ ରହିଥିବାର ଅସାଧାରଣ ସୁଯୋଗଟିକୁ ଲାଭ କରିଛୁ ।

ଏକ ମାନବଶରୀର ମଧ୍ୟରେ ସେହି ଅତିମାନସ ଚେତନାର ଅବତରଣ ଘଟାଇବା ଲାଗି ସମର୍ଥ ହୋଇଥିଲେ ଶ୍ରୀଅରବିନ୍ଦ, ଆମେ ଯେଉଁ ମାର୍ଗଟିର ଅନୁସରଣ କରିବା ତାହାର ଯଥାର୍ଥ ପ୍ରକୃତିଟିକୁ ଏବଂ ଲକ୍ଷ୍ୟରେ ଯାଇ ପହଞ୍ଚି ପାରିବାକୁ ହେଲେ ଆମକୁ ଯେପରି ଭାବରେ ସେହି ମାର୍ଗଟିର ଅନୁସରଣ କରିବାକୁ ହେବ, ସେହି ଉପାୟଟିକୁ ଯେ କେବଳ ଆମ ଆଗରେ ଉଦ୍‌ଘାଟିତ କରି ଦେଇଛନ୍ତି ତା' ନୁହେଁ, ମାତ୍ର ଆପଣାର ବ୍ୟକ୍ତିଗତ ଉପଲବ୍ଧି ଦ୍ୱାରା ସେ ଆମକୁ ତାହାର ଦୃଷ୍ଟାନ୍ତଟିକୁ ମଧ୍ୟ ଦେଖାଇ ଦେଇଛନ୍ତି । ଆମେ ପ୍ରକୃତରେ ଏକଥା ମଧ୍ୟ କହିପାରିବା ଯେ, ସେହି ଉପଲବ୍ଧିଟି ଯେ ପ୍ରକୃତରେ ସମ୍ଭବ ଓ ସେଇଟିକୁ କାର୍ଯ୍ୟରେ ପରିଣତ କରିବାର ଯଥାର୍ଥ ସମୟଟି ଯେ ବର୍ତ୍ତମାନ ଆସି ଉପଗତ ହୋଇଛି, ଶ୍ରୀଅରବିନ୍ଦ ଆମ ଲାଗି ତାହାର ଏକ ପ୍ରମାଣ ଯୋଗାଇ ଦେଇଛନ୍ତି ।

ତେଣୁ, ଅନ୍ୟମାନେ ଯାହା ଆଗରୁ କରିଛନ୍ତି, ତାହାରହିଁ ଏକ ପୁନରାବୃତ୍ତି କରିବା ଲାଗି ଆମେ ଏଠାରେ ଆଦୌ ଏକତ୍ରିତ ହୋଇ ନାହୁଁ; ମାତ୍ର ଏକ ନୂତନ ଚେତନା ଏବଂ ଏକ ନୂତନ ଜୀବନର ବିକାଶ ନିମିତ୍ତହିଁ ଆପଣାକୁ ପ୍ରସ୍ତୁତ କରିବା ଲାଗି ଆମେ ସମସ୍ତେ ଏଠାକୁ ଆସିଛୁ । ଏବଂ ଏହି କାରଣରୁହିଁ ମୁଁ ଏଠାରେ ଥିବା ସବୁ ଛାତ୍ରଙ୍କୁ ସମ୍ବୋଧନ କରି କହୁଛି ଯେ, ଛାତ୍ରମାନେ, ଅର୍ଥାତ୍ ତୁମେମାନେ ସମସ୍ତେ ଯେଉଁମାନେ ଶିଖିବାକୁ ଚାହୁଁଛ, ସର୍ବଦା ଅଧିକ ଶିକ୍ଷା କରିବାକୁ ଏବଂ ଅଧିକ ଭଲ ଭାବରେ ଶିଖିବାକୁ ଚାହୁଁଛ, ମୁଁ ସେହିମାନଙ୍କୁ ଏହି କଥାଟି ବର୍ତ୍ତମାନ କହିବାକୁ ଚାହୁଁଛି, ଯେପରିକି ତୁମେ ସମସ୍ତେ ଆପଣାକୁ ସେହି ନୂତନ ଶକ୍ତିଟି ଲାଗି ଉନ୍ମୋଚିତ କରିଦେଇ ପାରିବ ଏବଂ ତାହାକୁ ଆମର ଏହି ଭୌତିକ ଭୂମିଟିରେ ପ୍ରକାଶିତ ହେବାର ସମ୍ଭାବନାଟିକୁ ମଧ୍ୟ ଆଣି ଯୋଗାଇ ଦେଇପାରିବ । କାରଣ ତାହାହିଁ ଆମ ଆଗରେ ଯଥାର୍ଥ କାର୍ଯ୍ୟକ୍ରମ ହୋଇ

*(ଅବଶିଷ୍ଟାଂଶ ପୃଷ୍ଠା ୨୦ରେ ଦେଖନ୍ତୁ)*

# ଶିକ୍ଷାକେନ୍ଦ୍ରର ଡିଗ୍ରୀ ବା ପ୍ରମାଣପତ୍ର ସମ୍ପର୍କରେ
## (ଶ୍ରୀମାଙ୍କ ସହ ପତ୍ରାଳାପ)

*ଆମର ଶିକ୍ଷା-କେନ୍ଦ୍ରରେ ଛାତ୍ରଛାତ୍ରୀମାନଙ୍କୁ ଆଦୌ କୌଣସି ପ୍ରକାରର ଡିଗ୍ରୀ ବା ପ୍ରମାଣପତ୍ର ଦିଆଯାଏ ନାହିଁ କାହିଁକି ?*

ବିଗତ ପ୍ରାୟ ଶହେବର୍ଷ ହେଲା ମନୁଷ୍ୟସମାଜ ଏପରି ଗୋଟିଏ ବ୍ୟାଧି ଭୋଗ କରିବାରେ ଲାଗିଛି, ଯାହା କି କ୍ରମଶଃ ବ୍ୟାପି ଯାଉଛି ଏବଂ ଆମର ଏହି ଯୁଗରେ ତାହା ସତେଅବା ଏକ ଚରମ ସୀମାକୁ ଆସି ସ୍ପର୍ଶ କଲାଣି । ସେହି ବ୍ୟାଧିଟିକୁ ଆମେ ''ପ୍ରୟୋଜନବାଦ'' ବୋଲି କହିପାରିବା । ଏବଂ ଲୋକମାନଙ୍କୁ ଓ ସକଳ ବସ୍ତୁକୁ, ପରିସ୍ଥିତିଗୁଡ଼ିକୁ ଓ ଯାବତୀୟ କାର୍ଯ୍ୟକୁ ସତେଅବା ସମ୍ପୂର୍ଣ୍ଣ ଭାବରେ ଏହି ଗୋଟିଏ ଦୃଷ୍ଟିରୁ ଦେଖି ବିଚାର କରା ଯାଉଥିବା ପରି ମନେ ହେଉଛି । ଉପଯୋଗୀ ନ ହୋଇ ପାରିବା ପର୍ଯ୍ୟନ୍ତ, କୌଣସି କାମରେ ନ ଆସିବା ପର୍ଯ୍ୟନ୍ତ କୌଣସି ବସ୍ତୁର ପ୍ରକୃତରେ କୌଣସି ମୂଲ୍ୟ ଅଛି ବୋଲି ବିଚାର କରା ଯାଉ ନାହିଁ । ଅବଶ୍ୟ ଏଥିରେ ଆଦୌ କୌଣସି ସନ୍ଦେହ ନାହିଁ ଯେ, ଯାହାକିଛି ଆମର କୌଣସି କାମରେ ଆସୁଛି, ତାହାକୁ ଯାହା ଆଦୌ କୌଣସି କାମରେ ଆସୁ ନାହିଁ, ତାହାଠାରୁ ନିଶ୍ଚୟ ଅଧିକ ଭଲ ବୋଲି କୁହାଯିବ । ମାତ୍ର, ଉପଯୋଗୀ କହିଲେ ଆମେ ପ୍ରକୃତରେ କ'ଣ ବୁଝୁଛୁ, ସବାଆଗ ସେହି ବିଷୟରେ ଏକ ସହମତି ହୋଇ ପାରୁଥିବା ଉଚିତ । କାହା ଲାଗି ଉପଯୋଗୀ ହେବ, କ'ଣ ପାଇଁ ବା କେଉଁ ସକାଶେ ଉପଯୋଗୀ ହେବ, ସେହି ବିଷୟରେ ସହମତି ହୋଇ ପାରିବା ଉଚିତ ।

କାରଣ, ଯାହାକିଛି ଆକର୍ଷଣ କରିପାରୁଛି ଓ ଯାହାକିଛି ଆମକୁ ଅଧିକ ଅର୍ଥ ଆଣି ଦେଇ ପାରୁଛି ବା ଅଧିକ ଅର୍ଥ ଉତ୍ପାଦନ କରିପାରୁଛି, ଆପଣାକୁ ସଭ୍ୟ ବୋଲି ବିଚାର କରୁଥିବା ଜାତି ଓ ଗୋଷ୍ଠୀମାନେ ତାହାକୁହିଁ ଅଧିକରୁ ଅଧିକ ପରିମାଣରେ ଉପଯୋଗୀ ବୋଲି ବର୍ଣ୍ଣନା କରୁଛନ୍ତି । ଏହି ଆର୍ଥିକ ଲାଭର ଦୃଷ୍ଟିକୋଣରୁହିଁ ପ୍ରତ୍ୟେକ କଥାର ବିଚାର କରାଯାଉଛି, ପ୍ରତ୍ୟେକ କଥାର ମୂଲ୍ୟ ନିର୍ଦ୍ଧାରଣ କରାଯାଉଛି । ମୁଁ ଏହି ପ୍ରବୃତ୍ତିଟିକୁ ପ୍ରୟୋଜନବାଦ ବୋଲି କହୁଛି । ଏବଂ ଏଇଟି ପ୍ରକୃତରେ ଏକ ଭାରି ସଂକ୍ରାମକ ରୋଗ, କାରଣ ତାହା ପିଲାମାନଙ୍କୁ ବି ଆକ୍ରମଣ ନ କରି ଛାଡୁ ନାହିଁ ।

ସେମାନଙ୍କର ଯେଉଁ ବୟସରେ ସେମାନେ ସୌନ୍ଦର୍ଯ୍ୟର ସ୍ୱପ୍ନ ଦେଖୁଥାଆନ୍ତେ ମହାନତା ଏବଂ ପରିପୂର୍ଣ୍ଣତାର କେତେ ସ୍ୱପ୍ନ ଦେଖୁଥା'ନ୍ତେ — ନିତ୍ୟନୈମିତ୍ତିକ ସାଧାରଣ ଧାରଣା ସକାଶେ ହୁଏତ ଅତ୍ୟନ୍ତ ଅପହଞ୍ଚ ବୋଲି ମନେ ହେଉଥିବା, ମାତ୍ର ତଥାପି ଏହି ନୀରସ ଭଲ ଧାରଣାଗୁଡ଼ାକର ତୁଳନାରେ ଅତ୍ୟନ୍ତ ଉଚ୍ଚସ୍ତରର ହୋଇ ରହିଥିବା କେତେ କେତେ ସ୍ୱପ୍ନ ସେମାନେ ଦେଖୁଥାଆନ୍ତେ, ସେତେବେଳେ ସେହି ପିଲାମାନେ ଏବେ ଖାଲି ଟଙ୍କାର ସ୍ୱପ୍ନ ଦେଖୁଛନ୍ତି ଓ କିପରି ଟଙ୍କା ଉପରକୁ ଟଙ୍କା କମାଇବେ, କେବଳ ସେହିକଥା ଚିନ୍ତା କରୁଛନ୍ତି ।

ତେଣୁ, ନିଜର ଅଧ୍ୟୟନ ବିଷୟରେ ଚିନ୍ତାକଲାବେଳେ ସେମାନେ କ'ଣ ସବୁ ସେମାନଙ୍କ କାମରେ ଲାଗିବ ଓ ସେମାନଙ୍କ ଲାଗି ଲାଭଜନକ ହେବ, ସେମାନେ କେବଳ ସେହି ଚିନ୍ତା କରୁଛନ୍ତି । ଯେପରିକି ବଡ଼ ହୋଇଗଲେ ସେମାନେ ଅନେକ ପଇସା କମାଇବାକୁ ସମର୍ଥ ହୋଇ ପାରିବେ, ସେମାନେ କେବଳ ସେହି କଥା ଚିନ୍ତା କରୁଛନ୍ତି ।

ଏବଂ, ପରୀକ୍ଷା ଦେଇ ସେଗୁଡ଼ିକରେ ପାସ କରି ନିଜକୁ ଅଧିକରୁ ଅଧିକ ସମର୍ଥ କରି ରଖିବାଟାହିଁ ସେମାନଙ୍କ ଲାଗି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥାରେ ପରିଣତ ହୋଇଯାଇଛି, କାରଣ ତଦ୍ଦ୍ୱାରା ନାନା ଡିପ୍ଲୋମା, ପ୍ରମାଣପତ୍ର ଏବଂ ପଦବୀ ଲାଭକରି ସେମାନେ ଭଲ ଭଲ ସ୍ଥାନ ଅଧିକାର କରି ରହିପାରିବେ ଏବଂ ଗୁଡ଼ାଏ ପଇସା ଉପାର୍ଜନ କରିପାରିବେ ।

ଏହା ବ୍ୟତୀତ ସେମାନଙ୍କର ଅଧ୍ୟୟନ ପଛରେ ଆଉ କୌଣସି ଉଦ୍ଦେଶ୍ୟ ନାହିଁ, କୌଣସି ଆଗ୍ରହ ମଧ୍ୟ ନାହିଁ ।

ଜ୍ଞାନ ପାଇଁ ଜ୍ଞାନ ଅର୍ଜନ କରିବା, ପ୍ରକୃତି ତଥା ଜୀବନର ରହସ୍ୟ ଓ ସତ୍ୟଗୁଡ଼ିକ ସହିତ ପରିଚିତ ହେବା ପାଇଁ ଅଧ୍ୟୟନ କରିବା, ଚେତନାର କ୍ଷେତ୍ରରେ ଅଭିବୃଦ୍ଧି କରିବା ପାଇଁ ନିଜକୁ ଶିକ୍ଷିତ କରିବା, ଆପଣା ଉପରେ ପ୍ରଭୁତ୍ୱ ଅର୍ଜନ କରିବା ଲାଗି ଆପଣାର ଜୀବନକୁ ଶୃଙ୍ଖଳିତ କରିବା, ଆପଣାର ଦୁର୍ବଳତାଗୁଡ଼ିକୁ ଅତିକ୍ରମ କରିଯିବା, ଅସମର୍ଥତା ତଥା ଅଜ୍ଞାନକୁ

ଅତିକ୍ରମ କରିଯିବା, କୌଣସି ଏକ ଉଦାରତର ଏବଂ ବ୍ୟାପ୍ତତର, ପ୍ରଶସ୍ତତର ଏବଂ ଯଥାର୍ଥତର ଲକ୍ଷ୍ୟ ଦିଗରେ ଜୀବନର କ୍ଷେତ୍ରରେ ଅଗ୍ରସର ହୋଇପାରିବା ଲାଗି ଆପଣାକୁ ପ୍ରସ୍ତୁତ କରିବା,– ସେମାନେ ଏସବୁକଥା ବିଷୟରେ କ୍ୱଚିତ୍ ବିଚାର କରିଥା'ନ୍ତି ଏବଂ ଏସବୁକୁ କେବଳ ତୁଚ୍ଛ କଳ୍ପନା ବୋଲି ଭାବନ୍ତି । ସେମାନେ ବ୍ୟାବହାରିକ ହେବାକୁ, ଅର୍ଥାତ୍ ଅଧିକ ପଇସା କମାଇବା ସକାଶେ ନିଜକୁ ପ୍ରସ୍ତୁତ କରିବାକୁ ଓ ପାଠ ପଢ଼ିବାକୁହିଁ ଏକମାତ୍ର ସାରକଥା ବୋଲି ଗ୍ରହଣ କରିଥା'ନ୍ତି ।

ଯେଉଁ ପିଲାମାନେ ଏହି ରୋଗଟି ଦ୍ୱାରା ଆକ୍ରାନ୍ତ ହୋଇସାରିଛନ୍ତି, ଆଶ୍ରମର ଏହି ଶିକ୍ଷାକେନ୍ଦ୍ର ସେମାନଙ୍କ ଲାଗି କଦାପି ଉପଯୁକ୍ତ ସ୍ଥାନ ବୋଲି ମନେ ହେବ ନାହିଁ । ଏବଂ, ଏହି କଥାଟିକୁ ସେମାନଙ୍କ ଆଗରେ ଅତ୍ୟନ୍ତ ସ୍ପଷ୍ଟ କରିଦେବା ସକାଶେହିଁ ଆମେ ସେମାନଙ୍କୁ କୌଣସି ସ୍ୱୀକୃତିପ୍ରାପ୍ତ ପରୀକ୍ଷା ଅଥବା ପ୍ରତିଯୋଗିତା ଲାଗି ତିଆରି କରୁ ନାହୁଁ ବା ସେମାନଙ୍କୁ ଏପରି କୌଣସି ଡିପ୍ଲୋମା ବା ପଦବୀ ଦେଉ ନାହୁଁ, ଯାହାକୁ କି ସେମାନେ ବାହାର ପୃଥିବୀରେ କୌଣସି କାମରେ ଲଗାଇପାରିବେ ।

ଏକ ଉଚ୍ଚତର ଏବଂ ମହତ୍ତର ଜୀବନ ଲାଗି ଯେଉଁମାନଙ୍କ ଭିତରେ ଅଭୀପ୍ସା ରହିଛି, ଜ୍ଞାନ ଏବଂ ପରିପୂର୍ଣ୍ଣତା ଲାଗି ଯେଉଁମାନଙ୍କର ପିପାସା ଅଛି, ଅଧିକ ସମ୍ପୂର୍ଣ୍ଣ ଭାବରେ ସତ୍ୟ ଦ୍ୱାରା ଅନୁପ୍ରେରିତ ଏକ ଭବିଷ୍ୟ ଲାଗି ଯେଉଁମାନେ ପ୍ରତୀକ୍ଷା କରିଛନ୍ତି, ଆମର ଏଠାରେ ଆମେ କେବଳ ସେହିମାନଙ୍କୁ ଶିକ୍ଷା ଦେବାକୁ ଇଚ୍ଛା କରୁଛୁ ।

ଏମାନଙ୍କ ବ୍ୟତୀତ ଆଉ ଯେଉଁମାନେ ରହିଲେ, ସେମାନଙ୍କ ଲାଗି ପୃଥିବୀରେ କେତେ କେତେ ଜାଗା ରହିଛି ।

*୧୭ ଜୁଲାଇ, ୧୯୬୦*

(CWM 12 : 351-352)

---

*(ପୃଷ୍ଠା ୧୮ର ଅବଶିଷ୍ଟାଂଶ)*

ରହିଛି ଏବଂ ଆମେ ସେ କଥାଟିକୁ କଦାପି ଭୁଲିଯିବା ନାହିଁ । ତୁମେସବୁ ଯେଉଁ ଯଥାର୍ଥ କାରଣରୁ ଏଠାରେ ରହିଛ, ସେହି କଥାଟିକୁ ବୁଝିପାରିବା ଲାଗି ତୁମ ସମସ୍ତଙ୍କୁ ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ, ଆମେ ଏହି ଜଗତରେ ଭାଗବତ ସଂକଳ୍ପକୁ ପ୍ରକାଶ କରିବା ନିମିତ୍ତ ଆପଣାକୁ ଯଥାସମ୍ଭବ ଅଧିକ ସମର୍ଥ ଓ ସମ୍ପୂର୍ଣ୍ଣ ଗୋଟିଏ ଗୋଟିଏ ନିମିତ୍ତ ରୂପେ ତିଆରି କରିବା । ଏବଂ ନିମିତ୍ତଗୁଡ଼ିକୁ ପ୍ରକୃତରେ ପୂର୍ଣ୍ଣକ୍ଷମ କରି ଗଢ଼ିବାକୁ ହେଲେ ସେମାନଙ୍କର ଉପଯୁକ୍ତ କର୍ଷଣ ହେବା ଏକାନ୍ତ ଆବଶ୍ୟକ, ସେମାନେ ଉପଯୁକ୍ତଭାବେ ଶିକ୍ଷିତ ଓ ପ୍ରଶିକ୍ଷିତ ହୋଇପାରିବା ମଧ୍ୟ ଏକାନ୍ତ ଆବଶ୍ୟକ । ସେମାନଙ୍କୁ ଏକ ଅନାବାଦୀ ଭୂମି ପରି ପକାଇ ରଖିଲେ ବା ଆକାରହୀନ ଏକ ପଥର ପରି ପକାଇ ରଖିଲେ ମୋଟେ ଚଳିବ ନାହିଁ । ଯାବତୀୟ କଳାତ୍ମକ କୌଶଳକୁ କାମରେ ଲଗାଇ ଖଣ୍ଡେ ହୀରାକୁ କାଟିଲେହିଁ ସେହି ହୀରାର ପୂର୍ଣ୍ଣସୌନ୍ଦର୍ଯ୍ୟ ପ୍ରକଟିତ ହୋଇ ପାରିଥାଏ । ତୁମମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ୍ ସେଇ କଥା । ତୁମର ଶରୀର-ସତ୍ତା ଆଧ୍ୟାତ୍ମିକ ଚେତନାର ଅଭିବ୍ୟକ୍ତି ଲାଗି ଏକ ଯଥାର୍ଥ ସାଧନ ରୂପେ ବ୍ୟବହୃତ ହେଉ ବୋଲି ତୁମେମାନେ ଯଦି ପ୍ରକୃତରେ ଚାହୁଥାଅ, ତେବେ ତୁମମାନଙ୍କୁ ସେଇଟିର ଯଥାର୍ଥ କର୍ଷଣ କରିବାକୁ ପଡ଼ିବ, ତାହାକୁ ଧାରଯୁକ୍ତ ଓ ବିଶୋଧିତ କରିବାକୁ ପଡ଼ିବ, ତାହାର ଯାବତୀୟ ଅଭାବର ପୂରଣ କରିବାକୁ ପଡ଼ିବ; ତା' ପାଖରେ ଆଗରୁ ଯାହାକିଛି ମହଜୁତ ରହିଛି, ସେଗୁଡ଼ିକୁ ଯଥାର୍ଥରେ ସମ୍ପୂର୍ଣ୍ଣ କରି ବିକଶିତ କରି ଆଣିବାକୁ ହେବ । ହେ ମୋର ଶିଶୁମାନେ, ତୁମେ ସାନ ବା ବଡ଼ ହୋଇଥାଅ ପଛେ, ତୁମକୁ ବିଦ୍ୟାର୍ଜନ କରିବା ନିମିତ୍ତ ନିଜ ନିଜର ଶ୍ରେଣୀକୁ ଯିବାକୁ ହେବ, ଶିକ୍ଷା କରିବାକୁହିଁ ହେବ; କାରଣ ମନୁଷ୍ୟ ଯେକୌଣସି ବୟସରେ ଶିକ୍ଷା କରିପାରିବ ।

(CWM 12 : 72-73)

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ସୁରେନ୍ଦ୍ରନାଥଙ୍କ ବେଦ ବାକ୍ୟ :

''ନୂତନ ଜାତୀୟତା ବାଦ''ର ପ୍ରବର୍ତ୍ତକ ଭାବେ ବାବୁ ସୁରେନ୍ଦ୍ରନାଥଙ୍କର ଆବିର୍ଭାବ ଏପରି ଏକ ଉଲ୍ଲେଖଯୋଗ୍ୟ ଘଟଣା ଯାହା ନୂତନ ଉଦ୍ଦୀପନାର ପ୍ରସାରକୁ ପ୍ରତିପାଦିତ କରିଛି ସତ, କିନ୍ତୁ ଆମର ଭୟ, ତାହା ଆଉ ଅଧିକା କିଛି କରିବ ନାହିଁ। ବାବୁ ସୁରେନ୍ଦ୍ରନାଥଙ୍କୁ ଆମେ ଅଭିନନ୍ଦନ ଜଣାଉଛୁ ନୂଆ ଜାତୀୟତାବାଦରେ ତାଙ୍କର ଧର୍ମାନ୍ତର ପାଇଁ, କିନ୍ତୁ ନୂତନ ଜାତୀୟତାବାଦକୁ ତା'ର ଜଣେ ଧର୍ମାନ୍ତରିତଙ୍କୁ ନେଇ ଯେ ଅଭିନନ୍ଦନ ଜ୍ଞାପନ କରାଯାଇପାରିବ ଏ ସମ୍ପର୍କରେ ଆମେ ନିଶ୍ଚିତ ନୁହେଁ। ସବୁ ଦିଗରୁ ବିଚାର କଲେ ଜାତୀୟତାବାଦ ହେଲା ମୁଖ୍ୟତଃ ହୃଦୟର ଏକ ଆବେଗ ଏବଂ ଏକ ଆଧାତ୍ମିକ ଆଭିମୁଖ୍ୟ, ଆଉ କେବଳ ଗୌଣଭାବେ ଦେଖିଲେ ଏହା ଗୋଟିଏ ବୌଦ୍ଧିକ ପ୍ରତ୍ୟୟ। ଏହାର ବାସ୍ତବ ଭିତ୍ତି ରହିଛି ଗୋଟିଏ ରାଜନୈତିକ ଇଷ୍ଟଦେବୀ ଭାବରେ ଜାତୀୟ ମୁକ୍ତିର ପୂଜାର୍ଚ୍ଚନାରେ ଏବଂ ଯଦି ଖାଲି ସ୍ୱାଧୀନତାଟା ହାସଲ ହୋଇଯାଏ ତା'ହେଲେ ସବୁକଥା ବିଚାରକୁ ନେବା ପାଇଁ ତତ୍ପରତାଟିର ମହତି ବିନଷ୍ଟି ହୁଏ। ''ମୋର ନାମ ପଛେ ଉଡ଼ିଯାଉ'' ଚିତ୍କାର କରି ଉଠିଥିଲେ ଡାଣ୍ଟନ୍ (Danton), ''କିନ୍ତୁ ଫ୍ରାନ୍ସ ନିରାପଦରେ ଥାଉ''। ଯିଏ ପ୍ରକୃତ ଜାତୀୟବାଦୀ ସେ କହିବ, ''ମୋର ନାମ, ପ୍ରାଣ ସବୁକିଛି ପଛେ ଚାଲିଯାଉ, ମୋର ସବୁ କିଛି ପ୍ରିୟ ପଛେ ଧ୍ୱଂସ ପାଇଯାଉ, କିନ୍ତୁ ମୋ ଦେଶ ସ୍ୱାଧୀନ ହେଉ''। କିନ୍ତୁ ବାବୁ ସୁରେନ୍ଦ୍ରନାଥ ମୁକ୍ତି ପାଇଁ ତାଙ୍କ ଦୁନିଆଟା ପୂରାପୂରି ନଷ୍ଟ ହୋଇଯାଉ ବୋଲି ବିଚାର କରିବାକୁ ପ୍ରସ୍ତୁତ ନୁହନ୍ତି। ସେ ଚାହାନ୍ତି ଭଗବାନଙ୍କ ସାଥିରେ ମୂଲଚାଲ କରି ତାଙ୍କଠାରୁ ମୁକ୍ତିକୁ ସବୁଠୁ ଶସ୍ତା ହାଟରୁ, ସବୁଠୁ ଯେତେ ସମ୍ଭବ କମ୍ ଦରରେ କିଣିବାକୁ। ଏପର୍ଯ୍ୟନ୍ତ ସେ ସେଇମାନଙ୍କର ନେତା ହୋଇ ରହିଥିଲେ ଯେଉଁମାନେ ନିରାପଦ ଏବଂ ଆରାମଦାୟକ ଉପାୟ ବଳରେ ଏକ ଯୋଗ୍ୟ ମୁକ୍ତି ପାଇଁ ମନ ବଳାଇଥିଲେ। ସେ ବର୍ତ୍ତମାନ ଏକ କାମଚଳା ମୁକ୍ତି ସପକ୍ଷରେ ଅଛନ୍ତି; ଏବଂ ଯେହେତୁ ଅଖଣ୍ଡ ସ୍ୱାଧୀନତାର ପଥ ସମ୍ପୂର୍ଣ୍ଣ ରୂପେ ନିରାପଦ ଓ ଆରାମଦାୟକ ହୋଇପାରିବ ନାହିଁ, ତେଣୁ ସେ ଚେଷ୍ଟା କରୁଛନ୍ତି ଏହାକୁ ପାରୁପର୍ଯ୍ୟନ୍ତ ନିରାପଦ ଓ ଆରାମଦାୟକ କରିବା ପାଇଁ। ଏକଥା ସ୍ପଷ୍ଟ ହୋଇଯାଇଛି ଯେ ନୂତନ ଆଦର୍ଶରେ ସେ ଯେଉଁ ଦୀକ୍ଷାନ୍ତର ଗ୍ରହଣ କରିଛନ୍ତି ତାହା ଅଧାଅଧି ଦୀକ୍ଷାନ୍ତର। ଇଷ୍ଟଦେବୀଙ୍କୁ ସେ ସ୍ୱୀକାର କରିଛନ୍ତି ସତ କିନ୍ତୁ ତ୍ୟାଗ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। କୌଣସି ଗୋଟିଏ ନୂଆ ଧର୍ମ ପାଇଁ ଏହା ସର୍ବଦା ଏକ ବିପଦ ହୋଇ ରହିଯାଏ ଯେତେବେଳେ ପୁରାତନ ଧର୍ମର ଟାଣୁଆ ଅନୁଗାମୀମାନଙ୍କ ଭିତରୁ ଆସିଥିବା ନୂତନ ଦୀକ୍ଷାନ୍ତରିତମାନଙ୍କୁ ଗ୍ରହଣ କରାଯାଏ। ସେମାନେ ସମସ୍ତେ ସମ୍ଭବତଃ ସେମାନଙ୍କ ସାଥିରେ ସେଇ ଜରାଜୀର୍ଣ୍ଣ ମତାଦର୍ଶର ଚେତନାକୁ ବହନ କରି ଆଣି ଥାଆନ୍ତି ଆଉ ତତ୍‌ସହିତ ନୂତନ ସିଦ୍ଧାନ୍ତଗୁଡ଼ିକର ପବିତ୍ରତାକୁ ଭ୍ରଷ୍ଟ କରି ପକାନ୍ତି। ଯଦି ପୁରାତନ ବିଚାରଧାରାର ନେତୃବୃନ୍ଦ ନୂତନ ଜାତୀୟତାବାଦର ବାର୍ତ୍ତାବହ ହିସାବରେ ପରିଗଣିତ ହେବାକୁ ଚାହୁଁ ଥାଆନ୍ତି ସେମାନେ ଖାଲି ବୌଦ୍ଧିକ ସମ୍ମତି ନେଇ ଏହା ପାଖକୁ ଆସିଲେ ଚଳିବ ନାହିଁ, କିନ୍ତୁ ତା' ସହିତ ଏକ ନୂତନ ଏବଂ ପରିବର୍ତ୍ତିତ ହୃଦୟ ନେଇ ଆସିବାକୁ ପଡ଼ିବ – ଆତ୍ମୋତ୍ସର୍ଗ ନିମନ୍ତେ ସାହସ ଓ ଉତ୍ସାହ ଉଦ୍ଦୀପିତ ନୂତନ ଏକ ହୃଦୟ, ସ୍ୱାର୍ଥାନ୍ୱେଷୀ ଭୀରୁ ପୁରାତନ ହୃଦୟ ଏବଂ ଜାତୀୟ ପରାକ୍ରମ ପ୍ରତି ଅନାସ୍ଥା ପରିବର୍ତ୍ତେ।

ଗତ ଶୁକ୍ରବାର 'ବେଙ୍ଗଲୀ'ର ଏକ ଅଗ୍ରଲେଖାରେ ବିଶେଷ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ ପାଇଛି। ଅକୁଣ୍ଠିତ ସ୍ୱୀକୃତି ମିଳିଛି ସଙ୍ଗଠିତ ଜାତୀୟ ଶକ୍ତିର ଅସୀମ ସମ୍ଭାବନାଗୁଡ଼ିକୁ ନେଇ। ''ସେମାନେ ଯେ କ'ଣ କରିପାରନ୍ତି ତା'ର କିଛି ସୀମା ନାହିଁ। ସେମାନଙ୍କ ଆକାଙ୍କ୍ଷା ପ୍ରତି ଆମେ କିଛି ସୀମା ରଖିବୁ ନାହିଁ... । ଆମେ ଚାହୁଁଛୁ ଆମ ଦେଶ ତା' ନିଜସ୍ୱ ଧାରାରେ ମହୀୟାନ୍ ହୋଇଉଠିବା ପାଇଁ ଯେପରି ଅନ୍ୟ ସବୁ ଦେଶ ନିଜ ନିଜର ଧାରାରେ ମହୀୟାନ୍ ହୋଇଛନ୍ତି। ଆମେମାନେ ଏଭଳି କାର୍ଯ୍ୟ ପଦ୍ଧତି ଭିତର ଦେଇ ମାନବଜାତିର ସଂଘ ଭିତରେ ଆମ ଯଥାର୍ଥ ସ୍ଥାନ ହାସଲ କରିବା ପାଇଁ ସଂକଳ୍ପବଦ୍ଧ ହୋଇଛୁ ଯାହାର ଧର୍ମରେ ତିଳେମାତ୍ର ଅପଚୟର ପ୍ରଶ୍ନ ନାହିଁ ଆଉ ଯାହା ଆମ ନିକଟକୁ ଅତି ସତ୍ୱର ହୋଇ ଆସିବ ସେଇ ଲକ୍ଷ୍ୟର ସିଦ୍ଧି ଯେଉଁଥି ପାଇଁ ଦୃଢ଼ ପ୍ରତିଶ୍ରୁତି ମିଳି ସାରିଥିଲା ଆମକୁ''।

ମାନବଜାତିର ସଂଘ ହେଉଛି ସେଇସବୁ ଗୁଞ୍ଜରିତ ଉକ୍ତିଗୁଡ଼ିକ ମଧ୍ୟରୁ ଗୋଟିଏ ଯାହା ବାବୁ ସୁରେନ୍ଦ୍ରନାଥଙ୍କର ଭାରି ପ୍ରିୟ, ବାସ୍ତବତା ସହିତ ଯାହାର ସମ୍ପର୍କ କିଛି ନାହିଁ । ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତର ଯେ ଉପଯୁକ୍ତ ସ୍ଥାନ ରହିଛି ସଂଘୀୟ ବ୍ୟବସ୍ଥା ଭିତରେ ହେଉ ଅବା ବିନା ସଂଘରେ ହେଉ, ଏହା ଏମିତି ଏକ କଥା ଯାହା ତା' ସ୍ୱତନ୍ତ୍ରତା ଉପରେ ଏତେ ସାମାନ୍ୟତମ ପ୍ରତିବନ୍ଧକୁ ଆସିବାକୁ କେବେବି ଦେବନି । ଆଉ ପ୍ରୟୋଗ କରିବାକୁ ଥିବା କାର୍ଯ୍ୟପଦ୍ଧତିଗୁଡ଼ିକର ବ୍ୟାଖ୍ୟା ଭିତରେ ଅନ୍ତତଃ କୋର୍ଟ ପରିସର ବ୍ୟତୀତ କୌଣସି ଆବେଦନ କରିବାଟା ବାଦ୍ ପଡ଼ିଯାଇଛି । କାରଣ ଆବେଦନଟା ହେଉଛି ସ୍ୱଭାବତଃ ନିର୍ବିବାଦରେ ଏକ ସମ୍ପୂର୍ଣ୍ଣ ନିରର୍ଥକ କଥା ଏବଂ ଆମ ପାଖକୁ କେବେହେଲେ ଅତି ତୁରନ୍ତ, – କିଂବା ପ୍ରକୃତରେ ଦେଖିବାକୁ ଗଲେ ଆମ ପାଖକୁ ସେଇ ଅଙ୍ଗୀକାରବଦ୍ଧ ଲକ୍ଷ୍ୟର ସିଦ୍ଧିକୁ ଆଣି ଦେଇପାରିବ ନାହିଁ । ନେପଥ୍ୟରେ ଏହିପରି ଅନେକ କିଛି ରହିଛି । ''*ଆଧ୍ୟାତ୍ମିକ ଜୀବନରେ ସାଲିସର ପ୍ରଶ୍ନ କେଉଁଠି ଉଠୁଛି ?* ଏହିପରି ଏକ ପ୍ରଶ୍ନ ସମ୍ବନ୍ଧରେ ଆମକୁ କେହି କିଛି କହିବାର ଅଧିକାର ନାହିଁ ଯେ ଏତିକି ଦୂର ପର୍ଯ୍ୟନ୍ତ ତୁମେ ଯିବ ଆଉ ଅଧିକ ଦୂରକୁ ନୁହେଁ । ଜାତୀୟତାର ପ୍ରସାର ଓ ଆତ୍ମଜ୍ଞାନ ହେଲା ଏକ ପବିତ୍ର କାର୍ଯ୍ୟ ଯାହାକୁ ଆମେ କୌଣସି ତଳିଆ କିଂବା ଉପରିସ୍ଥ କର୍ମଚାରୀଙ୍କ ଆଦେଶରେ ଛାଡ଼ି ପାରିବୁ ନାହିଁ । ଏଇ ଆଦେଶପତ୍ର ଆସିଛି ଉପରବାଲା ପାଖରୁ କିନ୍ତୁ ମର୍ତ୍ତ୍ୟର କୌଣସି କର୍ତ୍ତୃପକ୍ଷଙ୍କର ଅଧିକାର ନାହିଁ ଏହାକୁ ଅକାମୀ କରିବାର ।'' ସବୁକଥା ଏଠାରେ ଗ୍ରହଣଯୋଗ୍ୟ ବା ପ୍ରଶଂସନୀୟ । ଏକଥା ସତ ଯେ ଲେଖକ ଜଣକ ପରବର୍ତ୍ତୀ କ୍ଷଣରେ କହିଛନ୍ତି, ''ଆମ ରାସ୍ତା ଯିଏ ଅବରୋଧ ନକରିବ ଆମେ ତା' ସହିତ କୌଣସି ଝଗଡ଼ା ଝାଟି କରିବୁ ନାହିଁ ।'' – ଏକ ପରିଷ୍କାର ଜଣାଶୁଣା କଥା, – ଓ ସେ ସରକାରଙ୍କୁ ବିଧିବଦ୍ଧ ଭାବେ ଅନୁରୋଧ କରିଛନ୍ତି ''ପଥରୋଧ ନ କରିବା ପାଇଁ'' – ଆଉ ଏକ ପୁରସ୍କାର ସ୍ୱରୂପ ପ୍ରତିଜ୍ଞା କରିଛନ୍ତି ''ଆନନ୍ଦଦାୟକ କିନ୍ତୁ ଅକୀର୍ତ୍ତିକର ନୁହଁ ଏଭଳି ରୂପାନ୍ତରର ଦିନ ଆଉ ବେଶୀ ଦୂରରେ ନାହିଁ ।'' କିନ୍ତୁ ପ୍ରଶାସନ ଜାଣେ, ଆହୁରି ଲେଖକଙ୍କୁ ମଧ୍ୟ ଜଣା ଯେ ସେଇ ରୂପାନ୍ତର ଗୋଟିଏ ଶ୍ରୁତିମଧୁର ଶବ୍ଦ ଏକ ଉନ୍ନତ ବିଶ୍ୱକୁ ବୁଝେଇ କହିବା ପାଇଁ, ଆଉ ଏହି ବିନୀତ ଅନୁରୋଧ ପ୍ରତି ପ୍ରଶାସନ ତିଳେ ହେଲେ କର୍ଣ୍ଣପାତ କରିବାର ସମ୍ଭାବନା ନାହିଁ । ଯାହା ହେଲେ ବି, ଅସଲ କଥାଟା ପଦାକୁ ବାହାରି ଆସିଛି, ବାବୁ ସୁରେନ୍ଦ୍ରନାଥ ଯେଉଁ ପନ୍ଥାଗୁଡ଼ିକ ବଳରେ ସ୍ୱାୟତ୍ତ ଶାସନକୁ ହାସଲ କରିବା ପାଇଁ ଘୋଷଣା କରିଛନ୍ତି ସେସବୁ ଆମକୁ *ସବୁଠୁ ଶୀଘ୍ର ସେଇ ପ୍ରତିଶ୍ରୁତିବଦ୍ଧ ଲକ୍ଷ୍ୟଟିକୁ ଆଣିଦେବ ଅନ୍ୟାନ୍ୟ ବସ୍ତୁ ଭିତରୁ ।*

ଦୁର୍ଭାଗ୍ୟବଶତଃ, ଲେଖାର ଅବଶିଷ୍ଟ ଭାଗ ସତର୍କତାର ସହିତ ପ୍ରଥମ ଅଧକର ଫଳାଫଳକୁ ଭଣ୍ଡୁର କରିବା ପାଇଁ ଲାଗି ପଡ଼ିଛି । ଏହି ପତ୍ରିକା ମାଧ୍ୟମରେ ଆମେ ଯେଉଁ ଦୃଷ୍ଟିଭଙ୍ଗୀ ଗ୍ରହଣ କରିଛୁ ତାକୁ ନେଇ ବିବାଦ ସୃଷ୍ଟି କରିବା ପାଇଁ ପ୍ରକୃତରେ ଏହା ଏକ ଉଦ୍ୟମ ମାତ୍ର । ଜାତୀୟ ମୁକ୍ତି ନିମନ୍ତେ ତୁରନ୍ତ ଗୋଟିଏ ଲଢ଼େଇ ଭିତରେ ପ୍ରବେଶ କରିବା ଏ ଜାତି ପକ୍ଷରେ ଯେ ନିହାତି ଅପରିହାର୍ଯ୍ୟ ଆଉ ସେଇ ମୁକ୍ତି ଯେ ଆମକୁ ଯେମିତି ହେଲେ ହାସଲ କରିବାକୁ ହେବ ଏଇ ଦୃଷ୍ଟିଭଙ୍ଗୀଟିକୁ ଆମେ ଗ୍ରହଣ କରିଛୁ; ଇତିହାସରୁ ଲବ୍ଧ ଶିକ୍ଷାଗୁଡ଼ିକ ଆଉ ସେଇ ଗୌରବୋଜ୍ଜ୍ୱଳ ଦୃଷ୍ଟାନ୍ତମାନ ଯେ ଆମକୁ ଏଇ ଲଢ଼େଇରେ ଅନୁପ୍ରାଣିତ କରିବ, ଆମକୁ ଦିଗ୍‌ଦର୍ଶନ ଦେବ କିପରି ଜାତିମାନେ ସବୁ, ଏପରିକି ଅଧଃପତିତ କ୍ରୀତଦାସ ହୋଇ ଓ ଭିତରେ ଭିତରେ ବିଚ୍ଛିନ୍ନ ରହି ସୁଦ୍ଧା ଖୁବ୍ ଶୀଘ୍ର ମୁକ୍ତି ଓ ଐକ୍ୟକୁ ହାସଲ କରି ନେଇଛନ୍ତି ଏହା ପ୍ରମାଣିତ ହୋଇଛି । ଏଇ ଲକ୍ଷ୍ୟ ସାଧନ ନିମିତ୍ତ ଆବଶ୍ୟକ ହେଉଛି ଜାତି ଭିତରେ ଏକ ପ୍ରଜ୍ଜ୍ୱଳିତ ଦୁର୍ଦମନୀୟ କଣ୍ଠସ୍ୱର, ସଭିଙ୍କର ସେଇ ଗୋଟିଏ ସଂକଳ୍ପକୁ ଜାଗ୍ରତ୍ କରିବା ପାଇଁ, ସ୍ୱାଧୀନ ହେବାପାଇଁ । 'ବେଙ୍ଗଲୀ' ଏଇ ସମସ୍ତ ଦୃଷ୍ଟିଭଙ୍ଗୀଗୁଡ଼ିକୁ ଅସ୍ୱୀକାର କରିଛି । ତା'ର ମତ ହେଲା, ଆମେ ମୁକ୍ତିକୁ ଯେମିତି ହେଲେ ହାସଲ କରିବୁ କିନ୍ତୁ ଏକ ଆଶୁ ସଂଘର୍ଷ ଦ୍ୱାରା ନୁହେଁ, ସେ ମୁକ୍ତି ଆସିବ ଏକ ସୁଦୀର୍ଘ ଯାତ୍ରାଜନିତ କ୍ଳାନ୍ତି ଭିତର ଦେଇ; ବିରାଟ ତ୍ୟାଗ ବଳରେ ନୁହେଁ କିନ୍ତୁ ଏକ ବଣ୍ୟ (Banya) ଉଦ୍ଦୀପନା ଭିତରେ ଆକ୍ରୋଶମୂଳକ ଭାବ ଦ୍ୱାରା, ସୀମିତ ଏବଂ ସାବଧାନତା ଅବଲମ୍ବନ ପୂର୍ବକ ସୁପରିକଳ୍ପିତଗୁଡ଼ିଏ ତ୍ୟାଗ ସ୍ୱୀକାର କରି । ଇତିହାସର ପକ୍କା ଦୃଷ୍ଟାନ୍ତଗୁଡ଼ିକ ଦ୍ୱାରା ନୁହେଁ, କିନ୍ତୁ ଆମେ ପରିଚାଳିତ ହେବା ଅନିଶ୍ଚିତ ଏବଂ ଦୁର୍ବୋଧ ଶବ୍ଦ ସଂଯୋଜନାର ବ୍ୟାପକତା ବଳରେ ''ଆମର ବର୍ଦ୍ଧିତ ଜ୍ଞାନ ଓ ପ୍ରଜ୍ଞା ବଳରେ, ବର୍ତ୍ତମାନ ଯୁଗକୁ ଚାହିଁ ଆମର ସଂପ୍ରସାରିତ ଶ୍ରଦ୍ଧା ଓ ଆଗ୍ରହ ବଳରେ'' । ଏକ ''ତାଲିମପ୍ରାପ୍ତ ବୁଦ୍ଧି'' ଦ୍ୱାରା ସ୍ୱାଧୀନ ହେବାର ଇଚ୍ଛାକୁ ଆମକୁ ଦମନ କରି ରଖିବାକୁ ହେବ ଯାହା ଆମକୁ

ଶିକ୍ଷା ଦିଏ ଯେ ଆମେ ଗୋଟିଏ ସମଧର୍ମୀ ଜାତି ନୋହୁଁ, ତେଣୁ ସହିଯିବା ନିଶ୍ଚୟ ଯାବତୀୟ ଭେଦାଭେଦକୁ ।

ବର୍ତ୍ତମାନ ଆମେ ଏତିକି ମାତ୍ର ସୂଚନା ଦେଇ ସନ୍ତୁଷ୍ଟ ରହିବା ଯେ ''ବେଙ୍ଗଲୀ'' ଆମକୁ ଯେଉଁ ଜବାବଟି ଦେଇଛି ତାହା ବାସ୍ତବଧର୍ମୀ କିଂବା ସ୍ୱୟଂ ସଂଗତିପୂର୍ଣ୍ଣ ନୁହେଁ । ମାନବ ପ୍ରକୃତି ଏବଂ ମାନବ ଅଭିଜ୍ଞତାରୁ ଲବ୍ଧ ବେଶ୍ ଜଣାଶୁଣା ତଥ୍ୟଗୁଡ଼ିକ ସମ୍ପର୍କରେ ଆମର ଦୃଷ୍ଟିଭଙ୍ଗୀକୁ ଆମେ ଉପସ୍ଥାପିତ କରିବା ପାଇଁ ଚେଷ୍ଟା କରିଛୁ କେତେକ ବିଶେଷ ବିତର୍କ ଓ ହୃଦୟଗ୍ରାହୀ ଯୁକ୍ତିର ଅବତାରଣା କରି । ଗୋଟିଏ ହେଲେ ନିର୍ଦ୍ଦିଷ୍ଟ ଯୁକ୍ତି ଉପସ୍ଥାପିତ ନକରି ସାର୍ବଜନିକ ଭାଷାରେ ଆମେ ଦେଇଥିବା ସିଦ୍ଧାନ୍ତଗୁଡ଼ିକୁ 'ବେଙ୍ଗଲୀ' ସିଧାସଳଖ ଅସ୍ୱୀକାର କରିଦେଇଛି । ଶେଷରେ ଆମେ ଏତିକି କହିପାରୁ ଯେ ଆମ ବନ୍ଧୁଙ୍କ ପାଖରେ ଉପସ୍ଥାପିତ କରିବା ପାଇଁ ସେମିତି କିଛି ଯୁକ୍ତି ନାହିଁ । ତାଙ୍କର ଗୋଳମାଳିଆ ଚିନ୍ତାଧାରାଗୁଡ଼ିକ ବିପଜ୍ଜନକ । ମୁକ୍ତିକୁ ହାସଲ କରିବା ନିମନ୍ତେ ଆମକୁ ଏପରି ଏକ ପନ୍ଥା ବାଛିବାକୁ ପଡ଼ିବ ଯାହା ଲକ୍ଷ୍ୟସ୍ଥଳରେ ନିହାତି ଶୀଘ୍ର ଆଣି ପହଞ୍ଚେଇ ଦେଇପାରିବ; କିନ୍ତୁ ତତ୍‌ସଙ୍ଗେ ଆମକୁ ଏକ ସୁଦୀର୍ଘ ଓ ପରିଶ୍ରାନ୍ତ ଯାତ୍ରା ନିମନ୍ତେ ଅଟଳ ରହିବାକୁ ହେବ । ''ଯେକୌଣସି ମୂଲ୍ୟ ବିନିମୟରେ'' ମୁକ୍ତି ପାଇବା ପାଇଁ ଆମକୁ ସଂକଳ୍ପବଦ୍ଧ ହେବାକୁ ପଡ଼ିବ; କିନ୍ତୁ ସେଇ ସଂକଳ୍ପକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆମେ ଆଗେଇବା ନାହିଁ; ନା, ବାସ୍ତବ ପକ୍ଷେ ଆମେ ଏହାକୁ ହାସଲ କରିବା ଯେକୌଣସି ମୂଲ୍ୟ ବିନିମୟରେ ନୁହେଁ କିନ୍ତୁ ଯେତେ ସମ୍ଭବ ସବୁଠୁ କମ୍ ମୂଲ୍ୟ ଦେଇ । ଜାତୀୟତାବାଦୀମାନେ ସେମାନଙ୍କ ଚିନ୍ତାଧାରାଗୁଡ଼ିକୁ ବାସ୍ତବ କ୍ଷେତ୍ରରେ ରୂପାୟିତ କରିବା ଦିଗରେ ନିଜକୁ ସୀମାବଦ୍ଧ କରି ରଖିବା ପାଇଁ ଏବଂ ସେମାନଙ୍କଠାରୁ ''ଯିଏ ଭିନ୍ନମତ ପୋଷଣ କରୁଛି ତା' ସହିତ କୌଣସି ପ୍ରକାର ଝଗଡ଼ାରୁ ନିବୃତ ରହିବାକୁ'' 'ବେଙ୍ଗଲୀ' ଆଉ ଥରେ କହିବା ପୂର୍ବରୁ ଆମେ ତାକୁ ସତରେ କହିବାକୁ ହେବ ଯେ ସେ ତା'ର ଚିନ୍ତାଧାରାଗୁଡ଼ିକରେ ଥିବା ଏଇ ଅଡୁଆ ଖିଅଟିକୁ ଖୋଲିଦେଉ । ବିବାଦ ଭିତରକୁ ଠେଲି ହୋଇ ନଯିବାଟା, ଅନ୍ୟ ଉକ୍ତିରେ କହିଲେ ତା'ର ବୌଦ୍ଧିକ ଦୃଷ୍ଟିଭଙ୍ଗୀରେ ଏବଂ ତା'ର ପନ୍ଥାଗୁଡ଼ିକରେ ଆଞ୍ଚ ଆସିବା ଦେଖିଥିଲେ ସେ ଯେଉଁ ବିରକ୍ତିଭାବ ପ୍ରକାଶ କରିଥା'ନ୍ତା ତହିଁରୁ ନିସ୍ତାର ପାଇଯିବାଟା, ନିଶ୍ଚୟ ତାକୁ ଆନନ୍ଦ ଦେବ । ଯେତେଦୂର ସମ୍ଭବ ଜାତୀୟତାବାଦ ଯେଉଁଠି ଯେଉଁଠି ସୁଦୃଢ଼ ହୋଇଛି ସେଠି ଆମର ଚିନ୍ତାଧାରାଗୁଡ଼ିକ କାର୍ଯ୍ୟତଃ ଉପଲବ୍ଧ ହେଉଛି; କିନ୍ତୁ ସେସବୁର ସମ୍ପୂର୍ଣ୍ଣ କାର୍ଯ୍ୟକାରୀତା ପାଇଁ ସମଗ୍ର ଜାତିର ସମର୍ଥନ ପଛରେ ରହିବା ଦରକାର ଏବଂ ତା'ହେଲେ ଆମର ପ୍ରଥମ କର୍ତ୍ତବ୍ୟ ହେଲା ନକଲି ଜାତୀୟତାବାଦକୁ ତା'ର ସକଳ କର୍ମଧାରା ଭିତରେ ଧରା ପକେଇ ଦେଇ ଜାତିକୁ ଅବଗତ କରିବା ।

ଏହାପରେ ଆମେ ଗୋଟି ଗୋଟି କରି 'ବେଙ୍ଗଲୀ'ର ଦୃଷ୍ଟିଭଙ୍ଗୀଗୁଡ଼ିକ ଆଲୋଚନା କରିବା । ଇତ୍ୟବସରରେ ବାବୁ ସୁରେନ୍ଦ୍ରନାଥ ବାନାର୍ଜୀଙ୍କ ନିକଟରେ ଗୋଟିଏ ପରାମର୍ଶ ଆଗତ କରିବା ପାଇଁ ଆମେ ଅନୁମତି ଚାହୁଁଛୁ । ଏଇ ଅଭିଜ୍ଞ ନେତାଙ୍କୁ ଏକ ସୁବିଧାବାଦୀ ବୋଲି ଘୋଷଣା କରାଯାଇଛି, ତାଙ୍କ କହିବା ଅନୁଯାୟୀ, ସେ ନୀତିନିୟମ ଅପେକ୍ଷା ସମୟୋପଯୋଗିତାରେ ବିଶ୍ୱାସ କରନ୍ତି । ଜାତିର ନେତୃତ୍ୱ ସେ ନେବାକୁ ଚାହାନ୍ତି ଉପଦେଶ ଦ୍ୱାରା ନୁହଁ କିନ୍ତୁ ତା'ର ମତିଗତି ଦେଖି ଏବଂ ସେ ମତିଗତିର ସଦୁପଯୋଗ କରି । ସାବାସ୍, ବେଶ୍ ଭଲ; କିନ୍ତୁ ଜଣେ ସୁବିଧାବାଦୀ ନେତା ହେବା ସତ୍ତ୍ୱେ ଜନମତ ସହିତ ନିଶ୍ଚୟ ତାଳ ଦେବା କଥା, ଯଦି ତା' ପାଦ ଆଗକୁ ଅଧପାହୁଣ୍ଡେ ଅଗ୍ରସର ହେଉ ନଥାଏ; ଲମ୍ଫ ପ୍ରଦାନ କରିବା ପୂର୍ବରୁ ତା'ର ଜାଣିବା ଉଚିତ ଯେ ସେ କେଉଁ ଦିଗକୁ ଲମ୍ଫ ଦେବାକୁ ଯାଉଛି ଏବଂ କିଛି ପାହୁଣ୍ଡ ପଛରେ ପଡ଼ି ଅନୁସରଣ କଲେ ଚଳିବ ନାହିଁ । ଜାତି ଆଗକୁ ଆଗକୁ ମାଡ଼ିଚାଲିଛି କ୍ଷିପ୍ରତା ସହକାରେ; ବାବୁ ସୁରେନ୍ଦ୍ରନାଥ ବୃଥାଟାରେ ଧଇଁସଇଁ ହୋଇ ପଡୁଛନ୍ତି ଏହା ପଛରେ । ଏଇଭଳି ସଂଶୟସଂକୁଳିତ ହୋଇ ଆନୁଷ୍ଠାନିକ ଘୋଷଣା କରି ଚାଲିଲେ ଜାତିର ନେତୃତ୍ୱକୁ ସେ ଧରି ରଖିପାରିବେ ନାହିଁ । କ୍ରାନ୍ତିକାରୀ ଯୁଗ ଇଏ ଆଉ କ୍ରାନ୍ତିକାରୀ ସମୟ ଚାହେଁ ଏପରି ମଣିଷ ଯେଉଁମାନେ ଆପଣାର ମାନସିକତାକୁ ଜାଣିଛନ୍ତି ଏବଂ ବଦ୍ଧପରିକର ହୋଇଛନ୍ତି ଏହାକୁ ଜାତିର ମାନସରେ ପରିଣତ କରିବା ପାଇଁ ।

[ବନ୍ଦେ ମାତରମ୍, ଏପ୍ରିଲ ୨୨, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ

# ବ୍ରହ୍ମଚର୍ଯ୍ୟ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ବ୍ରହ୍ମଚର୍ଯ୍ୟର ଅର୍ଥ ହେଲା ଶରୀରରେ ଶକ୍ତି ସଂରକ୍ଷଣ କରିବା ଓ ସେହି ଶକ୍ତି ସାହାଯ୍ୟରେ ଶରୀରକୁ ଶୋଧିତ କରି ଆଦର୍ଶରେ ରୂପାନ୍ତରିତ କରିବା । ଯେଉଁ ଶକ୍ତି କଥା କୁହାଯାଉଛି ତାହା ଜଡ଼ଭିତ୍ତିକ ପ୍ରାଣ ଶକ୍ତି, ଯେଉଁ ପ୍ରାଣସତ୍ତାର ଶକ୍ତି ସ୍ଥୂଳ ଶରୀର ମଧ୍ୟରେ ଅଦୃଶ୍ୟଭାବେ ରହିଥାଏ । ବ୍ରହ୍ମଚର୍ଯ୍ୟ କହିଲେ କେତେକ ନିୟମ ଓ ବିଧିବିଧାନକୁ ଦୃଢ଼ଭାବେ ପାଳନ କରିବାକୁ ବୁଝାଉଥିଲା । ସେହି ନିୟମ ଇତ୍ୟାଦିର ପରିସର ମଧ୍ୟରେ କଠିନ ଶୃଙ୍ଖଳା ଅନ୍ତର୍ଭୁକ୍ତ ଥିଲା ।

ପ୍ରାଚୀନ ଭାରତରେ ବ୍ରହ୍ମଚର୍ଯ୍ୟ ଶିକ୍ଷାର ମୂଳଭିତ୍ତି ଥିଲା । ବାସ୍ତବରେ ଏହା ଯଥାର୍ଥରେ ମୌଳିକ ଶିକ୍ଷା ଥିଲା ଯାହା ଉପରେ ଭାରତୀୟ ସଂସ୍କୃତି, ଭାରତୀୟ ସଭ୍ୟତା, ଭାରତୀୟ ଜୀବନ ଆଧାରିତ ଥିଲା ଓ ଗଢ଼ି ଉଠିଥିଲା । ଏହା ବ୍ୟତିରେକେ କର୍ମମୟ ଜୀବନ ମଧ୍ୟକୁ ପ୍ରବେଶ ନିଷିଦ୍ଧ ଥିଲା ।

ଆଧୁନିକ ଶିକ୍ଷାର ଅର୍ଥ ହେଲା ବିଭିନ୍ନ ବିଷୟ ସମ୍ପର୍କୀୟ ଜ୍ଞାନ ଓ ବିବରଣୀକୁ ସଂଗ୍ରହ କରି ରଖିବା – ଯେତେ ପ୍ରକାର ବିଷୟ ଓ ଯେତେ ଅଧିକ ଜ୍ଞାନ ବ୍ୟକ୍ତିର ମସ୍ତିଷ୍କରେ ଧରିପାରେ । କିନ୍ତୁ ପୁରାତନ ଆଦର୍ଶରେ ସେପରି ଜ୍ଞାନ ସଂରକ୍ଷଣର ବ୍ୟବସ୍ଥା ନଥିଲା, ତାହା ସାମର୍ଥ୍ୟକୁ ବୁଝାଉଥିଲା – ପ୍ରଥମେ ସାଧାରଣ ଅର୍ଥରେ ସାମର୍ଥ୍ୟ ଓ ପରେ ପ୍ରୟୋଗରେ ଜ୍ଞାନର ସାମର୍ଥ୍ୟକୁ ବୁଝାଉଥିଲା । ଶକ୍ତିକୁ ଠାବ କରିବା ଥିଲା ଅସଲ ସମସ୍ୟା ଅର୍ଥାତ୍ ଶକ୍ତିର ମୂଳ ଉତ୍ସ କେଉଁଠି ତାହାକୁ ନିର୍ଣ୍ଣୟ କରିବା ଓ ପରେ ତାହା ଉପରେ ପ୍ରଭୁତ୍ୱ ସ୍ଥାପନ କରିବା, ତାହାର ବୃଦ୍ଧିସାଧନ କରିବା ଓ ତାହାକୁ ଉପଯୁକ୍ତଭାବେ ବ୍ୟବହାର କରିବା । ଶରୀରରେ ପ୍ରତିଷ୍ଠିତ ପ୍ରାଣ ଶକ୍ତି (Physico-vital energy) ସବୁଠାରୁ ମୌଳିକ ଶକ୍ତି ଯାହାକି ଆମର ଖୁବ୍ ନିକଟରେ ଅଛି ଓ ସୁବିଧାରେ ମିଳିପାରିବ । ଏହା ହେଉଛି ମୌଳିକ ଶକ୍ତି; ବ୍ୟକ୍ତି ତାକୁ ନେଇ ତା'ର ଜୀବନ ଆରମ୍ଭ କରେ । ଶିଶୁଠାରେ ଏହି ଶକ୍ତି ପ୍ରଚୁର ପରିମାଣରେ ଥାଏ । ପ୍ରଥମ ସମସ୍ୟା ହେଲା ଏହାକୁ କିପରି ସଞ୍ଚୟ କରି ରଖିବା; ସ୍ୱାଭାବିକ ଭାବେ ଏହା ଏଣେତେଣେ ବିଛାଡ଼ି ହୋଇଯାଏ ଅଥବା ନଷ୍ଟ ହୁଏ । ବାଲ୍ୟକାଳର ପ୍ରସ୍ତୁତି ଅବସ୍ଥାରେ ଶୃଙ୍ଖଳାର ପ୍ରଥମ ଧାରା ହେଲା ଅଭ୍ୟାସର ନିୟମାନୁବର୍ତ୍ତିତା ଓ ଯଥାରୀତି ଶାରୀରିକ ବ୍ୟାୟାମ; ଏପରିକି ଏକ ନିର୍ଦ୍ଦିଷ୍ଟ ଧାରା ଅନେକ ସମୟରେ ଖୁବ୍ ସାହାଯ୍ୟ କରେ । ତା'ପରର କଥା ହେଲା ଆତ୍ମ-ସଂଯମ, ଜିତେନ୍ଦ୍ରିୟତା ଓ ଶାରୀରିକ ପବିତ୍ରତା । ଏହା ହେଲା ମୂଳ ବ୍ରହ୍ମଚର୍ଯ୍ୟ । ଯାହାର ଅର୍ଥ ହେଲା ସଚେତନ ଇଚ୍ଛାଶକ୍ତିର ପ୍ରୟୋଗ ।

ଗୋଟିଏ ଛୋଟ ପିଲା ପ୍ରସଙ୍ଗରେ ଆମେ ବ୍ରହ୍ମଚର୍ଯ୍ୟ କଥା କହୁ ନାହୁଁ । ଯେତେବେଳେ ଶରୀର ଓ ଚେତନାର କିଛି ପରିମାଣରେ ଅଭିବୃଦ୍ଧି ଓ ଅଗ୍ରଗତି ହୋଇଯାଏ ସେତେବେଳେ ଏହି ଶୃଙ୍ଖଳାକୁ ଗ୍ରହଣ କରାଯାଇ ପାରିବ । ଗୋଟିଏ ଶିଶୁର ଅଗ୍ରଗତି ହୁଏ ତା'ର ଜୀବନର ବିଭିନ୍ନ ଗତିବୃତ୍ତିସବୁର ପୂର୍ଣ୍ଣ ରୂପେ ମୁକ୍ତ ବ୍ୟବହାର ଦ୍ୱାରା; ଅନ୍ୟମାନଙ୍କର ଯତ୍ନ ଓ ଦୃଷ୍ଟି ଯେତେଦୂର ସମ୍ଭବ ନରମ ଓ ହାଲୁକା ହେବା ଉଚିତ, ଯାହା ଦ୍ୱାରା କି ଏକ ଆନନ୍ଦଦାୟକ ପ୍ରଭାବ ଓ ରକ୍ଷାକାରୀ ବାୟୁମଣ୍ଡଳ ସୃଷ୍ଟି ହୋଇ ପାରିବ । ଭାରତୀୟ ସମାଜରେ ମୁକ୍ତ କ୍ରୀଡ଼ା (ଲୀଳା)ର ଅବସ୍ଥା ମଧ୍ୟରୁ ସଚେତନ ସଂଯମ ଅବସ୍ଥାକୁ ଯିବାର ସମୟ ଉପନୟନ ଅନୁଷ୍ଠାନ ଦ୍ୱାରା ସୂଚିତ ହୁଏ ଯାହାକି ପ୍ରଥମ ପଦକ୍ଷେପ ଅଥବା ଦୀକ୍ଷା : ଏହା ବ୍ରହ୍ମଚର୍ଯ୍ୟ ଜୀବନର ଆରମ୍ଭ ।

ଏକଥା ବୁଝିବାକୁ ହେବ ଯେ ଏହିପରି ଶୃଙ୍ଖଳା କେବଳ ଯେଉଁମାନେ ଧାର୍ମିକ ଅଥବା ଆଧ୍ୟାତ୍ମିକ ଜୀବନଯାପନ କରିବାକୁ ଚାହାନ୍ତି ତାଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ସମସ୍ତଙ୍କ ପାଇଁ । ବ୍ରହ୍ମଚର୍ଯ୍ୟ ହେଉଛି ପ୍ରଥମ ଜୀବନଧାରା ଯାହା ସାହାଯ୍ୟରେ ବ୍ୟକ୍ତି ତା'ର ଜୀବନକୁ ସଙ୍ଗଠନ କରିବାକୁ ଆରମ୍ଭ କରେ; ଏହି ସ୍ତର ମଧ୍ୟ ଦେଇ ଅନ୍ୟ ସ୍ତରସବୁ ଆଡ଼କୁ ଅଧିକରୁ ଅଧିକ ପୂର୍ଣ୍ଣତା ପାଇଁ ଅଗ୍ରସର ହୁଏ । ଏହି ସ୍ତର ଏକ ଭିତ୍ତିଭାବେ କାର୍ଯ୍ୟ କରେ, ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ କରେ – ଯାହା ଉପରେ ନିରାପଦରେ ଜୀବନକୁ ଗଢ଼ା ଯାଇପାରେ ଓ ତା'ର ଅଭିବୃଦ୍ଧି ସାଧନ କରି ତାକୁ ରକ୍ଷା କରାଯାଇପାରେ । ଏହା ସାମର୍ଥ୍ୟ ବା ବଳର ଗୋପନ ଭଣ୍ଡାର, ଶୁଦ୍ଧ ଶକ୍ତି ଯାହାକି ଜୀବନକୁ ପ୍ରାଣବନ୍ତ କରେ, ଜୀବନର ମୂଲ୍ୟ ବୃଦ୍ଧି କରେ ଓ ଯାହାକୁ ବଞ୍ଚିବାର ଉପଯୁକ୍ତ କରି ଗଢ଼ି ତୋଳେ ତାହାର ଉତ୍ସ ।

ଆତ୍ମସଂଯମ, ନିୟମିତ ଅଭ୍ୟାସ ଓ ଆତ୍ମ-ଶୃଙ୍ଖଳା ଦ୍ୱାରା ବ୍ୟକ୍ତି ଯେଉଁ ଶକ୍ତି ସଂଚୟ କରେ ସେହି ଧାରାରେ ତାହାର ମଧ୍ୟ ବୃଦ୍ଧି ହୁଏ । ବେଳେ ବେଳେ କେତେକ ବିଶେଷ ପ୍ରଣାଳୀ ଅଥବା କ୍ରିୟା ମଧ୍ୟ ଗ୍ରହଣ କରାଯାଏ ଯାହାକି ବ୍ରହ୍ମଚର୍ଯ୍ୟ ବୃଦ୍ଧିରେ ସାହାଯ୍ୟ କରେ, ଉଦାହରଣସ୍ୱରୂପ ଆସନ ଓ ପ୍ରାଣାୟାମ । କିନ୍ତୁ ଏଥିପାଇଁ ଏକ ଆନ୍ତର ଓ ଅଧିକ ମନସ୍ତାତ୍ତ୍ୱିକ ବ୍ୟବସ୍ଥା ଆବଶ୍ୟକ, ଅନ୍ୟ କଥାରେ – ଇଚ୍ଛା ଶକ୍ତି ଓ ଚେତନାର ଏକାଗ୍ରତା ଯାହାକି ଏକ ପ୍ରକାର ଧ୍ୟାନ । ଯାହା ଫଳରେ ଶୃଙ୍ଖଳାର ପରବର୍ତ୍ତୀ ସ୍ତରକୁ ଗ୍ରହଣ କରିବା ପାଇଁ ବ୍ୟକ୍ତି ସକ୍ଷମ ହୁଏ । କାରଣ ଶକ୍ତିର ସଂରକ୍ଷଣ ଓ ବୃଦ୍ଧି ସାଧନ ପରେ ଆସେ ଶକ୍ତିର ଶୋଧନ ଓ ଯଥାର୍ଥ ଉନ୍ନୟନ । ଶରୀରଗତ ପ୍ରାଣଶକ୍ତି ମାନସିକ ଶକ୍ତିରେ ରୂପାନ୍ତରିତ ହୁଏ ଯାହାକି ମେଧା । ଉନ୍ନୟନର ଅର୍ଥ ମଧ୍ୟ ମସ୍ତିଷ୍କଶକ୍ତିର ଅଭିବୃଦ୍ଧି – ଏହାର କ୍ଷମତାର ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି । ପୂର୍ବରୁ ଯେଉଁ ବିବରଣୀ ଓ ଜ୍ଞାନ ସଂଗ୍ରହ କରିବା କଥା କୁହାଯାଇଛି ଏହାର ତାହା ସହିତ କୌଣସି ସମ୍ପର୍କ ନାହିଁ । ଏ କ୍ଷେତ୍ରରେ ମନର ଅଗ୍ରଗତି ହେଉଛି ଅନ୍ତରତମ ପ୍ରଦେଶରୁ ତାହାର ସାର ସତ୍ତାର ଅଗ୍ରଗତି ଯାହାକି ବୁଦ୍ଧିର ସ୍ୱାଭାବିକ ଶକ୍ତି । ତାହାକୁ ଜ୍ଞାନର ଯେକୌଣସି ବିଭାଗରେ ସମାନ ଆନନ୍ଦ ଓ ସଫଳତାର ସହିତ ପ୍ରୟୋଗ କରାଯାଇପାରେ ।

ପୁରାତନ ପ୍ରଣାଳୀ ଅନୁଯାୟୀ ଶିକ୍ଷାର ପ୍ରଧାନ ଉପାଦାନ ଓ ଆଶୁ ଲକ୍ଷ୍ୟ ଥିଲା ଏହି ମୌଳିକ ମାନସିକ ଶକ୍ତିର ଅଭିବୃଦ୍ଧି ସାଧନ : ମସ୍ତିଷ୍କ ଶକ୍ତି ଯାହାକି ସ୍ପଷ୍ଟଭାବେ, ଦୃଢ଼ଭାବେ ଓ ଗଭୀରଭାବେ ଚିନ୍ତା କରିପାରେ, ଖୁବ୍ ଶୀଘ୍ର ହାଲିଆ ନହୋଇ ପରିଶ୍ରମ କରିପାରେ ଓ ଯାହାକି ସ୍ନାୟୁସବୁର ସାଧାରଣ ଶକ୍ତି ଓ ସ୍ଥିରତା ରକ୍ଷା କରେ । ଉନ୍ନୟନ ବା ଶୋଧନ (sublimation) ଧାରାର ଅନ୍ୟ ଏକ ଗୁପ୍ତ ରହସ୍ୟ ହେଲା ସ୍ନାୟବିକ ଶକ୍ତିର ମାନସିକ ଶକ୍ତି ମଧ୍ୟକୁ ଉନ୍ନୟନ । ଆଧୁନିକ କାଳରେ ପ୍ରଧାନତଃ ଶିକ୍ଷାର ଏହି ଦିଗଟିକୁ ଅଧିକ ଅବହେଳା କରାଯାଇଛି ।

ଆମେ ଏହି ମୌଳିକ ଉନ୍ନୟନ ବିଷୟରେ ଆଦୌ ଚିନ୍ତା କରି ନାହୁଁ : ମସ୍ତିଷ୍କ ତା' ବାଟରେ ଅଗ୍ରଗତି କରିବାକୁ ବା ନକରିବାକୁ ଆମେ ତାକୁ ଛାଡ଼ି ଦେଇଛୁ, ଅଧୁନା ବାଧ୍ୟବାଧକତା ଦ୍ୱାରା ତାକୁ ଅଗ୍ରଗତି କରିବାକୁ ବ୍ୟବସ୍ଥା କରାଯାଉଛି – ଗୁଡ଼ାଏ ବିଷୟ ତାହା ମଧ୍ୟକୁ ଜୋର୍ କରି ପୂରାଇ ତା'ର ଆକାରକୁ ବଢ଼ାଯାଉଛି କିନ୍ତୁ ଯଥାର୍ଥରେ ଅଗ୍ରଗତି ହେଉ ନାହିଁ । ଫଳରେ ବେଶୀ ହେଲେ ତାହା ଖୁବ୍ ତୀକ୍ଷ୍ଣ ହେଉଛି, ଅଗଭୀରଭାବେ ବା ଉପରଠାଉରିଆ ଭାବେ ପ୍ରଖର ହେଉଛି ଅଥବା କୌଣସି ଗୋଟିଏ ଅଂଶରେ ଅତି ସଂକୀର୍ଣ୍ଣ ଓ ଏକ ବିଶିଷ୍ଟ କାର୍ଯ୍ୟ ଦୃଷ୍ଟିରୁ ଅଧିକ ଅଗ୍ରଗତି କରୁଛି ଯାହା ଫଳରେ ସମଗ୍ର ଗତିବୃତ୍ତିରେ ଏକ ସୁସ୍ଥ ସମତା ଓ ସମଭାବ କ୍ରମେ ହ୍ରାସ ପାଉଛି । ଆମମାନଙ୍କ ମଧ୍ୟରେ ବୁଦ୍ଧିଜୀବୀମାନଙ୍କର ସ୍ନାୟବିକ ଅସ୍ଥିରତାର ଲକ୍ଷଣ ଅତି ସାଧାରଣ ହୋଇ ଗଲାଣି ।

ଯାହାହେଉ ଏବେ ଆମେ ପିଲାମାନଙ୍କ ଶିକ୍ଷାକୁ ଅନ୍ୟ ଦୃଷ୍ଟିରୁ ବିଚାର କରିବାକୁ ଆରମ୍ଭ କରିଛୁ । ଏକଥା ଅଧିକରୁ ଅଧିକ ବୁଝାଗଲାଣି ଯେ ବାହାରୁ ସବୁକିଛିକୁ ପିଲା ମଧ୍ୟକୁ କେବଳ ପୂରାଇବା ଠିକ୍ ନୁହେଁ । ସେ ଯେପରି ସ୍ୱାଭାବିକଭାବେ ଅଗ୍ରଗତି କରେ ଓ ଗ୍ରହଣ କରେ ସେଥିପାଇଁ ତାକୁ ସୁଯୋଗ ଦେବାକୁ ହେବ । ଶିକ୍ଷକ କେବଳ ଜଣେ ସାଥୀ ଓ ଜଣେ ପଥ ପ୍ରଦର୍ଶକ : ତାଙ୍କର କର୍ତ୍ତବ୍ୟ ହେଲା ଶିଶୁକୁ ତା'ର ନିଜର ପ୍ରବୃତ୍ତି ଅନୁସାରେ ଗତି କରିବାକୁ, ତା'ର ନିଜର କୌତୂହଳର ଧାରାକୁ ଗ୍ରହଣ କରିବାକୁ ସୁଯୋଗ ଦେବା; ସେ ଭିନ୍ନ ଓ ନୂତନ ଦୃଷ୍ଟିକୋଣର ସୂଚନା ଦେଇ ପାରନ୍ତି, ଶିଶୁ ମଧ୍ୟରେ ନୂତନ ଆଗ୍ରହ ସୃଷ୍ଟି କରିବାକୁ ଚେଷ୍ଟା କରି ପାରନ୍ତି । ତାଙ୍କ ନିଜ ଆତ୍ମ ସହାନୁଭୂତି ଓ ଉତ୍ସାହ ଦେଇ ଶିଶୁର ସ୍ୱାଧୀନ ଓ ମୁକ୍ତ ଅଗ୍ରଗତିର ସୁଯୋଗ ଆଣି ଦେବା – ଏହା ହେଲା ଆଦର୍ଶ ଶିକ୍ଷକଙ୍କ ପାଇଁ ଯଥାର୍ଥ ନୀତିବାକ୍ୟ ଓ ସୂତ୍ର ।

ଶିକ୍ଷା ସମସ୍ୟାକୁ ଭୁଲ୍ ବାଟରେ ପରିଚାଳନା କରିବାରେ ଆମେ ଯେପରିଭାବେ ଏବେ ଅଭ୍ୟସ୍ତ ହୋଇଛୁ ଏହି ନୂତନ ପଦକ୍ଷେପ ଅନେକ ପରିମାଣରେ ତାହାକୁ ସୁଧାରି ପାରିଛି । ତଥାପି ଏହି ନୂତନ ପରିବର୍ତ୍ତନ ଯଥେଷ୍ଟ ନୁହେଁ । ସ୍ୱାଧୀନତା ଓ ସ୍ୱତନ୍ତ୍ରତା ସାଙ୍ଗକୁ ଶୃଙ୍ଖଳା ଓ ନିର୍ଦ୍ଦିଷ୍ଟ କ୍ରମ (order) ରହିବା ଉଚିତ । ତାହା ମଧ୍ୟ ପୁରାତନ ଧାରାରେ ନହୋଇ ନୂତନ ପଦ୍ଧତି ଅନୁସାରେ ହେବା କଥା । ନିଜେ ଶୃଙ୍ଖଳିତ ହେବା ଓ ନିଜେ ପ୍ରଥମେ ନିର୍ଦ୍ଦିଷ୍ଟ କ୍ରମ ବା ପଦ୍ଧତି ଅବଲମ୍ବନ କରିବା ଏତିକି କେବଳ କଥାରେ କହିଦେଲେ ଚଳିବ ନାହିଁ କିନ୍ତୁ ପ୍ରଶ୍ନ ହେଲା ଆମେ ତାହାକୁ କିପରିଭାବେ କାର୍ଯ୍ୟକାରୀ କରିବା ? ପୁରାକାଳରେ ଏକ ସାଧନାର ଜୀବନଯାପନ କରିବାରେ ଏହା ସମ୍ଭବ ହେଉଥିଲା, ତାହା ଜଣେ ଛାତ୍ର ଭାବରେ କେବଳ ସ୍କୁଲକୁ ଯାଇ ପାଠ ପଢ଼ିବାରେ ହେଉ ନଥିଲା – କିନ୍ତୁ ଶିକ୍ଷକଙ୍କ ସହିତ

ରହିବାରେ, ତାଙ୍କର ଉପସ୍ଥିତି ଓ ତାଙ୍କର ପରିବେଶ ମଧ୍ୟରେ ରହିବାରେ ସମ୍ଭବ ହେଉଥିଲା : ଶିକ୍ଷକ ମଧ୍ୟ ଗୋଟିଏ ଯନ୍ତ୍ରଭାବରେ କେବଳ ଉପଦେଶ ଦେଉ ନଥିଲେ, କିନ୍ତୁ ସେ ଥିଲେ ଜଣେ ବ୍ୟକ୍ତି ଯେ କି ନିଜେ ଭଲ ପାଉଥିଲେ ଓ ତାଙ୍କୁ ଯେ କେହି ବ୍ୟକ୍ତି ଭଲ ପାଉଥିଲେ । ଏହିପରି ଭାବେ ସେ ଜଣେ ଆଦର୍ଶର ପ୍ରତିମୂର୍ତ୍ତି ଥିଲେ ।

ବର୍ତ୍ତମାନ ସମୟରେ ଛାତ୍ର ଓ ସାଧକ ମଧ୍ୟରେ ଏହିପରି ହତଭାଗ୍ୟ ବିଭାଗୀକରଣ ହୋଇଛି । ଛାତ୍ର ଜୀବନରେ ପାଠପଢ଼ାକୁ ପ୍ରକୃତ ଜୀବନଠାରୁ ଦୂରେଇ ରଖା ଯାଇଛି । ଜଣେ ଖୁବ୍ ଭଲ ଛାତ୍ର ହୋଇ ଥାଇପାରେ, ଗୁରୁତ୍ୱ ଦେଇ ପାଠ ପଢୁ ଥାଇପାରେ, ସେ ମଧ୍ୟ ବେଶ୍ ବୌଦ୍ଧିକ ବ୍ୟୁତ୍ପତ୍ତି ହାସଲ କରିପାରେ କିନ୍ତୁ ସାଧାରଣ ଜୀବନରେ ସେ ଜଣେ ଅତି ସାଧାରଣ ମଣିଷ ପରି ରହିପାରେ, ତା'ଠାରେ ସାଧାରଣ ପ୍ରତିକ୍ରିୟାସବୁ ଦେଖା ଦେଇପାରେ । ମସ୍ତିଷ୍କ ସହିତ ଆମେ ଜୀବନର ପ୍ରବୃତ୍ତିସବୁକୁ ଓ ଶାରୀରିକ ଆବେଗସବୁକୁ ଯଥାର୍ଥ ଶିକ୍ଷା ଦେବା ବିଷୟ ଚିନ୍ତାକରୁ ନାହୁଁ ବା ସେଥିପାଇଁ ଚେଷ୍ଟା ମଧ୍ୟ କରୁ ନାହୁଁ । ଆମ ପ୍ରକୃତିର ଏହି ଅଂଶଟିକୁ ଆମେ ସେହିପରି ଛାଡ଼ି ଦେଉ, ତାହାକୁ ସଚେତନଭାବେ ପରିଚାଳନା କରିବାକୁ ସାହସ କରୁ ନାହୁଁ, ସେଥିପାଇଁ ଯତ୍ନ ମଧ୍ୟ ନେଉ ନାହୁଁ, ବେଳେ ବେଳେ ଆମେ ତାକୁ ସ୍ୱାଧୀନତା ବୋଲି କହୁ; କିନ୍ତୁ ତାହା ସ୍ୱାଧୀନତା ଯେତେ ନୁହେଁ ତାହାଠାରୁ ଅଧିକ ଦାସତ୍ୱ – ଆମର ଅତି ସାଧାରଣ ପଶୁପ୍ରବୃତ୍ତିଠାରେ ଦାସତ୍ୱ । କାରଣ ବ୍ୟକ୍ତି ନିଜର ପ୍ରବୃତ୍ତି ଓ ପ୍ରେରଣାସବୁକୁ ସ୍ୱାଧୀନଭାବେ ମାନି ଚାଲେ, ଏଥିରେ କୌଣସି ବାଧା ନଦେବାରୁ ସେ ଏସବୁକୁ ସ୍ୱାଧୀନ ପ୍ରକ୍ରିୟା ବୋଲି ଭାବେ । କିନ୍ତୁ ଯଥାର୍ଥରେ ତାହା ସେପରି ନଥାଏ ।

ଆମ ସ୍ୱଭାବର ଏହି ଯେଉଁ ଫାଙ୍କ – ବୌଦ୍ଧିକ ସଂସ୍କୃତିଠାରୁ ଜୀବନ ପ୍ରବାହକୁ ଭିନ୍ନଭାବେ ପରିଚାଳିତ କରିବା – ଏହାକୁ ସୁଧାରିବାକୁ ହେବ; ମାନବ ବ୍ୟକ୍ତିତ୍ୱକୁ ଏକ ସଙ୍ଗଠିତ ସ୍ୱୟଂସମ୍ପୂର୍ଣ୍ଣ ସତ୍ତାଭାବେ ଗଢ଼ିବାକୁ ହେବ । ବ୍ରହ୍ମଚର୍ଯ୍ୟ ଧାରାରେ ଯେଉଁ ଶିକ୍ଷା ଦିଆଯାଏ ତାହା ଏଦିଗରେ ବହୁତ ସାହାଯ୍ୟ କରିବ । କିନ୍ତୁ ଆହୁରି ଗଭୀରତର ଉଦ୍ଦେଶ୍ୟ ହେଉଛି, ଏହି ଶୃଙ୍ଖଳା କେବଳ ବ୍ୟକ୍ତିତ୍ୱର ଏକତ୍ରୀକରଣ ନୁହେଁ, ବରଂ ତାହା ଜରିଆରେ ବ୍ୟକ୍ତିତ୍ୱକୁ ଆହୁରି ଉନ୍ନତତର କରିବା, ତାହାକୁ ଏପରି ଉନ୍ନତତର ଚେତନାର ସ୍ତରକୁ ଉଠାଇ ନେବା ଯେଉଁଠାରୁ ଏହା ତାହାର ଆଧ୍ୟାତ୍ମିକ ଲକ୍ଷ୍ୟକୁ ଜାଣିପାରିବ ଓ ତାକୁ ପ୍ରାପ୍ତ କରିବା ପାଇଁ ଆସ୍ପୃହା କରିପାରିବ ।

[Evolution of earthly destiny ପୁସ୍ତକରୁ]

(ପୂର୍ଣ୍ଣାଙ୍ଗ ଶିକ୍ଷାପତ୍ର, ଜାନୁଆରୀ, ୧୯୮୯ରୁ ସଂଗୃହୀତ) ❖

... ମାତ୍ର, ଯଦି ଆମେ ଅତିମାନସ ଜୀବନ ଲାଗି ଆପଣାକୁ ଯଥୋଚିତ ଭାବରେ ପ୍ରସ୍ତୁତ କରିବାକୁ ଇଚ୍ଛା କରୁଥିବା, ତେବେ ଆମର ଚେତନାକୁ ଆମେ କେବେହେଲେ ବି କୌଣସି ପ୍ରକାର ଆମୋଦ ଲାଭର ଆଳରେ ବା ଏପରିକି ଟିକିଏ ବିଶ୍ରାମ ପାଇବାର ଓ ହାଲୁକା ଅନୁଭବ କରିବାର ବାହାନାରେ ଶିଥିଳତା ଏବଂ ଅଚେତନା ମଧ୍ୟକୁ ସ୍ଖଳିତ ହୋଇ ଯିବାକୁ ଦେବା ନାହିଁ । ଅନ୍ଧକାର ଓ ଦୁର୍ବଳତା ମଧ୍ୟରେ ନୁହେଁ, ମାତ୍ର ଶକ୍ତି ଏବଂ ଆଲୋକ ମଧ୍ୟରେହିଁ ଆମେ ସହଜ ବିଶ୍ରାମ ଲାଭ କରି ଜାଣିବା । ତେଣୁ, ଯେଉଁମାନେ ପ୍ରକୃତରେ ଅଗ୍ରଗତିର ଆକାଙ୍କ୍ଷା ରଖି ବାଟ ଚାଲୁଛନ୍ତି, ସେମାନଙ୍କ ସମସ୍ତଙ୍କ ଲାଗିହିଁ ବ୍ରହ୍ମଚର୍ଯ୍ୟ ଏକ ଅବଶ୍ୟ ବିଧାନ ହୋଇ ରହିବ ।

(ମାତୃରଚନାବଳି - ଦ୍ୱାଦଶ ଖଣ୍ଡ, ପୃ. ୮୩-୮୪) — ଶ୍ରୀମା

ବେଦରହସ୍ୟ - (ଦ୍ୱିତୀୟଭାଗ) : ନିର୍ବାଚିତ ସୂକ୍ତାବଳୀ – ୮

# ବାୟୁ, ପ୍ରାଣଶକ୍ତିମାନଙ୍କ ଦେବତା

## (ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୪୮, ଋଷି : ବାମଦେବ)

## ଶ୍ରୀଅରବିନ୍ଦ

(*ପୂର୍ବ ସଂଖ୍ୟାର ଅବଶିଷ୍ଟାଂଶ...*)

ଋଷିମାନଙ୍କର ମୌଳିକ ଅବଧାରଣାଗୁଡ଼ିକୁ ଆମେ ଯଦି ବିଚାର କରୁ ତେବେ ବାୟୁଦେବଙ୍କର ଏହି ସ୍ଥିତି ଆମର ବୋଧଗମ୍ୟ ହେବ । ଉଚ୍ଚତର ଚେତନା ଦ୍ୱାରା ନିମ୍ନତର ସତ୍ତାର, ଦିବ୍ୟତା ଦ୍ୱାରା ମର୍ତ୍ତ୍ୟର ପ୍ରଦୀପନ ଥିଲା ସେମାନଙ୍କର ମୁଖ୍ୟ ବୈଚାରିକ ଦୃଷ୍ଟିକୋଣ । ଜ୍ୟୋତିଃ ଓ ଶକ୍ତି, ଗୋ ଓ ଅଶ୍ୱ ପ୍ରଭୃତି ଥିଲେ ସେମାନଙ୍କର ହବ୍ୟ ବସ୍ତୁ । ଶକ୍ତି ଥିଲା ସର୍ତ୍ତ, ଜ୍ୟୋତିଃ ଥିଲା ମୁକ୍ତିଦାୟକ ମଧ୍ୟସ୍ଥ; ଏବଂ ଇନ୍ଦ୍ର ଓ ସୂର୍ଯ୍ୟ ଥିଲେ ଜ୍ୟୋତିଃର ପ୍ରମୁଖ ଅବତରଣକାରୀ । ଆହୁରି ମଧ୍ୟ ଯେଉଁ ଶକ୍ତି ସେମାନଙ୍କର ଆବଶ୍ୟକ ଥିଲା ତାହା ହେଉଛି ଦିବ୍ୟ 'ସଂକଳ୍ପ' ଯାହା ସକଳ ମାନବୀୟ ବଳ ମଧ୍ୟରେ ବିଦ୍ୟମାନ ଏବଂ ତାହା ସ୍ୱୟଂ ନିଜକୁ ପ୍ରକଟ କରୁଛି; ଏବଂ ଏହି 'ସଂକଳ୍ପ'ର, ଏହି ସଚେତନ ବଳର କ୍ଷମତାହିଁ ସ୍ନାୟୁତାନ୍ତ୍ରିକ ପ୍ରାଣସତ୍ତା ମଧ୍ୟରେ ଉପସ୍ଥିତ ଥାଏ, ନିଜକୁ ଏହାରି ମଧ୍ୟରେ ପ୍ରକଟିତ କରୁଥାଏ, ବାୟୁଦେବଙ୍କଠାରୁ ଅଗ୍ନି ଅଧିକ ପ୍ରଭାବୀ, ବିଶେଷତଃ 'ଅଗ୍ନି ଦଧିକ୍ରାବନ୍' ଥିଲେ ଏକ ପ୍ରତୀକ । କାରଣ ଅଗ୍ନି ହେଉଛନ୍ତି ତପୋଦେବ, 'ଦିବ୍ୟ-ଚେତନା', ସେ ନିଜକୁ ବିଶ୍ୱଶକ୍ତି ମଧ୍ୟରେ ରୂପାୟିତ କରୁଛନ୍ତି, ତା' ମଧ୍ୟରେ 'ପ୍ରାଣ' ହେଉଛି ନିମ୍ନ ସତ୍ତାର ଏକ ପ୍ରତିନିଧି ମାତ୍ର । ଏହି କାରଣରୁ ବାମଦେବଙ୍କ ସୂକ୍ତରେ, ଚତୁର୍ଥ ମଣ୍ଡଳ, ଅଠାବନତମ ସୂକ୍ତରେ, ଦେଖାଯାଏ ଯେ ଇନ୍ଦ୍ର, ସୂର୍ଯ୍ୟ ଓ ଅଗ୍ନି, ଏହି ଦେବଗଣ ଅବଚେତନା ମଧ୍ୟରୁ ସଚେତନ ଦିବ୍ୟତାର ଏହି ମହାନ୍ ଅଭିବ୍ୟକ୍ତିକୁ ରୂପାୟିତ କରିଛନ୍ତି । 'ବାତ' ବା 'ବାୟୁ' ଅର୍ଥାତ୍ ସ୍ନାୟୁତାନ୍ତ୍ରିକ କ୍ରିୟାକଳାପ ହେଉଛି ଅଭିବୃଦ୍ଧିଶୀଳ 'ମନ'ର ପ୍ରଥମ ସର୍ତ୍ତ ମାତ୍ର । ମନୁଷ୍ୟ ନିମନ୍ତେ 'ବାୟୁ'ର ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଲା 'ପ୍ରାଣ' ସହିତ 'ମନ'ର ମିଳନ ଘଟିବା ଏବଂ ମନର ବିବର୍ତ୍ତନ ନିମନ୍ତେ ପ୍ରାଣ ସାହାଯ୍ୟ ଓ ସହଯୋଗ କରିବା । ସେହି କାରଣରୁ ମନର ପ୍ରଭୁ 'ଇନ୍ଦ୍ର' ଏବଂ ପ୍ରାଣର ଦେବତା 'ବାୟୁ' ଏକତ୍ର ଯୋଡ଼ି ହୋଇ ରହିଥା'ନ୍ତି ଏବଂ ଦ୍ୱିତୀୟ ଜଣକ କୌଣସି ପ୍ରକାରେ ପ୍ରଥମ ଜଣକ ଉପରେ ନିର୍ଭରଶୀଳ; 'ମରୁଦ୍‌ଗଣ' ହେଲେ ଚିନ୍ତା-ଶକ୍ତିଗଣ, ସେମାନଙ୍କର ଉତ୍ପତ୍ତି ବିନ୍ଦୁକୁ ଲକ୍ଷ୍ୟକଲେ ମନେ ହେବ ସେମାନେ ଯେପରି ବାୟୁଦେବଙ୍କର ଶକ୍ତି ସେହିପରି ଇନ୍ଦ୍ରଦେବଙ୍କର ମଧ୍ୟ, କିନ୍ତୁ ଋଷିଗଣଙ୍କ ପାଇଁ 'ବାୟୁ'ଙ୍କ ଅପେକ୍ଷା ସେମାନେ ଅଧିକ ଗୁରୁତ୍ୱପୂର୍ଣ୍ଣ, ଏପରିକି ସେମାନଙ୍କ କ୍ରିୟାତ୍ମକତା ପରିପ୍ରେକ୍ଷୀରେ ବାୟୁସେନାର ପ୍ରାକୃତିକ ଅଧକ୍ଷଙ୍କ ଅପେକ୍ଷା ସେମାନେ ଅଗ୍ନି-ରୁଦ୍ର'ଙ୍କ ସହିତ ଅଧିକ ଘନିଷ୍ଠଭାବେ ସମ୍ବନ୍ଧିତ ।

ଏହି ଉଦ୍ଧୃତ ସୂକ୍ତଟି, ଯାହା ଉପରୋକ୍ତ ମଣ୍ଡଳର ଅଡ଼ଚାଳିଶ ତମ ସୂକ୍ତ, ହେଉଛି ସେହି ତିନି ସୂକ୍ତ ମଧ୍ୟରୁ ଅନ୍ତିମ, ଯେଉଁଥିରେ ବାମଦେବ ଇନ୍ଦ୍ର ଓ ବାୟୁଙ୍କୁ ଆବାହନ କରୁଛନ୍ତି 'ସୋମ'-ମଦ୍ୟ ପାନ କରିବାକୁ । ଭାସ୍ୱର ଶକ୍ତିର ଦେବଦ୍ୱୟ ରୂପେ, **ଶବସସ୍ପତୀ**, ଏ ଦୁହିଁଙ୍କୁ ସଂଯୁକ୍ତ ରୂପେ ଆବାହନ କରାଯାଇଛି, ପୂର୍ବ ମଣ୍ଡଳରେ ଅନ୍ୟ ଏକ ସୂକ୍ତରେ ଏହି ଉଭୟଙ୍କୁ ଠିକ୍ ଯେପରି **ଧିୟସ୍ପତୀ** ରୂପେ ଆବାହନ କରାଯାଇଥିଲା । 'ଇନ୍ଦ୍ର' ହେଉଛନ୍ତି ମାନସିକ ଶକ୍ତିର ଅଧିଷ୍ଠିତ ଦେବ, 'ବାୟୁ' ହେଉଛନ୍ତି ସ୍ନାୟୁତାନ୍ତ୍ରିକ ବା ପ୍ରାଣିକ ଶକ୍ତିର ଅଧିଷ୍ଠିତ ଦେବ ଏବଂ ଚିନ୍ତା ନିମନ୍ତେ ତଥା କର୍ମ ନିମନ୍ତେ ଏହି ଉଭୟଙ୍କ ମିଳନ ଆବଶ୍ୟକ ଅଟେ । ସମାନ ରଥରେ ଆସି ଆନନ୍ଦରୂପକ ମଦିରାକୁ ପାନ କରିବା ପାଇଁ ସେହି ଉଭୟଙ୍କୁ ଆମନ୍ତ୍ରଣ କରାଯାଇଛି, ଯେଉଁ ଆନନ୍ଦ ନିଜ ସହିତ ଆଣିଥାଏ ଦିବ୍ୟୀ-କରଣର ଶକ୍ତିମାନ । କୁହାଯାଇଛି ଯେ 'ବାୟୁ' ପ୍ରଥମ ଢୋକ ନେବାର ଅଧିକାରୀ; କାରଣ, ସହଯୋଗୀ ପ୍ରାଣିକ ଶକ୍ତିଗଣ ଦିବ୍ୟକର୍ମର ଆନନ୍ଦ ନିମନ୍ତେ ପ୍ରଥମେ ସମର୍ଥ ହେବା ଉଚିତ ।

ତୃତୀୟ ସୂକ୍ତ, ଯେଉଁଥିରେ ଯଜ୍ଞଫଳ ନିରୂପଣ କରାଯାଇଛି, ସେଥିରେ କେବଳ 'ବାୟୁ'ଙ୍କୁ ଆବାହନ କରାଯାଇଛି, କିନ୍ତୁ ତାହା ହୋଇଥିଲେ ବି 'ଇନ୍ଦ୍ର'ଙ୍କ ସହିତ ତାଙ୍କର ସାହଚର୍ଯ୍ୟ ସେଥିରେ ସ୍ପଷ୍ଟ ରୂପେ ସଙ୍କେତିତ ହୋଇଛି । ଅମରତ୍ୱ ପ୍ରଦାୟକ ମଦ୍ୟକୁ ପାନ କରିବା ପାଇଁ ଶୁଭ ଶୁଭ୍ର ରଥରେ ତାଙ୍କର ଆସିବାର ଅଛି, ଅନ୍ୟ ଏକ ସୂକ୍ତରେ

'ଉଷା'ଙ୍କୁ ଠିକ୍ ଏହିପରି ଆବାହନ କରାଯାଇଛି । ରଥ ଉର୍ଜାଗତ ଗତିବୃତ୍ତିର ପ୍ରତୀକ ଏବଂ ଏହା ଭାସ୍ୱର ପ୍ରାଣିକ ଶକ୍ତିଗୁଡ଼ିକର ଆନନ୍ଦଭରା ଗତି ସଞ୍ଚାର, ଯାହାକୁ 'ବାୟୁ' ସ୍ୱରୂପରେ ଆଗରୁ ଆବାହନ କରାଯାଇ ସାରିଛି । ଆରମ୍ଭରୁ ତୃତୀୟ ଋକ୍ ମଧ୍ୟରେ ଏହି ପ୍ରଭାସ୍ୱର ହର୍ଷଦ ଗତିର ଦିବ୍ୟ ଉପଯୋଗିତାକୁ ସୂଚିତ କରାଯାଇଛି ।

ଏହି ଦେବତାଙ୍କୁ ଅଭିବ୍ୟକ୍ତ କରିବାର ଅଛି – ସେ ସେହିସବୁ ଅନଭିବ୍ୟକ୍ତ ଯଜ୍ଞୀୟ କ୍ରିୟାତ୍ମିକା ଶକ୍ତିରାଜିକୁ, ଅବଚେତନାର ଅନ୍ଧକାର ମଧ୍ୟରେ ଏପର୍ଯ୍ୟନ୍ତ ବି ଗୂଢ଼ ହୋଇ ରହିଥିବା ଶକ୍ତିମାନଙ୍କୁ[୨] ସଚେତନ କ୍ରିୟାରୂପକ ଆଲୋକ ମଧ୍ୟକୁ ତାଙ୍କର ଆଣିବାକୁ ଅଛି । କର୍ମକାଣ୍ଡୀୟ ଭାଷ୍ୟ ଅନୁଯାୟୀ ଏହି ବାକ୍ୟାଂଶଟିର ଅନୁବାଦ ଏପରି ହୋଇପାରେ, ''ଅଭୁକ୍ତ ହବିଃଗୁଡ଼ିକୁ ତୁମେ ଭୋଜନ କର'' ଅଥବା, 'ବୀ' କ୍ରିୟାପଦର ଅନ୍ୟ ଏକ ଅର୍ଥ ଦୃଷ୍ଟିରୁ ଏହାର ଅର୍ଥ ଏପରି କରାଯାଇପାରେ : ''ସର୍ବଥା ଅନାହୂତ ଯଜ୍ଞୀୟ ଶକ୍ତିଗୁଡ଼ିକ ନିକଟରେ ତୁମେ ଉପସ୍ଥିତ ହୁଅ''; କିନ୍ତୁ ଏହି ସମସ୍ତ ଅର୍ଥ ପ୍ରତୀକାତ୍ମକ ଭାବେ ମନସ୍ତାତ୍ତ୍ୱିକ ଅର୍ଥ ସହିତ ସଂଗତ ହୋଇ ପାରୁଛନ୍ତି । ଯେଉଁ ସମସ୍ତ 'ସାମର୍ଥ୍ୟ' ଓ କ୍ରିୟାକଳାପ ଅବଚେତନା ମଧ୍ୟରୁ ଏପର୍ଯ୍ୟନ୍ତ ଉଦ୍ଧୃତ ହୋଇ ନାହାନ୍ତି 'ଇନ୍ଦ୍ର' ଓ 'ବାୟୁ'ଙ୍କ ମିଳିତ କ୍ରିୟା ଦ୍ୱାରା ସେମାନଙ୍କ ଗୁପ୍ତ ଗୁହା ମଧ୍ୟରୁ ସେମାନଙ୍କୁ ମୁକ୍ତ କରି କର୍ମରେ ବିନିଯୋଗ କରିବାର ଅଛି ।

କାରଣ, ପ୍ରାଣିକ ମାନସିକତାର ସାଧାରଣ ସ୍ତରୀୟ କର୍ମ ପ୍ରତି ସେମାନେ ଆହୂତ ନୁହନ୍ତି । 'ବାୟୁ'ଙ୍କୁ ସେହି ବଳଗୁଡ଼ିକୁ ଏଭଳି ଅଭିବ୍ୟକ୍ତ କରିବାର ଅଛି ଠିକ୍ ଯେପରି ''ସେ ଜଣେ ସମୃଦ୍ଧିର ପ୍ରକଟକ, ଆର୍ଯ୍ୟକର୍ମର କର୍ମୀ'', **ବୀପୋ ନ ରାୟୋ ଅର୍ଯଃ** । କେଉଁ ପ୍ରକାର ଶକ୍ତିର ଉତ୍‌ଥାନ କରିବାକୁ ଅଛି ଏହି ଶବ୍ଦଗୁଡ଼ିକ ତାହାର ଯଥେଷ୍ଟ ସୂଚନା ପ୍ରଦାନ କରେ । ଯାହାବି ହେଉ, ଏହି ଉକ୍ତିଟି ଭିତରେ ପ୍ରଚ୍ଛନ୍ନ ଭାବେ 'ଇନ୍ଦ୍ର'ଙ୍କ ପ୍ରତି ସଙ୍କେତ ରହିବା ସମ୍ଭବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଯାହା ସ୍ପଷ୍ଟ ଭାବରେ ବ୍ୟକ୍ତ କରାଯାଇଛି ସେଥିରେ ସୂଚନା ରହିଛି ଯେ ଉଜ୍ଜ୍ୱଳତର ଦେବ (ଇନ୍ଦ୍ର)ଙ୍କର ଜ୍ଞାନଦୀପ୍ତ ତଥା ଅଭୀପ୍ସୁ ଶକ୍ତି ଦ୍ୱାରା 'ବାୟୁ'ଙ୍କ କ୍ରିୟା ସଞ୍ଚାଳିତ ହେବାର ଆବଶ୍ୟକତା ରହିଛି । କାରଣ, ଯେଉଁ ଆନନ୍ଦ ପ୍ରକଟିତ ହୋଇ ଚାଲିଛି ତାହାର ରହସ୍ୟ ଦିଗରେ 'ଇନ୍ଦ୍ର'ଙ୍କ ଜ୍ଞାନାଲୋକହିଁ ଚଳାଇ ନେଇଥାଏ, ଏବଂ ଏହି କର୍ମରେ ସେହିଁ ପ୍ରଥମ ଶ୍ରମିକ । ଅନ୍ୟ ଦେବଗଣଙ୍କ ମଧ୍ୟରୁ ବିଶେଷତଃ ଇନ୍ଦ୍ର, ଅଗ୍ନି ଓ ସୂର୍ଯ୍ୟଙ୍କ ନିକଟରେ 'ଅର୍ଯ୍ୟ' ଶବ୍ଦଟି ପ୍ରଯୁକ୍ତ ହୁଏ, ଏହି ଶବ୍ଦଟି ଯାହା ବୁଝାଏ ତାହାର ଶାବ୍ଦିକ ପୂର୍ଣ୍ଣ ଅର୍ଥ ବ୍ୟଞ୍ଜକ ଅନୁବାଦ ଯଦ୍ୟପି ଅସମ୍ଭବ, ତଥାପି ଏହାର ଅର୍ଥ, ଏମାନେ ସେହି ଉନ୍ନତ ଅଭୀପ୍ସା ଦିଗରେ ଉନ୍ନୀତ ହୋଇଛନ୍ତି ଏବଂ ଶୁଭ ତଥା ଆନନ୍ଦରେ ଉପଗତ ହେବା ନିମନ୍ତେ ଏକ ହବିଃ ରୂପେ ମହାନ୍ ଶ୍ରମ-ସାଧନ କରିଛନ୍ତି ।

ଦ୍ୱିତୀୟ ମନ୍ତ୍ରରେ ଇନ୍ଦ୍ରଙ୍କର ମାର୍ଗ ନିର୍ଦ୍ଦେଶନର ଆବଶ୍ୟକତାକୁ ଅତି ସ୍ପଷ୍ଟ ରୂପେ ସିଦ୍ଧ କରାଯାଇଛି । ଅବ୍ୟକ୍ତର ଅଭିବ୍ୟକ୍ତିକୁ ଅବରୋଧ କରୁଥିବା ସମସ୍ତ ନକାରାତ୍ମକତାକୁ ବିଦୂରିତ କରି, **ନିର୍ଯୁବାଣୋ ଅଶସ୍ତିଃ**, ବାୟୁଙ୍କୁ ଆସିବାର ଅଛି । 'ଅଶସ୍ତିଃ'ର ଆକ୍ଷରିକ ଅର୍ଥ ''ଦ୍ୟୋତିତ ହେଉ ନଥିବା ସେହିଗୁଡ଼ିକ'' ଏବଂ ଏଥିରୁ ଏହି ଅର୍ଥ ପ୍ରକଟିତ ହୁଏ ଯେ ଆଲୋକ ଓ ସାମର୍ଥ୍ୟର ଅବରୋଧକ 'ବୃତ୍ର' ଭଳି ଆଚ୍ଛାଦକ ଶକ୍ତିଗୁଡ଼ିକ ଦ୍ୱାରା ଯାହାସବୁ ପ୍ରକଟିତ ହେବାକୁ ପ୍ରତୀକ୍ଷାରତ ଏବଂ ଦେବଗଣଙ୍କ ପ୍ରଭାବରେ ତଥା 'ବାକ୍'ର ଯୋଗ୍ୟ ସାଧନଟିଏ ହେବା ମାଧ୍ୟମରେ ଅଭିବ୍ୟକ୍ତି ଲାଭ ନିମନ୍ତେ ଯାହାସବୁ ପ୍ରସ୍ତୁତ ସେଗୁଡ଼ିକୁ ଅଟକାଇ ରଖିବା । 'ବାକ୍' ହେଉଛି ଅଭିବ୍ୟକ୍ତିଶୀଳ ଶକ୍ତି, **ଶସ୍ତ୍ରମ୍, ଗୀର୍, ବଚସ୍** । କିନ୍ତୁ ଦିବ୍ୟଶକ୍ତିମାନଙ୍କ ଦ୍ୱାରା ଏହାର ସୁରକ୍ଷା ହେବା ଉଚିତ ତଥା ଏହା ଯଥାର୍ଥ ସଫଳତା ପ୍ରାପ୍ତ ହେବା ଉଚିତ । 'ବାୟୁ'ଙ୍କର ଏହି କାର୍ଯ୍ୟ କରିବାର ଅଛି; ନକାରତାର, ଆଚ୍ଛାଦନର, ଅନଭିବ୍ୟକ୍ତିର ସକଳ ଶକ୍ତିକୁ ତାଙ୍କର ବିଦୂରିତ କରିବାର ଅଛି । ଏହି କାର୍ଯ୍ୟଟିକୁ କରିବା ପାଇଁ ''ତାଙ୍କର ଯୁଥାଳିବଦ୍ଧ ଅଶ୍ୱଗଣଙ୍କ ଓ ସାରଥିରୂପୀ ଇନ୍ଦ୍ରଙ୍କ ସହିତ'' ଏଠାରେ ଆସି ପହଞ୍ଚିବାର ଅଛି, **ନିୟୁତ୍ୱାନ୍ ଇନ୍ଦ୍ରସାରଥିଃ** । ଇନ୍ଦ୍ର, ବାୟୁ, ସୂର୍ଯ୍ୟ – ଏମାନଙ୍କ ଅଶ୍ୱଙ୍କ ନାମରେ ଯଥାର୍ଥତା ରହିଛି । ଇନ୍ଦ୍ରଙ୍କ ଅଶ୍ୱମାନଙ୍କ ନାମ **ହରି** ବା **ବଭ୍ରୁ**, ଅର୍ଥାତ୍ ଅରୁଣ ବା ପିଙ୍ଗଳ; 'ସୂର୍ଯ୍ୟ'ଙ୍କ ଅଶ୍ୱଙ୍କ ନାମ **ହରିତ୍**, ଏହା ଗଭୀରତର, ପରିପୂର୍ଣ୍ଣ ଓ ପ୍ରଗାଢ଼ ଭାସ୍ୱରତାକୁ ସୂଚିତ କରେ; ବାୟୁଙ୍କ ଅଶ୍ୱଙ୍କ ନାମ **ନିୟୁତ୍**, ଯୋଚିବା ଯୋଗ୍ୟ ଅଶ୍ୱଗଣ, କାରଣ ସେମାନେ ଏପରି ଗତିଶୀଳ ଶକ୍ତିର ପ୍ରତୀକ ଯାହା ଶକ୍ତିକୁ ତା' କର୍ମରେ ସଂଯୋଜିତ କରିଦିଏ । କିନ୍ତୁ 'ବାୟୁ'ଙ୍କର ଅଶ୍ୱ ହେଲେ ବି ସେମାନେ 'ଇନ୍ଦ୍ର'ଙ୍କ ଦ୍ୱାରା ସଞ୍ଚାଳିତ ଅବଶ୍ୟ ହେବେ, ସ୍ନାୟୁତାନ୍ତ୍ରିକ ଓ ପ୍ରାଣିକ ଶକ୍ତିର ପ୍ରଭୁଙ୍କ ଗତିବୃତ୍ତିଗୁଡ଼ିକ ମନଃପ୍ରଭୁଙ୍କ ଦ୍ୱାରା ପରିଚାଳିତ ହେବେ ।

ତୃତୀୟ ରକ୍‌ଟିକୁ ଦେଖିଲେ ପ୍ରଥମରେ ମନେ ହେବ ଏହା ଏକ ଅସମ୍ବନ୍ଧିତ ଧାରଣା ମଧ୍ୟକୁ ଚାଲିଯାଇଛି; ଏହା ଅନ୍ଧକାରାବୃତ 'ଦ୍ୟୌଃ' ଓ 'ପୃଥିବୀ'ର କଥା କହୁଛି । ଏ ଉଭୟେ ନିଜ ନିଜର ସକଳ ରୂପ ସହ ନିଜ ନିଜର ପ୍ରୟାସ ମାଧ୍ୟମରେ ଇନ୍ଦ୍ରଚାଳିତ ରଥରେ ସ୍ଥିତ 'ବାୟୁ'ଙ୍କର ଗତିବୃତ୍ତିକୁ ମାନୁଛନ୍ତି, ଅଥବା ତାହାକୁ ଅନୁସରଣ କରୁଛନ୍ତି । ଏହି ରକ୍‌ରେ ଏମାନଙ୍କ ନାମର ଉଲ୍ଲେଖ ନାହିଁ କିନ୍ତୁ ଏମାନେ **ବସୁଧିତୀ** ରୂପେ ବର୍ଣ୍ଣିତ ଅର୍ଥାତ୍ ସେ ଦୁହେଁ କୃଷ୍ଣ ବା ଅନ୍ଧକାରାବୃତ ମୂଳତତ୍ତ୍ୱର ଧାରକ ଅଥବା ସମ୍ପଦର ବାହକ; '**ବସୁଧିତୀ**' ମଧ୍ୟରେ ବସୁଧାର ପର୍ଯ୍ୟାପ୍ତ ସଙ୍କେତ ରହିଛି ଏବଂ ଏଥିରେ ଯେଉଁ ଦ୍ୱିବଚନର ପ୍ରୟୋଗ ରହିଛି ସେଥିରୁ ତାହାର ସହଚର 'ସ୍ୱର୍ଗ' ବୋଲି ଆପେ ଜଣାଯାଉଛି । ଏହା ମଧ୍ୟ ଆମର ଜାଣିବା ଉଚିତ ଯେ, ଏଠାରେ ପିତୃରୂପୀ 'ସ୍ୱର୍ଗ' ଓ ମାତୃରୂପିଣୀ 'ପୃଥିବୀ'ର କଥା ନୁହେଁ, ଦୁଇ ଭଉଣୀଙ୍କ କଥା କୁହାଯାଇଛି, **ରୋଦସୀ** ଦ୍ୟୌ ଓ ପୃଥିବୀର ସ୍ତ୍ରୀଲିଙ୍ଗଧାରୀ ରୂପ, ଯେଉଁମାନେ ମାନସିକ ଓ ଦୈହିକ ଚେତନାର ପ୍ରତୀକ ଅଟନ୍ତି । ସେଦୁହିଁଙ୍କର ଏହା ଅନ୍ଧକାରାଚ୍ଛନ୍ନ ଅବସ୍ଥା – ମାନସିକ ଓ ଭୌତିକ ଦୁଇ ସୀମାର ମଧ୍ୟବର୍ତ୍ତୀ ତିମିରାବୃତ ଚେତନା, – ଯାହା ପ୍ରାଣିକ ଗତିଶୀଳ ପ୍ରକ୍ରିୟା ମାଧ୍ୟମରେ 'ବାୟୁ'ଙ୍କ ନିୟନ୍ତ୍ରଣରେ ଅଥବା ତାଙ୍କର ଗତିସଞ୍ଚାର ଅନୁଯାୟୀ କାର୍ଯ୍ୟ କରିବାକୁ ଆରମ୍ଭ କରିଛି, ଉଦ୍ଦେଶ୍ୟ ହେଉଛି ସେମାନଙ୍କର ଆଚ୍ଛନ୍ନ ରୂପଗୁଡ଼ିକୁ ପ୍ରକାଶ କରିବା; କାରଣ ଏହି ଉଭୟଙ୍କ ମଧ୍ୟରେ ସକଳ ରୂପ ମଗ୍ନ ଅବସ୍ଥାରେ ରହିଛନ୍ତି ଏବଂ ସେଗୁଡ଼ିକର ଅଭିବ୍ୟକ୍ତି ନିମନ୍ତେ ସେଗୁଡ଼ିକୁ ବାଧ୍ୟ କରିବା ଉଚିତ । ଏହି ଭାବେ ଆମେ ଦେଖିପାରୁଛୁ ଯେ ଏହି ମନ୍ତ୍ରଟି ପରବର୍ତ୍ତୀ ମନ୍ତ୍ର ଦ୍ୱୟର ଅର୍ଥକୁ ପରିପୂର୍ଣ୍ଣ ରୂପ ଦେଉଛି । କାରଣ ସବୁ କ୍ଷେତ୍ରରେ ଏହା ଦେଖାଯାଇଛି ଯେ, ଯେତେବେଳେ ବେଦକୁ ଠିକ୍‌ଭାବେ ବୁଝାଯାଇଥାଏ ସେତେବେଳେ ତା' ମଧ୍ୟରେ ଥିବା ସୁଗଭୀର ନ୍ୟାୟସଙ୍ଗତ ସଙ୍ଗତି ତଥା ଅର୍ଥଗର୍ଭକ କ୍ରମାନ୍ୱୟତା ନିଜକୁ ସୁବ୍ୟକ୍ତ କରିଥାଏ ।

ଏହି ସୂକ୍ତର ରକ୍ ଦୁଇଟି ସୂଚିତ କରେ ଦ୍ୟୌ ଓ ପୃଥିବୀ ଉଭୟଙ୍କ କ୍ରିୟାର ଏବଂ ଆନନ୍ଦ ଦିଗରେ ବାୟୁଙ୍କ ରଥ ବିକ୍ରମ ଗତିରେ ଯାଉଥିବା ବେଳେ ସେଇ ଉଭୟଙ୍କ ଅନଭିବ୍ୟକ୍ତ ଉର୍ଜା ଓ ରୂପକୁ ଅଭିବ୍ୟକ୍ତ କରିବାର ପରିଣାମକୁ ।

ସର୍ବପ୍ରଥମେ ତାଙ୍କ ଅଶ୍ୱଗଣ ସେମାନଙ୍କର ସାଧାରଣଭାବେ ପୂର୍ଣ୍ଣ ତଥା ନିର୍ଦ୍ଦିଷ୍ଟ ସଂଖ୍ୟାରେ ଉପନୀତ ହେବାର ଅଛି । ''ସେହି ନବନବତି ସଂଖ୍ୟା ବିଶିଷ୍ଟ ଶକ୍ତି ମନ ଦ୍ୱାରା ଯୋଚିତ ହୋଇ ତୁମକୁ ବହନ କରନ୍ତୁ ।''(୪) ବାରଂବାର ଆସୁଥିବା ନବନବତି, ଶତ, ସହସ୍ର ପ୍ରଭୃତି ସଂଖ୍ୟାର ବେଦରେ ଏକ ପ୍ରତୀକାର୍ଥ ରହିଛି ଯାହାକୁ କୌଣସି ନିର୍ଦ୍ଦିଷ୍ଟ ଅର୍ଥ ଦେଇ ସ୍ପଷ୍ଟ କରିବା ଅତ୍ୟନ୍ତ କଠିନ । ରହସ୍ୟାତ୍ମିକା ସଂଖ୍ୟା ସାତକୁ ସାତରେ ଗୁଣି ପୂର୍ବରେ ଓ ଶେଷରେ ଏକ ମିଶାଇ ଯେଉଁ ଶତ ସଂଖ୍ୟା ହେଉଛି, ୧+୪୯+୪୯+୧ = ୧୦୦, ଏହାରି ଭିତରେ ବୋଧହୁଏ ଏହାର ରହସ୍ୟ ମିଳିପାରିବ । ସପ୍ତ ହେଉଛି ଅଭିବ୍ୟକ୍ତ 'ପ୍ରକୃତି'ର ମୌଳିକ ତତ୍ତ୍ୱ, ଅର୍ଥାତ୍ ଜାଗତିକ ଲୀଳା ମଧ୍ୟରେ ଦିବ୍ୟଚେତନାର ସପ୍ତରୂପ । ବହୁତ୍ୱର ସହିତ ଗଠିତ ଏଥିରୁ ପ୍ରତ୍ୟେକଟି ନିଜ ମଧ୍ୟରେ ଅନ୍ୟ ଛଅ ତତ୍ତ୍ୱକୁ ବହନ କରୁଥାଏ, ତେଣୁ ପୂର୍ଣ୍ଣ ସଂଖ୍ୟାଟି ହେଉଛି ଅଣଚାଶ; ଏହାର ଊର୍ଦ୍ଧ୍ୱକୁ ଏକକଟିଏ ଯୋଡ଼ି ଦେଲେ ଯାହା ହୁଏ ସେଥିମଧ୍ୟରୁ ସବୁକିଛି ବିକଶିତ ହେଉଛି, ଆମକୁ ପଚାଶ ସଂଖ୍ୟାର ଏକ ସମାହିତି ପ୍ରଦାନ କରୁଛି ଏବଂ ସକ୍ରିୟ ଚେତନାର ଏକ ପୂର୍ଣ୍ଣାଙ୍ଗ ଅଙ୍କ ସଂସ୍ଥାନ ଗଠନ କରୁଛି । କିନ୍ତୁ ଏହାର ଆରୋହଣ ତଥା ଅବରୋହଣ କ୍ରମରେ ଦ୍ୱିଗୁଣୀକରଣର ଏକ ପ୍ରକ୍ରିୟା ରହିଛି, ଦେବଗଣଙ୍କର ଅବତରଣ, ମାନବର ଉତ୍ତରଣ । ଏହି ଭାବେ ଆମେ ଅନେଶତ (୧, ୪୯+୪୯ = ୯୯) ସଂଖ୍ୟା ପାଉଛୁ, ବେଦରେ ନାନା ପ୍ରକାରେ ଅଶ୍ୱଗଣ, ନଗରମାନ, ନଦୀଗଣ ଇତ୍ୟାଦି କ୍ଷେତ୍ରରେ ଏହା ପ୍ରଯୁକ୍ତ ହୋଇଛି ଏବଂ ଯଦିଓ ସେଗୁଡ଼ିକର ପ୍ରୟୋଗ ପୃଥକ୍ ପୃଥକ୍ କିନ୍ତୁ ତା' ସହିତ ରହିଛି ସଜାତୀୟ ପ୍ରତୀକବାଦ । ତମସାବୃତି-ସୂଚକ ଏକକଟିଏ ଆମେ ଯଦି ନିମ୍ନରେ ଯୋଗ କରିବା, ଯାହା ମଧ୍ୟକୁ ସବୁକିଛିର ଅବତରଣ ଘଟିଥାଏ, ଊର୍ଦ୍ଧ୍ୱସ୍ଥ ଜ୍ୟୋତିର୍ମୟ ଏକକ ଦିଗରେ ସବୁକିଛିର ଉତ୍ତରଣ ଘଟିଥାଏ, ଏସବୁକୁ ଏକତ୍ର କଲେ ଆମେ ଶତ ସଂଖ୍ୟାର ଏକ ପୂର୍ଣ୍ଣ ଅଙ୍କ ସଂସ୍ଥାନ ଦେଖିବାକୁ ପାଇବା ।

ଏହି କାରଣରୁ 'ବାୟୁ'ଙ୍କ ଗତିସଂଚାରର ପରିଣାମ ହେଉଛି ଚେତନାର ଏକ ନାନାମୁଖୀ ଶକ୍ତି; ଏହା ମାନସିକ କ୍ରିୟାକଳାପର ପୂର୍ଣ୍ଣତମ ଜାଗୃତି ଯାହା ବର୍ତ୍ତମାନ କେବଳ ଅନ୍ତର୍ଗୂଢ଼ ଏବଂ ମନୁଷ୍ୟର ଆନ୍ତର ସାମର୍ଥ୍ୟ ରୂପେ ରହିଛି, – ଏମାନେ ହେଉଛନ୍ତି ସେହି ଅନେଶତ ଅଶ୍ୱ ଯେଉଁମାନେ ମନ ଦ୍ୱାରା ଯୁଆଳିରେ ଯୋଚା ଯାଇଛନ୍ତି । ପରବର୍ତ୍ତୀ ସୂକ୍ତରେ ପୂର୍ଣ୍ଣତା ସାଧକ ଏକକଟିକୁ ଯୋଡ଼ା ଯାଇଛି । ଏବେ ଅଶ୍ୱଙ୍କ ସଂଖ୍ୟା ଏକଶତ ହେଲା, ଏବଂ ଯେହେତୁ ଏବେ ଯେଉଁ କ୍ରିୟାଟି

ହେଉଛି ତାହା ଆଲୋକିତ ମାନସର, ଏହି ଅଶ୍ୱଗଣ 'ବାୟୁ' ଓ 'ଇନ୍ଦ୍ର'ଙ୍କୁ ବହନ କରୁଥିଲେ ମଧ୍ୟ ଆଉ ଏବେ ସେମାନେ କେବଳ 'ନିୟୁତ୍' ନୁହନ୍ତି, ପରନ୍ତୁ ହୋଇଗଲେ 'ହରି', ଯାହା ଇନ୍ଦ୍ରଙ୍କ ଜ୍ୟୋତିଷ୍ମାନ୍ ପିଙ୍ଗଳ ଅଶ୍ୱର ରଙ୍ଗ ।[୫] ''ହେ ବାୟୋ ! ଶତସଂଖ୍ୟକ ପୋଷ୍ୟ ଅଶ୍ୱଙ୍କୁ ଯୋଚିଦିଅ ।''

କିନ୍ତୁ କାହିଁକି ସେମାନେ ପୋଷ୍ୟ ବା ବର୍ଦ୍ଧନୀୟ ? କାରଣ ଶତ ସଂଖ୍ୟା ବିବିଧପ୍ରକାରେ ସମ୍ମିଳିତ ଗତିବୃତ୍ତିର ସାମାନ୍ୟ ପୂର୍ଣ୍ଣତାର ପରିଚାୟକ, ସେମାନଙ୍କ ସମ୍ମିଳିତତାର, ସର୍ବୋଚ୍ଚତାର ନୁହେଁ । ଶତର ପ୍ରତ୍ୟେକ ଏକକକୁ ଦଶଗୁଣିତ କରାଯାଇପାରେ; ସମସ୍ତେ ନିଜ ପ୍ରକାର ମଧ୍ୟରେ ବୃଦ୍ଧିଲାଭ କରିପାରନ୍ତି : କାରଣ ''**ପୋଷ୍ୟାଣାମ୍**''ବାକ୍ୟାଂଶଟି ମଧ୍ୟରେ ବିକାଶର ଯେଉଁ ସୂଚନା ରହିଛି ତାହାର ଏହାହିଁ ପ୍ରକୃତି । ସେହି କାରଣରୁ ଋଷି କହୁଛନ୍ତି ଯେ ତୁମେ (ବାୟୁ) ହୁଏତ ଶତର ସାଧାରଣ ପୂର୍ଣ୍ଣତାକୁ ବହନ କରି ଆସ, ପରବର୍ତ୍ତୀ ସମୟରେ ସେହି ଶତର ପ୍ରତ୍ୟେକ ଏକକ ଦଶଗୁଣିତ ହୋଇ ନିଜ ନିଜ ପୂର୍ଣ୍ଣତା ନିମନ୍ତେ ପରିପୋଷିତ ହେବେ, ଅଥବା ତୁମେ ଇଚ୍ଛାକଲେ ତୁମର ସହସ୍ର ସହିତ ଆସିପାରିବ ଏବଂ ତୁମର ଗତି ନିଜର ସମଗ୍ର ସମ୍ଭାବିତ ଉର୍ଜାର ଅଧିକତମ ବିକଶିତ ପୁଞ୍ଜ ସହ ଆଗମନ କରୁ ।[୬]

ଏହା ହେଉଛି ସେହି ସର୍ବ-ଆଧାୟକ, ସର୍ବଶକ୍ତିସାଧକ ମାନସିକ ଆଲୋକ ଯାହା ସହିତ ରହିଛି ତାଙ୍କର କାମ୍ୟ ସତ୍ତା, ସାମର୍ଥ୍ୟ, ଆନନ୍ଦ, ଜ୍ଞାନ, ମତି, ପ୍ରାଣଶକ୍ତି, ଶାରୀରିକ କ୍ରିୟାକଳାପ ପ୍ରଭୃତିର ସର୍ବାଙ୍ଗ ପରିପୂର୍ଣ୍ଣତା । କାରଣ, ଏହା ପ୍ରାପ୍ତ ହୋଇଗଲେ ଅବଚେତନା ବାଧ୍ୟ ହେବ ପୂର୍ଣ୍ଣ କରି ଗଢ଼ାଯାଇଥିବା ଜୀବନର ସମୃଦ୍ଧ ତଥା ଭରପୂର ଗତିସଂଚାର ନିମନ୍ତେ ତା'ର ସମସ୍ତ ଗୁପ୍ତ ସମ୍ଭାବନାକୁ ପ୍ରମୁକ୍ତ କରିଦେବା ପାଇଁ ।

(ଅଷ୍ଟମ ଅଧ୍ୟାୟ ସମାପ୍ତ)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda*', Part - II Chapter - VIII, "**Vayu, the Master of the Life Energies**"]

ଅନୁବାଦ : ମଧୁସୂଦନ ମହାପାତ୍ର ❖

---

## ତଥ୍ୟ ନିର୍ଦ୍ଦେଶିକା

୧. ବାୟବା ବା ଚନ୍ଦ୍ରେଣ ରଥେନ ଯାହି ସୁତସ୍ୟ ପୀତୟେ ।

୨. ବିହି ହୋତ୍ରା ଅବୀତା ।

୩. ଅନୁ କୃଷ୍ଣେ ବସୁଧିତୀ ୟେମାତେ ବିଶ୍ୱପେଶସା ।

୪. ବହନ୍ତୁ ତ୍ୱା ମନୋୟୁଜୋ ଯୁକ୍ତାସୋ ନବତିର୍ନବ ।

୫. ବାୟୋ ଶତଂ ହରୀଣାଂ ଯୁବସ୍ୱ ପୋଷ୍ୟାଣାମ୍ ।

୬. ଉତ ବା ତେ ସହସ୍ରିଣୋ ରଥ ଆ ଯାତୁ ପାଜସା ।

କିନ୍ତୁ ଯୋଗର ମୂଳ ଭାବ ଓ ରହସ୍ୟଟି ହେଉଛି ଅସାଧାରଣକୁ ସାଧାରଣ ଓ ସ୍ୱାଭାବିକ କରିନେବା ଏବଂ ଯାହା ଆମ ଉର୍ଦ୍ଧ୍ୱରେ ରହିଛି ଏବଂ ଆମର ସାଧାରଣ ସତ୍ତାଠାରୁ ବୃହତ୍ତର ହୋଇ ରହିଛି ତାହାକୁ ଆମର ନିତ୍ୟ ନିରନ୍ତର ଚେତନାରେ ପରିଣତ କରିନେବା । ତେଣୁ ଆମେ ଦିବ୍ୟ-ଅନନ୍ତଙ୍କର ଯାହା ବି ଅନୁଭୂତି ପାଉ ତାହାକୁ ଆହୁରି ଶୁଦ୍ଧ, ଗଭୀର ଓ ପ୍ରଗାଢ଼ କରିବା ନିମନ୍ତେ, ତାହାକୁ ଆମର ନିରନ୍ତର ଭାବନା ଓ ଧ୍ୟାନର ବସ୍ତୁ ରୂପେ ଗଢ଼ି ତୋଳିବା ନିମନ୍ତେ ସେଥିପ୍ରତି ଆମ ନିଜକୁ ଆହୁରି ଦୃଢ଼ଭାବରେ ଖୋଲି ଦେବାରେ ଆମର କୌଣସି ଇତସ୍ତତଃ ଭାବ ରହିବା ଉଚିତ ନୁହେଁ, ଯେତେବେଳେ କି ଶେଷରେ ଏହାହିଁ ହୋଇ ଉଠିବ ଆମ ଭିତରେ କ୍ରିୟା କରୁଥିବା ଶକ୍ତିର ସେହି ମୂଳଉତ୍ସ, ଆମେ ଆରାଧନା ଓ ଆଲିଙ୍ଗନ କରୁଥିବା ସେହି ଇଷ୍ଟଦେବ ଏବଂ ଆମର ସମଗ୍ର ସତ୍ତା ଏହା ସହିତ ସମସୁରରେ ବନ୍ଧା ହୋଇଯିବ ଓ ଏହାହିଁ ହୋଇ ଉଠିବ ଆମ ସତ୍ତାର ସତ୍ତା ଓ ମୂଳ ଆତ୍ମା ।

— ଶ୍ରୀଅରବିନ୍ଦ

# ଅମରତା ପାଇଁ ପ୍ରସ୍ତୁତ ?

## ଶ୍ରୀ ମନୋଜ ଦାସ

ଦୁଇ ଜଣ ବିଶିଷ୍ଟ ଜୈବବିଜ୍ଞାନୀ ଗବେଷକ, କ୍ୟାମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଡେଭିଡ୍ ଉଡ୍ ଏବଂ ସ୍ପେନୀୟ ବିଦ୍ୱାନ୍ ଜୋସ୍ ଲୁଇ କୋଡ଼ିରୋ ଶୁଣାଇଛନ୍ତି ଏହି ଚମକପ୍ରଦ ପ୍ରତିଶ୍ରୁତି : ଆଉ ମାତ୍ର ସତେଇଶ ବର୍ଷ ଧୈର୍ଯ୍ୟ ଧରି ବଞ୍ଚି ରହନ୍ତୁ; ୨୦୪୫ ବେଳକୁ ଆପଣ ଅମରତ୍ୱ ହାସଲ କରିବେ ।

ନିକଟରେ ପ୍ରକାଶିତ ହେବାକୁ ଯାଉଥିବା ଗ୍ରନ୍ଥ ''ମୃତ୍ୟୁର ମୃତ୍ୟୁ'' (Death of Death)ରେ ସେମାନଙ୍କର ଏହି ଭବିଷ୍ୟଦ୍‌ବାଣୀ କିଛି ବର୍ଷ ପୂର୍ବେ ପ୍ରଖ୍ୟାତ ଭବିଷ୍ୟଦ୍-ବିଶାରଦ ଆର୍‌ଥାର୍ କ୍ଲାର୍କ୍ ତାଙ୍କର ''ଭବିଷ୍ୟତର ଚିତ୍ର'' (Profiles of the Future)ରେ ଘୋଷଣା କରିଥିବା ଆଶାବାଦକୁ ଯଥେଷ୍ଟ ମାତ୍ରାରେ ବଳିଗଲା । କ୍ଲାର୍କ୍ ମହାଶୟଙ୍କ ବକ୍ତବ୍ୟ ଥିଲା ମଣିଷକୁ ସେ ସୌଭାଗ୍ୟ (ବା ଦୁର୍ଭାଗ୍ୟ) ମିଳିବ ୨୦୯୦ରୁ ୨୧୦୦ ମସିହା ଭିତରେ !

୧୯୬୮ ମସିହାର ଶେଷାର୍ଦ୍ଧ ବେଳକୁ ତତ୍କାଳୀନ ସୋଭିଏତ ୟୁନିଅନର ଜଣେ ବିଶିଷ୍ଟ ଚିକିତ୍ସା-ବିଜ୍ଞାନୀ ଭାସିଲି କୁପ୍ରେଭିଚ୍ ଘୋଷଣା କରିଥିଲେ ଯେ ମୃତ୍ୟୁ ମଣିଷ ପାଇଁ ପ୍ରାକୃତିକ ନୁହେଁ । ଏହା ପଶୁଜାତିଠାରୁ ସେ ଆହରଣ କରିଛି । ମଣିଷ ପାଇଁ ଏହା ଏକ ଯାଥାର୍ଥ୍ୟ-ଅତିକ୍ରାନ୍ତ ଅଭ୍ୟାସ ମାତ୍ର । (Death is alien to nature of man. This animal heritage had already become a historical anachronism.) ସେ ମହାଶୟଙ୍କର ଏ ଘୋଷଣା ସେତେବେଳେ ବେଶ୍ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ତେବେ ସୋଭିଏତ ଯୁକ୍ତରାଷ୍ଟ୍ର ବିଭାଜନ ପରେ ତାଙ୍କ ଗବେଷଣା ସମ୍ପର୍କରେ ଅନ୍ତତଃ ଚିକିତ୍ସା ବିଜ୍ଞାନ ବାହାରେ ଥିବା ଆମ ଭଳି କୌତୂହଳୀମାନଙ୍କୁ ଆଉ କିଛି ଶୁଣିବାକୁ ମିଳିଲା ନାହିଁ ।

ସମ୍ପ୍ରତି ଘୋଷିତ ଉଡ୍ ଏବଂ କୋଡ଼ିରୋ ନାମକ ଏ ଦୁଇ ବିଦ୍ୱାନ୍‌ଙ୍କ ପ୍ରତିଶ୍ରୁତିର ମର୍ମ ହେଲା ଆଉ ମାତ୍ର ସତେଇଶଟି ବର୍ଷ ପରେ ଚିକିତ୍ସା ବିଜ୍ଞାନ ପ୍ରଗତିର ଏମନ୍ତ ପର୍ଯ୍ୟାୟରେ ଉପନୀତ ହୋଇଥିବ ଯେ ତେଣିକି ମୃତ୍ୟୁ ଯେ ଖାଲି ଅନିବାର୍ଯ୍ୟ ହୋଇ ରହିବ ନାହିଁ ସେତିକି ନୁହେଁ, ମଣିଷ ଜରା, ବ୍ୟାଧି ଉପରେ ମଧ୍ୟ ବିଜୟ ଲାଭ କରିଥିବ ଏବଂ ଫଳରେ ସେ ଯୁବପ୍ରାୟ ଜୀବନଯାପନ କରିବ । ଯାବତୀୟ ରୋଗର ନିରାକରଣ ନିମନ୍ତେ ଚିକିତ୍ସା ବିଜ୍ଞାନ ମାର୍ଗ ଆବିଷ୍କାର କରି ସାରିଥିବ ଏବଂ ଫଳରେ ମୃତ୍ୟୁ ଅସହାୟ ହୋଇ ତା' ଅଧିକାର ବଜାୟ ରଖିବା ନିମନ୍ତେ ଏକମାତ୍ର ଦୁର୍ଘଟଣା ଉପରେ ନିର୍ଭର କରିବ ! (ସନ୍ତ୍ରାସବାଦ, ଯୁଦ୍ଧ, ଶତ୍ରୁତା, ଲୋଭ ବା ଏପରିକି ପାଗଳାମିଜନିତ ବ୍ୟକ୍ତିଗତ ଏବଂ ସାମୂହିକ ହତ୍ୟା ଇତ୍ୟାଦି ବ୍ୟାପାର ଉପରେ ଗବେଷକମାନଙ୍କର କୌଣସି ମନ୍ତବ୍ୟ ଥିବାର ଆଭାସ ସଦ୍ୟ ପ୍ରକାଶିତ ଗବେଷଣାର ପ୍ରାକ୍-ପ୍ରକାଶନ ସମୀକ୍ଷାରୁ ମିଳୁ ନାହିଁ ।)

ବିଡ଼ମ୍ବନା ହେଲା, ଏ ଉତ୍ସାହୀ ଏବଂ ମାନବ-ହିତୈଷୀ ଯୁଗ୍ମ ଗବେଷକଙ୍କର ଏ ପ୍ରତିଶ୍ରୁତି ପ୍ରାୟ ଚାଳିଶ ବର୍ଷ ପୂର୍ବେ, ୧୯୭୯ରେ ପ୍ରକାଶିତ ଏକ ଗବେଷଣାର ପ୍ରତିଧ୍ୱନି । ବିସ୍ତାରିତ ଗବେଷଣା-ଭିତ୍ତିକ ସେ ପ୍ରକାଶନର ନାମ ''ମୃତ୍ୟୁ ଉପରେ ବିଜୟ'' (Conquest of Death; Macmillan, New York) । ଲେଖକ ଆଲ୍‌ଭିନ୍ ସିଲ୍‌ଭାର୍‌ଷ୍ଟିନ୍ ।

ଯୋଗକୁ ସେ ବହିଟି ପ୍ରକାଶ ପାଇବା ମାତ୍ରେ ଏ ଲେଖକ ତାହା ଅଧ୍ୟୟନ କରିବାର ସୁଯୋଗ ପାଇ ଆପ୍ୟାୟିତ ହୋଇଥିଲା । ସିଲ୍‌ଭାର୍‌ଷ୍ଟିନ୍ ତାଙ୍କ ବହିଟିକୁ ଉତ୍ସର୍ଗ କରିଥିଲେ ''ଆମ ପ୍ରଥମ ପିଢ଼ିର ଅମର-ସମ୍ଭବମାନଙ୍କୁ'' । (To our generation – the First Emortals) ଗବେଷକ ମହୋଦୟ Immortal ଶବ୍ଦ ବଦଳରେ ହୁସିଆର ହୋଇ Emortal ବ୍ୟବହାର କରିଥିଲେ – ଅମର ନହେଲେ ବି ଅମର-ସମ୍ଭବ ଅର୍ଥରେ ।

ନିଜ ଆଶାବାଦର ସମର୍ଥନରେ ପ୍ରଚୁର ବିଜ୍ଞାନଭିତ୍ତିକ ତଥ୍ୟ ଓ ଯୁକ୍ତି ପରିବେଷଣ କରି ସିଲ୍‌ଭାର୍‌ଷ୍ଟିନ୍ ପ୍ରତିପାଦିତ କରିଥିଲେ ଯେ ଗତ ବିଂଶ ଶତାବ୍ଦୀର ଅଶୀ ଦଶକ ହେବ ଏକାନ୍ତ ଶୁଭଙ୍କର । ଯେଉଁ ଗତିରେ ରୋଗ-ନିରୂପଣ ଏବଂ ପ୍ରତିଷେଧକ ଉଦ୍ଭାବନରେ ପ୍ରଗତି ସାଧିତ ହେଉଛି, ମୃତ୍ୟୁର ମୁଖ୍ୟ ଆବାହକ ଯେଉଁସବୁ ବ୍ୟାଧି – କର୍କଟ, ହୃଦ୍‌ଘାତ ଓ ମଧୁମେହ – ସେସବୁର ନିରାକରଣ ଦିଗରେ କ୍ରମଶଃ ଯେପରି ସଫଳତା ଉପଲବ୍ଧ ହେଉଛି, ସେସବୁର ଅବଶ୍ୟମ୍ଭାବୀ ପରିଣତି ହେବ ମୃତ୍ୟୁକୁ ବିଦାୟ ପ୍ରଦାନ । ଯୁବା-ସୁଲଭ ଶୌର୍ଯ୍ୟ ଆମକୁ

ବାର୍ଦ୍ଧକ୍ୟଠୁଁ ଦୂରେଇ ରଖିବ । ସେ ଅବଶେଷରେ ଶୁଣାଇଥିଲେ ଏହି ଉଦାତ୍ତ ବଚନ : ''ପାଠକ ! ତୁମେ ଯଦି ଆଉ ଦଶ ବର୍ଷ ବଞ୍ଚି ରହି ପାରିବ, ତେବେ ତେଣିକି ତୁମେ ଅନିର୍ଦ୍ଦିଷ୍ଟ କାଳ ଯୌବନ ଏବଂ ଶୌର୍ଯ୍ୟ ସମନ୍ୱିତ ଜୀବନ ବଜାୟ ରଖି ପାରିବ ।''

("The nineteen eighties will be the Decade of the Scientific payoffs. The impressive decline in the incidence and mortality of heart disease that has already begun to gather momentum will accelerate. Cancer deaths will dip and then plunge. Dramatic progress in ageing will bring new youth for millions. The close of the decade will bring a virtual end to disease and a welcome reduction of pain and suffering... The heart disease rate has been falling annually since the early fifties. The cancer death rate may have already turned down and will continue to do so at an accelerated pace in the years ahead. During the next decade, further advance will bring a striking improvement of the odds. If you survive the next ten years, you may live on indefinitely in youth and vigour – you may become emortal.")

ବହିଟି ପାଠକରି ଏ ଲେଖକ ଚମତ୍କୃତ ହୋଇଥିଲା । ମହାକାଳର କେଉଁ ବିସ୍ମୃତ ଲଗ୍ନରେ ମଣିଷ କିଞ୍ଚିତ୍ ସଚେତନ ହୋଇ ଉଠିବା ପରଠାରୁ ମୃତ୍ୟୁର ଯଥେଚ୍ଛା ଆଚରଣ ବିରୋଧରେ ବିଦ୍ରୋହ କରି ଆସିଛି; ମୃତ୍ୟୁ ଉପରେ ବିଜୟ ଲାଭ କରିବା ଦିଗରେ ଅଭୀପ୍ସା ପୋଷଣ କରି ଆସିଛି । ଭାରତର ଅନନ୍ୟ ସାହିତ୍ୟ ପରମ୍ପରାରେ ସେ ସଂକଳ୍ପର ତାତ୍ପର୍ଯ୍ୟପୂର୍ଣ୍ଣ ଦୃଷ୍ଟାନ୍ତମାନ ଥିବା ସ୍ଥଳେ ବିଶ୍ୱର ଅନ୍ୟାନ୍ୟ ସୁପ୍ରାଚୀନ ସଭ୍ୟତା ସମୂହର ପରମ୍ପରାରେ ମଧ୍ୟ ସେ ସମ୍ପର୍କୀୟ ନିର୍ଭୁଲ ବିବରଣୀମାନ ବିଦ୍ୟମାନ । ସେ ଅଭୀପ୍ସାକୁ ସାର୍ଥକ କରିବା ଦିଗରେ ଆମ ସମସାମୟିକ ବିଜ୍ଞାନର ଏ ବ୍ୟଗ୍ରତା ତଥା ଆଶାବାଦ ଆମକୁ ଚମକାଇ ଦେବା ସ୍ୱାଭାବିକ ।

କିନ୍ତୁ ମନ ମାନୁ ନଥିଲା । ମୃତ୍ୟୁକୁ କେବଳ ମାତ୍ର ସ୍ୱାସ୍ଥ୍ୟଗତ ସଙ୍କଟର ଅନିବାର୍ଯ୍ୟ ପରିଣତି ବୋଲି ଧରିନେବା କେତେଦୂର ଯୁକ୍ତିଯୁକ୍ତ ? ତାହା ପଛରେ ଚେତନାର ଭୂମିକା କଥା ଏଡ଼ାଇଯିବା ସଙ୍ଗତ କି ? ପୁଣି ମଣିଷ ବର୍ତ୍ତମାନ ଯେଉଁ ପ୍ରକାର ସାମୂହିକ ଆଚରଣ କରୁଛି, ସ୍ୱାଭାବିକ ନିୟମରେହିଁ ଜୀବନ କ୍ଷଣସ୍ଥାୟୀ, ଏକଥା ଜାଣି ମଧ୍ୟ ପରସ୍ପର ସଂହାର କାର୍ଯ୍ୟକ୍ରମରେ ସେ ଯେପରି ଅହରହ ବ୍ୟାପୃତ, ସେ ଦୃଷ୍ଟିରୁ ପ୍ରଲମ୍ବିତ ଜୀବନ ସମ୍ବଳିତ ମଣିଷର ଉତ୍ପାତ ଧରିତ୍ରୀ ସହି ପାରିବ ତ ?

ଚେତନାର ଭୂମିକା ପ୍ରସଙ୍ଗରେ ମନେ ପଡୁଛି ବିଶିଷ୍ଟ ଲେଖକ ନାଥାନିଏଲ୍ ହଥର୍ନଙ୍କର କାହାଣୀଟିଏ : ''ଡକ୍ଟର ହାଇଡ଼ିଗ୍‌ଗାରଙ୍କ ପରୀକ୍ଷା'' (Dr. Heideggar's Experiment) । ଏକଦା ଆମେରିକା ଭୂଖଣ୍ଡର ଲୋକେ ଗୋଟାଏ ଗୁଜବରେ ବିଶ୍ୱାସ କରୁଥିଲେ – କେଉଁ ଏକ ଅଜଣା ପାର୍ବତ୍ୟ ମୁଲକରେ ବିଦ୍ୟମାନ ରହିଛି ଗୋଟିଏ ''ଯୌବନର ଝରଣା'' (Fountain of Youth) । ସେଥିରୁ ଢୋକେ ପିଇଲେ ବୃଦ୍ଧଟିଏ ଯୌବନ ଫେରି ପାଇବ । ଡକ୍ଟର ହାଇଡ଼ିଗ୍‌ଗାର ସାହେବ ସେହି ରହସ୍ୟମୟ ଝରଣାରୁ ଏକ ବୋତଲ ଭର୍ତ୍ତି ପାଣି ସଂଗ୍ରହ କରିଥିଲେ । ପ୍ରକୃତରେ ତାହା କାର୍ଯ୍ୟକାରୀ ହେଉଛି କି ନାହିଁ ଦେଖିବାକୁ ସେ ଦିନେ ସନ୍ଧ୍ୟାରେ ତାଙ୍କର ଚାରିଜଣ ବାଲ୍ୟବନ୍ଧୁଙ୍କୁ ତାଙ୍କ ପ୍ରକୋଷ୍ଠକୁ ଡକାଇଲେ : ତିନିଜଣ ପୁରୁଷ ଏବଂ ଜଣେ ମହିଳା । ସଂଗୃହୀତ ପାଣିର ସମ୍ଭାବ୍ୟ ଯାଦୁକରୀ ଶକ୍ତି କଥା ସେମାନଙ୍କୁ ଜଣାଇ ଡକ୍ଟର ସେମାନଙ୍କୁ ଶପଥ କରାଇ ନେଲେ ଯେ ଯଦି ସତରେ ସେ ଯାଦୁ କାମ କରେ – ଅର୍ଥାତ୍ ସେ ତିନି ବୃଦ୍ଧ ଓ ବୃଦ୍ଧା ଜଣକ ଯଦି ଯୌବନ ଫେରି ପାଆନ୍ତି, ତେବେ ଯୁବାବସ୍ଥାରେ ସେମାନେ ଯେପରି ଉଦ୍ଧତ ଓ ଅସଂଯତ ଥିଲେ, ସେମିତି ହେବେ ନାହିଁ । ଚାରି ବନ୍ଧୁ ହସିଲେ ଏଇଆ ସୂଚାଇ ଯେ ଏକଦା ନିଜ ନିଜ ଦୁର୍ମତି ପାଇଁ ସେମାନେ କମ୍ ପସ୍ତାଇ ନାହାନ୍ତି । ଦୀର୍ଘ ଜୀବନର ଅଭିଜ୍ଞତା ଅନ୍ତେ ସେମାନେ ପୁନର୍ବାର ସେ ଦିନର ମୂର୍ଖତାର ପୁନରାବୃତ୍ତି କରିବେ, ଏଭଳି ସମ୍ଭାବନା ବନ୍ଧୁଙ୍କ କଳ୍ପନାକୁ ଆସୁଛି କିପରି ?

ସନ୍ତୁଷ୍ଟ ହୋଇ ଡକ୍ଟର ହାଇଡ଼ିଗ୍‌ଗାର୍ ସେମାନଙ୍କୁ ତାଙ୍କ ସଂଗୃହୀତ ଯାଦୁପାଣି ପିଆଇଲେ । ସ୍ତବ୍ଧ ହୋଇ ବସି ରହିଲେ ସେ ଚାରିଜଣ । ବିପୁଳ ବିସ୍ମୟ ! ଚାହୁଁ ଚାହୁଁ ସେମାନେ ପାଲଟି

ଗଲେ ତିନି ଚଇନ୍‌ଫିଟ୍ ଯୁବକ ଏବଂ ଯୁବତୀ ! ଉଦ୍ଦାମ ପୁଲକରେ ସେମାନେ ନିଜ ନିଜକୁ ବାରଂବାର ଦେଖିଥିବେ ଦର୍ପଣରେ । ତା'ପରେ ଜଣେ ''ଯୁବକ'' ନିଜ ଆଖିରେ ବିଦ୍ୟୁତ୍ ଚମକାଇ ''ଯୁବତୀ'' ଜଣକୁ ତାଙ୍କ ସହ ନାଚିବାକୁ ଆହ୍ୱାନ କଲେ । ସଙ୍ଗେ ସଙ୍ଗେ ଅନ୍ୟ ଦୁଇଜଣ ମଧ୍ୟ ସେହି ଆହ୍ୱାନ ଦେଲେ ଏବଂ ପ୍ରତ୍ୟେକେ ଦାବି କଲେ ଯେ ଷାଠିଏ ବର୍ଷ ତଳେ ଯୁବତୀଟି ଏକମାତ୍ର ତାଙ୍କୁହିଁ ଭଲ ପାଉଥିଲେ । ଲାଜ ଲାଜ ଭାବ ଦେଖାଇ ''ଯୁବତୀ'' ଜଣକ ପ୍ରତ୍ୟେକଙ୍କୁ ଧରା ଦେବାର ଅଥଚ କାହାକୁ ଧରା ନଦେବାର ଶୈଳୀ ଆଦରି ନେଇଥିଲେ ।

ତିନିଙ୍କ ଭିତରେ ବିବାଦ ପ୍ରବଳରୁ ପ୍ରବଳତର ହୋଇ ପରସ୍ପର ହିଂସାଚରଣ ସମ୍ଭାବନା ସ୍ତରକୁ ଆସିବା ବେଳକୁ ଠେଲାପେଲା ଯୋଗୁଁ ବୋତଲରେ ଥିବା ଉଦ୍‌ବୃତ୍ତ ପାଣି ଢାଳି ହୋଇଗଲା । ଚାହୁଁ ଚାହୁଁ ସେ ଉଦ୍ଦାମ ଚାରି ବନ୍ଧୁଙ୍କ ଉପରେ ଅବତରଣ କଲା ସାମୟିକ ଭାବରେ ସେମାନଙ୍କୁ ତ୍ୟାଗ କରିଥିବା ସ୍ଥବିରତା ।

ଦୀର୍ଘ ନିଃଶ୍ୱାସ ଛାଡ଼ି ସ୍ୱଗତୋକ୍ତି କଲେ ଡକ୍‌ଟର ସାହେବ : ଆଗାମୀ କାଲି ଯୌବନର ଝରଣା ଯଦି ତାଙ୍କ ଦ୍ୱାରଦେଶ ଛୁଇଁ ବହମାନ ହୁଅନ୍ତା, ତେବେ ବି ସେ ଆପଣା ଅଧରୋଷ୍ଠ ସେଥିରେ ଓଦା କରନ୍ତେ ନାହିଁ !

ଏ ଚେତନାଗତ ସମସ୍ୟା ବାହାରେ ପୁଣି ନୃତାତ୍ତ୍ୱିକ ସମସ୍ୟା ମଧ୍ୟ ରହିଛି । ଶହେ ବର୍ଷରୁ ଅଧିକ ବର୍ଷ ତଳେ ସେତେବେଳର ଜଣେ ସ୍ୱନାମଧନ୍ୟ ମନିଷୀ ଏ. ଡବ୍ଲୁ. ମୋମେରି (A. W. Momerie) – ତାଙ୍କର Immortality ନାମକ ବହିରେ ଦର୍ଶାଇଥିଲେ, ମୃତ୍ୟୁ ନଥିଲେ (ସେତେବେଳର ଜନସୁମାରି ଅନୁସାରେ) ପ୍ରତି ପଚିଶ ବର୍ଷରେ ପୃଥିବୀର ଲୋକସଂଖ୍ୟା ଦ୍ୱିଗୁଣ ହୋଇ ଶହେ ପୁରୁଷ ଭିତରେ ଭୂପୃଷ୍ଠରେ କାନ୍ଧକୁ କାନ୍ଧ ଲଗାଇ ସଭିଏଁ ଠିଆ ହେବା ଭଳି ସ୍ଥାନ ସଙ୍କୁଳନ ମାତ୍ର ହୋଇ ପାରନ୍ତା ।

ଅବଶ୍ୟ ସମ୍ପ୍ରତି ଜନସଂଖ୍ୟା ବୃଦ୍ଧିହାର ହ୍ରାସ ହୋଇଛି । ଜାପାନ ଭଳି ଗୋଟିଏ ଯୋଡ଼ିଏ ଦେଶରେ ସେ ହାର ଏଡ଼େ ବେଗରେ ତଳକୁ ଖସୁଛି ଯେ ସେ ପରିସ୍ଥିତିରେ ପରିବର୍ତ୍ତନ ନହେଲେ ଭବିଷ୍ୟତରେ ସେସବୁ ଦେଶ ଜନଶୂନ୍ୟ ହୋଇ ଯାଇପାରେ ବୋଲି ଆଶଙ୍କା ମଧ୍ୟ ଉଚ୍ଚାରିତ ହୋଇଛି ।

ତେବେ ସେସବୁ ପ୍ରସଙ୍ଗ ଆପାତତଃ ଥାଉ । ଆଲ୍‌ଭିନ୍ ସିଲ୍‌ଭରଷ୍ଟିନ୍ ମହାଶୟଙ୍କ ବହିଟି ପ୍ରକାଶ ପାଇବା ପରେ ବର୍ଷଟିଏ ବିତିଛି କି ନାହିଁ, ପ୍ରଚଳିତ ବ୍ୟାଧିସବୁର ପ୍ରକୋପ କମୁ ବା ବଢୁ, ସେସବୁ ଉପରେ ଅପ୍ରତ୍ୟାଶିତ ଭାବେ ଦେଖା ଦେଲା ଭୟାବହ ନୂତନ ବ୍ୟାଧି – ''ଏଡ୍‌ସ୍'' (AIDS) । ପ୍ରଚଳିତ ରୋଗ ବ୍ୟାଧିର ତାଲିକା ବାହାରେ ମାନବତାର ଭାଗ୍ୟରେ ହଠାତ୍ ଏଭଳି ଗୋଟାଏ ଅଭିଶାପ ଦେଖା ଦେବା କଥା ବୈଜ୍ଞାନିକ ମହୋଦୟ ବା କେମିତି ଠଉରାଇ ପାରିଥା'ନ୍ତେ ! ମଣିଷର ଜ୍ଞାନ ଓ ବୁଦ୍ଧି ପ୍ରସୂତ ଏଭଳି ବହୁ ଭବିଷ୍ୟଦ୍‌ବାଣୀର ବିଫଳତାର କମ୍ ଦୃଷ୍ଟାନ୍ତ ଇତିହାସରେ ନାହିଁ ।

ଶ୍ରୀଅରବିନ୍ଦ ତାଙ୍କର ''ଦିବ୍ୟଜୀବନ'' (The Life Divine) ଗ୍ରନ୍ଥର ଏକ ପରିଚ୍ଛେଦର ପାଦଟୀକାରେ ଦେଇଥିଲେ ଏହି ଭବିଷ୍ୟତଧର୍ମୀ ମନ୍ତବ୍ୟ : ''ଦିନେ ଯଦି ବିଜ୍ଞାନ – ସ୍ଥୂଳ ବିଜ୍ଞାନ ହେଉ ବା ପରାବିଜ୍ଞାନ ହେଉ – ମାନବ କଳେବର ଅନିର୍ଦ୍ଦିଷ୍ଟ କାଳ ତିଷ୍ଠି ରହିବା ନିମନ୍ତେ ଆବଶ୍ୟକୀୟ ପରିସ୍ଥିତି ବା ଉପାୟ ଆବିଷ୍କାର କରିବ, ତଥାପି କଳେବର ଯଦି ଆନ୍ତର ବିକାଶର ଅଭିବ୍ୟକ୍ତି ନିମନ୍ତେ ନିଜକୁ ଯଥାଯୋଗ୍ୟ ମାଧ୍ୟମ ହୋଇପାରିବା ଦିଗରେ ପ୍ରସ୍ତୁତ କରି ନପାରିବ, ତେବେ ଆତ୍ମା କୌଣସି ନା କୌଣସି ମାର୍ଗ ଖୋଜି ନେଇ ତାକୁ ତ୍ୟାଗ କରିବ ଏବଂ ନୂଆ ଜନ୍ମ ନେବ । ସ୍ଥୂଳ ଅଥବା ଶାରୀରିକ କାରଣ ମୃତ୍ୟୁର ଏକମାତ୍ର ବା ମୁଖ୍ୟ କାରଣ ନୁହେଁ; ଏକ ନୂତନ ସତ୍ତାର କ୍ରମବିକାଶ ନିମନ୍ତେ ଆଧ୍ୟାତ୍ମିକ ଆବଶ୍ୟକତାହିଁ ତା'ର ପ୍ରକୃତ ଆଭ୍ୟନ୍ତରୀଣ କାରଣ ।'' (Even if Science – Physical Science or occult Science – were to discover the necessary conditions or means for an indefinite survival of the body, still, if the body could not adapt itself so as to become a fit instrument of expression for the inner growth, the soul would find some way to abandon it and pass on to a new incarnation. The material or physical causes of death are not the sole or its true cause : its true inmost reason is the spiritual necessity for the evolution of a new being.) (P. 854)

ବର୍ତ୍ତମାନ ମାନବଜାତି ଏକ ବିବର୍ତ୍ତନଗତ ସଙ୍କଟ ମଧ୍ୟ ଦେଇ ଗତି କରୁଛି । ଆମ ସମବେତ ଚେତନା ଯେଉଁ

ସ୍ୱାର୍ଥସର୍ବସ୍ୱ, ଅହଂଚାଳିତ ଅଜ୍ଞାନ ସ୍ତରରେ ରହିଛି, ତାକୁହିଁ ବଳବତ୍ତର ରଖିବା ନିମନ୍ତେ ଆମ କଳେବର ଅନିର୍ଦ୍ଦିଷ୍ଟ କାଳ ଜୀବିତ ରହିବ, ସେ ସମ୍ଭାବନା ନାହିଁ । ଯଦି ବିବର୍ତ୍ତନୀ ଶକ୍ତି ଆମର ସୀମିତ ବୁଦ୍ଧି, ବିବେକ ସମ୍ବଳିତ ମନଠାରୁ ଭିନ୍ନ ଏକ ମହତ୍ତର ଚେତନା ଆମକୁ ପ୍ରଦାନ କରିବାକୁ ଚେଷ୍ଟା କରିବ, ତେବେ ତାକୁ ସ୍ୱାଗତ କଲା ଭଳି ସମବେତ ଅଭୀପ୍ସା ଆଜିର ନାନାଦି ଅନର୍ଥକ ବାଦ ବିବାଦ, ଭେଦ ବିଭେଦ ପୀଡ଼ିତ ମାନବତାର ଆୟତ୍ତରେ ନାହିଁ । ପରସ୍ପର-ବିରୋଧୀ ପରିସ୍ଥିତି ।

କିନ୍ତୁ ବିବର୍ତ୍ତନ ଶାଶ୍ୱତ କାଳ ଅଟକି ରହିବ କି ? ହଠାତ୍ ହୁଏତ ଅତୀତରେ ବିଲୁପ୍ତ ବହୁ ପ୍ରାଣୀ ଭଳି ମାନବଜାତି ମଧ୍ୟ ଦିନେ ଅବଲୁପ୍ତ ହେବ; ଅଥବା ଆହୁରି ବହୁ ଦ୍ୱନ୍ଦ୍ୱ, ସଂଘର୍ଷ, ସଂହାରର ଅଭିଜ୍ଞତା ଉତ୍ତାରୁ ଦିନେ ମଣିଷ ଅତୀବ କ୍ଳାନ୍ତ ଓ ମୋହମୁକ୍ତ ହୋଇ ଚେତନାର ମହାବ୍ୟୋମ ଆଡ଼େ ଉନ୍ମୁଖ ହୋଇ ନିଜର ରୂପାନ୍ତର ନିମନ୍ତେ ସହାୟତା ପ୍ରାର୍ଥନା କରିବ । ସେତେବେଳେ ଯାଇ ସେକ୍ସ୍‌ପିଅରଙ୍କ ଭାଷାରେ ଜୀବନର ''ଆବଶ୍ୟକୀୟ ସମାପ୍ତି ମୃତ୍ୟୁ''ର ସମାପ୍ତି ସମ୍ଭବ ହେବ । ସେଯାଏ ଆମ ପାଇଁ –

"Death is a stair, a door, a stumbling stride
The soul must take to cross from birth to birth,
A grey defeat pregnant with victory,
A whip to lash us towards
our deathless state."

(Savitri, pp. 600-601) – Sri Aurobindo

''ମୃତ୍ୟୁ ଏକ ସୋପାନ, ଏକ ଦ୍ୱାର,
ଏକ ବିଘ୍ନିତ ଗତିପ୍ରୟାସ,
ଆତ୍ମାକୁ ଯାହା ଆଦରି ନେବାକୁ ହେବ ଜନ୍ମ ଜନ୍ମ ଧରି
ବିଜୟର ପ୍ରତିଶ୍ରୁତି ସମ୍ବଳିତ ଏକ ଧୂସର ପରାଜୟ,
ମୃତ୍ୟୁହୀନ ସ୍ଥିତି ଲକ୍ଷ୍ୟେ ଆମକୁ ତ୍ୱରାନ୍ୱିତ
କରିବା ନିମନ୍ତେ ଏକ ଚାବୁକ୍ ।''

(''ସାବିତ୍ରୀ'') – ଶ୍ରୀଅରବିନ୍ଦ

Become Master of your body — this will lead you to Freedom.
(CWM Vol. 12, p. 283) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ପୂର୍ଣ୍ଣାଙ୍ଗ ଶିକ୍ଷା –
# ଏହାର ପରିବେଶ, ପ୍ରୟୋଗ ଓ ପରିଣତି*

ଶ୍ରୀ ପ୍ରପତ୍ତି

ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ଓ ଆଦର୍ଶ ବ୍ୟକ୍ତିଗତ ଅହଂ-ଚେତନାର ଦିବ୍ୟ ରୂପାନ୍ତର ଯାହାଫଳରେ ବ୍ୟଷ୍ଟିଗତ ଓ ସମଷ୍ଟିଗତ ଚେତନା ପରିବର୍ତ୍ତିତ ହେବ । ଶ୍ରୀଅରବିନ୍ଦ ଯେଉଁ ଚେତନାର ଓଲଟପାଲଟ (reversal of consciousness) କଥା କହୁଛନ୍ତି ତାହା ଫଳରେ ମନୁଷ୍ୟ ଏକ ସମ୍ପୂର୍ଣ୍ଣ ନୂତନ ରୂପ ଲାଭ କରିବ । କିନ୍ତୁ ଏହିସବୁ କାର୍ଯ୍ୟ ହୋଇପାରିବ ଏକ ଯୌଗିକ ଉପଲବ୍ଧି ଦ୍ୱାରା । ଧୀରେ ଧୀରେ ଏହି ଆଦର୍ଶ ସାମାଜିକ ଜୀବନରେ ଶିକ୍ଷାର ମାଧ୍ୟମରେ ପ୍ରବର୍ତ୍ତିତ ହେବ । ଏହା ଫଳରେ ଏକ ନୂତନ ମାନବସମାଜର ପ୍ରତିଷ୍ଠା ହେବ । ଯେଉଁ ବିବର୍ତ୍ତନଧାରାରେ ମନୁଷ୍ୟକୁ ଏହି ସ୍ତରରେ ପହଞ୍ଚିବା ଲାଗି କୋଟି କୋଟି ବର୍ଷ ଲାଗିଥା'ନ୍ତା, ତାହା ହୁଏତ ସାଧନା ବଳରେ କେଇଶହ ବର୍ଷରେ ସମ୍ଭବ ହେବ । ଏଥିପାଇଁ ଶ୍ରୀଅରବିନ୍ଦ ତପସ୍ୟା କରିଛନ୍ତି ଏବଂ ପୃଥିବୀପୃଷ୍ଠରେ ଆବଶ୍ୟକ ଚେତନା, ଶକ୍ତି, ଜ୍ଞାନ ଓ ଆଲୋକ ଆଣିଛନ୍ତି । ମନୁଷ୍ୟ ଚାହିଲେ, ଏବଂ ଏହି କାର୍ଯ୍ୟ ସହିତ ସହଯୋଗ କଲେ ଅବିଳମ୍ବେ ଏହା ସାଧିତ ହେବ । ଏହି ଫଳ ହାସଲ କରିବା ପାଇଁ ବର୍ତ୍ତମାନ ଏକ ପ୍ରସ୍ତୁତିର ପର୍ବ ଚାଲିଛି । ଶ୍ରୀଅରବିନ୍ଦ କହିଛନ୍ତି ଯେ ସମାଜର ବୃହତ୍ତର ପରିସର ମଧ୍ୟରେ ଶିକ୍ଷା ଦ୍ୱାରା ଏହା ସମ୍ଭବ ହେବ । ୧୯୫୧ ସାଲ ଏପ୍ରିଲ ୨୪ ତାରିଖରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର କନ୍‌ଭେନ୍‌ସନ୍ ମିଟିଂରେ ଶ୍ରୀମା ଯେଉଁ ଘଟଣା ଘୋଷଣା କରିଛନ୍ତି ସେଥିରେ ଏହା ଅତ୍ୟନ୍ତ ସ୍ପଷ୍ଟ ହୋଇଯାଇଛି । ସେହି ଘୋଷଣାରେ ସେ କହିଛନ୍ତି :

''Sri Aurobindo is present in our midst, and with all the power of his creative genius he presides over the formation of the University Centre which for years he considered as one of the best means of preparing the future humanity to receive the supramental light that will transform the elite of today into a new race manifesting upon earth the new light and force and life.

In his name I open today this convention meeting here with the purpose of realising one of his most cherished ideals.''

(CWM, Vol. 12. p. 112)

ଅର୍ଥାତ୍, ''ଶ୍ରୀଅରବିନ୍ଦ ଏଠାରେ ଆମମାନଙ୍କ ମଧ୍ୟରେ ଉପସ୍ଥିତ ଅଛନ୍ତି । ତାଙ୍କ ପ୍ରତିଭାର ସର୍ବାଙ୍ଗୀଣ ସୃଜନୀ ଶକ୍ତି ସହ ସେ ଏହି ବିଶ୍ୱବିଦ୍ୟାଳୟ କେନ୍ଦ୍ରର ସଂଗଠନର ପରିଚାଳନା କରୁଛନ୍ତି । ବହୁବର୍ଷ ଧରି ସେ ଗଭୀର ଚିନ୍ତା କରିଥିଲେ ଯେ, ଏହି ଉପାୟରେ ଭବିଷ୍ୟତ୍ ମାନବସମାଜକୁ ସବୁଠାରୁ ଉତ୍ତମଭାବେ ପ୍ରସ୍ତୁତ କରାଯାଇପାରେ, ଯଦ୍ଦ୍ୱାରା ମାନବସମାଜ ପକ୍ଷେ ଅତିମାନସ ଜ୍ୟୋତିଃ ଗ୍ରହଣ କରିବା ସମ୍ଭବ ହେବ । ଏହି ଜ୍ୟୋତିହିଁ ବର୍ତ୍ତମାନ ଏକ ଶ୍ରେଷ୍ଠ ମାନବଗୋଷ୍ଠୀ (elite)କୁ ଏକ ନୂତନ ମାନବଜାତିରେ ରୂପାନ୍ତରିତ କରିବ ଏବଂ ଏହାରି ମାଧ୍ୟମରେ ପୃଥିବୀରେ ନୂତନ ଆଲୋକ, ନୂତନ ଶକ୍ତି ଏବଂ ନୂତନ ଜୀବନ ପ୍ରତିଷ୍ଠିତ ହେବ ।

''ଶ୍ରୀଅରବିନ୍ଦଙ୍କର ଏକ ଅତି ପ୍ରିୟ ଆଦର୍ଶକୁ ବାସ୍ତବ ରୂପ ଦେବା ସକାଶେ ଆଜି ଏହି ଅଧିବେଶନ ଅନୁଷ୍ଠିତ

---

* ଏହି ପ୍ରବନ୍ଧଟି ୧୯୮୪ ମସିହା ଏପ୍ରିଲ ମାସର 'ପୂର୍ଣ୍ଣାଙ୍ଗ ଶିକ୍ଷାପତ୍ର'ରେ ପ୍ରକାଶିତ ହୋଇଥିଲା । ସେସମୟରେ ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରବର୍ତ୍ତନର ପ୍ରାରମ୍ଭିକ ଅବସ୍ଥା । ତତ୍କାଳୀନ ସ୍ୱଳ୍ପ ସଂଖ୍ୟକ ଶିକ୍ଷାକେନ୍ଦ୍ରଗୁଡ଼ିକ ବିଭିନ୍ନ ପର୍ଯ୍ୟାୟରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସମାଧାନର ପନ୍ଥା ନିରୂପଣ ପାଇଁ ପ୍ରୟାସ ଏଥିରେ ନିର୍ଦ୍ଦେଶିତ ହୋଇଛି । ଅତୀତର ପ୍ରୟାସରୁ ଆଜିର ପରିପ୍ରକାଶ । ସେ ଦୃଷ୍ଟିରୁ ଏଥିରେ ଲିପିବଦ୍ଧ ଅନୁଭୂତି ଆଜିର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କୁ କିଛିଟା ମାର୍ଗଦର୍ଶନ ଦେବ ବୋଲି ଆଶା କରୁ । – ସମ୍ପାଦନା

ହେଉଛି ଏବଂ ତାଙ୍କରି ନାମରେହିଁ ମୁଁ ଏହି ସଭାର ଉଦ୍‌ଘାଟନ କରୁଛି ।''

ଏହି ଘୋଷଣାରୁ ସ୍ପଷ୍ଟ ଅନୁଭୂତ ହେବ ଯେ ଶ୍ରୀମା-ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ଧାରା ପୂର୍ଣ୍ଣାଙ୍ଗ ଶିକ୍ଷାର ମାଧ୍ୟମରେ ସଂସାରକୁ ଦିଆଯାଇପାରିବ । ପୂର୍ଣ୍ଣଯୋଗର ସମସ୍ତ ବିଷୟ ପୂର୍ଣ୍ଣାଙ୍ଗ ଶିକ୍ଷାର ପାଞ୍ଚୋଟି ଅଙ୍ଗ ମଧ୍ୟରେ ଆସି ପାରିବ । ଏହି ପାଞ୍ଚୋଟି ଅଙ୍ଗ ହେଲା : ଶାରୀରିକ, ପ୍ରାଣିକ, ମାନସିକ, ଚୈତ୍ୟିକ ଏବଂ ଆଧ୍ୟାତ୍ମିକ ଶିକ୍ଷା । ଏହା ଏକ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ । ବର୍ତ୍ତମାନ ସମାଜରେ ଯେପରି ବିଶୃଙ୍ଖଳା, ବିକ୍ଷୋଭ ଓ ଅବ୍ୟବସ୍ଥା ଚାଲିଛି, ତହିଁରେ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରୟୋଗ ଏକ ଦୁଃସାହସିକ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ । କେହି କେହି କହିବେ ଯେ ଏହି ଶିକ୍ଷାର ନୀତିନିୟମ ବର୍ତ୍ତମାନ ସମାଜରେ ପ୍ରବର୍ତ୍ତିତ ହୋଇ ପାରିବ ନାହିଁ । ଏଥିପାଇଁ ଉପଯୁକ୍ତ ପରିବେଶ ଆବଶ୍ୟକ । ଯଥାର୍ଥରେ କହିବାକୁ ଗଲେ ଏହାପାଇଁ ଏକ ପ୍ରସ୍ତୁତି ଆବଶ୍ୟକ ଏବଂ ଏହି ପ୍ରସ୍ତୁତି ଦୀର୍ଘକାଳ ଧରି ଚାଲିପାରେ । ପ୍ରତ୍ୟେକ ମହାପୁରୁଷ ଯେତେବେଳେ ପୃଥିବୀ ଉପରକୁ ଆସନ୍ତି ସେତେବେଳେ ତାଙ୍କର ଆଦର୍ଶ-ପ୍ରତିଷ୍ଠାରେ ତିନୋଟି ବିଷୟ ଦେଖିବାକୁ ମିଳେ । ପ୍ରଥମଟି ସତ୍ୟର ଉପଲବ୍ଧି, ଦ୍ୱିତୀୟଟି ସେହି ସତ୍ୟର ବିଚାର ବା ଦର୍ଶନ ଆକାରରେ ପ୍ରକାଶ ଏବଂ ତୃତୀୟଟି ହେଲା ସେହି ସତ୍ୟର ପ୍ରୟୋଗ । ଶ୍ରୀଅରବିନ୍ଦ ଅତିମାନସ ସତ୍ୟର ଉପଲବ୍ଧି କଲେ, ସେହି ଉପଲବ୍ଧିକୁ ଦର୍ଶନ ବା ବିଚାର ଆକାରରେ ତାଙ୍କର ଗ୍ରନ୍ଥମାନଙ୍କରେ ପ୍ରକାଶ କଲେ ଏବଂ ଗୋଷ୍ଠୀଗତ ଜୀବନରେ ତାହାର ପ୍ରୟୋଗ ଶିକ୍ଷାର ମାଧ୍ୟମରେ ହେବ ବୋଲି ଘୋଷଣା କଲେ । ଅନ୍ୟ କଥାରେ କହିବାକୁ ଗଲେ ପୂର୍ଣ୍ଣାଙ୍ଗ ଶିକ୍ଷା ମାଧ୍ୟମରେ ତାଙ୍କର ସତ୍ୟକୁ ସାମାଜିକ ଜୀବନରେ ପ୍ରତିଷ୍ଠିତ କରିବାକୁ ସେ ଚାହିଁଥିଲେ । ଏହି ପୂର୍ଣ୍ଣାଙ୍ଗ ଶିକ୍ଷାର କାର୍ଯ୍ୟକ୍ରମ କିପରି ହେବ ତାହାର କୌଣସି blue print ବା ଯୋଜନା କରାଯାଇ ନାହିଁ । କାରଣ ପ୍ରତ୍ୟେକ ପରିବେଶ, ପ୍ରତ୍ୟେକ ସ୍ଥାନ, ପ୍ରତ୍ୟେକ ଅବସ୍ଥାକୁ ଦେଖି, ମୂଳ ଲକ୍ଷ୍ୟକୁ ଠିକ୍ ରଖି, ଏହାକୁ କାର୍ଯ୍ୟକାରୀ କରିବାକୁ ହେବ । ପରିବେଶ ଏବଂ ପରିସ୍ଥିତି ଯଦି ଏହି କାର୍ଯ୍ୟ ପାଇଁ ଅନୁକୂଳ ନହୁଏ, ତେବେ ଏହି କାର୍ଯ୍ୟକୁ ଯେ ଛାଡ଼ି ଦେବାକୁ ହେବ ଏହା ନୁହେଁ, ଏଥିପାଇଁ ଏକ ବୃହତ୍ତର ସାମାଜିକ ଜୀବନକୁ ପ୍ରସ୍ତୁତ କରିବାକୁ ହେବ । ପ୍ରସ୍ତୁତି ସଙ୍ଗେ ସଙ୍ଗେ ଆଗାମୀ କାର୍ଯ୍ୟଟି ଆପେ ଆପେ ଖୋଲିଯିବ । ଆବଶ୍ୟକ ହେଉଛି ଏହି କାର୍ଯ୍ୟ ନିମିତ୍ତ ଦୃଢ଼ ସଂକଳ୍ପ, ବିଶ୍ୱାସ ଓ ଉତ୍ସର୍ଗ ।

ଓଡ଼ିଶାରେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାର କାର୍ଯ୍ୟକ୍ରମ ଗତ ପନ୍ଦର ବର୍ଷ ଧରି ଚାଲିଛି । (୧୯୮୪ ମସିହାରେ) ଓଡ଼ିଶାର ଅନଗ୍ରସର ଜିଲ୍ଲାମାନଙ୍କରେ ମଧ୍ୟ ଏହି କାର୍ଯ୍ୟକ୍ରମ ଚାଲିଛି । ଯଥାର୍ଥରେ କହିବାକୁ ଗଲେ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରଚଳନ ନିମିତ୍ତ ଏଗୁଡ଼ିକ ପ୍ରାଥମିକ ପ୍ରସ୍ତୁତି । ଏହି ପ୍ରସ୍ତୁତି ଅବସ୍ଥାରେ ଏହା ପୁରୁଣା ବିଦ୍ୟାଳୟ ପରି ବୋଧ ହୋଇପାରେ । କେହି କେହି ଏହାକୁ ପୂର୍ଣ୍ଣାଙ୍ଗ ଶିକ୍ଷା ବୋଲି ସ୍ୱୀକାର କରିବାକୁ ହୁଏତ ରାଜି ହେବେ ନାହିଁ । ଯେପରି କୌଣସି ଏକ ବିରାଟ ସୌଧ ନିର୍ମାଣ ପୂର୍ବରୁ ତାହାର ମୂଳଦୁଆ କାମ ବହୁଦିନ ଧରି ଚାଲେ, ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରାଥମିକ ଅବସ୍ଥାରେ ପହଞ୍ଚିବା ନିମିତ୍ତ ମଧ୍ୟ ବହୁ ପ୍ରସ୍ତୁତି ଆବଶ୍ୟକ । ବ୍ୟକ୍ତିଗତ ଓ ସାମାଜିକ ଜୀବନର ପରିବର୍ତ୍ତନ ସହିତ ଏହି ଶିକ୍ଷା ଗଭୀରଭାବେ ଜଡ଼ିତ । ନୂତନ ସମାଜ ଗଠନରେ ଏହି ଶିକ୍ଷାର ଭୂମିକା ଅତି ସ୍ପଷ୍ଟ । ନୂତନ ଶିକ୍ଷା ଫଳରେ ନୂତନ ସମାଜ ପ୍ରତିଷ୍ଠିତ ହେବ । ନୂତନ ସମାଜ ପ୍ରତିଷ୍ଠିତ ହେବା ଫଳରେ ନୂତନ ଶିକ୍ଷା ମଧ୍ୟ ସମ୍ଭବ ହେବ । ନୂତନ ସମାଜ ଓ ନୂତନ ଶିକ୍ଷା ଓତପ୍ରୋତ ଭାବରେ ଜଡ଼ିତ । ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଶିକ୍ଷାର ଯେଉଁ ପ୍ରସାର ହୋଇଛି ତାହା ବହୁବର୍ଷ ଧରି ଓଡ଼ିଶାରେ ଗଠିତ ହୋଇଥିବା ଶ୍ରୀଅରବିନ୍ଦ ପାଠଚକ୍ରମାନଙ୍କ ଆନୁକୂଲ୍ୟରେ ସମ୍ଭବ ହୋଇଛି । ଯଥାର୍ଥରେ କେହି ଏହାକୁ ନେତୃତ୍ୱ ଦେଇ ପରିଚାଳିତ କରୁ ନାହାନ୍ତି । ଏହି କାର୍ଯ୍ୟରେ ଯେଉଁମାନେ ସଂପୃକ୍ତ ସେମାନଙ୍କର ବହୁ ତ୍ରୁଟି ଥିବା ସତ୍ତ୍ୱେ ଏହି କାର୍ଯ୍ୟରେ ସେମାନେ ଆଗଭର ହୋଇଛନ୍ତି । ଶ୍ରୀଅରବିନ୍ଦ ଆଶ୍ରମରେ ଯେଉଁ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ଅଛି, ଓଡ଼ିଶାର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକ ତାହାର ଶାଖା ବା ପ୍ରଶାଖା ନୁହେଁ । କାଲି ସକାଳେ ଗଢ଼ି ଉଠିଥିବା ଏହି ଶିକ୍ଷାକେନ୍ଦ୍ରଗୁଡ଼ିକୁ ଆଶ୍ରମର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ସହ ତୁଳନା କରିବା ଆଦୌ ଠିକ୍ ନୁହେଁ । ଆଶ୍ରମରେ ଏଥିପାଇଁ କୌଣସି ନେତୃତ୍ୱ ନାହିଁ । ଆଶ୍ରମ ସହିତ ଓଡ଼ିଶାରେ ପ୍ରତିଷ୍ଠିତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକର ସମ୍ପର୍କ ଆତ୍ମିକ ଓ ମନସ୍ତାତ୍ତ୍ୱିକ । ସେଠାରୁ ଏଗୁଡ଼ିକ ପ୍ରେରଣା ପାଇପାରନ୍ତି ଏବଂ ସମ୍ମୁଖରେ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶକୁ ଧରିରଖି ନିଜ ନିଜ ଧାରାରେ କାର୍ଯ୍ୟ କରିଚାଲନ୍ତି, ବର୍ତ୍ତମାନ ତାହାହିଁ ଓଡ଼ିଶାରେ ହେଉଛି । ପ୍ରତ୍ୟେକ ଶିକ୍ଷାକେନ୍ଦ୍ର ତାହାର ନିଜ ଧାରାରେ ଜନସାଧାରଣଙ୍କଠାରୁ ସାହାଯ୍ୟ ଓ ସହଯୋଗ ଲାଭ କରି ଆଗକୁ ଯିବା ପାଇଁ ଚେଷ୍ଟା କରୁଛି । ଏହା ଏକ ଦୁରୂହ କାର୍ଯ୍ୟ । ଏଥିରେ ଯେ ଅନେକ ତ୍ରୁଟି ଓ ଦୋଷ ରହିବ,

ଏ ବିଷୟରେ ଆଦୌ ସନ୍ଦେହ ନାହିଁ । କେତେକ ବ୍ୟକ୍ତିଙ୍କର ନିରଳସ ଚେଷ୍ଟା ଓ ଦୃଢ଼ସଂକଳ୍ପ ଯୋଗୁଁ ଏହି ଶିକ୍ଷାକେନ୍ଦ୍ରଗୁଡ଼ିକ ବଞ୍ଚି ରହିଛି । ପ୍ରତ୍ୟେକ ଶିକ୍ଷାକେନ୍ଦ୍ରର ପୃଷ୍ଠଭୂମିରେ ରହିଛି ଏକ ପାଠଚକ୍ର । ଯଥାର୍ଥରେ କହିବାକୁ ଗଲେ ପାଠଚକ୍ରରୁହିଁ ଶିକ୍ଷାକେନ୍ଦ୍ରଗୁଡ଼ିକ ଆରମ୍ଭ ହେଲା । ପାଠଚକ୍ରର ସଭ୍ୟମାନେ ଏହି ଶିକ୍ଷାକୁ ସମର୍ଥନ ଜଣାଇଲେ ଏବଂ ଅତ୍ୟନ୍ତ ନିଷ୍ଠା ଓ ଆନ୍ତରିକତା ସହ ଏଥିପାଇଁ କାର୍ଯ୍ୟ କରିବାକୁ ଆରମ୍ଭ କଲେ । ଏସବୁ ଛଡ଼ା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକୁ ବର୍ତ୍ତମାନର ସାମାଜିକ ସ୍ଥିତି ସହ ହାତ ମିଳାଇ ଚଳିବାକୁ ପଡ଼ିଲା । ଶିକ୍ଷାକେନ୍ଦ୍ରର ପରିବେଶରେ ରହିଛନ୍ତି ଛାତ୍ରମାନଙ୍କର ମାତାପିତା ଓ ଅଭିଭାବକ, ଶିକ୍ଷକ, ସମାଜର ସାଧାରଣ ଜନତା ଓ ସରକାର । ଅନେକଗୁଡ଼ିଏ କାର୍ଯ୍ୟରେ ଶିକ୍ଷାକେନ୍ଦ୍ରରେ କେତେକ ଅସୁବିଧା ଥିଲେ ସୁଦ୍ଧା ଏମାନଙ୍କ ସହ ମିଳିମିଶି କାର୍ଯ୍ୟ କରିବାକୁ ହେଉଛି । ଏପରିକି କେତେକ ବିଷୟ ଯାହାକୁ ଆମେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଚାହୁ ନାହୁଁ, ସେସବୁକୁ ପରିସ୍ଥିତି ଓ ପରିବେଶର ଚାପରେ ଆମକୁ ଗ୍ରହଣ କରିବାକୁ ପଡୁଛି । ବର୍ତ୍ତମାନ ପରିସ୍ଥିତିରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ହେଲେ ଏହାହିଁ କରିବାକୁ ପଡ଼ିବ । ସେଥିପାଇଁ ଏକ ପାଠ୍ୟକ୍ରମ (Syllabus)ର ବ୍ୟବସ୍ଥା କରାଯାଇଛି ଯାହାକି ବିଭିନ୍ନ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କେତେକ ପରିମାଣରେ ଅନୁସରଣ କରନ୍ତି । ଏହି ସିଲାବସ ଅନୁସାରେ ଯେ ପିଲାମାନେ ପରୀକ୍ଷା ଦେଇ ପାସ୍ କରନ୍ତି, ଏପରି ନୁହେଁ । ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ କୌଣସି ପରୀକ୍ଷା ନାହିଁ । ସପ୍ତମ ଶ୍ରେଣୀ ଶେଷରେ ଯେଉଁ ବୋର୍ଡ଼ ପରୀକ୍ଷା ହେଉଛି ତାହା ପୂର୍ଣ୍ଣାଙ୍ଗ ଶିକ୍ଷା ନିମିତ୍ତ ଇଚ୍ଛାଧୀନ । କିନ୍ତୁ ଯେଉଁ ତିନୋଟି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲା ହୋଇଛି, ସେଥିରେ ପିଲାମାନଙ୍କୁ ବୋର୍ଡ଼ ପରୀକ୍ଷା ଦେବାକୁ ହେଉଛି । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମିତ୍ତ ଏକ ଭିନ୍ନ ପ୍ରକାର ପରୀକ୍ଷାର ବ୍ୟବସ୍ଥା କରାଯିବ – ଏ ବିଷୟ ସେକେଣ୍ଡାରୀ ବୋର୍ଡ଼ର ବିଚାରାଧୀନ ଅଛି । ମାତ୍ର ତିନୋଟି ଶିକ୍ଷାକେନ୍ଦ୍ରକୁ ପରୀକ୍ଷାମୂଳକ ଶିକ୍ଷାକେନ୍ଦ୍ର ରୂପେ ସରକାର ଘୋଷଣା କରିଛନ୍ତି । ଏହି ତିନୋଟି ଶିକ୍ଷାକେନ୍ଦ୍ରରେ ପାଞ୍ଚବର୍ଷ ନିମିତ୍ତ ପରୀକ୍ଷାମୂଳକଭାବେ ଏକ ନୂତନ ପରୀକ୍ଷା ପ୍ରଣାଳୀର ପ୍ରୟୋଗ କରାଯିବ । ଯଦିଓ ଏହାକୁ ଓଡ଼ିଶା ସେକେଣ୍ଡାରୀ ବୋର୍ଡ଼ କେତେକାଂଶରେ ସ୍ୱୀକାର କରିଛି, ତଥାପି ଏହାକୁ ସମ୍ପୂର୍ଣ୍ଣ ଗ୍ରହଣ କରିପାରି ନାହିଁ । ବର୍ତ୍ତମାନ ଏ ବିଷୟରେ ଆଲୋଚନା ଅବ୍ୟାହତ ରହିଛି । ଏଥିପାଇଁ ସରକାରୀ ସ୍ତରରେ ମଧ୍ୟ ଏକ ଉଚ୍ଚସ୍ତରୀୟ କମିଟି ଗଠିତ ହୋଇଥିଲା ଏବଂ ସେମାନେ ତାଙ୍କର ନିଷ୍ପତ୍ତି ବୋର୍ଡ଼କୁ ଜଣାଇ ଦେଇଛନ୍ତି । ବୋର୍ଡ଼ ମଧ୍ୟ ଏକ ସବ୍-କମିଟି ଗଠନ କରି କେତେକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ପରିଦର୍ଶନ କରିବାକୁ ଅନୁରୋଧ କରିଥିଲେ । ସେହି ସବ୍-କମିଟିରେ ସଭ୍ୟ ଥିଲେ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀ ଶତ୍ରୁଘ୍ନ ନାଥ, ସମ୍ବଲପୁରର ଶ୍ରୀ ମନମୋହନ ପଟ୍ଟନାୟକ, କଟକ ୧ ନମ୍ବର ସର୍କଲର ଇନ୍‌ସ୍ପେକ୍‌ଟର ଶ୍ରୀ ବାଞ୍ଛାନିଧି ମହାନ୍ତି ଓ ଶ୍ରୀମତୀ ରାଜରାଣୀ ମହାନ୍ତି । ଏହି ସବ୍-କମିଟିର ରିପୋର୍ଟରେ ନୂତନ ପୂର୍ଣ୍ଣାଙ୍ଗ ଶିକ୍ଷା ପଦ୍ଧତିକୁ ସମର୍ଥନ କରାଯାଇଛି । ଏହା ଛଡ଼ା କଟକ, ଭୁବନେଶ୍ୱର ଓ ସମ୍ବଲପୁର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିଦର୍ଶନ କରି ସେଠାରେ ଶିକ୍ଷାଦାନ ଓ ଅନ୍ୟାନ୍ୟ ବ୍ୟବସ୍ଥା ସନ୍ତୋଷଜନକ ବୋଲି ସେମାନେ ସେମାନଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । ତେବେ ସେ ଯାହାହେଉ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକରେ ଯେଉଁ ବ୍ୟବସ୍ଥା ଗ୍ରହଣ କରାଯାଇଛି, ତାହା ଏକ ସାମୟିକ ବ୍ୟବସ୍ଥା । ଏହି ବ୍ୟବସ୍ଥା ମଧ୍ୟ ଦେଇ ପରିଶେଷରେ ଆମେ ପରୀକ୍ଷାକୁ ଉଠାଇ ଦେବାକୁ ଚାହୁ । କିନ୍ତୁ ବର୍ତ୍ତମାନ ଯେଉଁ ବ୍ୟବସ୍ଥା ରହିଛି, ତାକୁ ଯଦି ଆମେ କିଛି ପରିମାଣରେ ଗ୍ରହଣ ନକରୁ ତେବେ ଶିକ୍ଷା ଜଗତରେ ଆମର ସ୍ଥାନ ମଧ୍ୟ ରହିବ ନାହିଁ । ସେଥିପାଇଁ ଏହି ସାମୟିକ ବ୍ୟବସ୍ଥାକୁ ଦେଖି ଯେପରି କେହି ଚିନ୍ତା ନକରନ୍ତି ଯେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକର କୌଣସି ନିଜସ୍ୱ ଧାରା ନାହିଁ ବା ସେମାନେ ନିଜସ୍ୱ ପଦ୍ଧତିରେ ଅଗ୍ରସର ହୋଇପାରିବେ ନାହିଁ । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକୁ ଯଦି ଏକ ଶିକ୍ଷାଗତ ଆନ୍ଦୋଳନ ରୂପେ ଗ୍ରହଣ କରାଯାଏ, ତେବେ ସମ୍ଭବତଃ ଏହାହିଁ କରିବାକୁ ପଡ଼ିବ । ଏହାଛଡ଼ା ଆମମାନଙ୍କୁ ସର୍ବଦା ମାତାପିତା ଓ ଅଭିଭାବକମାନଙ୍କର ଦାବି ଓ ପରାମର୍ଶ ସମ୍ବନ୍ଧରେ ସଚେତନ ରହିବାକୁ ହେବ । ପିଲା ଯଦି ସାର୍ଟିଫିକେଟ୍ ନପାଏ ତେବେ ସେ ଅନ୍ୟାନ୍ୟ କୌଣସି କଲେଜରେ ସ୍ଥାନ ପାଇବ ନାହିଁ । ଏ ବିଷୟରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରକୁ ନଜିର ଦେବା ଠିକ୍ ହେବ ନାହିଁ ।

ଅନ୍ୟ ଏକ ଗୁରୁତର ପ୍ରଶ୍ନ ହେଲା ବାହାରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମିତ୍ତ ଉପଯୁକ୍ତ ଶିକ୍ଷକ ନିଯୁକ୍ତ କରିବା । ଆମେମାନେ ଏହି କ୍ଷେତ୍ରରେ ଶିକ୍ଷକ ବାଛିବା କିପରି ? ଶିକ୍ଷକଙ୍କର ଯେଉଁ ପ୍ରଧାନ ବିଶେଷ ଗୁଣ ଆବଶ୍ୟକ, ତାହା ହେଉଛି ଜୀବନରେ ଅଗ୍ରଗତି କରିବା ନିମିତ୍ତ ତୀବ୍ର ଅଭୀପ୍ସା ଓ

ଆତ୍ମୋତ୍ସର୍ଗର ଭାବ । ଦ୍ୱିତୀୟତଃ ସେ ଉପଯୁକ୍ତ ପରିମାଣରେ ପୂର୍ଣ୍ଣାଙ୍ଗ ଶିକ୍ଷା ନିମିତ୍ତ ଉପଯୁକ୍ତଭାବେ ଶିକ୍ଷିତ ହୋଇଥିବା ଆବଶ୍ୟକ । ଏହି ଦୁଇଟି ଗୁଣ ଏକ ସଙ୍ଗରେ ମିଳିଲେ ତାହାକୁ ସୁବର୍ଣ୍ଣ ସୁଯୋଗ ବୋଲି କହିବାକୁ ହେବ । କିନ୍ତୁ ଏହି ଉଭୟ ଗୁଣର ଏକତ୍ର ସମାବେଶ ଏକାନ୍ତ ବିରଳ । ବହୁ ସଂଖ୍ୟାରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା କରିବାକୁ ହେଲେ ଉପଯୁକ୍ତ ଶିକ୍ଷକଙ୍କର ଯେ ଅଭାବ ରହିଛି, ଏଥିରେ ସନ୍ଦେହ ନାହିଁ । ତେବେ ଏ ଦୁଇଟି ଗୁଣ ମଧ୍ୟରୁ ଯଦି କୌଣସି ଶିକ୍ଷକଙ୍କର ପ୍ରଥମ ଗୁଣଟି ଥାଏ, ତେବେ ତାଙ୍କୁହିଁ ଆମେ ଶିକ୍ଷାକେନ୍ଦ୍ରରେ ଶିକ୍ଷକ ହିସାବରେ ସୁଯୋଗ ଦେଉ । ଏପରି ଅନେକ ଶିକ୍ଷକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରେ ଅଛନ୍ତି ଯେଉଁମାନଙ୍କର ଶ୍ରୀମା ଶ୍ରୀଅରବିନ୍ଦଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ଅତୁଟ ବିଶ୍ୱାସ ରହିଛି । ଏହିମାନେହିଁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ବଞ୍ଚାଇ ରଖିଛନ୍ତି । କୌଣସି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଏପରି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସଂଖ୍ୟା ଦୁଇ, ତିନି ଜଣରୁ ବେଶୀ ନୁହେଁ । ଏହିମାନଙ୍କର କାର୍ଯ୍ୟ ଏବଂ ଉଦାହରଣରୁ ଅନ୍ୟମାନେ ଉତ୍ସାହିତ ହୁଅନ୍ତି । କିନ୍ତୁ ଏମାନେ ବର୍ତ୍ତମାନର ଶିକ୍ଷା ପଦ୍ଧତିରେ ଧୁରନ୍ଧର ନୁହନ୍ତି । କେବଳ ଭକ୍ତ ଶିକ୍ଷକମାନଙ୍କୁ ନେଇ ତ ଶିକ୍ଷାକେନ୍ଦ୍ର ଚାଲିବ ନାହିଁ । କେତେକ ଶିକ୍ଷକ-ଶିକ୍ଷୟିତ୍ରୀ ପାଠ ଭଲ ପଢ଼ାନ୍ତି, କିନ୍ତୁ କୌଣସି ଉଚ୍ଚତର ଆଦର୍ଶ ନିମିତ୍ତ ସେମାନଙ୍କ ଭିତରେ କୌଣସି ଉନ୍ମୀଳନ ନଥାଏ । ସୁତରାଂ ଏପରି ଶିକ୍ଷକମାନେ କିଛିଦିନ ପାଇଁ ଶିକ୍ଷାକେନ୍ଦ୍ରକୁ ଆସନ୍ତି ଏବଂ ପୁଣି ଶିକ୍ଷାକେନ୍ଦ୍ର ଛାଡ଼ି ଚାଲିଯା'ନ୍ତି । କେତେକଙ୍କର ଗଭୀର ଆତ୍ମତ୍ୟାଗ, ଆତ୍ମୋତ୍ସର୍ଗ, ଶ୍ରଦ୍ଧା ଓ ବିଶ୍ୱାସ ଫଳରେ ଶିକ୍ଷାକେନ୍ଦ୍ରରେ ଯେଉଁ ଅଧ୍ୟାତ୍ମ ପରିବେଶ ସୃଷ୍ଟି ହୁଏ, ତାହାକୁ ଅନ୍ୟ ଶିକ୍ଷକମାନେ ସହ୍ୟ କରି ନପାରି ଚାଲିଯା'ନ୍ତି । ପ୍ରତ୍ୟେକ ଶିକ୍ଷାକେନ୍ଦ୍ରର ପଶ୍ଚାତରେ ପ୍ରଚ୍ଛନ୍ନ ରୂପେ ଅଧ୍ୟାତ୍ମ ଶକ୍ତିର କ୍ରିୟା ଚାଲିଥାଏ । କେହି କେହି ଏହା ପ୍ରତ୍ୟକ୍ଷ ରୂପେ ଅନୁଭବ କରନ୍ତି । ଏହାହିଁ ହେଲା ଆମ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକର ଅନ୍ତର୍ନିହିତ ବୈଶିଷ୍ଟ୍ୟ । ଏଥିପାଇଁ ଶ୍ରୀମା କହୁଛନ୍ତି "A teacher must be a yogi and a hero." ଅର୍ଥାତ୍ ଶିକ୍ଷକ ଜଣେ ଯୋଗୀ ଏବଂ ବୀରପୁରୁଷ ହେବା ଆବଶ୍ୟକ । ଏହି ଆଦର୍ଶକୁ ସମ୍ମୁଖରେ ରଖି କେତେକ ପରିଚାଳକ ଓ କେତେକ ଶିକ୍ଷକ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରୟୋଗ ନିମିତ୍ତ ବଦ୍ଧପରିକର । ଯେତେ ଅସୁବିଧା ବା ତ୍ରୁଟି ଥିଲେ ବି ଏହି ଶିକ୍ଷାକେନ୍ଦ୍ରଗୁଡ଼ିକ ନିଜର ସ୍ୱରୂପ ଓ ପ୍ରକାଶରେ ସାଧାରଣ ଶିକ୍ଷାୟତନଠାରୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକରେ ଗଭୀର ଆତ୍ମୀୟତା ଓ ସ୍ନେହ ସହାନୁଭୂତି ରହିଛି । ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ପିଲାମାନଙ୍କୁ ମାଡ଼-ଗାଳି ଦେବା, ଭୟ ଦେଖାଇବା ଏକେବାରେ ଉଠିଯାଇଛି । ସେଥିପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ସର୍ବଦା ଘରୁ ଶିକ୍ଷାକେନ୍ଦ୍ରକୁ ପଳାଇ ଆସନ୍ତି । ଏପରିକି କେତେକ ଛାତ୍ର-ଛାତ୍ରୀଙ୍କୁ ସେମାନଙ୍କ ମାତାପିତା ଅନ୍ୟ ସ୍କୁଲକୁ ନେଇଯିବାକୁ ଚାହିବାରୁ, ସେମାନେ ଘୋର ପ୍ରତିକ୍ରିୟା ଦେଖାଇଥିଲେ । ଏପରିକି ଯେଉଁମାନେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରୁ ମାଟ୍ରିକ ପରୀକ୍ଷା ଦେଇ ଚାଲି ଗଲେଣି, ଏବଂ ଅନ୍ୟତ୍ର ପଢୁଛନ୍ତି, ସେମାନେ ବି ଏଭଳି ଶିକ୍ଷାକେନ୍ଦ୍ରକୁ ଭୁଲି ପାରନ୍ତି ନାହିଁ, ଏହାର ବିଭିନ୍ନ କାର୍ଯ୍ୟକ୍ରମରେ ଆସି ସ୍ୱେଚ୍ଛାକୃତ ଭାବରେ ଯୋଗ ଦିଅନ୍ତି ।

ଅନ୍ୟ କଥା ହେଲା ଶିକ୍ଷାକେନ୍ଦ୍ର ପରିଚାଳନାରେ ଆର୍ଥିକ ସ୍ୱଚ୍ଛଳତା । ଗ୍ରାମାଞ୍ଚଳରେ କେତେକ ସ୍କୁଲରେ ଛାତ୍ର-ଛାତ୍ରୀମାନଙ୍କଠାରୁ ଟିଉସନ ଫିସ୍ ଆଦୌ ନିଆଯାଏ ନାହିଁ । ସହରାଞ୍ଚଳରେ କିଛି କିଛି ଛାତ୍ରମାନଙ୍କଠାରୁ ମାସିକ ଟଙ୍କା ନିଆ ଯାଇଥାଏ । କିନ୍ତୁ ଏପରି ନୁହେଁ ଯେ କୌଣସି ଛାତ୍ର ଟିଉସନ୍ ଫିସ୍ ଦେଇ ନଥିଲେ ତା'ର ନାମ କାଟି ଦିଆଯାଏ । କିଛି ନଦେଉଥିବା ଛାତ୍ରମାନେ ମଧ୍ୟ ଶିକ୍ଷାକେନ୍ଦ୍ରରେ ବେଶ୍ ପଢ଼ି ପାରନ୍ତି । କିନ୍ତୁ ଏକଥା ସତ ଯେ ଏହି ଟିଉସନ ଫିସ୍ ନେବା ଫଳରେ ଶିକ୍ଷାକେନ୍ଦ୍ରର କେତେକ ଉନ୍ନତିମୂଳକ କାର୍ଯ୍ୟ ହୋଇପାରେ । ସରକାରୀ ନୀତି ଅନୁସାରେ ଜଣେ ତାଲିମପ୍ରାପ୍ତ ମାଟ୍ରିକ ଶିକ୍ଷକଙ୍କୁ ୪୦ଜଣ ଛାତ୍ର ହେଲେ ଗୋଟିଏ ଗ୍ରାଣ୍ଟ୍ ମିଳେ । କିନ୍ତୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୪୦ଜଣ ଛାତ୍ରଛାତ୍ରୀଙ୍କୁ ତିନିଜଣ ଶିକ୍ଷକ-ଶିକ୍ଷୟିତ୍ରୀ ପଢ଼ାଇଥା'ନ୍ତି । ଏହି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସାମାନ୍ୟ କିଛି ପାରିଶ୍ରମିକ ଦିଆ ଯାଇଥାଏ । ଯାହାହେଉ, କିଛି ଆର୍ଥିକ ସହାୟତା ଛାତ୍ରଛାତ୍ରୀମାନଙ୍କଠାରୁ ନମିଳିଲେ ଶିକ୍ଷାକେନ୍ଦ୍ରମାନଙ୍କରେ ବହୁ ଅସୁବିଧା ସୃଷ୍ଟି ହେବ । ଅର୍ଥାତ୍ ଏହି ଆର୍ଥିକ ସହାୟତାକୁ ଦାନ ବା ଉନ୍ନତିମୂଳକ ସାହାଯ୍ୟ ବୋଲି କୁହାଯାଇପାରେ । ସରକାରୀ ସ୍ତରରୁ ବା ଅନ୍ୟ କୌଣସି ସୂତ୍ରରୁ ଆର୍ଥିକ ସହାୟତା ନମିଳିଲେ ଶିକ୍ଷାକେନ୍ଦ୍ରଗୁଡ଼ିକର ସୁବ୍ୟବସ୍ଥା ହୋଇପାରିବ ନାହିଁ । ଏହି ଶିକ୍ଷାକେନ୍ଦ୍ରଗୁଡ଼ିକୁ ସରକାରୀ ସ୍ୱୀକୃତି ଓ ଗ୍ରାଣ୍ଟ୍ ଦେବାରେ ତତ୍କାଳୀନ ଶିକ୍ଷା-

ନିର୍ଦ୍ଦେଶକ (୧୯୭୭) ଗୋଟିଏ ସୁନ୍ଦର ଉଦାହରଣ ଦେଇ କଥାଟିର ସମାଧାନ କରିଥିଲେ । ସେ କହିଥିଲେ, ''ଏକଥା ଠିକ୍ ଯେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକ ସରକାରୀ ସହାୟତା ଲାଭ କଲେ ପିଲାମାନଙ୍କଠାରୁ ଟିଉସନ୍ ଫିସ୍ ନେବା ଉଚିତ ନୁହେଁ । ଧରାଯାଉ ତୁମେ ଏକ ହୋଟେଲରେ ମଧ୍ୟାହ୍ନ ଭୋଜନ ନିମିତ୍ତ ଯାଇ ପହଞ୍ଚିଲ । ହୋଟେଲରେ ଏକ ମଧ୍ୟାହ୍ନ ଭୋଜନ ନିମିତ୍ତ ଏକ ମିଲ୍‌କୁ ପାଞ୍ଚ ଟଙ୍କା ନିଆଯାଏ । ସେହି ପାଞ୍ଚ ଟଙ୍କା ମଧ୍ୟରେ ଭାତ, ଡାଲି, ତରକାରୀ, ଭଜା, ଖଟା, ଦହି ଓ ପାମ୍ପଡ଼ ଦିଆଯାଏ । ଏସବୁ ବ୍ୟତୀତ ଯଦି କେହି ଆଇସ୍ କ୍ରିମ୍ ଖାଇବାକୁ କହେ, ତେବେ ତାକୁ ଅଧିକା ପଇସା ଦେବାକୁ ପଡ଼େ । ସେହିପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କରେ ସାଧାରଣ ସ୍କୁଲମାନଙ୍କରେ ଦିଆ ଯାଉଥିବା ଶିକ୍ଷାଦାନ ବ୍ୟତୀତ ଅନ୍ୟାନ୍ୟ ବହୁ ବିଷୟରେ ଶିକ୍ଷାଦାନର ବ୍ୟବସ୍ଥା ଅଛି ଯାହାକି ସାଧାରଣ ସ୍କୁଲରେ ନାହିଁ । ବିଜ୍ଞାନ, ସଙ୍ଗୀତ, ନୃତ୍ୟ, ଅଭିନୟ, ହସ୍ତକର୍ମ, ଶାରୀରିକ ଶିକ୍ଷା ଇତ୍ୟାଦି ବିଷୟ ଶିକ୍ଷାଦାନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଯେପରି ଅଧିକ ଧ୍ୟାନ ଦିଆଯାଏ, ସାଧାରଣ ସ୍କୁଲରେ ସେପରି କରାଯାଏ ନାହିଁ । ସେଥିପାଇଁ ମାତାପିତା ବା ଅଭିଭାବକଙ୍କୁ ଯଦି କିଛି ଅଧିକ ଖର୍ଚ୍ଚ ଦେବାକୁ ହୁଏ, ତେବେ ତାହା ଆପତ୍ତିଜନକ ନୁହେଁ ।'' ବର୍ତ୍ତମାନ ଏକ ମଧ୍ୟବର୍ତ୍ତୀ ଅବସ୍ଥା । ଆମେମାନେ ପୁରୁଣାରୁ ନୂଆ ଆଡ଼କୁ ଯାଉଛୁ । ସମ୍ପୂର୍ଣ୍ଣଭାବେ ନୂତନ ଓ ପରିପୂର୍ଣ୍ଣ ବସ୍ତୁଟିକୁ ସଙ୍ଗେ ସଙ୍ଗେ ପ୍ରତିଷ୍ଠା କରିବା ସହଜ ନୁହେଁ । କିନ୍ତୁ ଆମର ଲକ୍ଷ୍ୟ ଏହି ଯେ ପିଲାମାନଙ୍କଠାରୁ କୌଣସି ଟିଉସନ ଫିସ୍ ନିଆଯିବ ନାହିଁ । କିନ୍ତୁ ଏହାକୁ କାର୍ଯ୍ୟରେ ପରିଣତ କରିବାକୁ ସମୟ ଲାଗିବ ।

ପ୍ରାଥମିକ ଅବସ୍ଥାରେ ପ୍ରସ୍ତୁତି ସମୟରେ ନାନା ପ୍ରକାର ଅସୁବିଧା ଦେଖା ଦେଇପାରେ । କିନ୍ତୁ ପୂର୍ଣ୍ଣାଙ୍ଗ ଶିକ୍ଷାର ତାହା ଶେଷ ପରିଣତି ନୁହେଁ । ଏହା ଛଡ଼ା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କର ଆର୍ଥିକ ଅବସ୍ଥାର ଯେପରି ଉନ୍ନତି ଘଟେ, ସେଥିପ୍ରତି ଦୃଷ୍ଟି ଦିଆଯାଉଛି । ନବଜୀବନ ଶିକ୍ଷା ସଂସଦ ତରଫରୁ ପିଲାମାନଙ୍କ ପଢ଼ିବା ନିମିତ୍ତ ବିଭିନ୍ନ ବିଷୟରେ ନୂତନ ପୁସ୍ତକମାନ ପ୍ରକାଶ କରିବାର ଯୋଜନା ରହିଛି । ଏହି ସବୁଗୁଡ଼ିକ କାର୍ଯ୍ୟ ପରୀକ୍ଷାମୂଳକ । ଜନସାଧାରଣ, ଶିକ୍ଷକ-ଶିକ୍ଷୟିତ୍ରୀ, ମାତାପିତା ଓ ଅଭିଭାବକ ତଥା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରତି ଉତ୍ସାହ ଥିବାରୁ ଏହି ଶିକ୍ଷାକେନ୍ଦ୍ରଗୁଡ଼ିକ ବଞ୍ଚି ରହିଛି । ବର୍ତ୍ତମାନ ପରିବେଶରେ ପୂର୍ଣ୍ଣାଙ୍ଗ ଶିକ୍ଷା ଯେଉଁ କେତେକାଂଶ କାର୍ଯ୍ୟକାରୀ ହୋଇପାରୁଛି ତାହା ମଧ୍ୟ ବିସ୍ମୟର ବିଷୟ । ବର୍ତ୍ତମାନ ପରିବେଶ କୌଣସି ମହତ୍ କାର୍ଯ୍ୟ ନିମିତ୍ତ ଆଦୌ ଅନୁକୂଳ ନୁହେଁ । ସାମାଜିକ ସ୍ଥିତି ଘୋର ଅନ୍ଧକାର, ନାନା ପ୍ରକାର କଳହ, ବାଦ-ବିବାଦ, ହିଂସା-ଦ୍ୱେଷରେ ପରିପୂର୍ଣ୍ଣ । ଏକ ଦିଗରୁ ଏହା ଯେପରି ଦେବମୁହୂର୍ତ୍ତ, ଅନ୍ୟ ଏକ ଦିଗରୁ ଏହା ସେହିପରି ଅତ୍ୟନ୍ତ ଭୟଙ୍କର ଓ ବିପର୍ଯ୍ୟୟମୂଳକ । ଅନେକେ ହୁଏତ ଏହି ଅନ୍ଧକାର ଓ ବିପରୀତ ପରିସ୍ଥିତିକୁ ଦେଖି ଦୀର୍ଘ ନିଃଶ୍ୱାସ ଛାଡ଼ିବେ । କିନ୍ତୁ Why condemn darkness, let us light a lamp. – ଅର୍ଥାତ୍ ଅନ୍ଧକାରକୁ ଗାଳିଦେବା ଅପେକ୍ଷା, ଗୋଟିଏ ଦୀପ ଜଳାଇ ଦେବା ଭଲ । ସବୁଦିଗରୁ ବିଚାର କଲେ, ଏତିକି କୁହାଯାଇ ପାରିବ ଯେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ହେଉଛି ପୂର୍ଣ୍ଣଯୋଗ ସାଧନାର କେନ୍ଦ୍ର ଏବଂ ଏହି ଶିକ୍ଷା ମାଧ୍ୟମରେ ଭବିଷ୍ୟତରେ ଯେଉଁ ନୂତନ ଜୀବନଧାରା ପ୍ରକାଶିତ ହେବ, ତାହା କିଛି ଅଂଶରେ ସାଧିତ ହୋଇପାରିବ । ଏସବୁ କଥା ଯେତେ ପରିଷ୍କାର ହେଲେ ମଧ୍ୟ କିଛି ଅସ୍ପଷ୍ଟ ରହିଯିବ । କାରଣ ମାନବିକ ଚେତନାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ପୂର୍ଣ୍ଣାଙ୍ଗ ଶିକ୍ଷାର ଧାରାର ଢଙ୍ଗ କ୍ରମଶଃ ବଦଳି ଯାଉଥିବ ।

ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରସାର କାର୍ଯ୍ୟକୁ କେତେକ ବିଜ୍ଞ ବ୍ୟକ୍ତି ବହୁ ସମାଲୋଚନା କରିବେ । ତେବେ ଶ୍ରୀଅରବିନ୍ଦ ତାଙ୍କ ସାବିତ୍ରୀ ମହାକାବ୍ୟରେ ଲେଖିଛନ୍ତି :

"God shall grow up while the wise men
talk and sleep;
For man shall not know the coming
till its hour
And belief shall be not till the
work is done."

(Savitri, Book-I, Canto IV, page 55)

ଏହାର ମର୍ମାର୍ଥ ହେଲା, ''ବିଜ୍ଞବ୍ୟକ୍ତିମାନେ ବିଚାର କରନ୍ତୁ ବା ଶୋଇ ରହନ୍ତୁ ଦେବଗଣ ଜନ୍ମଲାଭ କରିବେ ଏବଂ ତାଙ୍କର କାର୍ଯ୍ୟ ହୋଇଚାଲିବ । ଏବଂ ଯେପର୍ଯ୍ୟନ୍ତ କାର୍ଯ୍ୟ ସାଧିତ ନହୋଇଛି, ସେପର୍ଯ୍ୟନ୍ତ ବିଜ୍ଞବ୍ୟକ୍ତିମାନେ ତାହାକୁ ବିଶ୍ୱାସ କରିବେ ନାହିଁ ।'' ❖

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର
## (୭)

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ତା'ପରେ ମୁଁ ଯୋଗୀବରଙ୍କୁ ସବୁକଥା କହିଲି, ୧୯୨୪ ସାଲରେ ଶ୍ରୀଅରବିନ୍ଦଙ୍କ ସହିତ ଯାହା ଯାହା କଥାବାର୍ତ୍ତା ହୋଇଥିଲା, ସେ ସମସ୍ତ କଥା ଖୋଲି କହିଲି । ସେ ମନଦେଇ ସବୁ ଶୁଣିଲେ ଓ କହିଲେ, ''ଏଥର ଆଉ କିଛି ଅସ୍ପଷ୍ଟ ରହିଲା ନାହିଁ । ସେ ଆପଣଙ୍କୁ କହିଥିଲେ, ଯେତେଦିନ ଆପଣ ତାଙ୍କୁ ଗୁରୁ ବୋଲି ଚିହ୍ନିପାରି ନାହାନ୍ତି ସେତେଦିନ ଯାଏଁ ଅପେକ୍ଷା କରିବାକୁ । ନହେଲେ କ'ଣ ଆଉ କୌଣସି ଗୁରୁଙ୍କୁ ବରଣ କରିବା କଥା ସ୍ୱପ୍ନରେ ବି ଭାବି ପାରି ଥାଆନ୍ତେ ?''

ତା'ପରେ ସେ ଅନେକ କଥା ଧୀରେ, ସୁସ୍ପଷ୍ଟ ମୋ ଆଗରେ ବର୍ଣ୍ଣନା କଲେ । ଯୋଗ, ଗୁରୁବାଦ, ମନର ନାନାଦି କାରବାର ଓ ଲୀଳାଖେଳାର କଥା, ସର୍ବୋପରି ଶ୍ରୀଅରବିନ୍ଦଙ୍କର ମହିମା ଓ ବିଭୂତିର କଥା, ତାଙ୍କର ଅତିମାନସ ସାଧନାର କଥା ଏବଂ ସେ କାହିଁକି ଅତିମାନସ ଶକ୍ତି ନିମିତ୍ତ ପ୍ରଥମେ ପୃଥିବୀର ପ୍ରସ୍ତୁତି ଚାହାନ୍ତି । ସେ ଆହୁରି ମଧ୍ୟ କହିଲେ ଯେ, ସେ ଧ୍ୟାନରେ ଦେଖି ପାରିଛନ୍ତି ଯେ ଶ୍ରୀଅରବିନ୍ଦ ଯୁଗାବତାର ଭାବରେ ଜନ୍ମଗ୍ରହଣ କରିଛନ୍ତି । ଶ୍ରୀମା'ଙ୍କୁ ତାଙ୍କ ଯୋଗଶକ୍ତି ଭାବରେ ମଧ୍ୟ ଦେଖିଛନ୍ତି । ଶେଷରେ ସେ ମୋତେ କେତୋଟି ଉପଦେଶ ଦେଲେ, ଯାହା ଦ୍ୱାରା ମୁଁ ମୋର ପ୍ରସ୍ତୁତି ସମୟରେ, ଶ୍ରୀଅରବିନ୍ଦଙ୍କର ସହାୟତାକୁ ବେଶୀ କାର୍ଯ୍ୟକାରୀ କରିପାରେ । ସେ ଆଉ କ'ଣ ସବୁ କହିଲେ ମୋର ମନେ ନାହିଁ । ତେବେ ତାଙ୍କର ଗୋଟିଏ କଥା ଚିରଦିନ ମନେ ରହିବ, ଯାହାକୁ ତିରସ୍କାର କୁହାଯିବ । ସେ କହିଲେ, ''ଆପଣଙ୍କର ଡାକରା ଆସିଛି, କିନ୍ତୁ ମନେ ରଖିବେ ଏହା ପରର କଥା ହେଲା ନିର୍ବାଚିତ ହେବା; To be chosen, ଏଥିପାଇଁ ଆପଣଙ୍କୁ ଗୁରୁଙ୍କ ଚରଣରେ ନିଜକୁ ନିଃଶେଷ ଭାବରେ ସମର୍ପଣ କରିବାକୁ ହେବ, ଯାହା ଦ୍ୱାରା ସେ ଯେମିତି ଇଚ୍ଛା ସେମିତି ଆପଣଙ୍କୁ ଚଳାଇ ପାରିବେ । କିନ୍ତୁ ତାଙ୍କର ଇଚ୍ଛାନୁସାରେ, ଆପଣଙ୍କର ଇଚ୍ଛାନୁସାରେ ନୁହେଁ । ଏକଥା ଭୁଲିବେ ନାହିଁ ଏବଂ ଏହି କାମଟି ସୁଚାରୁରୂପେ ସୁସମ୍ପନ୍ନ ହେବାକୁ ହେଲେ ସେ ଯେ ଆପଣଙ୍କର ଗୁରୁ ଓ ତାଙ୍କର ଜ୍ଞାନ ସବୁଠୁ ଉଚ୍ଚତର, ଏହି ବିଶ୍ୱାସ ଆପଣଙ୍କ ଭିତରେ ପ୍ରତିଷ୍ଠିତ ହେବା ଆବଶ୍ୟକ । କାରଣ ଯୋଗ ବିଭୂତି ଓ ସିଦ୍ଧିର ଶିଖରରେ ସେ ପହଞ୍ଚି ସାରିଛନ୍ତି ।''

ଶୁଣୁ ଶୁଣୁ ମୁଁ ଏକ ପ୍ରକାର ବିହ୍ୱଳ ହୋଇଗଲି । କାରଣ ଏଯାବତ୍ ଯୋଗ ବିଭୂତି ସହିତ ମୋର ପ୍ରତ୍ୟକ୍ଷ ପରିଚୟ ନଥିଲା । ବିଶେଷ କରି ଏପରି ବିଭୂତିର, ଯାହାର କୀର୍ତ୍ତିକଳାପକୁ ଏପରି ବାସ୍ତବ ଭାବରେ ପ୍ରମାଣିତ କରି ହେବ । ମୋର ମନ ସବୁଠାରୁ ବେଶୀ ଅଭିଭୂତ ହୋଇଗଲା କାରଣ ଶ୍ରୀଅରବିନ୍ଦ ମୋତେ ମୋର ହାର୍ନିଆ ସମ୍ବନ୍ଧରେ ଯାହା ଉପଦେଶ ଦେଉଥିଲେ, ସେକଥା ଯୋଗୀବର ମୋତେ ପରିଷ୍କାର କହି ଦେଲେ । ସେକଥା ମୁଁ କାହାକୁ କହି ନଥିଲି । କେବଳ ଯୋଗୀବରଙ୍କର ଗୋଟିଏ ମାତ୍ର କଥା ମୋର ମନ ମାନି ନେଇ ନଥିଲା ତାହା ହେଉଛି ସମୟ ହେଲେ ଗୁରୁରୂପୀ ଶ୍ରୀଅରବିନ୍ଦ ଶିଷ୍ୟରୂପୀ ଦିଲୀପଙ୍କୁ ପଣ୍ଡିଚେରୀକୁ ଟାଣିନେଇ ପ୍ରତ୍ୟକ୍ଷ ଦୀକ୍ଷା ଦେବେ । କିନ୍ତୁ ସେ ଯାହା ହେଉ, ଏଥିରେ ମୋର ଗୋଟିଏ ଲାଭ ହେଲା ଯେ ମୁଁ ମୋର ଗୁରୁ ସନ୍ଧାନ ଦାୟିତ୍ୱବୋଧରୁ ନିଷ୍କୃତି ପାଇଗଲି । କାରଣ ଶ୍ରୀଅରବିନ୍ଦଙ୍କୁ ଗୁରୁ ରୂପରେ ପାଇ ମଧ୍ୟ ଅନ୍ୟ ଗୁରୁ ଚାହିପାରେ, ଏଭଳି କ୍ଷଣଜନ୍ମା ଏ ପୃଥିବୀରେ ଯଦି ରହିପାରିବ ତେବେ ବୁଝିବାକୁ ହେବ ତା'ର ଜନ୍ମ-ଲଗ୍ନ ଏଯାଏ ଆସି ନାହିଁ ।

କିନ୍ତୁ ଏହି ନିର୍ଶ୍ଚିନ୍ତଭାବ ବେଶୀ ଦିନ ରହିପାରିଲା ନାହିଁ । ମୁଁ ଏକ ହୃଦୟାବେଗର ଜାଲରେ ପୁଣି ପଡ଼ିଗଲି । ପୁଣି ପଡ଼ିଗଲି ଚୋରାବାଲି ଭିତରେ, କର୍ମରୁ କର୍ମାନ୍ତରରେ । ସ୍ଥିର କଲି ପୁଣି ବିଦେଶ ଯିବି । ଆଉ ଏପରି ଯୋଗାଯୋଗ ମଧ୍ୟ ଘଟିଲା ଯେ, ନ୍ୟୁୟର୍କର ଏଡ଼ିସନ୍ ଗ୍ରାମଫୋନ କମ୍ପାନୀରୁ ଏକ ଜରୁରୀ ନିମନ୍ତ୍ରଣ ଆସିଲା । ସୁତରାଂ ମୋର ଯାତ୍ରା କରିବାହିଁ ସ୍ଥିର ହେଲା । ରବୀନ୍ଦ୍ରନାଥ, ଶରତଚନ୍ଦ୍ର ଓ ସୁଭାଷ ତିନିଜଣ

ମିଶି ୟୁନିଭର୍ସିଟି ଇନ୍‌ଷ୍ଟିଚ୍ୟୁଟ୍‌ରେ ଏକ ବିରାଟ ସଭାରେ ମୋତେ ଫୁଲତୋଡ଼ା ଓ ଅଭିନନ୍ଦନ ଦେବାରୁ ବ୍ୟାପାରଟା ଆହୁରି ଜମିଗଲା । ବନ୍ଧୁମାନେ ରୁପାର କ୍ୟାସ୍‌କେଟ୍‌ରେ ସୁନାର କଲମ ଦେଲେ । ବାନ୍ଧବୀମାନେ କବିତା ଲେଖିଲେ, ରାତାରାତି ବହି ଛପାଇ ଦେବାଯାଏଁ କଥାଗଲା, ନହେଲେ ହୁଏତ ଯାଇ ନଥା'ନ୍ତି । କିନ୍ତୁ ଏତେସବୁ ଅଭିଭାଷଣ ଶୁଣି, ଅଭିନନ୍ଦନ ନେଇ ଓ ଉପଢ଼ୌକନ ପାଇ ଘରେ ବସି ରହିଲେ ଲୋକସମାଜରେ ମୁହଁ ଦେଖାଇବା କଷ୍ଟକର ହୋଇ ଉଠିବ, ତେଣୁ ''ଜୟଯାତ୍ରାରେ ଚାଲରେ ମନ, ଉଠଉଠ ତରଣୀରେ ତବ'' ଗାଉଗାଉ ସିଧା ନିସ୍‌ରେ ପହଞ୍ଚିଲି ୧୯୨୧ ସାଲ ମାର୍ଚ୍ଚ ମାସରେ । ହେଲେ ସେଠାକୁ ଯେଉଁ ଉଦ୍ଦେଶ୍ୟରେ ପ୍ରଥମେ ଯାଇଥିଲି ସବୁ ବିଫଳ ହୋଇଗଲା ।

''ସାବିତ୍ରୀ''ରେ ଲୀଳାମୟଙ୍କର ଏହି ଚାତୁରୀ କଥା ପଢ଼ିଥିଲି ପ୍ରାୟ କୋଡ଼ିଏ ବର୍ଷ ପରେ । ଯେଉଁଠାରେ ଶ୍ରୀଅରବିନ୍ଦ ଲେଖିଛନ୍ତି ଆମ ନିୟତିର ରହସ୍ୟମୟ ନିୟନ୍ତା ଯେ ସେ ହେଉଛନ୍ତି,

''ଅନ୍ଧାର ଯେଉଁଠାରେ ଗାଢ଼ତର, ସେହିଠାରେ,
ସମସ୍ତଙ୍କ ଅଲକ୍ଷ୍ୟରେ ଅତିଥି ସେ,
ସାଧନାରେ ଅଟଳ, ଏକାଗ୍ର ।
ସେ ପର୍ଯ୍ୟନ୍ତ, ଯେ ପର୍ଯ୍ୟନ୍ତ,
ତମସା ଆବୃତ ସେହି ଅତଳରେ
ସ୍ୱଭାବର ରୂପାନ୍ତର ଅନ୍ୱେଷଣ ନହୁଏ ଜାଗ୍ରତ ।''

ଗୋଟିଏ କଥାରେ କହିଲେ ଯେଉଁଠାକୁ ଯିବି ବୋଲି ରବୀନ୍ଦ୍ରନାଥଙ୍କର ଆଶୀର୍ବାଦ, ଶରତଚନ୍ଦ୍ରଙ୍କର ଶୁଭେଚ୍ଛା, ସୁଭାଷଙ୍କର ଅଭିନନ୍ଦନ, ବନ୍ଧୁବାନ୍ଧବଙ୍କର କଲମ ଚାଳନା ମୋର ସହାୟକ ଥିଲା ଓ ଯାହାର କ୍ଷମତା ସେ ପ୍ରାକ୍-ହିଟ୍‌ଲରୀ ଯୁଗରେ କୃପାଣଠାରୁ ଅଧିକ ବୋଲି ପ୍ରସିଦ୍ଧି ଥିଲା, ସେଠାକୁ ଯିବା ଆଉ ହୋଇପାରିଲା ନାହିଁ । ଆଉ ନିସ୍‌ରେ ଏତେ ବଡ଼ ଅଘଟଣ ଘଟିଲା ଏପରି ଜଣେ ମଣିଷଙ୍କ ଯୋଗୁ, ଯେ ସେଠାକୁ ଦୈବାତ୍ ଯାଇଥିଲେ, ମାତ୍ର ମୋ ଦୃଷ୍ଟିରୁ ଦେଖିଲେ ସେଠାରେ ତାଙ୍କର ଉପସ୍ଥିତି ଥିଲା ଅନିବାର୍ଯ୍ୟ, ଅବଶ୍ୟମ୍ଭାବୀ । ସେହି ବ୍ୟକ୍ତିଙ୍କର ନାମ ଶ୍ରୀଅରବିନ୍ଦଙ୍କର ଭକ୍ତମାନଙ୍କ ପାଖରେ ଅଜଣା ନଥିଲା । ସେ ହେଲେ ପଲ୍ ରିଚାର୍ଡ଼ । ଶ୍ରୀଅରବିନ୍ଦଙ୍କର ଅନ୍ୟତମ ସହଯୋଗୀ । ବହୁଦିନରୁ ତାଙ୍କର ନାମ ଶୁଣିଥିଲି । ତାଙ୍କର ଲେଖାଲେଖି ସହିତ ପରିଚିତ ଥିଲି । ୧୯୨୦ ସାଲରେ ତାଙ୍କର ବହିଟିଏ ପ୍ରକାଶିତ ହୋଇଥିଲା । ତାହାର ଶେଷ ଅଧ୍ୟାୟର ଶିରୋନାମା ଥିଲା, ''ଶ୍ରୀଅରବିନ୍ଦ ଘୋଷ'' । ଏ ଅଭିଭାଷଣରେ ରିଚାର୍ଡ଼ ଭବିଷ୍ୟବାଣୀ କରିଥିଲେ ଯେ, ଚୀନର ବୁଦ୍ଧି, ଜାପାନର ସୂକ୍ଷ୍ମବୋଧ ଓ ଭାରତର ଆଧ୍ୟାତ୍ମିକତା – ଏ ତ୍ରିବେଣୀ ସଙ୍ଗମରେ ଜଗତରେ ଦେଖାଦେବ ଏକ ନବ ଆକାଶଗଙ୍ଗାର ଆଲୋକ ପ୍ରପାତ । ଆଉ ସେ ଆଲୋକର କଲ୍ଲୋଳରେ ଜାଗିଉଠିବ ନିତ୍‌ସେଙ୍କର ଅହଂସ୍ଫୀତ ଅତିମାନବ ନୁହେଁ – ଏସିଆର ଦେବମାନବ, କରୁଣାର ଅବତାର, ଏକ ନବ ବିଶ୍ୱସ୍ରଷ୍ଟା । ତେଣୁ ସେ କହିଥିଲେ, ''ତୁମେ ଏଇ ଭାବୀକାଳଠାରୁ ଦୀକ୍ଷା ଚାହଁ, କାରଣ ଏସିଆର ମହାମାନବର ଆବିର୍ଭାବ ଆସନ୍ନ । ଏହି ଯେ ଦିବ୍ୟ ଅବତାର, ଯେଉଁମାନଙ୍କୁ ଆମେ ସାରା ଜୀବନ ଖୋଜି ଆସିଛୁ ସେମାନେ ଆସିଛନ୍ତି, ଆଉ ସେମାନଙ୍କର ମୁକୁଟମଣି ହେଉଛନ୍ତି ଶ୍ରୀଅରବିନ୍ଦ, ଆଗାମୀ କାଳର ଏକଛତ୍ର ଅଧୀଶ୍ୱର । ସେଦିନ ଆସିବ ଯେଉଁଦିନ ସେ ତାଙ୍କର ଧ୍ୟାନାସନ ଛାଡ଼ି ବାହାରି ଆସିବେ, ଦିନର ସୂର୍ଯ୍ୟାଲୋକରେ ଜଗଦ୍‌ଗୁରୁଙ୍କର ଆସନ ସ୍ୱୀକାର କରିବାକୁ ।''

କିନ୍ତୁ ପଲ୍ ରିଚାର୍ଡ଼ଙ୍କର ଲେଖାର ଦୀପ୍ତିଠାରୁ ବିସ୍ମୟକର ଥିଲା ତାଙ୍କର ବ୍ୟକ୍ତିରୂପର ବର୍ଣ୍ଣବିଭା । ତାଙ୍କ ସମ୍ବନ୍ଧରେ ମୋର 'ଏ ଦେଶେ, ଓ ଦେଶେ' ଗ୍ରନ୍ଥରେ ଦୀର୍ଘ ପ୍ରବନ୍ଧଟିଏ ଲେଖିଛି । ତା'ର ପୁନରୁକ୍ତି ଅଶୋଭନୀୟ । କେବଳ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ତାଙ୍କର କେତୋଟି କଥାରେ ମୋ ମନରେ ପୁନରାୟ ବୈରାଗ୍ୟ ଜାଗି ଉଠିଲା । ଆମେରିକା ଯିବା ହେଲା ନାହିଁ । ସେଇ କେତୋଟି କଥା ସ୍ୱଚ୍ଛନ୍ଦ ଭଙ୍ଗୀରେ କହିବି, ପରେ ଆଉ ଯାହା ମନେ ପଡ଼ିବ ଯୋଡ଼ି ଦେବି, କାରଣ ମୂଳ ରିପୋର୍ଟଟି 'ଏ ଦେଶେ, ଓ ଦେଶେ'ରେ ଛପା ହୋଇଛି । ତାଙ୍କ ସମ୍ବନ୍ଧରେ ରବୀନ୍ଦ୍ରନାଥଙ୍କର ଉଚ୍ଛ୍ୱସିତ ପ୍ରଶସ୍ତି ମଧ୍ୟ ଏଠାରେ ପୁନରୁଦ୍ଧାର କଲି ନାହିଁ ଅନାବଶ୍ୟକ ବୋଲି । କେବଳ ତାଙ୍କର ଗୋଟିଏ କଥା ସଂକ୍ଷେପରେ କହି ଦେଉଛି – ବ୍ୟକ୍ତିଟିର ଆଶ୍ଚର୍ଯ୍ୟ, ବଳିଷ୍ଠ ଅର୍ନ୍ତଦୃଷ୍ଟିର ପରିଚୟ ଦେବା ପାଇଁ ।

ରବୀନ୍ଦ୍ରନାଥଙ୍କ ସମ୍ବନ୍ଧରେ ତାଙ୍କୁ ପଚାରିବାରୁ ସେ କହିଲେ, ''ରୂପଦେବ, ସେ ଜଣେ ଗନ୍ଧର୍ବ ନିଶ୍ଚୟ । କେବଳ ଜୀବନରେ କୁତ୍ସିତତା ସଂସ୍ପର୍ଶରେ ଆସି ନଥିବା ହେତୁ ରବୀନ୍ଦ୍ରନାଥ କର୍ମଜଗତରେ ବଳୀୟାନ୍ ହୋଇ ପାରିଲେ ନାହିଁ । ଜୀବନର ତାମସିକତାର ଓ ଆସୁରିକ ଦିଗଟା ନଜାଣିଲେ ସବଳ ହୋଇ

ହେବ ନାହିଁ । ଯେପରି ଧର, ଗାନ୍ଧି ବା ଶ୍ରୀଅରବିନ୍ଦ ଯେତେ ସବଳ । ଗାନ୍ଧି ଶକ୍ତିମାନ୍ ପୁରୁଷ ହେଲେ ବି କ'ଣ ହେବ, କଳ୍ପନାରେ ଦୀନ, ବଡ଼ ଏକପାଖିଆ, ସଂକୀର୍ଣ୍ଣ । ''ଏକ ପାଖିଆ ଅର୍ଥ କ'ଣ ?'' ମୁଁ ପଚାରିଲି । ରିଚାର୍ଡ଼ ହସି କହିଲେ, ''କହିବି, କିନ୍ତୁ ଚୁପ୍‌ଚାପ୍ । ଯେତେବେଳେ ଅସହଯୋଗ ଆନ୍ଦୋଳନ ଖୁବ୍ ଜୋର୍‌ରେ ଚାଲିଥାଏ ସେତେବେଳେ ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ଦିନେ ମୋତେ କହିଲେ, 'ଦେଖ, ଗାନ୍ଧି ତାଙ୍କର ଏକପାଖିଆ ଅହିଂସା ଧାରଣା ଲାଗି ଦେଶକୁ ବଳି ଦେବେ । ଏଠାରେ ତିଳକ ଠିକ୍ ଓଲଟା, କାରଣ ଗାନ୍ଧି ଯେପରି ନିଜସ୍ୱ ଧାରଣା ଲାଗି ଦେଶକୁ ଛାଡ଼ି ଦେବାକୁ ରାଜି, ତିଳକ ସେପରି ଦେଶ ପାଇଁ ତାଙ୍କ ନିଜର ଚିନ୍ତାଧାରାକୁ ଛାଡ଼ିବାକୁ ରାଜି ।' ''

କିନ୍ତୁ ଏପରି ଜଣେ ଜ୍ଞାନୀ ମଣିଷଟିକୁ (ପଲ୍ ରିଚାର୍ଡ଼) ଲକ୍ଷ୍ୟହୀନ ଓ ବିଷଣ୍ଣ ଦେଖି ବେଳେବେଳେ ଖୁବ୍ ଦୁଃଖ ହେଉଥିଲା । ମନେ ହେଉଥିଲା ପ୍ରାୟ ଏହି ମଣିଷଟିର କେଉଁଠି ଗୋଟିଏ ନିରାଶାବୋଧ ରହିଛି । ଏ କ୍ଷେତ୍ରରେ ମୋର ମନର ବିଚାର ଭୁଲ୍ ନଥିଲା ବୋଲି ଜାଣିପାରିଲି, ଯେତେବେଳେ ନିସ୍‌ରୁ ମୋର ପ୍ରସ୍ଥାନର ପୂର୍ବଦିନ ଗଭୀର ରାତ୍ରିରେ ସେ ହଠାତ୍ ତାଙ୍କର ଗୋଟିଏ ଜାପାନୀ ବନ୍ଧୁ ଦମ୍ପତିଙ୍କର ଆତ୍ମହତ୍ୟା ପ୍ରସଙ୍ଗରେ କହି ପକାଇଲେ, ''ହୁଏତ ସବୁ ଜୀବନର ଅନ୍ତରାଳରେ ଏପରି ବ୍ୟର୍ଥତା – କିଏ ଜାଣେ ? ମୋର ବି କେତେ ଥର ମନେ ହୋଇଛି ଆତ୍ମହତ୍ୟା କରିବା ପାଇଁ ।''

ମୋର ଫରାସୀ ବାନ୍ଧବୀ ମାର୍ଥା ଚମକି ଉଠି କହିଲେ, ''ଆତ୍ମହତ୍ୟା ?'' ରିଚାର୍ଡ଼ ହସିଲେ, ବିଷଣ୍ଣ ହସ । ''ମାଡ଼ାମ୍, ମଣିଷ ମୃତ୍ୟୁକୁ ବହୁତ ଭୟ କରେ । କିନ୍ତୁ କାହିଁକି ଭୟକରେ ମୁଁ ଏଯାଏ ଠଉରାଇ ପାରି ନାହିଁ । ବିଶେଷ କରି ସେହିସବୁ ମଣିଷ, ଯେଉଁମାନଙ୍କର ଜୀବନର ଲକ୍ଷ୍ୟ ହଜି ଯାଇଛି । ବଞ୍ଚିବାର ଅଧିକାର କେବଳ ସେମାନଙ୍କର ରହିଛି, ଜାଣନ୍ତୁ ବା ନଜାଣନ୍ତୁ, ଯେଉଁମାନଙ୍କର ଜୀବନର କିଛି ଲକ୍ଷ୍ୟ ଅଛି, ଗତିପଥ ଅଛି । ଅବଶ୍ୟ ମୋ ବିଚାରରେ ଏକଥା କହିପାରୁ ନାହିଁ ଯେ ମୋ ଜୀବନର ଲକ୍ଷ୍ୟ ନଥିଲା । ତେବେ କ'ଣ ହୋଇଛି ଜାଣନ୍ତି ? ମୋ ଜୀବନର ପଥ ଅଛି, କିନ୍ତୁ ପାଥେୟ ନାହିଁ । ତା'ଛଡ଼ା କି ଗୋଟାଏ ବ୍ୟର୍ଥତାର ଜଗଦଳ (ଭାରୀ ପଥର) ମୋ ଛାତିରେ ଚାପି ହୋଇ ରହିଛି । ମୁଁ ବଞ୍ଚିବାକୁ ଚାହେଁ, ଜୀବନ ପ୍ରତି ମୋର ଆସକ୍ତି ପ୍ରବଳ ବୋଲି ଶକ୍ତିର ବିଭୂତି ମୋ ଲାଗି ଲୋଭନୀୟ । କୌଣସି ଉନ୍ନତ ଲକ୍ଷ୍ୟରେ ପହଞ୍ଚିବାକୁ ହୁଏତ ଏବେ ମଧ୍ୟ ମୋର ବିଶ୍ୱାସ ଅଛି, କିନ୍ତୁ ସେ ଲକ୍ଷ୍ୟରେ ପହଞ୍ଚିବାକୁ ସାଧନା କରିବାକୁ ନାରାଜ । ଏ ବ୍ୟର୍ଥତାର ପ୍ରତିଷେଧକ କେଉଁଠି ଅଛି କୁହନ୍ତୁ ତ । ଆଉ ତା'ପରି ଦୁଃଖୀ କିଏ ଅଛି, ଯାହାର ସବୁ ଥାଇ ମଧ୍ୟ କିଛି ନାହିଁ ? ନା, ଦୁଃଖୀଠାରୁ ମଧ୍ୟ ବେଶୀ, କାରଣ ସେ ଲକ୍ଷ୍ୟହୀନ ହୋଇ ମଧ୍ୟ ଜୀବନକୁ ଜାବୁଡ଼ି ଧରିବାକୁ ଚାହେଁ, ପରର ସହାୟତା କରି ପାରିବ ବୋଲି ନୁହେଁ, ବରଂ ଯେଉଁମାନେ ପରର ସହାୟତା କରିବାକୁ ଚାହାନ୍ତି, ସେମାନଙ୍କ ପଥରେ କଣ୍ଟା ହୋଇ ଠିଆ ହେବ ବୋଲି । ଏହି ସତ୍ୟଟିର ପରିଚୟ ମୁଁ ସେହିଦିନ ପାଇଥିଲି ଯେଉଁଦିନ ମୁଁ ଜଣେ ମଣିଷଙ୍କର ମୁହାଁମୁହିଁ ହୋଇଥିଲି, ସେ ହେଉଛନ୍ତି ଶ୍ରୀଅରବିନ୍ଦ ।'' ଟିକିଏ ରହି ସେ ବିଷଣ୍ଣ କଣ୍ଠରେ କହିଲେ, ''ହଁ, ଏହି ଜଣେ ମଣିଷ ଯାହା ପାଖରେ ମୁଁ ସାରା ଜୀବନ ମଥା ନତ କରିଛି, ସେ ମୋର ଜୀବନର ମୂଳ ବିଶ୍ୱାସର ସ୍ୱରୂପ ଥିଲେ । ବିଶ୍ୱାସଟି ଏହା ଯେ ଗୋଟିଏ ଦିବ୍ୟ ଅଭିପ୍ରାୟ ମୋ ଜୀବନ ମଧ୍ୟ ଦେଇ ପଥ କାଟି ଚାଲିଛି ଜୀବନକୁ ରୂପାନ୍ତରିତ କରି, ଆଉ ସେମାନଙ୍କୁ ପଛରେ ପକାଇ ଯେଉଁମାନେ ଏ ରୂପାନ୍ତର ଓ ବିବର୍ତ୍ତନ ଚାହାନ୍ତି ନାହିଁ ।'' ବିଷଣ୍ଣ ଭାବରେ ମୁଣ୍ଡ ହଲାଇଲେ ରିଚାର୍ଡ଼ । ତା'ପରେ କହିଲେ, ''ତେବେ ଦୁଃଖ ଏଇ ଯେ, ମୋର ବିଶ୍ୱାସ ମୋର କିଛି କାମରେ ଆସିଲା ନାହିଁ, ମୁଁ ସେହି ବିଶ୍ୱପ୍ରଣେତାଙ୍କର କାମରେ ସହଯୋଗୀ ହେବାକୁ ଚାହିଲି ନାହିଁ ବୋଲି । କାହିଁକି ଚାହିଲି ନାହିଁ ? କେବଳ ଏଥିପାଇଁ ଯେ, ମୁଁ ତାଙ୍କ ଜୀବନଗ୍ରନ୍ଥର ଆଦେଶବାହୀ ଲେଖକ ହେବାକୁ ମୋର ମନକୁ ରାଜି କରାଇ ପାରିଲି ନାହିଁ ବୋଲି । ସେ ମୋତେ ତାଙ୍କର ବିଶ୍ୱକୋଷର ଏକମାତ୍ର ସମ୍ପାଦକ କଲେ ନାହିଁ ବୋଲି । ମୋର ନମ୍ରତା ନଥିଲା । ସେଥିପାଇଁ ମୋର ଦଶା ସେଇ ସିଧା ଶିଖର ପରି ହେଲା, ଯେଉଁଠାରେ ଜଳ ରହି ପାରେନା ବୋଲି ଫସଲ ଫଳେ ନାହିଁ । ମୁଁ ସେହି ଉର୍ବର ଭୂମି ହୋଇପାରିଲି ନାହିଁ, ଯାହାକୁ ମୁଁ ନିମ୍ନ ବୋଲି ଅବଜ୍ଞା କରିଥିଲି । ହଁ, ମୋତେ ସେପରି ନମ୍ର ହେବାକୁ ଶ୍ରୀଅରବିନ୍ଦ କହିଥିଲେ ମୋର ମଙ୍ଗଳ ପାଇଁ ।''

ମୁଁ ବେଦନାର୍ଦ୍ର ହୋଇ ପଡ଼ିଲି ଏହି ସ୍ୱପ୍ନବିଳାସୀ ବିଚିତ୍ର ମଣିଷଟି ପାଇଁ । କିନ୍ତୁ କ'ଣ କରିବି ? ରିଚାର୍ଡ଼ ଚୁପ୍ ରହି ପୁଣି କହିଲେ, ''ଭୁଲ୍ କରିଛି ଅବଶ୍ୟ । ମୋର ନମ୍ର ହେବା ଉଚିତ ଥିଲା । ତା'ହେଲେ ମୁଁ ଶ୍ରୀଅରବିନ୍ଦଙ୍କ ଠାରୁ ଆଲୋକର ଦୀକ୍ଷା ପାଇ ପାରିଥା'ନ୍ତି । ସେହି ଆଲୋକ ସେ ସେହିମାନଙ୍କୁ ଦେଇ ପାରନ୍ତି, ଯେଉଁମାନଙ୍କର ଅଭୀପ୍ସା ଅଛି । ଆନୁଗତ୍ୟର ପତାକା

ତଳେ ମୁଁ ଠିଆ ହେବାର ଥିଲା । ନହେଲେ କି ମୁଁ ଛାଡ଼ି ଦେଉଥା'ନ୍ତି ତାଙ୍କର ନବ ଦୃଷ୍ଟିର ପରିମଣ୍ଡଳ – ଯେଉଁଠାରେ ମନ ତା'ର ସିଂହାସନ ଛାଡ଼ି ଦେବ ଅତିମାନସକୁ । ଅଥଚ ମୁଁ ଜାଣି ପାରିଥିଲି ଯେ, ଏଥର ଆମର ଦରକାର ଏକ ନବ ବିଧାତାଙ୍କୁ, ଆଉ ଦରକାର ସେହି ନବ ଦେବତାଙ୍କ ନିକଟରେ ବଶ୍ୟତା ସ୍ୱୀକାର । ସେଥିପାଇଁ ମୁଁ ଥରେ ଲେଖିଥିଲି, ଅତୀତର ଦେବତାମାନଙ୍କର କାମ ସରିଯାଇଛି । ଏଥର ଏକ ନବ ଅବତରଣର ଆବଶ୍ୟକତା ରହିଛି । ଆଉ ଶ୍ରୀଅରବିନ୍ଦଙ୍କୁ ମୁଁ ଚିହ୍ନିଥିଲି ସେଇ ଅଦ୍ୱିତୀୟ ଭଗୀରଥ ରୂପରେ, ଯେ କେବଳ ଏହି ନବସୃଷ୍ଟିର ଦୃଷ୍ଟିଲୋକକୁ ଉତ୍ତୀର୍ଣ୍ଣ ହୋଇଛନ୍ତି ତାହା ନୁହେଁ, ସେ ଏହି ପାର୍ଥିବ ଜୀବନରେ, ସେହି ଶକ୍ତିରେ ଅବସ୍ଥାନ କରିବାର ଏକ ଅତିମାନସ ଅଭ୍ୟୁଦୟର ନବଯୁଗ ଆମ ପାଇଁ ଅର୍ଜନ କରିଛନ୍ତି ।''

(କ୍ରମଶଃ)

(ଦିଲୀପକୁମାର ରାୟଙ୍କ ବଙ୍ଗଳାରେ ଲିଖିତ 'ତୀର୍ଥଙ୍କର' ପୁସ୍ତକରୁ ଅନୂଦିତ ।)

ଅନୁବାଦ : ମମତା ଦାଶ ✤

## ବିଦ୍ୟାର୍ଥୀର ପ୍ରାର୍ଥନା*

Make of us the hero warriors we aspire to become. May we fight successfully the great battle of the future that is to be born, against the past that seeks to endure; so that the new things may manifest and we may be ready to receive them.

(CWM. Vol. 12, p. 112) The Mother

ବୀର ଯୋଦ୍ଧା କରି ଗଢ଼ ଆମମାନଙ୍କୁ । ଆମେମାନେ ତାହାହିଁ ହେବାକୁ ଚାହୁଁ । ଅତୀତ ଆହୁରି ବଞ୍ଚି ରହିବାକୁ ଚାହେଁ, ତା' ବିରୁଦ୍ଧରେ ଆସନ୍ନ ଭବିଷ୍ୟତର ମହାଯୁଦ୍ଧରେ ଆମେମାନେ ଯେପରି ସଫଳତା ହାସଲ କରିପାରୁ । ଯଦ୍ୱାରା ନୂତନ ବସ୍ତୁ ସବୁ ପ୍ରକାଶିତ ହୋଇପାରେ ଏବଂ ଆମେମାନେ ସେସବୁକୁ ଗ୍ରହଣ କରିବା ସକାଶେ ପ୍ରସ୍ତୁତ ହୋଇପାରୁ ।

ଶ୍ରୀମା

* ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ବିଶ୍ୱବିଦ୍ୟାକେନ୍ଦ୍ରର ଉଦ୍‌ଘାଟନ ସମୟରେ ମାଆ ଏହି ସନ୍ଦେଶଟିକୁ ପ୍ରଦାନ କରିଥିଲେ ।

# ବିବର୍ତ୍ତନର ଶକ୍ତିରୂପେ ଶିକ୍ଷକ

ଜଣେ ଶିକ୍ଷକଙ୍କ ପ୍ରଭାବ ଚିରକାଳ ଯାଏ ରହେ । ତାଙ୍କର ପ୍ରଭାବ କେଉଁଠୁ ଆରମ୍ଭ ହୁଏ ଓ କେଉଁଠି ଶେଷ ହୁଏ ସେ ନିଜେ ବି ତାହା କହି ପାରିବେ ନାହିଁ ।

ଯଥାର୍ଥରେ ସେହି ମଣିଷ ଅଟେ ଆଶିଷଯୁକ୍ତ ଯିଏ ନିଜ ପାଇଁ ଜୀବନରେ ଉପଯୁକ୍ତ କର୍ମଟିଏ ବାଛିନେଇ ପାରିଛି । ଯାହା ପାଇଁ ସେ ଆନନ୍ଦ ଓ ସନ୍ତୋଷର ସହ ନିଜ ସୂକ୍ଷ୍ମ ଶକ୍ତିରାଜିର ବିନିଯୋଗ କରିପାରୁଛି । ଦ୍ୱିବାର ଆଶିଷଯୁକ୍ତ ସେହିମାନେ ଯେଉଁମାନେ ଶିକ୍ଷକତାକୁ ଏକ ବ୍ରତ ରୂପେ ଗ୍ରହଣ କରିଛନ୍ତି । ବୃହତ୍ତମ ପରିସର ମଧ୍ୟରେ ଏହି ସୃଜନଶୀଳ ସେବାଟି ବିବର୍ତ୍ତନର ଶକ୍ତି ରୂପେ ମାନବସମାଜ ନିକଟରେ ପହଞ୍ଚି ପାରିଥାଏ । ଏଯାଏ ସୃଷ୍ଟ ହୋଇ ନଥିବା ଜଗତରେ ତାହା ଫଳପ୍ରସୂ ହୁଏ ।

ସଚେତନ ପ୍ରୟାସ ମାଧ୍ୟମରେ ନିଜକୁ ବିକଶିତ କରାଇ ନେବାର ଶକ୍ତି ଉପରେ ଶିକ୍ଷଣ ପ୍ରକ୍ରିୟା ଅଟଳ ବିଶ୍ୱାସ ସ୍ଥାପନ କରିଥାଏ । ସତ୍ତାର ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱ ପ୍ରତି ଛାତ୍ରକୁ ପୁନର୍ଜାଗରିତ କରିବା ପାଇଁ ଶିକ୍ଷକଙ୍କର ପ୍ରୟାସକୁ ଶିକ୍ଷାଦାନ ବୋଲି କୁହାଯାଇପାରେ । ଏକ ପ୍ରେମପୂର୍ଣ୍ଣ ସମ୍ପର୍କର ବାତାବରଣ ମଧ୍ୟରେ କ୍ରମବର୍ଦ୍ଧମାନ ଏକ ବ୍ୟାପକତର ଓ ଗଭୀରତର ଜୀବନ ପ୍ରତି ଆଲୋକପାତ କରି ସେଦିଗରେ ଛାତ୍ରକୁ ପ୍ରେରିତ ଓ ପରିଚାଳିତ କରିବା ପ୍ରୟାସକୁ ଶିକ୍ଷାଦାନ କୁହାଯାଏ । ତାହା ସହଜାତ ପ୍ରେମର ଏକ ଅବଦାନ । ଏହା ଅଭୀପ୍ସା ଦ୍ୱାରା ପରିପୁଷ୍ଟ ହୁଏ; ଜ୍ଞାନ, ଭକ୍ତି ଓ ନିଃସ୍ୱାର୍ଥପର କର୍ମ ମାଧ୍ୟମରେ ଅଭିବ୍ୟକ୍ତ ହୁଏ ।

ମାନବ ଜୀବନରେ ଠିକ୍ ଯେପରି ବିଭିନ୍ନ ସ୍ତର ଓ ମାତ୍ରାୟତନ (standard) ରହିଛି, ସେହିପରି ବିଭିନ୍ନ ପର୍ଯ୍ୟାୟର ଶିକ୍ଷକ ବି ଅଛନ୍ତି । ଏପରି ଅନେକ ଶିକ୍ଷକ ଅଛନ୍ତି ଯେଉଁମାନେ ଶିକ୍ଷାଦାନ ଓ ତାହାର ଧରାବନ୍ଧା କାର୍ଯ୍ୟକ୍ରମକୁ ଏକ ଚାକିରି ରୂପେ ଗ୍ରହଣ କରି ଅନ୍ୟାନ୍ୟ ପେସା ବା ବୃତ୍ତିପରି ଏଥିରୁ ମଧ ସନ୍ତୋଷ ଲାଭ କରିବା ପାଇଁ ଚେଷ୍ଟା କରିଥା'ନ୍ତି । ଏମାନେ ପ୍ରେରଣାଯୁକ୍ତ ନୁହନ୍ତି କି ପ୍ରେରଣାଦାୟକ ନୁହନ୍ତି । ଏହିପ୍ରକାର ଶିକ୍ଷକବୃନ୍ଦ ଜୀବନର ପ୍ରତିଷ୍ଠିତ ଧାରାଗୁଡ଼ିକୁ ଅତି ଆପଣାର କରି ରଖିଥା'ନ୍ତି । ସମାଜର ଧାରାବାହିକ ନିତ୍ୟ ନୈମିତ୍ତିକତା ଓ ସାଂସ୍କୃତିକ ପରମ୍ପରାକୁ ସଞ୍ଚାରିତ ବା ହସ୍ତାନ୍ତର କରିବା ବ୍ୟତୀତ ଅଧିକା କିଛି କରି ନଥା'ନ୍ତି ।

**ବିବର୍ତ୍ତନର ଅବଧାରକ ରୂପେ ଶିକ୍ଷକ :**

ଅନ୍ୟମାନେ ବି ଅଛନ୍ତି ଯେଉଁମାନଙ୍କ ପାଇଁ ଶିକ୍ଷକତା ହେଲା ଅସାଧାରଣ ବୈଶିଷ୍ଟ୍ୟଯୁକ୍ତ ଜୀବନବ୍ୟାପୀ ଏକ ଆହ୍ୱାନ, ଏକ ବ୍ରତ । ଏହି ଶିକ୍ଷାଦାତାମାନେ ଏକ ବ୍ୟାପକ ଦାୟିତ୍ୱ ଓ ଭୂମିକାର ସୁଚିନ୍ତିତ ପରିକଳ୍ପନା କରିଥା'ନ୍ତି ଓ ସେଥିପାଇଁ ନିଜକୁ ସମ୍ପୂର୍ଣ୍ଣ ରୂପେ ବିନିଯୋଗ କରିଥା'ନ୍ତି । ସେମାନେ ବାହ୍ୟ ଜୀବନର କାମ୍ୟଗୁଡ଼ିକୁ ସୁରକ୍ଷିତ ରଖି, ମାନବୀୟ ପ୍ରତ୍ୟାଶା ଓ ପ୍ରୟୋଗର ବିଭିନ୍ନ ଦିଗର ପ୍ରଗତି ଓ ବିକାଶ ପାଇଁ ମଧ ସମାନ ରୂପେ ଯତ୍ନଶୀଳ ହୋଇଥା'ନ୍ତି । ଏଣୁ ଅବିସମ୍ବାଦିତଭାବେ ସେମାନେ ''ବୃତ୍ତିର ମେରୁଦଣ୍ଡ'' ରୂପେ ସ୍ୱୀକୃତି ପାଇଥା'ନ୍ତି ।

ଏହାର ଊର୍ଦ୍ଧ୍ୱରେ ପୁଣି ମହାତ୍ମାମାନେ, ଜଗଦ୍‌ଗୁରୁମାନେ, ମାନୁଷୀ ଜୀବନର ନୂତନଧାରାର ଜ୍ୱଳନ୍ତ ଦୃଷ୍ଟାନ୍ତମାନେ ପୃଥିବୀପୃଷ୍ଠରେ ଅଛନ୍ତି ଯେଉଁମାନେ ସେମାନଙ୍କ କର୍ମ, ବାକ୍ୟ ବା ବାଣୀ ଦ୍ୱାରା ଯେତେଟା ନୁହେଁ, କେବଳ ସେମାନଙ୍କ ଉପସ୍ଥିତି ଦ୍ୱାରା ତତୋଽଧିକ ଶିକ୍ଷା ପ୍ରଦାନ କରିପାରନ୍ତି । ଯେଉଁଠାରେ ମହାନ୍ ଆତ୍ମାମାନେ ଶିକ୍ଷା ଦିଅନ୍ତି ସେପରି କ୍ଷେତ୍ରରେ କେବଳ ଏପରି ବିରଳ ଓ ଅମୂଲ୍ୟ ବ୍ୟକ୍ତିତ୍ୱମାନେ ପରିଲକ୍ଷିତ ହୁଅନ୍ତି । ସେମାନେ ହେଲେ ଅତି ଉଚ୍ଚକୋଟୀର ପ୍ରତିଭାବାନ୍ ସତ୍ତା ସକଳ – ସେମାନେ ହେଲେ ଏକ ନୂତନ ଯୁଗର ଉଦ୍‌ଘୋଷକ ଓ ବ୍ୟବସ୍ଥାପକ । ସେମାନେ ହେଲେ ଏକ ଜାଗତିକ ପ୍ରେରଣାର ଉତ୍ସ । ଏପରି ଯୋଗ୍ୟତା ଥିବା ଶିକ୍ଷକମାନେ ସେମାନଙ୍କର ସୂକ୍ଷ୍ମତର ସମ୍ଭାବନା ରାଶିକୁ ଦୈନନ୍ଦିନ ଜୀବନରେ ବାସ୍ତବ ରୂପରେଖ ଦେଉଥା'ନ୍ତି ଓ ସାଧାରଣ ମଣିଷର ଚେତନାଠାରୁ ଅଧିକ ଆଲୋକଦୀପ୍ତ ଏକ ଚେତନା ଦ୍ୱାରା ସେମାନେ ପରିଚାଳିତ ହେଉଥା'ନ୍ତି । ମାନବର ନିୟତି ସମ୍ବନ୍ଧରେ ସେମାନଙ୍କର ଏକ ବିଶ୍ୱାତୀତ ଦୃଷ୍ଟି ଥାଏ । ନିଜକୁ ଅତିକ୍ରମ କରି ଯାଉଥିବା ଏକ ଜୀବନ ଓ ଭାବନାର ଅଭିବ୍ୟକ୍ତି ପାଇଁ ତଥା ମଣିଷ ସମାଜର ଅଗ୍ରଗତି ପାଇଁ ଏହା ସହାୟକ ହୁଏ । ଏହି ଦୃଷ୍ଟିରୁ ମହାନ୍ ଆତ୍ମାଯୁକ୍ତ ଏପରି ଶିକ୍ଷକମାନେ ହେଲେ ବିବର୍ତ୍ତନ ପ୍ରକ୍ରିୟାର ଜଣେ ଜଣେ ଅଗ୍ରଦୂତ, ଅବଧାରକ ଓ ପରିଚାଳକ ।

ବହୁମୁଖୀ ଜଟିଳ ସମାଜରେ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ

ପାଇଁ ବିଭିନ୍ନ ପଦ୍ଧତିର ଆବଶ୍ୟକତା ରହିଛି । ଏପରିକି ଯେଉଁଠି ଅତିଶୟ ସଚେତନ ଓ ଦୂରଦୃଷ୍ଟି ସଂପନ୍ନ ଶିକ୍ଷକମାନେ ମାନବୀୟ ସ୍ଥିତିର ଉନ୍ନତି ପାଇଁ ଚେଷ୍ଟିତ, ସେଠାରେ ମଧ୍ୟ ସଂଖ୍ୟାଧିକ ଛାତ୍ରମାନଙ୍କୁ ସଂସ୍କୃତି ଓ ସଭ୍ୟତାର ଚିରାଚରିତ ଉପାଦାନଗୁଡ଼ିକୁହିଁ ଅବଗତ କରାଇବାକୁ ପଡୁଛି । କାରଣ ସେମାନଙ୍କର ମୌଳିକ ପ୍ରବୃତ୍ତିଗୁଡ଼ିକ ଏଯାଏ ପୃଥିବୀର ବିବର୍ତ୍ତନଗତ ଚାପ ଦ୍ୱାରା ପ୍ରଭାବିତ ବା ମାର୍ଜିତ ହୋଇପାରି ନାହିଁ ।

**ଶିକ୍ଷାଦାନ ଏକାଧାରରେ ଏକ କଳା ଓ ବିଜ୍ଞାନ :**

ସତ୍ତାର ସକଳ ବିଭାବ ଯଥାର୍ଥରୂପେ ବିକଶିତ ହେବା ଆବଶ୍ୟକ । ମଣିଷ ସମାଜର ପୁନର୍ଜାଗରଣ, ଅଭ୍ୟୁଦୟ ଓ ଅପରିହାର୍ଯ୍ୟ ପରିପୂର୍ଣ୍ଣତା ପାଇଁ ସତ୍ତାରେ ସଂଶ୍ଳିଷ୍ଟ ଶାରୀରିକ, ପ୍ରାଣିକ, ମାନସିକ, ଚୈତ୍ୟିକ ଓ ଆଧ୍ୟାତ୍ମିକ ବିଭାବର ଅବଦାନ ନିଶ୍ଚିତ ରୂପେ ରହିଛି । ଏସବୁର ପ୍ରଶିକ୍ଷଣକୁ ଏକାଧାରରେ ବିଜ୍ଞାନ ଓ କଳା ରୂପେ ଅବଧାରଣା କରାଯାଇପାରେ । ଶିକ୍ଷାକ୍ଷେତ୍ରରେ ବିଜ୍ଞାନ ମୁଖ୍ୟତଃ ସ୍ୱରୂପ ଓ ଉପାଦାନ ତଥା ଜୀବନର ବାହ୍ୟ ପ୍ରକାଶିତ ବିଭାବଗୁଡ଼ିକୁ ବିଚାରକୁ ନିଏ । ତାହା ଏପରି ଏକ ଖସଡ଼ା ପ୍ରସ୍ତୁତ କରେ ଯାହାର ପରିସର ମଧ୍ୟରେ ଆମର ସଂବୃଦ୍ଧି ଓ ବିକାଶ ସର୍ବୋତ୍ତମ ରୂପେ ସଂଘଟିତ ହୋଇପାରେ । ଶିକ୍ଷଣ କଳା ଏହା ମଧ୍ୟରେ ଏପରି ପ୍ରାଣ ଓ ପ୍ରେରଣା ସଞ୍ଚାର କରେ ଯାହା ଆମ ନିତିଦିନିଆ ତେଲ, ଲୁଣର ସଂସାରକୁ ଅର୍ଥପୂର୍ଣ୍ଣ ଓ ସମୃଦ୍ଧ କରିଥାଏ । ଏହା ଦ୍ୱାରା ଯଥାର୍ଥ ଆନନ୍ଦର ଅନୁଭବ ତଥା ମଣିଷର ସୂକ୍ଷ୍ମ ପ୍ରଚ୍ଛନ୍ନ ସମ୍ଭାବନା ସମୂହର ବିକାଶ ସମ୍ଭବ ହୋଇଥାଏ ।

ଜଣେ ଦକ୍ଷ ଶିକ୍ଷକ ଶିକ୍ଷାଦାନର କଳା ବା ବିଜ୍ଞାନ ଉଭୟକୁ ଗୁରୁତ୍ୱ ଦେଇଥା'ନ୍ତି । ତେବେ ଶିକ୍ଷାଗତ କଳାର ଅନୁସରଣହିଁ ମଣିଷର ରୂପାନ୍ତର ସାଧନ କରି ଏକ ଆତ୍ମିକ ଓ ସମନ୍ୱିତ ଜୀବନର ପ୍ରତିଶ୍ରୁତି ଦେଇପାରେ । ଏକ କଳାରୂପେ ଶିକ୍ଷାଦାନ ନିଜ ମଧ୍ୟସ୍ଥ ସର୍ବୋତ୍ତମ ଉପାଦାନଗୁଡ଼ିକୁ ଏକତ୍ର ବିକଶିତ କରାଇବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ସୂକ୍ଷ୍ମତର ବିଭାବଗୁଡ଼ିକୁ ଦିଗ୍‌ଦର୍ଶନ ହେବାର ସୁଯୋଗଟିଏ ଆଣିଦିଏ । ଯଦି ଶିକ୍ଷକଙ୍କ ଜୀବନରେ ପରମ ଦିବ୍ୟସତ୍ତା ସ୍ୱୟଂ ପ୍ରକାଶିତ ହେଉଥା'ନ୍ତି, ସେପରି କ୍ଷେତ୍ରରେ ଅନ୍ୟମାନଙ୍କୁ ସବୁଠୁ ଦୀପ୍ତିମୟ ଦିଗ୍‌ଦର୍ଶନ ମିଳିଥାଏ । ଆନ୍ତର ଓ ବାହ୍ୟ ପ୍ରାଚୁର୍ଯ୍ୟଭରା ଏହି ପଥଟି ଅନୁସନ୍ଧିତ୍ସୁ ଆତ୍ମାଟିକୁ ସ୍ଥାଣୁ ସୁଖସ୍ୱାଚ୍ଛନ୍ଦ୍ୟ ଓ ସାମାଜିକ ସ୍ଥିତାବସ୍ଥାର ସୀମା ପରପାରିକୁ ନେଇ ଦୁଃସାହସିକ ଅଭିଯାନଯୁକ୍ତ ରୂପାନ୍ତରକାରୀ ଏକ ମହତ୍ତର ଓ ବ୍ୟାପକତର ଜୀବନରେ ଉପନୀତ କରାଏ, ଯେଉଁଠି ଜୀବନ ପରମାଶ୍ଚର୍ଯ୍ୟରୁ ପରମାଶ୍ଚର୍ଯ୍ୟକୁ ମୁକୁଳିତ ଓ ଉନ୍ମୀଳିତ ହେଉଥାଏ ।

ଯଦି ଶିକ୍ଷାକୁ ଏକ ପ୍ରବେଶପଥ ରୂପେ କଳ୍ପନା କରାଯାଏ ଯାହା ମଧ୍ୟଦେଇ ଗତି କଲେ ଏକ ଅର୍ଥପୂର୍ଣ୍ଣ, ବ୍ୟାପକ ଓ ଆନନ୍ଦମୟ ଜୀବନର ଅଭିବ୍ୟକ୍ତି ସମ୍ଭବପର, ତେବେ ଉପମାଟି ଇଙ୍ଗିତ ଦିଏ ଯେ ଶିକ୍ଷକ ହେଲେ ସେହି ପ୍ରବେଶ ପଥର ଚାବିକାଠି । ଶିକ୍ଷାଦାନ ପୃଥିବୀର ସବୁଠୁ ବିପଦ୍‌ସଙ୍କୁଳ ବୃତ୍ତିରୂପେ ବିବେଚିତ; କାରଣ ଶିକ୍ଷାର୍ଥୀକୁ ଏକ ସୁପ୍ତ, ଅବିକଶିତ, ଦିଗବିହୀନ ଉଚ୍ଛୃଙ୍ଖଳ ଜୀବନ କିଂବା ସମସ୍ତଙ୍କ ପାଇଁ ସ୍ୱାଭାବସିଦ୍ଧ ରୂପେ ଜନ୍ମଗତ ଅଧିକାର ଭାବେ ପ୍ରତିଶ୍ରୁତ ଏକ ପରମାନନ୍ଦମୟ କୃତାର୍ଥ ଜୀବନ ଦିଗରେ ପରିଚାଳିତ କରିବା କ୍ଷମତା ଶିକ୍ଷକଙ୍କର ଥାଏ । ବର୍ତ୍ତମାନ ଯେତେବେଳେ ସମଗ୍ର ପୃଥିବୀରେ ଏକ ନୂତନ ଚେତନାର ପୂର୍ଣ୍ଣ ଅଭିବ୍ୟକ୍ତି ପାଇଁ ଆବଶ୍ୟକତା ଅନୁଭୂତ ହେଉଛି, ସେତେବେଳେ ଯେଉଁମାନେ ଶିକ୍ଷାଦାନ କରନ୍ତି ସେମାନଙ୍କ ଉପରେ ଏକ ଗୁରୁ ଦାୟିତ୍ୱ ରହିଛି । ଟେଲ୍‌ହାର୍ଡ୍ ଡ଼ି. ଚାର୍ଡ଼ିନ୍ ସ୍ପଷ୍ଟରୂପେ ବ୍ୟକ୍ତ କରିଛନ୍ତି : ''ଶିକ୍ଷା ମାଧ୍ୟମରେହିଁ ମନ ଓ ହୃଦୟର ମନ୍ଥର ଗତିରେ ସମ୍ମିଳନ ସମ୍ଭବ ହୋଇପାରିଛି, ଯାହା ବ୍ୟତୀତ ବିଶ୍ୱଜୀବନରେ ପ୍ରବେଶ ପାଇଁ ତା' ସମ୍ମୁଖରେ ଅନ୍ୟ କୌଣସି ପନ୍ଥା ନାହିଁ । ମାନବଜାତିର ଏକତ୍ୱ ସଂପାଦନ କରିବା ପାଇଁ ପ୍ରତ୍ୟକ୍ଷ ରୂପେ ଦାୟିତ୍ୱ ପ୍ରାପ୍ତ ଶିକ୍ଷକ ନିରନ୍ତର ତଦନୁପୋଯୋଗୀ ଜୀବନ ଅତିବାହିତ କରିବେ ଓ ତାହାର ଉପଲବ୍ଧି ପାଇଁ ସଚେତନ ପ୍ରୟାସ କରିବେ । ବିବର୍ତ୍ତନର ଏହି ସନ୍ଧିକ୍ଷଣରେ ଭିନ୍ନ ଜଣେ ଶିକ୍ଷକଙ୍କ ଆବିର୍ଭାବର ଆବଶ୍ୟକତା ରହିଛି । ପୃଥିବୀପୃଷ୍ଠରେ ମଣିଷ ଯେ ପରମ ସୃଜନକ୍ଷମ ସଙ୍କଳ୍ପର ଏକ ସଚେତନ ଶକ୍ତି – ଏହା ସେ ଉପଲବ୍ଧି କରିଥିବେ । ଏହିପରି ସତ୍ୟର ଆଲୋକରେ ଆଲୋକିତ ଶିକ୍ଷାବିତ୍‌ଗଣ ବିକାଶଶୀଳ ଆତ୍ମାଗୁଡ଼ିକୁ ସେମାନଙ୍କର ନିଜସ୍ୱ ପରିପୂର୍ଣ୍ଣତା ଦିଗରେ ଆଗେଇ ନେବାରେ ଚେଷ୍ଟା କରନ୍ତି । ଅନ୍ତରସ୍ଥ ସତ୍ୟର ପରିପୂର୍ଣ୍ଣ ଜୀବନ୍ତ ଅଭିବ୍ୟକ୍ତି ଓ ପରିପୂର୍ଣ୍ଣ ସଚେତନତା ଦିଗରେ ସେମାନଙ୍କୁ ପଥ ଦେଖାନ୍ତି । ସେପରି ଶିକ୍ଷଣ ସକଳ ପ୍ରକାର ପଦ୍ଧତି ବା କୌଶଳର ଊର୍ଦ୍ଧ୍ୱରେ – ଆତ୍ମା ମଧ୍ୟରେହିଁ ତାହାର ମୂଳଉତ୍ସ ଆବିଷ୍କାର କରେ ।

ଏହିପରି ବିଚାର, ବିବେଚନା, ପ୍ରତ୍ୟକ୍ଷ ଉପଲବ୍ଧି ଥିବା ଶିକ୍ଷକଗଣ ଜାଣନ୍ତି ଯେ ବିଦ୍ୟାର୍ଥୀର ମନ ଓ ଅନ୍ତର୍ନିହିତ ସଂଗୁପ୍ତ ସାମର୍ଥ୍ୟକୁ ଜାଗ୍ରତ୍ କରିବା ଦ୍ୱାରାହିଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଓ ଫଳପ୍ରଦ ଶିକ୍ଷଣ ଓ ବିକାଶ ସମ୍ଭବପର ।

ବ୍ୟକ୍ତିଗତ ଅନୁଭୂତି ସମ୍ଭୃତ ସଂବେଦନଶୀଳ ପ୍ରଜ୍ଞାଯୁକ୍ତ ଏପରି ଶିକ୍ଷକ ଗୋଷ୍ଠୀ ଶିକ୍ଷାର୍ଥୀମାନଙ୍କୁ ନିଜ ସତ୍ତାର ଅସୀମ ସାମର୍ଥ୍ୟଗୁଡ଼ିକୁ ଆବିଷ୍କାର କରିବାରେ ସାହାଯ୍ୟ କରନ୍ତି । ବିନିମୟକ୍ଷମ ଶକ୍ତି – ଯାହା ସକଳ ମାନବୀୟ ସମ୍ବନ୍ଧର ଲକ୍ଷଣ – ଅତି ସଚେତନ ଶିକ୍ଷାବିତ୍‌ମାନେ ସେପରି ଶକ୍ତିର ପ୍ରଭାବକୁ ଶିକ୍ଷାର୍ଥୀର ନିଜ ସାମର୍ଥ୍ୟ ଓ ଶକ୍ତିକୁ ସ୍ୱାଭାବିକ ଭାବେ ପ୍ରକାଶିତ ହେବା ଲାଗି ପ୍ରୟୋଗ କରନ୍ତି । ଯେଉଁ ମୂଲ୍ୟବୋଧ ଓ ଜୀବନଚର୍ଯ୍ୟା ଘନିଷ୍ଠତା ଓ ନିରାପତ୍ତାର ସ୍ୱାଚ୍ଛନ୍ଦ୍ୟ ଆଣିଦିଏ ତାହାକୁ ଅବଲମ୍ବନ କରି ଛାତ୍ରର ନିକଟତର ହୁଅନ୍ତି । ଛାତ୍ରକୁ ଆତ୍ମ-ସଚେତନ ହେବା ପାଇଁ, ନିଜ ମନ ଓ ଅନ୍ତରାତ୍ମାର ଅଭୀପ୍ସା ଓ ପ୍ରେରଣାଗୁଡ଼ିକୁ ନିଜେ ହୃଦୟଙ୍ଗମ କରିବା ପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରନ୍ତି । ମାନବୀୟ ବିକାଶ ଓ ବିବର୍ତ୍ତନର ଅନଧିକୃତ ସାମ୍ରାଜ୍ୟଗୁଡ଼ିକୁ ଆବିଷ୍କାର କରିବା ପାଇଁ, ଅନ୍ତର ସାମ୍ରାଜ୍ୟର ଅଭିଯାତ୍ରୀ ରୂପେ ମାନବୀୟ ମନୀଷା ଓ ଆତ୍ମାର ନୂତନ ଦିଗ୍‌ବଳୟଗୁଡ଼ିକୁ ଉଦ୍‌ଘାଟନ କରିବା ପାଇଁ ଉଭୟ ଶିକ୍ଷକ ଓ ଛାତ୍ର ଏକତ୍ର କାର୍ଯ୍ୟ କରନ୍ତି ।

**ଶିକ୍ଷାଦାନ ଓ ଶିକ୍ଷଣ :**

ଅଜ୍ଞାତଙ୍କ ଆହ୍ୱାନ ଯେଉଁ ଇସାରା ଦେଉଛି ତାହା ପ୍ରତି ସଂଗତିପୂର୍ଣ୍ଣ ପ୍ରତ୍ୟୁତ୍ତର ଦ୍ୱାରା ଶିକ୍ଷକ ଓ ଶିକ୍ଷାର୍ଥୀ ମଧ୍ୟରେ ଥିବା ବିଭେଦଟି ଦୂର ହୁଏ । ଯେଉଁଠି ଉଭୟ ଶିକ୍ଷକ ଓ ଶିକ୍ଷାର୍ଥୀ ଅବିଚ୍ଛିନ୍ନ ଅନ୍ୱେଷଣର ପାରସ୍ପରିକତାଯୁକ୍ତ ଅଂଶୀଦାର, ସେହି କ୍ଷେତ୍ରରେ ଶିକ୍ଷଣର ବିନିମୟକୁହିଁ ଶିକ୍ଷାଦାନର ସଂଜ୍ଞା ବୋଲି ଗ୍ରହଣ କରାଯାଏ । ତେଣୁ ସବୁଠୁ ସଫଳ ଶିକ୍ଷାଦାନ ଏକ ଶିକ୍ଷଣ ପ୍ରକ୍ରିୟା ମଧ୍ୟ ଅଟେ । ପ୍ରତ୍ୟେକ ଶିକ୍ଷାଦାନର ଅନୁଭୂତି ଦୁଇଟି ଉଦ୍ଦେଶ୍ୟ ନେଇ ସଂଘଟିତ ହୁଏ । ଗୋଟିଏ ଦିଗରୁ ଶିକ୍ଷାଦାନ କରିବାର ଅଭିଳାଷ ଓ ଅନ୍ୟ ଆଡ଼ୁ ଶିକ୍ଷାଲାଭ କରିବାର ସମତୁଲ୍ୟ ଉତ୍କଣ୍ଠା । କନ୍‌ଫୁସିୟସ୍ ଯଥାର୍ଥରେ କହିଛନ୍ତି – ''ପୁରାତନ ଜ୍ଞାନକୁ ଅନୁଧ୍ୟାନ କରିବା ସଙ୍ଗେ ସଙ୍ଗେ ନୂତନ ଜ୍ଞାନ ଆହରଣ କର, ତେବେ ଯାଇ ତୁମେ ଅନ୍ୟମାନଙ୍କର ଶିକ୍ଷକ ହୋଇପାରିବ ।'' ପରସ୍ପର ମଧ୍ୟରେ ଘନିଷ୍ଠ ଭାବର ଆଦାନପ୍ରଦାନ ଦ୍ୱାରା ଶିକ୍ଷକ ଓ ଶିକ୍ଷାର୍ଥୀ ଉଭୟେ ନୂତନ ପରିପୂର୍ଣ୍ଣତା ଓ ଉପଲବ୍ଧି ଦିଗରେ ଏକତ୍ର ଅଗ୍ରଗତି କରି ଚାଲିବେ ।

ଏହି ପ୍ରକାର ଶିକ୍ଷାଦାନ ପଦ୍ଧତି ମନ, ହୃଦୟ ତଥା ଭାବାବେଗ ଓ ସୀମିତ ବାକ୍‌ଶକ୍ତିର ପରପାରରେ କେନ୍ଦ୍ରୀୟ ସତ୍ତା ସହ କେନ୍ଦ୍ରୀୟ ସତ୍ତାର ସମ୍ପର୍କ ତଥା ଆଦାନ ପ୍ରଦାନ ଆବଶ୍ୟକ କରେ । ବାସ୍ତବ ପରିଣତି ଦୃଷ୍ଟିରୁ ଦେଖିଲେ ଏହା ଏକ ପ୍ରକାର ସତ୍‌ସଙ୍ଗ ଯେଉଁଠାରେ ଶିକ୍ଷକଙ୍କର ବ୍ୟକ୍ତିଗତ ଜୀବନର ପ୍ରଭାବ ମୁଖ୍ୟ ଶିକ୍ଷଣ-ଶକ୍ତି ରୂପେ କାର୍ଯ୍ୟ କରେ । ପାଠ୍ୟକ୍ରମ, ପାଠ୍ୟୋପକରଣ, କୌଶଳ ଓ ପଦ୍ଧତି ସକଳକୁ ଅତିକ୍ରମ କରି ଶିକ୍ଷକରୂପୀ ବ୍ୟକ୍ତିତ୍ୱର ମୌଳିକ ସତ୍ତାହିଁ (ଯାହା ସୂକ୍ଷ୍ମ ଅଥଚ ଅବ୍ୟର୍ଥଭାବେ ଶକ୍ତିଶାଳୀ) ତାହାର ଛାତ୍ରମାନଙ୍କୁ ନିଜ ବକ୍ତବ୍ୟ ପରିବେଷଣ କରେ । ଯଥାର୍ଥରେ ''କରିବାର ପଥ ହେଲା ହୋଇ ଉଠିବା'' (The way to do is to be) ଯେଉଁ ଶିକ୍ଷା ସମାଜରେ ଉଚ୍ଚତର ଜୀବନ ପାଇଁ ଏକ ପ୍ରତିଶ୍ରୁତି ଦ୍ୱାରା ପ୍ରେରିତ ତାହା କୌଣସି ନିମ୍ନମାନର ଶିକ୍ଷାଦାନ ଚାତୁରୀ ବା କୌଶଳ ଦ୍ୱାରା ସମ୍ଭବ ହୁଏ ନାହିଁ, ବରଂ ସମ୍ଭବ ହୁଏ ପରମ ସତ୍ୟ ସହ ଶିକ୍ଷାଦାତାଙ୍କର ଯଥାର୍ଥ ସମ୍ପର୍କ ଯୋଗୁଁ ।

ଶିକ୍ଷାଦାନର ଶୁଦ୍ଧତମ ପ୍ରକ୍ରିୟା ଆତ୍ମା ସହ ସମ୍ପୃକ୍ତ । ଇତିହାସ ଓ ବର୍ତ୍ତମାନର ଅନୁଭୂତି ଉଦ୍‌ଘାଟିତ କରେ ଯେ – ଯେତେବେଳେ ବିଖ୍ୟାତ ଜଗଦ୍‌ଗୁରୁମାନେ ଆବିର୍ଭୂତ ହୋଇଥା'ନ୍ତି, ସେତେବେଳେ ସେମାନଙ୍କର ଜୀବନ୍ତ ଓ ପ୍ରକାଶଦୀପ୍ତ ଉପସ୍ଥିତିହିଁ ତାଙ୍କ ନିକଟରେ ଶିକ୍ଷା କରିବାକୁ ଆସିଥିବା ବ୍ୟକ୍ତିମାନଙ୍କ ଉପରେ ଗଭୀର ଓ ଦୀର୍ଘସ୍ଥାୟୀ ପ୍ରଭାବ ବିସ୍ତାର କରିଥାଏ । ଜଣେ ବ୍ୟକ୍ତିର ବକ୍ତବ୍ୟ ଅପେକ୍ଷା ତାହାର ନିଜସ୍ୱ ବ୍ୟକ୍ତିତ୍ୱର ମହାନତା ଅଧିକ କଥା କହିଥାଏ । ଯଥାର୍ଥରେ ଏହା ସତ୍ୟ ଯେ ସର୍ବୋତ୍ତମ ଶିକ୍ଷା ବାକ୍ୟଗୁଡ଼ିକରେ ନଥାଏ । ଶିକ୍ଷାର୍ଥୀ ନିଜ ପାଇଁ ଉଦ୍ଦିଷ୍ଟ ପାଠ୍ୟକୁ ଅଧ୍ୟୟନ କରି ନପାରେ, ଅଥଚ ପ୍ରତି ମୁହୂର୍ତ୍ତରେ ତାହାର ପ୍ରକୃତିର ସୂକ୍ଷ୍ମତର ପ୍ରକ୍ରିୟାଗୁଡ଼ିକ ଗୁରୁଙ୍କ ଉପସ୍ଥିତି ପ୍ରତି ସଚେତନ ରହିଥାଏ । ବାକ୍ୟ ଓ ବାଣୀର ବହିର୍ଭୂତ ପ୍ରଭାବ ଓ ସମ୍ପର୍କଗୁଡ଼ିକ ଦ୍ୱାରା ଆମେ ଅତି ଗଭୀର ଓ ତୀବ୍ରଭାବେ ରୂପାନ୍ତରିତ ହୋଇଥାଉ । ଏହିଭଳି ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା ଜୀବନ୍ତ ହୋଇଥାଏ । ଏହି ପ୍ରକ୍ରିୟା ହୁଏ ନିରବଚ୍ଛିନ୍ନ, ତାହାର ପଦ୍ଧତି ଅଟେ ଆଧ୍ୟାତ୍ମିକ ।

ନିଜ ଅତୀତ ଜୀବନ କାଳରେ ସଂସର୍ଗରେ ଆସିଥିବା ଶିକ୍ଷକମାନଙ୍କୁ ସ୍ମରଣ କରି ମହାତ୍ମାଗାନ୍ଧି କହିଛନ୍ତି ଯେ ସେ ଯେଉଁ ଗ୍ରନ୍ଥସବୁ ଅଧ୍ୟୟନ କରିଛନ୍ତି ବା ପାଠସବୁ ଶିକ୍ଷା କରିଛନ୍ତି ସେସବୁ କିଛି ବି ସ୍ମୃତିରେ ରହି ନାହିଁ, ଅଥଚ ଯେଉଁମାନଙ୍କର ପ୍ରେରଣାମୟ ଜୀବନ ଓ ଆଦର୍ଶ ସମ୍ପର୍କରେ ସେ ଆସିଥିଲେ, ତାହା ସାରାଜୀବନ ତାଙ୍କ ପାଇଁ ଏକ ଶିକ୍ଷାପ୍ରଦ ଶକ୍ତି ରୂପେ କାର୍ଯ୍ୟ କରି ଆସିଛି । ଯେଉଁମାନଙ୍କଠାରେ ଆଲୋକ ଜାଜ୍ୱଲ୍ୟମାନ ସେମାନଙ୍କ ଦ୍ୱାରାହିଁ କେବଳ ଆମ ହୃଦୟ କନ୍ଦରରେ ଆଲୋକ ପ୍ରଜ୍ୱଳିତ କରାଯାଇଥାଏ ।

ଯେଉଁ ଶିକ୍ଷା ପୃଥିବୀର ବିବର୍ତ୍ତନଗତ ପ୍ରଗତିରେ ନିୟତିକୁ ଆଗେଇ ନେବା ପାଇଁ ସକଳ ସାମର୍ଥ୍ୟ ଓ ସମ୍ଭାବନା ସହ ସ୍ୱାଭାବିକରୂପେ ସ୍ପନ୍ଦିତ, ଅର୍ପିତ ଓ ନିବେଦିତ – ତାହା ଏକ ମହାନ୍ ଜୀବନଧାରାର ପରିଣତି ମାତ୍ର । ଅନ୍ୟମାନଙ୍କ ଜୀବନରେ ଏକ ଜୀବନ୍ତ ସମ୍ପର୍କ ଦ୍ୱାରା ରୂପାନ୍ତର ପ୍ରକ୍ରିୟାକୁ ସକ୍ରିୟ କରିବା ପାଇଁ ସହାୟକ ହେବାରେ ଶିକ୍ଷକଙ୍କ ସାମର୍ଥ୍ୟ ତାଙ୍କର ନିଜସ୍ୱ ମହାନତାର ପରିଚାୟକ । ଜୀବନରେ ପରିପୂର୍ଣ୍ଣତା ଲାଭ କରିବା, ତାଙ୍କ ନିଜର ଜୀବନଚର୍ଯ୍ୟା, ଆଦର୍ଶ ଓ ସଂବେଦନଶୀଳତା ଉପରେ ନିର୍ଭର କରେ । ବିଜ୍ଞ ଗ୍ରୀସ୍ ଦାର୍ଶନିକ ବାୟାସ୍‌ଙ୍କ ମତରେ – ''ସମଗ୍ର ଜୀବନରେ ସଂଗୃହୀତ ହୋଇଥିବା ସମ୍ପଦ ସେ ସ୍ୱୟଂ ଅତୀତ ଜୀବନର ସହସ୍ର ସଂଗ୍ରାମର ଅବଦାନ ସ୍ୱରୂପ ତାଙ୍କ ସତ୍ତାର ସମ୍ପଦକୁହିଁ ସେ ପ୍ରତିନିଧିତ୍ୱ କରୁଥା'ନ୍ତି ।'' ଏହା ଏକ ପ୍ରାଚୀନ ମନୀଷା ଯାହା ଆମକୁ ସୂଚାଇ ଦିଏ ଯେ ଯେଉଁ ବ୍ୟକ୍ତି ଅନ୍ୟମାନଙ୍କର ଗୁରୁ ହେବେ ସେ ପ୍ରଥମେ ନିଜେ ଜଣେ ପଥଚାରୀ ହୋଇଥିବା ଆବଶ୍ୟକ । ସେ ଯଥାର୍ଥରେ ହୋଇଥିବେ ଜଣେ ପୁରୋହିତ ଓ ଆଚାର୍ଯ୍ୟ ଯେ ପ୍ରତ୍ୟେକ ମାନୁଷୀ ସତ୍ତା ସଂସର୍ଗରେ ଆସୁଥିବା ଅନ୍ୟ ସମସ୍ତ ସତ୍ତାମାନଙ୍କ ଉପରେ ଏକ ସୂକ୍ଷ୍ମ ପ୍ରଭାବ ପ୍ରୟୋଗ କରିଥା'ନ୍ତି ।

ଏହି ଚିରନ୍ତନ ଶିକ୍ଷାଟିକୁ ଆଧୁନିକ ବିଜ୍ଞାନ ମଧ୍ୟ ଅନୁମୋଦନ କରୁଛି । ଆମ ସହଯାତ୍ରୀମାନଙ୍କ ସହ ପାରସ୍ପରିକ ନୀରବ କ୍ରିୟା ପ୍ରତିକ୍ରିୟାରେ ବ୍ୟାବୃତ୍ତ ଏକ ଜୀବନ ନେଇ ଆମେ ବଞ୍ଚୁଛୁ । ପ୍ରତିବଦଳରେ କ୍ରମବର୍ଦ୍ଧମାନ ସମ୍ବନ୍ଧର ଏହି ଆବର୍ତ୍ତନଟି ତାହାରି ପ୍ରଭାବ ବିସ୍ତାର କରି ଚାଲିଛି । ଜଣେ ଯେତେବେଳେ ଆଧ୍ୟାତ୍ମିକ ଚେତନାରେ ଉନ୍ନୀତ ହୁଏ ସେତେବେଳେ ଏହି ଆବର୍ତ୍ତନର ବିଭବ ଓ ଶକ୍ତି ଅଧିକ ବିସ୍ତୃତ ହୁଏ । ମାନୁଷୀ ଜଗତରେ କ୍ରିୟାଶୀଳ ଥିବା ବିବର୍ତ୍ତନ ଶକ୍ତିକୁ ପ୍ରତିନିଧିତ୍ୱ କରୁଥିବା ଶିକ୍ଷକ ତାଙ୍କ ନିଜ ଚେତନାର ପରିସରକୁ ପରିବର୍ଦ୍ଧିତ କରିବାରେ ସମଗ୍ର ଜୀବନକୁ ବିନିଯୋଗ କରିଥା'ନ୍ତି । ପରମ ଚେତନା ଓ ପରମ ସତ୍ୟକୁ ପ୍ରତିନିଧିତ୍ୱ କରୁଥିବା ଏପରି ନରନାରୀମାନଙ୍କ ନିକଟରେ ସମଗ୍ର ମାନବଜାତି ଚିରଋଣୀ ହୋଇ ରହିଥାଏ । ମଣିଷଜାତିର ଏହି ଅଗ୍ରଦୂତମାନେ ବ୍ୟକ୍ତିଗତ ଓ ସାମୂହିକ ଜୀବନର ମୂଲ୍ୟବୋଧ ପ୍ରତି ଆମ ମନ, ହୃଦୟକୁ ଉତ୍ତରୋତ୍ତର ଉନ୍ମୀଳିତ ଓ ଉନ୍ନୀତ କରୁଥା'ନ୍ତି ।

ଅନ୍ତତଃ ଆସନ୍ତା କାଲିର ବୀଜ-ବ୍ୟକ୍ତି (seed person) ରୂପେ ଜାଗତିକ ସ୍ତରରେ ଜାଗ୍ରତ୍ ଏହି ଶିକ୍ଷକକୁଳ ମାନବୀୟ ବିବର୍ତ୍ତନର ଆଲୋକ ବର୍ତ୍ତିକାକୁ ବହନ କରି ଚାଲୁଥା'ନ୍ତି । ସେମାନଙ୍କର ଉତ୍ତୋଳିତ ସତ୍ତା ଓ କର୍ମଗୁଡ଼ିକୁ ସମସ୍ତଙ୍କ ଅନୁଭବ ପାଇଁ ଉନ୍ମୁକ୍ତ ରଖି, ଅନ୍ୟମାନଙ୍କୁ ଆତ୍ମିକ ଜୀବନଲାଭ ପ୍ରୟାସଯୋଗ୍ୟ ବୋଲି ଅବଗତ କରାଇ, ସମଗ୍ର ଜାତିର ଅଭୀପ୍ସା ଓ ଆଦର୍ଶକୁ ରୂପରେଖ ଦେଇଥା'ନ୍ତି । ଏହିପରି ବିବର୍ତ୍ତନଗତ ଶକ୍ତିରୂପେ ଶିକ୍ଷକ ଜଣେ ପ୍ରମୁଖ ବ୍ୟକ୍ତି ରୂପେ ପ୍ରତିଭାତ ହୁଅନ୍ତି, ଯାହାଙ୍କର ଜୀବନ୍ତ ଉପସ୍ଥିତି ମଣିଷମାନଙ୍କୁ ଏକ ଉଚ୍ଚତର ଚେତନା ଓ ମାନବୀୟ ଏକତ୍ୱ ଦିଗରେ ପରିଚାଳିତ କରେ । ଯେଉଁମାନେ ଏପରି ମହାନ୍ ଆଧ୍ୟାତ୍ମିକ ଜୀବନଯାପନ ପାଇଁ ଆଗଭର ସେମାନଙ୍କୁ ପ୍ଲୁଟାର୍କ ଆଶ୍ୱାସନାର ବାଣୀ ଶୁଣାଇ କହିଛନ୍ତି – ''ଶିକ୍ଷାଦାନର ଉପଯୁକ୍ତ ଲକ୍ଷ୍ୟ ହାସଲ ପାଇଁ ଉତ୍ତମ ପ୍ରତିଭା ଓ ସେଗୁଡ଼ିକର ବହୁଳ ପ୍ରୟୋଗ ଆବଶ୍ୟକ – ମଣିଷ ପ୍ରକୃତି ଏହା ହାସଲ କରିବା ପାଇଁ ସମର୍ଥ ।''

(ବିଶିଷ୍ଟ ଶିକ୍ଷାବିତ୍ **ରବର୍ଟ ବେନ୍‌ବ୍ରିଜ୍**‌ଙ୍କ ଦ୍ୱାରା ଲିଖିତ ''The Teacher as Evolutionary Energy'' ପ୍ରବନ୍ଧର ଅନୁସରଣରେ ଲିଖିତ

ଅନୁସୃଜନ : **କୁମାର ଚନ୍ଦ୍ର ମିଶ୍ର**) ✤

ଯଥାର୍ଥ ଭାବଟି ସହିତ କାର୍ଯ୍ୟ କରିବା,– ତାହାହିଁ ଧ୍ୟାନ ।

*୧୫ ସେପ୍ଟେମ୍ବର, ୧୯୩୪* ଶ୍ରୀମା

# ଆହତ ଶୈଶବ ଓ ପୂର୍ଣ୍ଣାଙ୍ଗ ଶିକ୍ଷା


## ଶ୍ରୀ ବିମଳ ପ୍ରସନ୍ନ ଦାସ


ଜୀବନ ଯେତେବେଳେ ତା' ନିଜସ୍ୱ ଛନ୍ଦରେ ଆତ୍ମପ୍ରକାଶ କରେ ତା'ଠାରୁ ସୁନ୍ଦର ଆଉ କ'ଣ ଥାଇପାରେ ! ମାତ୍ର ଆଜିର ଫମ୍ପା ସଭ୍ୟତାରେ ସବୁକଥାରେ ତାଲିମ ଓ କୃତ୍ରିମତାର ବିରକ୍ତିକର, ବିକୃତ ବୋଝ – ହସିବାକୁ ତାଲିମ, କାନ୍ଦିବାକୁ ତାଲିମ, ଅନୁରାଗ, ଆଳାପ କରିବାକୁ ବି ତାଲିମ । ଏପରିକି ମାଆବାପା ଶିଶୁଟିକୁ କିପରି ଭଲ ପାଇବେ, ଶ୍ରଦ୍ଧା କରିବେ, ସେଥିପାଇଁ ମଧ୍ୟ ତାଲିମ (Parenting)ର ଆବଶ୍ୟକତା ପଡୁଛି । ଜୀବନରେ ଯାହା କିଛି ସମ୍ପୂର୍ଣ୍ଣ ନିଜସ୍ୱ, ସମ୍ପୂର୍ଣ୍ଣ ଭାବେ ସ୍ୱତଃସ୍ଫୂର୍ତ୍ତ ସେସବୁ ପାଇଁ ମଧ୍ୟ ବିଧିବଦ୍ଧ ତାଲିମ ଆବଶ୍ୟକ । ଏଠାରେ ଶିଶୁର ହସରେ, ଦରୋଟି ଭାଷାରେ ନିଷ୍ପାପ ସୌକୁମାର୍ଯ୍ୟ ଆସିବ କିପରି ?

ତିନି, ଚାରି ବର୍ଷ ଶିଶୁର ଗୁଲୁରୁ ଗୁଲୁରୁ କଥା କୁଆଡ଼େ ହଜି ଗଲାଣି । ତା' ବଦଳରେ ମେସିନର ଶବ୍ଦ ପରି ଖାଲି 'Thank you', 'excuse me', 'sorry' 'Good morning', 'Good night' – ଏଇ ଶବ୍ଦଗୁଡ଼ିକୁ ମନ୍ତ୍ର ଭଳି ପିଲାମାନେ ଜପୁଛନ୍ତି । ଶିଶୁଟିର ସ୍ୱଚ୍ଛନ୍ଦତା ଏହିପରି ବୃଥା ଔପଚାରିକତା ଭିତରେ ଅଦିନରେ ଲିଭି ଯାଉଛି । ଟିକି ପିଲାଟିର କଥା ବୁଝିବା ପାଇଁ, ତା'ର ଆଦେଶ ପାଳନ କରିବା ପାଇଁ ସାରା ସୃଷ୍ଟି ଅପେକ୍ଷାରତ – ଏ ମୌଳିକ ସତ୍ୟଟିକୁ ମହାମହିମ ମାତାପିତାମାନେ ସତେ ଯେପରି ବିସ୍ମୃତ ହୋଇ ଗଲେଣି । ଆନନ୍ଦ ଓ ଆକର୍ଷଣ କେବଳ ମାଆବାପା ଅଫିସ ଗଲାବେଳେ ପିଲାଟି ବାଇ, ବାଇ, ଟା, ଟା କରିବ ଠିକ୍ କ୍ୟାସେଟରେ ରେକର୍ଡ଼ିଂ ପରି । ମାଆବାପାଙ୍କ ସହିତ କାହା ଘରକୁ ଗଲେ କୌଣସି ଜିନିଷରେ ଲାଗିବ ନାହିଁ, ବଡ଼ ପାଟି କରିବ ନାହିଁ କି ଦୌଡ଼ାଦୌଡ଼ି କରିବ ନାହିଁ । ମାପିଚୁପି କଥା କହିବ । ଏସବୁ ଲକ୍ଷ୍ୟ କଲେ ମନେହୁଏ ବସ୍ତୁବାଦୀ ସଭ୍ୟତାର ପ୍ରଭାବରେ ପିଲାମାନଙ୍କ ସହ ଭାବପ୍ରବଣତାର ସମ୍ପର୍କ ଏକ ପ୍ରକାର କିଣାବିକାର ସମ୍ପର୍କ ଭିତରେ ସୀମିତ ହୋଇଯାଇଛି ।

ମାତ୍ର ସବୁଠାରୁ ଯାହା ଦୁଃଖଦ ଓ ମର୍ମନ୍ତୁଦ କଥା ତା' ହେଉଛି ମାଆବାପା ଏ କୃତ୍ରିମତା ଭିତରେ ହଜିଗଲା ବେଳେ ନିରୀହ ନିଷ୍ପାପ ଶିଶୁଟି ତାଙ୍କ ଦୃଷ୍ଟିରୁ ଦୂରେଇ ରହିବାକୁ ବାଧ୍ୟ ହେଉଛି । ଫଳତଃ ତା'ର ବିଡ଼ମ୍ବିତ ଶୈଶବ କେବଳ ଅସହାୟତାରେ ବିଳପି ଉଠୁଛି । କିନ୍ତୁ ଶୈଶବ ଜୀବନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ । ସମସ୍ତ ବ୍ୟକ୍ତିତ୍ୱ ଗଠନରେ ଏ ସମୟର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ । ଶିକ୍ଷିତ, ପ୍ରତିପତ୍ତି-ସମ୍ପନ୍ନ, ପ୍ରତିଷ୍ଠିତ ମାତାପିତା ତଥାକଥିତ କାର୍ଯ୍ୟବ୍ୟସ୍ତତା, ସ୍ୱାର୍ଥ ଓ କ୍ଷମତାର ଖେଳ ଆଳରେ ପିଲାଟିର ନିରୀହ ଦାବିକୁ ଉପେକ୍ଷା କଲାବେଳେ; ଅଭାବ, ଅନାଟନ ଓ ଦାରିଦ୍ର୍ୟ ଭିତରେ ଶଢ଼ୁଥିବା ମାଆବାପା ସନ୍ତାନର ଶୈଶବକୁ ଅବହେଳା କରନ୍ତି । ସୁତରାଂ ଉଭୟ କ୍ଷେତ୍ରରୁ ଦେଖିଲେ 'ଶିଶୁହିଁ ଜଗତର ସର୍ବଶ୍ରେଷ୍ଠ ସର୍ବହରା' ।

କୋମଳ ଶିଶୁର ବ୍ୟକ୍ତିତ୍ୱ ଭିତରେ କେତେ ଯେ ପ୍ରତିଭା ସଂଗୁପ୍ତ ହୋଇ ରହିଛି, ମଣିଷର ସାମର୍ଥ୍ୟ ତାକୁ କଳନା କରିବା ସମ୍ଭବ ନୁହେଁ । ସେ ଯେ ଅକଳନ ସମ୍ଭାବନାର ସ୍ୱାକ୍ଷର – ଏହାର ଅସୁମାରୀ ଦୃଷ୍ଟାନ୍ତ ରହିଛି । ଲେବାନନ୍‌ର ବେରୁଟ ସହରରେ ଏକଦା ଜନ୍ମ ଗ୍ରହଣ କରିଥିବା ଅଖ୍ୟାତ, ଅନାଥ ଶିଶୁଟିଏ ଦିନେ ଯେ ବିଶ୍ୱବିଖ୍ୟାତ ଦାର୍ଶନିକ ''ଜୀବ୍ରାନ୍'' ହେବେ – ଏହା ତାଙ୍କର ମାତାପିତା ନା ଶିକ୍ଷକ କିଏ ଜାଣିଥିଲେ ? କେଉଁ ମାତାପିତା, ଶିକ୍ଷକ ଓ ଅଭିଭାବକ ଜାଣିଥିଲେ ମହାଯୋଗୀ ଶ୍ରୀଅରବିନ୍ଦ, ସ୍ୱାମୀ ବିବେକାନନ୍ଦ, ଋଷି ଯୋଗାନନ୍ଦ, ଦ୍ରଷ୍ଟା ଶିବାନନ୍ଦଙ୍କୁ କିଂବା ଯେତେ ପଥ ସେତେ ମତର ସ୍ରଷ୍ଟା ଶ୍ରୀରାମକୃଷ୍ଣ, ମାଓ ସେତୁଙ୍ଗ, ଦାନ୍ତେ, ନେପୋଲିଅନ୍ ଓ ଆଇଜେନ୍ ହାଓ୍ୱାରଙ୍କୁ । ଈଶ୍ୱରପୁତ୍ର ଯିଶୁ ଜେରୁଜେଲମ୍‌ର ମେଣ୍ଢାଶାଳାରେ ଓ ସ୍ୱୟଂ ପରଂବ୍ରହ୍ମ ଶ୍ରୀକୃଷ୍ଣ ବନ୍ଦିଶାଳାରେ ଜନ୍ମ ହୋଇଥିଲେ ।

ଆମେ ସମସ୍ତେ ଦିନେ ଶିଶୁ ଥିଲେ । ଏହା ଜୀବନର ଅତ୍ୟନ୍ତ ତାତ୍ପର୍ଯ୍ୟମୟ ସୋପାନ । ଶୈଶବରେ ପରିପୂର୍ଣ୍ଣ ବିକାଶ ପାଇଁ ପରିବାର ଓ ସମାଜର ଅବଦାନ ଅନସ୍ୱୀକାର୍ଯ୍ୟ । କେବଳ ମାତାପିତାଙ୍କ ସାନ୍ନିଧ୍ୟ ଓ ସାହଚର୍ଯ୍ୟ ଯଥେଷ୍ଟ ନୁହେଁ । ସେଥିପାଇଁ ଭାଇ, ଭଉଣୀ, ଭାଉଜ, ଦାଦା, ଖୁଡ଼ି, ମାମୁ, ମାଇଁ, ମଉସା ଓ ମାଉସୀମାନଙ୍କ ଭଳି ଆତ୍ମୀୟ-ସ୍ୱଜନଙ୍କ ସମ୍ପର୍କ ଓ ସାନ୍ନିଧ୍ୟ ଅପରିହାର୍ଯ୍ୟ । ମାତ୍ର ଆଜି ପରିବାରର ସ୍ଥିତି ଓ ସ୍ୱରୂପ ବଦଳି ଯାଇଛି । ଛୋଟ ପରିବାରର ପଞ୍ଜୁରି ଭିତରେ ପିଲାଟିଏ ପକ୍ଷୀଟିଏ ପରି ବନ୍ଦୀ । ସ୍ୱାର୍ଥ ଓ ଅର୍ଥ ସେଠାରେ ସାର୍ବଭୌମତ୍ୱ

ଘୋଷଣା କରିଛି । ସଂହତି ଓ ସମ୍ବେଦନା ପୁସ୍ତକ ଓ ପୋଥିର ଆଦର୍ଶ କଥାବସ୍ତୁ । ପ୍ରତିବେଶୀ ସମ୍ପର୍କ ସ୍ଥାନରେ ଅନ୍ଧ ଓ ଶ୍ୱାସରୁଦ୍ଧ ପ୍ରତିଯୋଗିତା । ସ୍ୱାର୍ଥ ଓ ଅର୍ଥର ମୋହରେ ଆମେ ନିଜକୁ ନିଜଠାରୁ ଅର୍ଥାତ୍ ମଣିଷର ମଣିଷ-ପଣିଆକୁ ନିର୍ବାସନ ଦେଇଛୁ । ସେ ବିଷବୃକ୍ଷରୁ ଅମୃତ-ପ୍ରତିମ ଶିଶୁଟି ମଧ୍ୟ ତ୍ରାହି ପାଇ ନାହିଁ । ସେ ବି ନିଃସଙ୍ଗ ଓ ନିର୍ବାସିତ । ଶିଶୁଟିର ଆଧିଭୌତିକ ଅଭାବ ଆମେ ଚତୁର ଅଭିଭାବକମାନେ ବେଶ୍ ଚତୁରତା ସହ ଏଡ଼େଇ ଯାଇ ପାରୁଛୁ । ପପ୍ ସଙ୍ଗୀତ ସମ୍ରାଟ ଡଃ. ମାଇକେଲ୍ ଜାକ୍‌ସନ୍ ଏକଦା ଅକସ୍‌ଫୋର୍ଡ୍ ବିଶ୍ୱବିଦ୍ୟାଳୟରେ ''Hail the Kids'' ସମ୍ପର୍କୀୟ ଏକ ଆଲୋଚନାଚକ୍ରରେ ଉଦ୍‌ବୋଧନ ଦେଇ କହିଥିଲେ 'ଶିଶୁ ଅଧିକାର' ବିଷୟରେ ବିଧିବଦ୍ଧ ଆଇନ ପ୍ରଣୀତ ହେଉ ଓ ଯେଉଁ ମାତାପିତା, ଅଭିଭାବକ ତଥା ଶିକ୍ଷକ ଶିଶୁ ପ୍ରତି ଅବହେଳା କରୁଛନ୍ତି ସେମାନେ ଦଣ୍ଡିତ ହୁଅନ୍ତୁ । ଶୈଶବରେ ମାତୃହରା ମାଇକେଲ୍ ଜାକ୍‌ସନ୍ ମା'ଠାରୁ ରାତିରେ ଶୋଇବାକୁ ଯିବା ସମୟରେ କାହାଣୀ ଓ ସଙ୍ଗୀତ ଶୁଣିବାର ସୌଭାଗ୍ୟରୁ ବଞ୍ଚିତ ହୋଇଥିବାରୁ ସେ ଅଭାବବୋଧ ତାଙ୍କୁ କିପରି ଦଂଶନ କରୁଛି ସେ ଦୁଃଖଦ ଅନୁଭୂତି କହି ସେ ଅଶ୍ରୁଳ ହୋଇ ପଡ଼ିଥିଲେ ।

ଆଜିର ଅଷାଢ଼ୁଆ ବାଲିଛତୁ ପରି ଗଢ଼ି ଉଠିଥିବା ଇଂରାଜୀ ମାଧ୍ୟମ ସ୍କୁଲଗୁଡ଼ିକର ଆକର୍ଷଣ ଆମକୁ ଅନ୍ଧ କରି ଦେଲା ବେଳେ ପ୍ରଫେସର ଯଶପାଲଙ୍କ ଉକ୍ତି ଏକ ସତର୍କ ଘଣ୍ଟି —ଏଇ ସ୍କୁଲଗୁଡ଼ିକୁ ପ୍ରଫେସର ଯଶପାଲ ''ଶୈଶବର ବନ୍ଦିଶାଳା'' ବା ''ଶିଶୁଧରା ଫାନ୍ଦ'' ଭାବରେ ଅଭିହିତ କରି ଏଥିରୁ ଶିଶୁକୁ ତା'ର ଅଭିଶପ୍ତ ଶୈଶବରୁ ରକ୍ଷା କରିବା ଦିଗରେ ସରକାରଙ୍କୁ ଏକ ବିଶଦ ତଥା ବାସ୍ତବ ମତାମତ ପ୍ରଦାନ କରିଛନ୍ତି ।

ପ୍ରଖ୍ୟାତ କଥାଶିଳ୍ପୀ ତଥା ଔପନ୍ୟାସିକ ଓ ରାଜ୍ୟସଭା ସଦସ୍ୟ ଆର୍. କେ. ନାରାୟଣ ପାର୍ଲିଆମେଣ୍ଟରେ କହିଥିଲେ, ''ମୁଁ ଭାବୁଛି ଯେ ପିଲାଟି ଏବେ ତା'ର ଭାରୀ ସ୍କୁଲ ବ୍ୟାଗ୍‌ଟିକୁ ଉଠାଇବାକୁ ଅକ୍ଷମ । ଏଥିପାଇଁ ଆମ ଉତ୍ତର ପୁରୁଷ ଆମକୁ କ୍ଷମା ଦେବେ ନାହିଁ ।'' ସତରେ ଏ ଉକ୍ତି ପ୍ରଣିଧାନଯୋଗ୍ୟ । ଶିଶୁହିଁ ଆସନ୍ତା କାଲିର ନାଗରିକ । ତା'ର କଅଁଳ କାନ୍ଧ ଓ ମେରୁଦଣ୍ଡ ଉପରେ ଏ ଦେଶ କେତେ ଭରସା କରିଛି । ମାତ୍ର ଆଜିର ବିଦ୍ୟାଶିକ୍ଷା ତା'ର ଗଳାର ହାର ହେବା ପରିବର୍ତ୍ତେ ତାକୁ ଶ୍ୱାସରୁଦ୍ଧ କଲାଣି । ଏହିପରି ଅବସ୍ଥାରେ ଶିଶୁଟିର ସ୍ଥିତି ଶ୍ରୀଯୁକ୍ତ ନାରାୟଣଙ୍କ ସ୍ରଷ୍ଟା-ମାନସକୁ ଗଭୀର ଭାବେ ବେଦନାକ୍ତ କରିଥିଲା ।

ଖାଦ୍ୟ ପରି ଉପାଦେୟ ଓ ଅପରିହାର୍ଯ୍ୟ ତା'ର ଖେଳ । ମାତ୍ର ଶିଶୁଟି ଏଥିରୁ ମଧ୍ୟ ନିର୍ମମ ଭାବେ ବଞ୍ଚିତ । ସହରର ଅବସ୍ଥିତି ଦୟନୀୟ । ଗାଆଁ ଗହଳରେ ମଧ୍ୟ ଅବସ୍ଥା ସଙ୍ଗିନ୍ । ଜାଗା ନାହିଁ । ଖେଳପଡ଼ିଆର ଦୁର୍ଭିକ୍ଷ । ଚାରିଆଡ଼େ ଖାଲି ଘର ଆଉ ଘର । କଙ୍କ୍ରିଟର ଅଭୟାରଣ୍ୟ ଅବାରିତ ଓ ଅବଧାରିତ ଭାବେ ନିଜର କାୟା ବିସ୍ତାରି ଚାଲିଛି । ଶିଶୁର ସୁସ୍ଥ ଶାରୀରିକ ଓ ମାନସିକ ବିକାଶ ପାଇଁ ଖେଳ ଯେ ଅପରିହାର୍ଯ୍ୟ ତା' ଆଜି ପୁରୁଣା ଓ ପରିତ୍ୟକ୍ତ ହୋଇଗଲାଣି । ଅଭିଶପ୍ତ ଶୈଶବ । ଆଉ ଯେଉଁ ପିଲାମାନେ ବହୁତଳ ପ୍ରାସାଦରେ ବଢୁଛନ୍ତି ତାଙ୍କ ଅବସ୍ଥା ବର୍ଣ୍ଣନାତୀତ । ସ୍ୱାଭାବିକ ପରିବେଶର ପାଣି, ପବନ ଓ ପୃଥିବୀରୁ ସେମାନେ ବିଚ୍ଛିନ୍ନ । କୂଅ, ପୋଖରୀ, ଆମ୍ବତୋଟା ତାଙ୍କ ପାଇଁ ସ୍ୱପ୍ନ ଓ ଡ୍ରଇଁ ଖାତାର ଚିତ୍ରରୂପ । ସହରମାନଙ୍କରେ ପୋଖରୀସବୁ ପୋତା ହୋଇ ତା' ବକ୍ଷରେ ନଭଶ୍ଚୁମ୍ବୀ ପ୍ରାସାଦ ଗଢ଼ି ଉଠିଛି । ସହରୀ ପିଲାଙ୍କ ପାଇଁ ଆମ୍ବଗଛ ଓ ପିଜୁଳି ଗଛକୁ ଟେକା ଫୋପାଡ଼ିବା ଅପରାଧରେ ପରିଣତ ହେଲାଣି । ଏହା ଯେ ତା' ପାଇଁ ଦିନେ ଥିଲା ବୀରତ୍ୱ, ସାହସିକତା ଓ ଲକ୍ଷ୍ୟଭେଦ — ସେସବୁ ଆଜି ବହିର କାହାଣୀ । ପିଲାଟିର ସୂକ୍ଷ୍ମ ଅବଚେତନାରେ ପିଲାଚୋରି, କିଡ୍‌ନି ଓ ଚକ୍ଷୁ ଆଦି ଅଙ୍ଗ ବିକ୍ରି କରିଦେବା ପରି ପୈଶାଚିକ ସମସ୍ୟା ତାକୁ ଆହୁରି ଭୟଙ୍କର ଭାବେ ଏକାକୀ ଓ ନିଃସଙ୍ଗ କରିଦେଇଛି । ସେ କାହାକୁ ସହଜ ଓ ସ୍ୱଚ୍ଛନ୍ଦରେ ବିଶ୍ୱାସ କରି ପାରୁନି । ଶୈଶବରୁ ତା' ଭିତରେ ଅନ୍ୟ ପ୍ରତି ଅନାସ୍ଥା, ଅବିଶ୍ୱାସ, ଅଶାନ୍ତି ଓ ଆଶଙ୍କା; ଏପରିକି ଶିଶୁଟି ତା'ର ମାତୃଗର୍ଭରେ ମଧ୍ୟ ସୁରକ୍ଷିତ ନୁହେଁ, ନାନା ନକଲି ତଥା ଭେଜାଲ ଔଷଧ, ଅପମିଶ୍ରିତ ଖାଦ୍ୟ ଏବଂ ସ୍ଥଳ ବିଶେଷରେ ନିଶାର ପ୍ରଭାବ ତା' ଉପରେ କାୟା ବିସ୍ତାର କରିଛି । ମା'ର ଖାଦ୍ୟ ଓ ଔଷଧ ମଧ୍ୟ ତା'ର ବିପଦର କାରଣ ।

ଏ ଧରିତ୍ରୀ ଆମର ମାଆ । ତା' କୋଳରେ ମଣିଷର ସୃଷ୍ଟି ଓ ବିକାଶ । ଏ ମଣିଷ ତା'ର ଅବଦାନ ପାଇଁ କେତେ ଋଣୀ ! ଦୁଃଖର ସହିତ ସ୍ୱୀକାର କରିବାକୁ ପଡୁଛି ଯେ ଏ ଦୁନିଆ ତା' ପାଇଁ ଆଉ ଆଶୀର୍ବାଦର ଦୁନିଆ ହୋଇ ରହି ନାହିଁ । କିଏ ବୁଝୁଛି ଶିଶୁଟିର ଆକୁଳତାମୟ ଆବେଦନକୁ । ସେ ଯେପରି ବିଚ୍ଛିନ୍ନ, ସେହିପରି ବିଦୀର୍ଣ୍ଣ ଓ ବିଷଣ୍ଣ ।

ଏପରି ଏକ ସଙ୍କଟାପନ୍ନ ଚକ୍ରବ୍ୟୁହରେ ମଣିଷଜାତି

ଶ୍ୱାସରୁଦ୍ଧ ହୋଇ ପଡିଥିଲା ବେଳେ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶ, ଆଭିମୁଖ୍ୟ ଓ ଆବେଦନ ସମାଧାନର ପନ୍ଥା ନିର୍ଦ୍ଦେଶ କରେ । ଶ୍ରୀଅରବିନ୍ଦ ତାଙ୍କ "The Human Cycle" (ମାନବ ଯୁଗଚକ୍ର) ଗ୍ରନ୍ଥରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି –

"... the business of both parent and teacher is to enable and to help the child to educate himself, to develop his own intellectual, moral, aesthetic and practical capacities and to grow freely as an organic being, not to be kneaded and pressured into form like an inert plastic material."

(CWSA, Vol - 25, p. 33)

ଶ୍ରୀଅରବିନ୍ଦ ଅନ୍ୟତ୍ର କହିଛନ୍ତି, "The idea of hammering the child into the shape desired by the parent or teacher is a barbarous and ignorant superstition. It is he himself who must be induced to expand in accordance with his own nature."

(CWSA, Vol - 1, p. 384)

ଶ୍ରୀମା ଅନୁରୂପ ପରାମର୍ଶ ଦେଇ କହିଛନ୍ତି, "... we are not here to repeat what others have done, but to prepare ourselves for the blossoming of a new consciousness and a new life."

(CWM, Vol.12, 72)

ଅର୍ଥାତ୍. ''...ଅନ୍ୟମାନେ ଯାହା ଆଗରୁ କରିଛନ୍ତି, ତା'ର ଏକ ପୁନରାବୃତ୍ତି କରିବା ଲାଗି ଆମେ ଏଠାରେ ଆଦୌ ଏକତ୍ରିତ ହୋଇ ନାହୁଁ; ମାତ୍ର ଏକ ନୂତନ ଚେତନା ଏବଂ ଏକ ନୂତନ ଜୀବନର ବିକାଶ ନିମିତ୍ତହିଁ ଆପଣାକୁ ପ୍ରସ୍ତୁତ କରିବା ଲାଗି ଆମେ ସମସ୍ତେ ଏଠାକୁ ଆସିଛୁ ।''

ନୂତନ ଚେତନା ଓ ନୂତନ ଜୀବନର ପ୍ରସ୍ଫୁଟନ ପାଇଁ ଏବଂ ଅଧ୍ୟୟନର ଯଥାର୍ଥ ଉଦ୍ଦେଶ୍ୟ ହୃଦୟଙ୍ଗମ କରିବା ପାଇଁ ଦିବ୍ୟଜନନୀଙ୍କର ଏହାହିଁ ଅମୂଲ୍ୟ ଓ ଅନୁପମ ଉକ୍ତି । ପିଲାଙ୍କ ଭିତରେ ଏପରି ମହାନ୍ ଉଦ୍ଦେଶ୍ୟ ସୃଷ୍ଟି କରିବାରେ ଆମେ କେତେଦୂର ପ୍ରସ୍ତୁତ ଓ ସଚେଷ୍ଟ ସେ ସମ୍ପର୍କରେ ଆତ୍ମ ସମୀକ୍ଷା କଲେ ବହୁ ସମସ୍ୟାର ସମାଧାନ ହୋଇପାରନ୍ତା । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଉକ୍ତି ପ୍ରତି ଆମ ମାତାପିତା, ଅଭିଭାବକ ତଥା ଶିକ୍ଷକ-ଶିକ୍ଷୟିତ୍ରୀ ସାମାନ୍ୟ ସଚେତନ ହେଲେ ଶିଶୁଟିକୁ ମାଟି ପିଣ୍ଡୁଳାଟିଏ ପରି ବ୍ୟବହାର ନକରି ଶ୍ରଦ୍ଧା ଓ ସମ୍ମାନ କରନ୍ତେ । ଏଥିପାଇଁ ଆସନ୍ତୁ ଆମେ ଆନ୍ତରିକତାର ସହିତ ଆତ୍ମ ସମୀକ୍ଷା କରିବା, ସାହସର ସହିତ ଆମ ସଫଳତା ଓ ବିଫଳତାର କଳନା କରିବା ଏବଂ ସର୍ବୋପରି ଅକପଟ ଭାବରେ ଆପଣାର ସକଳ ଅପୂର୍ଣ୍ଣତାକୁ ସ୍ୱୀକାର କରି ପରିପୂର୍ଣ୍ଣତା ପଥରେ ଏକନିଷ୍ଠ ହୋଇ ଚାଲିବାର ସଂକଳ୍ପ ଗ୍ରହଣ କରିବା । ❖

ସବୁ ଛାତ୍ର ଏଇଟିକୁ ପ୍ରତ୍ୟେକ ଦିନ ଆବୃତ୍ତି କରିବେ :

ଆମ ପରିବାର ପାଇଁ ନୁହେଁ, କୌଣସି ଏକ ଉତ୍ତମ ସ୍ଥାନପ୍ରାପ୍ତି ପାଇଁ ନୁହେଁ, ଅର୍ଥୋପାର୍ଜନ ପାଇଁ ନୁହେଁ, ଗୋଟିଏ ଡିଗ୍ରୀ ବା ଡିପ୍ଲୋମା ବି ପାଇବାକୁ ନୁହେଁ, – ଆମେ ଏସବୁ କୌଣସିଟି ଲାଗି ଏଠାରେ ପାଠ ପଢୁ ନାହୁଁ ।

କେବଳ ଶିଖିବା ଲାଗି, ଜାଣିବା ଲାଗି, ପୃଥିବୀକୁ ବୁଝିବା ଲାଗି ଓ ଅଧ୍ୟୟନ ଦ୍ୱାରା ଯେଉଁ ଆନନ୍ଦ ଉପଲବ୍ଧ ହୋଇଥାଏ, ସେହି ଆନନ୍ଦଟିକୁ ଲାଭ କରିବା ସକାଶେହିଁ ଆମେ ପାଠ ପଢୁଛୁ ।

(ଜୁନ୍, ୧୯୬୭) ଶ୍ରୀମା

# ଅଷ୍ଟାବକ୍ର ସଂହିତା

## ପ୍ରଥମ ପ୍ରକରଣ – ଅନୁଭବୋପଦେଶ

ଅଷ୍ଟାବକ୍ରଙ୍କୁ ସମ୍ବୋଧନ କରି ରାଜା ଜନକ ଜିଜ୍ଞାସା କଲେ, ''ପ୍ରଭୋ ! କି ଉପାୟରେ ଜ୍ଞାନ ଲାଭ ହୁଏ, କି ଉପାୟରେ ମୁକ୍ତି ଲାଭ ହୁଏ, କି ଉପାୟରେ ବୈରାଗ୍ୟ ମିଳେ, ତାହା ମୋତେ କୁହନ୍ତୁ ।''

ଅଷ୍ଟାବକ୍ର କହିଲେ, ଯଦି ମୁକ୍ତି ଇଚ୍ଛା କର, ତେବେ ବିଷୟ ବାସନାକୁ ବିଷବତ୍ ତ୍ୟାଗ କର; କ୍ଷମା, ସରଳତା, ଦୟା, ସନ୍ତୋଷ ଓ ସତ୍ୟକୁ ଅମୃତଜ୍ଞାନ କରି ସେଗୁଡ଼ିକର ଭଜନା କର । ତୁମେ ପୃଥ୍ୱୀ ନୁହଁ, ଜଳ ନୁହଁ, ଅଗ୍ନି ନୁହଁ, ବାୟୁ ନୁହଁ, ବ୍ୟୋମ ନୁହଁ, ତୁମେ ଏସମସ୍ତର ସାକ୍ଷୀ ସ୍ୱରୂପ ଚିଦ୍‌ରୂପୀ ଆତ୍ମା, ମୁକ୍ତି ଲାଭ ନିମନ୍ତେ ଏହାହିଁ ବିଧି । ଯଦି ତୁମେ ଦେହକୁ ତୁମଠାରୁ ପୃଥକ୍ କରି ଚିତ୍ ସ୍ୱରୂପରେ ବିଶ୍ରାମ କରିପାର, ତା'ହେଲେ ତୁମେ ସୁଖୀ, ଶାନ୍ତ ଓ ବନ୍ଧନ-ମୁକ୍ତ ହେବାକୁ ସମର୍ଥ ହେବ । ତୁମେ ବ୍ରାହ୍ମଣାଦି କୌଣସି ବର୍ଣ୍ଣର ନୁହଁ, କୌଣସି ଆଶ୍ରମୀ ନୁହଁ, ଇନ୍ଦ୍ରିୟ ଗୋଚର ନୁହଁ, ତୁମେ ଅସଙ୍ଗ, ନିରାକାର ଓ ସମଗ୍ର ବିଶ୍ୱର ସାକ୍ଷୀ । ଏହି ଜ୍ଞାନରେ ପ୍ରତିଷ୍ଠିତ ହୋଇ ସୁଖୀ ହୁଅ ।

ହେ ବିଭୋ ! ଧର୍ମ, ଅଧର୍ମ, ସୁଖ, ଦୁଃଖ ଏହି ସମସ୍ତ ମାନସଭାବ ତୁମର ନାହିଁ । ତୁମେ କର୍ତ୍ତା ବି ନୁହଁ, ଭୋକ୍ତା ବି ନୁହଁ, ତୁମେ ନିତ୍ୟ-ମୁକ୍ତ ସ୍ୱରୂପ । ତୁମେହିଁ ଏକ ଓ ଅଦ୍ୱୈତ ଭାବ ନେଇ ସକଳର ଦ୍ରଷ୍ଟା, ସର୍ବଦା ମୁକ୍ତ । ତୁମେ ଯେ ଏହିଭଳି ବିବେଚନା ନ କରି ନିଜକୁ ଅନ୍ୟ ରୂପରେ ଦେଖୁଛ, ଏହାହିଁ ତୁମ ବନ୍ଧନର କାରଣ । 'ମୁଁ କର୍ତ୍ତା', ସମସ୍ତ କାର୍ଯ୍ୟ ମୁଁ କରୁଛି ଏହି ଅଭିମାନରୂପ କାଳ ଭୁଜଙ୍ଗ ଦ୍ୱାରା ତୁମେ ଦଂଶିତ ହୋଇଛ, 'ମୁଁ କର୍ତ୍ତା ନୁହଁ', ଏହି ବିଶ୍ୱାସ ରୂପକ ଅମୃତ ପାନ କରି ସୁଖୀ ହୁଅ । 'ମୁଁ କେବଳ ବିଶୁଦ୍ଧ ଜ୍ଞାନ ସ୍ୱରୂପ' ଏହି ପ୍ରକାର ନିଶ୍ଚୟତାର ଅଗ୍ନି ଦ୍ୱାରା ଅଜ୍ଞାନରୂପ ଗହନ ବନକୁ ଜାଳି, ଭସ୍ମ କରି ଦେଇ, ବୀତଶୋକ ଓ ସୁଖୀ ହୁଅ ।

ରଜ୍ଜୁରେ ସର୍ପଭ୍ରମ ପରି ଯେଉଁଥିରେ ଏହି ସମଗ୍ର ବିଶ୍ୱ ପ୍ରତିଭାତ ହେଉଛି, ତୁମେ ସେହି ପରମାନନ୍ଦମୟ ଜ୍ଞାନ ସ୍ୱରୂପ, ତୁମେ ସୁଖୀ ହୁଅ । ମୁକ୍ତ୍ୟାଭିମାନୀକୁ ମୁକ୍ତ ଓ ବନ୍ଧନାଭିମାନୀକୁ ବଦ୍ଧ କୁହାଯାଏ । ଯାହାର ମତି ଯେଉଁପରି ତାହାର ଗତି ମଧ୍ୟ ସେହିପରି ହୁଏ, ଏହିଭଳି କିଂବଦନ୍ତୀ ଅଛି । ଏହା ସତ୍ୟ । ଆତ୍ମା ହେଉଛି ସାକ୍ଷୀ, ବିଭୁ, ପୂର୍ଣ୍ଣ, ମୁକ୍ତ, ଅଦ୍ୱିତୀୟ, ସକଳର ଆଶ୍ରୟ, ସର୍ବବ୍ୟାପୀ, ଚିତ୍‌ସ୍ୱରୂପ, ନିଷ୍କ୍ରିୟ, ଅସଙ୍ଗ, ନିସ୍ପୃହ ଓ ଶାନ୍ତ; ଭ୍ରମବଶରେ ତାହାକୁ ସଂସାର-ଭାବାପନ୍ନ ବୋଲି ବିବେଚନା କରାହୁଏ । ତାହାକୁ ତୁମେ କୂଟସ୍ଥ, ବୋଧସ୍ୱରୂପ ଓ ଅଦ୍ୱୟ ବୋଲି ଭାବନା କର । ଅହଂଭାବ ବିସର୍ଜନ ପୂର୍ବକ 'ମୋର ଶରୀର', ଆଦି ବାହ୍ୟ ଭାବନାକୁ ପରିତ୍ୟାଗ କର । ହେ ବତ୍ସ, ତୁମେ ଦେହାଭିମାନ ରୂପକ ପାଶରେ ଚିରବଦ୍ଧ ହୋଇ ରହିଛ, ଜ୍ଞାନ ଖଡ୍‌ଗ ଦ୍ୱାରା ସେହି ବୋଧକୁ ଛେଦନ କରି ସୁଖୀ ହୁଅ । ତୁମେ ନିଃସଙ୍ଗ, ନିଷ୍କ୍ରିୟ, ସ୍ୱପ୍ରକାଶ ଓ ନିରଞ୍ଜନ ସ୍ୱରୂପ; ତୁମେ ଯେ ସମାଧି ଆଦି ଅନୁଷ୍ଠାନରେ ବ୍ୟାପୃତ ହେଉଛ ଏହାହିଁ ତୁମର ବନ୍ଧନ । ତୁମେ ଏହି ସମଗ୍ର ବିଶ୍ୱରେ ବ୍ୟାପ୍ତ ହୋଇଛ, ଯଥାର୍ଥରେ ସମସ୍ତ ଚରାଚର ବିଶ୍ୱ ତୁମ ଭିତରେହିଁ ରହିଛି । ତୁମେ ଶୁଦ୍ଧ ବୁଦ୍ଧ ସ୍ୱରୂପ, ତୁମର କୌଣସି କ୍ଷୁଦ୍ର-ଚିତ୍ତତା ଯେପରି ନ ହୁଏ । ତୁମେ ନିରପେକ୍ଷ, ନିର୍ବିକାର, ନିର୍ଭୟ, ସଦାଶୟ, ଅଗାଧ ବୁଦ୍ଧି-ସଂପନ୍ନ, ଅକ୍ଷୁବ୍ଧ ଓ ଚିନ୍ମାତ୍ର ବାସନାଶୀଳ ।

ସମସ୍ତ ସାକାର ପଦାର୍ଥ ଅସତ୍ୟ, ଅଳୀକ; କେବଳ ନିରାକାରହିଁ ନିଶ୍ଚଳ ଓ ସତ୍ୟ – ଏହି ତତ୍ତ୍ୱୋପଦେଶ ବୁଝିପାରିଲେ ଆଉ ପୁନର୍ଜନ୍ମ ହୁଏ ନାହିଁ । ପ୍ରତିବିମ୍ବ ଭିତରେ ଯେପରି ରୂପ ପ୍ରତିଫଳିତ ହୁଏ ସେହିପରି ପରମେଶ୍ୱର ଜୀବ ଦେହରେ ପ୍ରତିଫଳିତ ହୋଇ ବିରାଜମାନ କରନ୍ତି । ସର୍ବବ୍ୟାପୀ ଆକାଶ ଯେପରି ଘଟ ମଧ୍ୟରେ, ଭିତରେ ଓ ବାହାରେ ଅବସ୍ଥିତ, ସେହିପରି ବ୍ରହ୍ମ ନିତ୍ୟ ନିରନ୍ତର ସର୍ବଭୂତ ଗଣରେ ବିରାଜମାନ କରୁଛନ୍ତି ।

## ଦ୍ୱିତୀୟ ପ୍ରକରଣ – ଆତ୍ମାନୁଭବୋଲ୍ଲାସ

ଅହୋ ! ମୁଁ ନିରଞ୍ଜନ, ଶାନ୍ତ, ଜ୍ଞାନ ସ୍ୱରୂପ ଓ ପ୍ରକୃତିର ଅତୀତ । ଏପର୍ଯ୍ୟନ୍ତ ମୁଁ ମୋହରେ ବିଡ଼ମ୍ବିତ ହେଉଥିଲି । ଏକମାତ୍ର ମୁଁ ଯେପରି ଏହି ଦେହର ପ୍ରକାଶକ ସେହିପରି ଜଗତର ପ୍ରକାଶକ ମଧ୍ୟ ମୁଁ । ତେଣୁ ନିଖିଳ ଜଗତ୍ ହେଉଛି ମୋର

କିଂବା ମୋର କିଛି ମଧ୍ୟ ନାହିଁ । ମୁଁ ବର୍ତ୍ତମାନ ସଶରୀରେ ସମଗ୍ର ବିଶ୍ୱ ପରିତ୍ୟାଗ କରି କୌଣସି କୌଶଳରେ ପରମାତ୍ମାଙ୍କୁ ଦର୍ଶନ କରୁଛି । ତରଙ୍ଗ, ଫେନ, ବୁଦ୍‌ବୁଦ ଆଦି ଯେପରି ଜଳଠାରୁ ଭିନ୍ନ ନୁହନ୍ତି, ସେହିପରି ଆତ୍ମାରୁ ବି ନିର୍ଗତ ଏହି ବିଶ୍ୱ ଆତ୍ମାଠାରୁ ଭିନ୍ନ ନୁହେଁ । ବସ୍ତ୍ର ଯେପରି କେବଳ ତନ୍ତୁ ମାତ୍ର, ତହିଁରୁ ଭିନ୍ନ ଆଉ କିଛି ନୁହେଁ ବୋଲି ବିଚାର କରାଯାଏ, ସେହିପରି ଏହି ବିଶ୍ୱ ଆତ୍ମାଠାରୁ ଭିନ୍ନ ଆଉ କିଛି ନୁହେଁ ବୋଲି ବିଚାର ଦ୍ୱାରା ନିର୍ଣ୍ଣୀତ ହୋଇଛି । ଇକ୍ଷୁରସରେ ଯେପରି ଶର୍କରା ଓ ଶର୍କରାରେ ଯେପରି ଇକ୍ଷୁରସ ବ୍ୟାପ୍ତ ଓ ବିଦ୍ୟମାନ, ସେହିପରି ବିଶ୍ୱ ମୋ ଭିତରେ ଓ ମୁଁ ବିଶ୍ୱ ଭିତରେ ନିରନ୍ତର ବ୍ୟାପ୍ତ ଓ ବିଦ୍ୟମାନ ହୋଇ ରହିଛି । ରଜ୍ଜୁ ଜ୍ଞାନ ନ ଆସିଲେ ଯେପରି ରଜ୍ଜୁରେ ସର୍ପଭ୍ରମ ଘଟେ ଓ ରଜ୍ଜୁ ଜ୍ଞାନ ଆସିବା ମାତ୍ରକେ ସେହି ସର୍ପଭ୍ରମ ଦୂରୀଭୂତ ହୋଇଯାଏ, ସେହିପରି ଆତ୍ମ-ଜ୍ଞାନ ଅଭାବରେ ଜଗତ୍ କଳ୍ପିତ ହୁଏ ଓ ଆତ୍ମଜ୍ଞାନ ଆସିବା ମାତ୍ରେ ତା'ର ଆଉ କୌଣସି ଆଭାସ ରହେ ନାହିଁ । ପ୍ରକାଶହିଁ ମୋର ସ୍ୱରୂପ, ଏହି ପ୍ରକାଶ ଛଡ଼ା ଅତିରିକ୍ତ ମୁଁ ବୋଲି ଆଉ କିଛି ନାହିଁ । ବିଶ୍ୱ ଯେତେବେଳେ ପ୍ରକାଶ ପାଏ, ସେତେବେଳେ ମୁଁ ହିଁ ତା'ର ପ୍ରକାଶ ରୂପେ ବିରାଜମାନ କରେ ।

ଶାମୁକାରେ ଯେପରି ରଜତଭ୍ରମ, ରଜ୍ଜୁରେ ସର୍ପଭ୍ରମ ଓ ସୂର୍ଯ୍ୟ କିରଣରେ ମରୀଚିକାର ଜଳଭ୍ରମ ହୁଏ, ସେହିପରି ଅଜ୍ଞାନ ହେତୁ ମୋ ଭିତରେ ବିକଳ୍ପିତ ବିଶ୍ୱଭ୍ରମ ଉତ୍ପନ୍ନ ହୁଏ । ଘଟ ସକଳ ଯେପରି ମୃତ୍ତିକାରୁ ଉତ୍ପନ୍ନ ହୋଇ ମୃତ୍ତିକାରେହିଁ ବିଲୀନ ହୁଅନ୍ତି, ତରଙ୍ଗ ଯେପରି ଜଳରୁ ଉତ୍ପନ୍ନ ହୋଇ ଜଳରେହିଁ ବିଲୀନ ହୁଅନ୍ତି, ଅଳଙ୍କାରମାନ ଯେପରି ସୁବର୍ଣ୍ଣରୁ ଉତ୍ପନ୍ନ ହୋଇ ସୁବର୍ଣ୍ଣରେହିଁ ବିଲୀନ ହୁଅନ୍ତି, ସେହିପରି ଏହି ବିଶ୍ୱ ମୋ ଭିତରୁ ଉତ୍ପନ୍ନ ହୋଇ ମୋ ଭିତରେହିଁ ବିଲୟ ପ୍ରାପ୍ତ ହୁଏ ।

ଅହୋ ! ମୋର ବିନାଶ ନାହିଁ, ଆବ୍ରହ୍ମ ସ୍ତମ୍ଭ ପର୍ଯ୍ୟନ୍ତ ସମଗ୍ର ଜଗତର ବିନାଶ ହେଲେ ମଧ୍ୟ ମୁଁ ବିଦ୍ୟମାନ ରହେ, ମୋତେ ନମସ୍କାର । ଅହୋ ! ମୁଁ ଦେହଧାରୀ ହେଲେ ମଧ୍ୟ ଏକ ଓ ଅଦ୍ୱୈତ ରୂପେ ଅବସ୍ଥିତ ରହିଛି; ମୁଁ କେଉଁଠାକୁ ଗମନ କରେ ନାହିଁ, କେଉଁଠାରୁ ମୋର ଆଗମନ ମଧ୍ୟ ନାହିଁ, ସମଗ୍ର ବିଶ୍ୱବ୍ୟାପୀ ମୁଁ ଅବସ୍ଥାନ କରୁଛି, ମୋତେ ନମସ୍କାର । ଅହୋ ! ମୋ ପରି ଶକ୍ତିଶାଳୀ ଆଉ କେହି ନାହିଁ; ମୁଁ ଶରୀର ସହିତ ଅସ୍ପୃଷ୍ଟ ରହି ମଧ୍ୟ ଯେପରି ସମଗ୍ର ବିଶ୍ୱକୁ ଚିରକାଳ ଧାରଣ କରି ରହିଛି, ମୋତେ ନମସ୍କାର । ଅହୋ ! ମୋର କିଛି ମଧ୍ୟ ନାହିଁ, ଅଥଚ ବାକ୍ୟ ଓ ମନର ଗୋଚରୀଭୂତ ସବୁକିଛିହିଁ ମୋର, ମୋତେ ନମସ୍କାର ।

ଜ୍ଞାନ, ଜ୍ଞେୟ, ଜ୍ଞାତା ଏହି ତିନିଟି ବାସ୍ତବ ନୁହେଁ । ଅଜ୍ଞାନବଶତଃ ଯେଉଁଥିରେ ଏହି ତିନିଟି କଳ୍ପିତ ହୁଏ ମୁଁ ହେଉଛି ସେହି ନିରଞ୍ଜନ । ଅହୋ ! ଦ୍ୱୈତଭାବହିଁ ମହା ଦୁଃଖର କାରଣ, ତାହାର ଅନ୍ୟ ଔଷଧ ନାହିଁ; ଦୃଶ୍ୟମାନ ସକଳ ପଦାର୍ଥହିଁ ମୋର ସ୍ୱରୂପ, ଏକମାତ୍ର ମୁଁ ହିଁ ଚିଦ୍‌ସ୍ୱରୂପ ଓ ଅମଳ । ମୁଁ ହେଉଛି ବୋଧରୂପ, ଅଜ୍ଞାନବଶରେହିଁ ମୋଠାରେ ନାନା ଉପାଧି କଳ୍ପିତ ହୁଏ । ସର୍ବଦା ଏହିପରି ବିବେଚନା କରି ମୁଁ ନିର୍ବିକଳ୍ପ ସ୍ଥିତିରେ ରହିଛି । ଅହୋ ! ମୋ ଭିତରେ ବିଶ୍ୱ ଅବସ୍ଥିତ ରହିଛି, ପୁଣି ବସ୍ତୁତଃ ମୋ ଭିତରେ ତାହା ଅବସ୍ଥିତ ନାହିଁ । ମୋର ବନ୍ଧନ ନାହିଁ, ମୋକ୍ଷ ନାହିଁ, ଭ୍ରାନ୍ତି ମଧ୍ୟ ନାହିଁ, ମୁଁ ଶାନ୍ତ ଓ ନିରବଲମ୍ବନ । ସଶରୀର ବିଶ୍ୱ ବୋଲି କିଛି ନାହିଁ, ଏହା ନିଶ୍ଚିତ । ଆତ୍ମା ଶୁଦ୍ଧ ଓ ଚିନ୍ମାତ୍ର; ସୁତରାଂ ବର୍ତ୍ତମାନ ଏ ସମ୍ବନ୍ଧରେ ଆଉ କଳ୍ପନାର ସ୍ଥାନ କେଉଁଠି ? ଶରୀର, ସ୍ୱର୍ଗ, ନରକ, ବନ୍ଧନ, ମୋକ୍ଷ, ଭୟ – ଏସମସ୍ତହିଁ କଳ୍ପନା ମାତ୍ର; ମୁଁ ଚିଦାତ୍ମା, ମୋର ଏସବୁରେ ଆଉ କାର୍ଯ୍ୟ କ'ଣ ?

ଅହୋ ! ଜନସମୂହରେ ମଧ୍ୟ ମୁଁ ଆଉ ଦ୍ୱୈତ କିଛି ଦେଖିବାକୁ ପାଉ ନାହିଁ । ମୋତେ ସମସ୍ତଟାହିଁ ଲାଗୁଛି ଅରଣ୍ୟ ଭଳି, ତେଣୁ କାହା ପ୍ରତି ମୋର ଅନୁରାଗ ଆସିବ ? ମୁଁ ଦେହ ନୁହେଁ, ମୋର ଦେହ ନାହିଁ, ମୁଁ ଜୀବ ନୁହେଁ, ମୁଁ କେବଳ ଚିଦ୍‌ସ୍ୱରୂପ । ଜୀବନର ଯେଉଁ ସ୍ପୃହା, ତାହାହିଁ ମୋର ବନ୍ଧନ । ଅହୋ ! ମୁଁ ଅନନ୍ତ ମହାସାଗର ସ୍ୱରୂପ, ଚିତ୍ତରୂପକ ବାୟୁ ଉତ୍‌ଥିତ ହେଲେ ଏହି ମହାସାଗରରେ ବିଚିତ୍ର ଭୁବନ କଲ୍ଲୋଳ ଉତ୍‌ଥିତ ହୁଏ । ମୁଁ ଅନନ୍ତ ମହାସମୁଦ୍ର ସ୍ୱରୂପ; ସେହି ସମୁଦ୍ରରେ ଜୀବରୂପୀ ବଣିକମାନଙ୍କର ସଂସାରତରୀ ନିରନ୍ତର ଭାସମାନ; ପ୍ରବଳ ଚିତ୍ତ ବାୟୁ ପ୍ରଶମିତ ହେଲେ ଭାଗ୍ୟହୀନ ଜୀବମାନଙ୍କର ଭବତରୀ ନିମଗ୍ନ ହୋଇ ବିନଷ୍ଟ ହୋଇଯାଏ । ମୁଁ ଅନନ୍ତ ମହାସାଗର, ଏହି ମହାସାଗରରେ ଜୀବରୂପୀ ତରଙ୍ଗ ସମୂହ ସ୍ୱଭାବତଃ ଉତ୍‌ଥିତ ହୁଅନ୍ତି, ବିନଷ୍ଟ ହୁଅନ୍ତି, କ୍ରୀଡ଼ା କରନ୍ତି ଓ ବିଲୀନ ହୁଅନ୍ତି ।

## ତୃତୀୟ ପ୍ରକରଣ – ଆକ୍ଷେପଦ୍ୱାରୋପଦେଶ

ତୁମେ ଆତ୍ମଜ୍ଞ ଓ ଧୀର; ଆତ୍ମା ଅଦ୍ୱିତୀୟ ଓ ଅବିନାଶୀ, ତତ୍ତ୍ୱତଃ ଏହା ଜାଣି ମଧ୍ୟ ତୁମର କାହିଁକି ଅର୍ଥୋପାର୍ଜନର ବାସନା

ହେଉଛି । ଅହୋ ! ଶାମୁକାକୁ ଶାମୁକା ବୋଲି ଜାଣି ନ ପାରିଲେ, ତହିଁରେ ଯେପରି ରଜତ-ଭ୍ରମ ହୋଇ ଲୋଭ ଜନ୍ମେ; ସେହିପରି ଆତ୍ମଜ୍ଞାନର ଅଭାବରେହିଁ ବିଷୟ ଭ୍ରମ ହୁଏ ଏବଂ ଲୋକମାନେ ତହିଁରେ ପ୍ରୀତି ଅନୁଭବ କରନ୍ତି । ଯେଉଁଭଳି ସମୁଦ୍ରରେ ତରଙ୍ଗରାଜି ଉତ୍ଥିତ ହୁଏ, ସେହିଭଳି ଆତ୍ମାରେହିଁ ସମଗ୍ର ବିଶ୍ୱ ସ୍ଫୁରିତ ହେଉଛି । ମୁଁ ସେହି ଆତ୍ମା, ଏହା ଜାଣି ମଧ୍ୟ ତୁମେ କାହିଁକି ଦୀନଙ୍କ ପରି ଇତସ୍ତତଃ ଧାଉଁଛ ? ଆତ୍ମା ଶୁଦ୍ଧ, ଚୈତନ୍ୟମୟ ଓ ପରମ ସୁନ୍ଦର, ଏହା ଶୁଣି ମଧ୍ୟ ଲୋକମାନେ କାହିଁକି ସମ୍ଭୋଗରେ ଆସକ୍ତ ହୋଇ ମଳିନତା ପ୍ରାପ୍ତ ହୁଅନ୍ତି । ସର୍ବଭୂତରେ ଆତ୍ମା ଓ ଆତ୍ମା ଭିତରେ ସର୍ବଭୂତ ବିଦ୍ୟମାନ, ଏହା ଜାଣି ମଧ୍ୟ ଏପରିକି ମୁନିବ୍ୟକ୍ତିମାନେ ମଧ୍ୟ ମମତ୍ୱ ବୋଧରେ ଆବଦ୍ଧ ହୁଅନ୍ତି, ଏହା କେତେ ଆଶ୍ଚର୍ଯ୍ୟର ବିଷୟ ! ଆହୁରି ମଧ୍ୟ ଯେଉଁ ବ୍ୟକ୍ତି ଏକମାତ୍ର ପରମ ଅଦ୍ୱୈତ ପ୍ରାପ୍ତି ଓ ମୋକ୍ଷଲାଭ ନିମନ୍ତେ ତତ୍ପର ହୋଇଥାଆନ୍ତି, ସେମାନେ କାମର ବଶ ହୋଇ କେଳିର ବାସନା କରନ୍ତି, ଏହା ଆହୁରି ଆଶ୍ଚର୍ଯ୍ୟ ବିଷୟ । ଏହା ମଧ୍ୟ ଆଶ୍ଚର୍ଯ୍ୟ ଯେ ବିଷୟ-ଜ୍ଞାନକୁ ଶତ୍ରୁ ବୋଲି ଜାଣି ମଧ୍ୟ ଦୁର୍ବଳ ବ୍ୟକ୍ତିମାନେ ଅନ୍ତିମ କାଳରେ କାମନାର ଆଶ୍ରିତ ହୁଅନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା, ଯେଉଁ ବ୍ୟକ୍ତି ଐହିକ ଓ ପାରଲୌକିକ ସମସ୍ତ ବିଷୟରେ ସ୍ପୃହାହୀନ ହୋଇଥାଆନ୍ତି, ଯେ ନିତ୍ୟ ଓ ଅନିତ୍ୟ ବସ୍ତୁର ବିଚାରରେ ବିବେକବାନ୍ ହୋଇଥାଆନ୍ତି, ଯେ ମୋକ୍ଷକାମୀ, ସେ ପୁଣି ସଂସାରର ବିଭୀଷିକା ଦେଖି ଭୟ ପାଆନ୍ତି ।

ଯେଉଁ ବ୍ୟକ୍ତି ଧୀର, ସେ ଭୋଗ କଲେ ମଧ୍ୟ ଓ ସର୍ବଦା ପ୍ରପୀଡ଼ିତ ହେଲେ ମଧ୍ୟ କେବଳ ଆତ୍ମାଙ୍କୁହିଁ ଦର୍ଶନ କରିଥାଆନ୍ତି । ସେ କେଉଁଥିରେ ତୁଷ୍ଟ ହୁଅନ୍ତି ନାହିଁ ବା କେଉଁଥିରେ କୁପିତ ହୁଅନ୍ତି ନାହିଁ । ସେ ଅନ୍ୟର ସଚେଷ୍ଟ ଶରୀରକୁ ନିଜର ଶରୀର ଭଳି ଦେଖନ୍ତି, ସେହି ମହଦାଶୟ ବ୍ୟକ୍ତି ସ୍ତବ ଦ୍ୱାରା ବା ନିନ୍ଦା ଦ୍ୱାରା କ୍ଷୁବ୍ଧ ହେବେ କାହିଁକି ? ଯେଉଁ ବ୍ୟକ୍ତି ଧୀର ବୁଦ୍ଧିସମ୍ପନ୍ନ ସେ ଏହି ବିଶ୍ୱକୁ କେବଳ ମାୟା ବୋଲି ଦେଖନ୍ତି ଓ ତାଙ୍କର କୌଣସି କୌତୂହଳ ନ ଥାଏ ଏବଂ ମୁକ୍ତି ତାଙ୍କର ନିକଟବର୍ତ୍ତୀ ବୋଲି ଜାଣି କେଉଁଥିରେ ବା ସେ ତ୍ରସ୍ତ ହେବେ ? ନୈରାଶ୍ୟରେ ମଧ୍ୟ ସେହି ମହାତ୍ମା ନିସ୍ପୃହ-ମାନସ ହୋଇ ରହିଥାଆନ୍ତି; ଯେଉଁ ବ୍ୟକ୍ତି ଆତ୍ମଜ୍ଞାନରେ ତୃପ୍ତ, କାହା ସହିତ ତାଙ୍କର ତୁଳନା ହୋଇପାରେ ? ସଂସାରରେ ଯାହାକିଛି ଦୃଶ୍ୟମାନ ବସ୍ତୁ, ସେ ସମସ୍ତହିଁ ଅଳୀକ – ତେଣୁ ସେ କାହାକୁ ଗ୍ରାହ୍ୟ ବା କାହାକୁ ତ୍ୟାଜ୍ୟ ବୋଲି ବିଚାର କରିବେ ? ଯେ ସମସ୍ତ ବିଷୟ ବାସନା ତ୍ୟାଗ କରିଛନ୍ତି, ଯେ ନିର୍ଦ୍ୱନ୍ଦ୍ୱ ଓ ନିସ୍ପୃହ, ଯଦୃଚ୍ଛାଗତ ଭୋଗରେ ସେ ଦୁଃଖ କରନ୍ତି ନାହିଁ କି ତୁଷ୍ଟ ହୁଅନ୍ତି ନାହିଁ ।

## ଚତୁର୍ଥ ପ୍ରକରଣ – ଅନୁଭବୋଲ୍ଲାସ ଷଟକ୍

ଅଷ୍ଟାବକ୍ର କହିଲେ ଯେଉଁ ବ୍ୟକ୍ତି ଆତ୍ମଜ୍ଞ ଓ ଧୀର ଏବଂ ଭୋଗଲୀଳାରେ କ୍ରୀଡ଼ାରତ, ତାଙ୍କୁ ସଂସାର ଭାରବାହୀ ମୂଢ଼ମାନଙ୍କ ସହ ସମାନ ବୋଲି ଗଣ୍ୟ କରାଯାଇ ନ ପାରେ । ଅହୋ ! ଇନ୍ଦ୍ର ପ୍ରମୁଖ ସକଳ ଦେବଗଣ ଯେଉଁ ପଦପ୍ରାପ୍ତିର ଅଭିଳାଷରେ ଦୀନଭାବରେ ରହିଥାଆନ୍ତି, ଯୋଗୀ ସେହି ପଦରେ ଅଧିଷ୍ଠିତ ହୋଇ ମଧ୍ୟ ହର୍ଷଲାଭ କରନ୍ତି ନାହିଁ । ସେହି ବ୍ରହ୍ମଜ୍ଞ ବ୍ୟକ୍ତିଙ୍କୁ ପୁଣ୍ୟ ବା ପାପ ସ୍ପର୍ଶ କରେ ନାହିଁ । ଆକାଶରେ ପରିଦୃଷ୍ଟ ଧୂମ କେବେହେଲେ ଆକାଶ ସହ ସଂଗତି ଲାଭ କରେ ନାହିଁ । ଏହି ଅଖିଳ ଜଗତ୍ ଆତ୍ମସ୍ୱରୂପ ବୋଲି ଯେଉଁ ମହାତ୍ମା ଅବଗତ ହୋଇଥାଆନ୍ତି, ସେ ଯଦୃଚ୍ଛାବଶରେ ବର୍ତ୍ତମାନ ଯେଉଁଭାବରେ ଥାଆନ୍ତୁ ନା କାହିଁକି, ତାହାଙ୍କୁ କିଏ ନିଷେଧ କରିବାକୁ ସକ୍ଷମ ହେବ ? ଆବ୍ରହ୍ମସ୍ତମ୍ବ ପର୍ଯ୍ୟନ୍ତ ଚତୁର୍ବିଧ ଭୂତ ସମୂହ ମଧ୍ୟରେ ସମସ୍ତ ଇଚ୍ଛା ଓ ଅନିଚ୍ଛାକୁ ବିସର୍ଜନ ଦେବାର ସାମର୍ଥ୍ୟ ସେହି ବିଜ୍ଞବ୍ୟକ୍ତିଙ୍କର ରହିଥାଏ । ଅଦ୍ୱୟ ଆତ୍ମା ପରମେଶ୍ୱରଙ୍କୁ କିଏ ଅବା ଜାଣେ, ଯେ ଜାଣେ ସେ ତଦନୁସାରେହିଁ କାର୍ଯ୍ୟ କରେ ଏବଂ କେଉଁଥିରେ ତାହାର କୌଣସି ଭୟ ନ ଥାଏ ।

## ପଞ୍ଚମ ପ୍ରକରଣ – ଲୟ ଚତୁଷ୍ଟୟ

କାହା ସହିତ ତୁମର କୌଣସି ସଙ୍ଗ ନାହିଁ, ସୁତରାଂ ତୁମେ କ'ଣ ତ୍ୟାଗ କରିବାକୁ ଇଚ୍ଛା କରୁଛ ? ତୁମେ ଏହି ଭାବରେ ସଂଘାତ ବିଲୟ କରି ଲୟପ୍ରାପ୍ତ ହୁଅ । ସମୁଦ୍ରରୁ ଯେପରି ବୁଦ୍‌ବୁଦ ଉତ୍ପନ୍ନ ହୁଏ, ସେହିପରି ତୁମଠାରୁହିଁ ଏହି ସମଗ୍ର ବିଶ୍ୱ ଉଦୟ ହେଉଛି, ଆତ୍ମାକୁ ଏହି ଭାବରେ ଜାଣି ଲୟପ୍ରାପ୍ତ ହୁଅ । ଏହି ଯେଉଁ ବିଶ୍ୱ ପ୍ରତ୍ୟକ୍ଷୀଭୂତ ହେଉଛି, ଏହା ଅବସ୍ତୁ, ତୁମ ଭିତରେ ଏହା ନାହିଁ, ତୁମେ ଅମଳ, ରଜ୍ଜୁରେ ଯେପରି ସର୍ପଭ୍ରମ ହୁଏ, ଏହାକୁ ସେହିପରି ଏକ ଭ୍ରମ ବୋଲି ଜାଣି ଲୟପ୍ରାପ୍ତ ହୁଅ । ଦୁଃଖରେ ଓ ସୁଖରେ ତୁମେ ସମଭାବାପନ୍ନ, ଆଶା-ନିରାଶାରେ ତୁମର ସମଭାବ,

ଜୀବନରେ ଓ ମୃତ୍ୟୁରେ ତୁମେ ସମଜ୍ଞାନୀ ଓ ପୂର୍ଣ୍ଣ ସ୍ୱରୂପ, ଏହା ଜାଣି ଲୟପ୍ରାପ୍ତ ହୁଅ ।

### ଷଷ୍ଠ ପ୍ରକରଣ – ଉତ୍ତରୋପଦେଶ ଚତୁଷ୍କ

ମୁଁ ଆକାଶ ଭଳି ଅନନ୍ତ, ପ୍ରାକୃତ ଜଗତ୍ ହେଉଛି ଘଟ ଭଳି; ଏହି ଜ୍ଞାନ ଯାହାର ଅଛି, ତାହାର ତ୍ୟାଗ ନାହିଁ କି ଗ୍ରହଣ ନାହିଁ କି ଲୟ ନାହିଁ । ମୁଁ ମହାସାଗର ଭଳି, ଏହି ବିଶ୍ୱ ପ୍ରପଞ୍ଚ ତହିଁରେ ଢେଉ ଭଳି, ଏହି ଜ୍ଞାନ ଯାହାର ଅଛି, ତାହାର ତ୍ୟାଗ ନାହିଁ କି ଗ୍ରହଣ ନାହିଁ କି ଲୟ ନାହିଁ । ମୁଁ ହେଉଛି ଶାମୁକା ଭଳି ଓ ଏହି ବିଶ୍ୱକଳ୍ପନା ରୌପ୍ୟ ଭଳି, ଏହି ଜ୍ଞାନ ଯାହାର ଅଛି, ତାହାର ତ୍ୟାଗ ନାହିଁ କି ଗ୍ରହଣ ନାହିଁ କି ଲୟ ନାହିଁ । ମୁଁ ରହିଛି ଏହି ସର୍ବଭୂତରେ ଓ ଏହି ସର୍ବଭୂତ ରହିଛନ୍ତି ମୋ ଭିତରେ, ଏହି ଜ୍ଞାନ ଯାହାର ଅଛି ତାହାର ତ୍ୟାଗ ନାହିଁ କି ଗ୍ରହଣ ନାହିଁ କି ଲୟ ନାହିଁ ।

### ସପ୍ତମ ପ୍ରକରଣ – ଅନୁଭବ ପଞ୍ଚକ

ମୁଁ ଅନନ୍ତ ମହାସମୁଦ୍ର ଭଳି, ମୋ ମଧ୍ୟରେ ବିଶ୍ୱରୂପକ ପୋତ ଶାନ୍ତ ବାୟୁରେ ଇତସ୍ତତଃ ଭ୍ରମଣ କରୁଛି, ସେଥିରେ ମୋର ଆଦୌ ଅସହିଷ୍ଣୁତା ନାହିଁ । ମୁଁ ଅନନ୍ତ ମହାସମୁଦ୍ର ଭଳି, ମୋ ମଧ୍ୟରେ ଜଗତ୍‌ରୂପକ ଢେଉମାନ ସ୍ୱତଃ ଉତ୍‌ଥିତ ହେଉଛି ଓ ପୁଣି ବିଲୀନ ହୋଇଯାଉଛି, ତହିଁରେ ମୋର କ୍ଷତି ନାହିଁ କି ବୃଦ୍ଧି ନାହିଁ । ମୁଁ ଅନନ୍ତ ମହାସମୁଦ୍ର ଭଳି, ମୋଠାରେ ବିଶ୍ୱରୂପକ କଳ୍ପନା ଆରୋପ କରାଯାଇଛି, ମୁଁ ଅତୀବ ଶାନ୍ତ ଓ ନିରାକାର ରୂପେହିଁ ଅବସ୍ଥିତ । ଆତ୍ମା କୌଣସି ଭାବ ଭିତରେ ନାହିଁ ବା କୌଣସି ଭାବ ସେହି ନିରଞ୍ଜନ ଆତ୍ମା ଭିତରେ ନାହିଁ; ମୁଁ ନିଃସ୍ପୃହ ଓ ଶାନ୍ତ ରୂପରେ ଏହିଭଳି ଅବସ୍ଥିତ । ଅହୋ ! ମୁଁ ଚିନ୍ମାତ୍ର ଓ ଜଗତ୍ ଇନ୍ଦ୍ରଜାଲ ସଦୃଶ, ତେଣୁ ମୋ ପାଇଁ ହେୟ ବା ଉପାଦେୟର କଳ୍ପନା କେଉଁଠି ?

(କ୍ରମଶଃ) ❖

ଛାତ୍ରମାନେ ଯଥାର୍ଥ ଭାବରେ ବୁଦ୍ଧିମାନ୍, ଇଚ୍ଛୁକ ଏବଂ ମନୋଯୋଗୀ ହୋଇ ପାରିଛନ୍ତି କି ନାହିଁ, ତାହା ଜାଣିବା ଲାଗି ପରୀକ୍ଷାକୁ ମୁଁ ଏକ ପୁରୁଣାକାଳିଆ ପଦ୍ଧତି ବୋଲି ମନେ କରୁଛି । ବର୍ତ୍ତମାନ ଏହା ମୋଟେ ଚଳିବ ନାହିଁ ଓ ଏହା ଦ୍ୱାରା ଆମେ ପ୍ରକୃତ ଫଳକୁ ମୋଟେ ପାଇ ପାରିବୁ ନାହିଁ ।

ଯଦି ସ୍ମୃତିଶକ୍ତି ଭଲ ଥାଏ, ତେବେ ଗୋଟାଏ ନିତାନ୍ତ ନିର୍ବୋଧ ଏବଂ ଯନ୍ତ୍ରବତ୍ ମନ ରହିଥିବା ବ୍ୟକ୍ତି ମଧ୍ୟ ଗୋଟିଏ ପରୀକ୍ଷାରେ ବେଶ୍ ଭଲ ଉତ୍ତର ଦେଇ ପାରିବ । ଏବଂ ଭବିଷ୍ୟତର ମଣିଷ ଲାଗି ଆମେ କଦାପି ଏସବୁକୁ ଗୋଟିଏ ଗୋଟିଏ ଯୋଗ୍ୟ ମାନସିକ ଗୁଣ ବୋଲି କହିବା ନାହିଁ ।

ସେହି ପୁରୁଣା ପଦ୍ଧତି ଓ ଚଳଣିଗୁଡ଼ିକ ପ୍ରତି ଏକ ଉଦାରତା ପ୍ରଦର୍ଶନ କରିହିଁ ମୁଁ ଯେଉଁମାନେ ପରୀକ୍ଷା କରାଇବାକୁ ଇଚ୍ଛା କରୁଛନ୍ତି, ସେମାନେ ତାହା କରି ପାରିବେ ବୋଲି ରାଜି ହୋଇଥିଲି । ମାତ୍ର ମୁଁ ଆଶା କରୁଛି ଯେ ଭବିଷ୍ୟତରେ ଆମର ଏହି ବ୍ୟବସ୍ଥାଟି ଲାଗି ଆଦୌ କୌଣସି ପ୍ରୟୋଜନ ରହିବ ନାହିଁ ।

ଯେତେବେଳେ ପରୀକ୍ଷା ନେବାର ଚଳଣିଟି ଉଠିଯିବ, ସେତେବେଳେ ଜଣେ ଛାତ୍ର ପ୍ରକୃତରେ ଭଲ ଓ ଉପଯୁକ୍ତ କି ନାହିଁ, ତାହା ଜାଣିବାକୁ ହେଲେ ଶିକ୍ଷକଠାରେ ଆଉ କିଞ୍ଚିତ୍ ପରିମାଣରେ ଅଧିକ ଅନ୍ତର୍ଗତ ସମ୍ପର୍କ ଏବଂ ମନୋଭୂମିଗତ ଜ୍ଞାନ ରହିଥିବାହିଁ ଆବଶ୍ୟକ ହେବ । ମାତ୍ର ଆମ ଶିକ୍ଷକମାନେ ତ ଯୋଗ-ସାଧନା କରିବେ ବୋଲି ପ୍ରତ୍ୟାଶା କରାଯାଇଛି; ତେଣୁ ସେମାନଙ୍କ ଲାଗି ଏହି କାର୍ଯ୍ୟଟି କରିବା ଆଦୌ କଷ୍ଟକର ହେବା ଉଚିତ ନୁହେଁ ।

୨୨ ଜୁଲାଇ, ୧୯୬୭ — **ଶ୍ରୀମା**

অন্তরাল জগৎ

# ପୃଥିବୀର ସ୍ମୃତି-ଭଣ୍ଡାରରେ ପ୍ରବେଶ

## (ଶ୍ରୀମା'ଙ୍କ ସହ ଏକ କଥୋପକଥନ)

''ମନର ଏପରି ଏକ ସ୍ତର ଅଛି ଯେଉଁଠି ସବୁକିଛିର ସ୍ମୃତି ସଂଚିତ ହୋଇ ରହିଥାଏ ଏବଂ ସର୍ବଦା ସେଗୁଡ଼ିକର ଅସ୍ତିତ୍ୱ ସେହିପରି ରହିଥାଏ । ପୃଥିବୀ-ଜୀବନର ସମସ୍ତ ମାନସିକ ଗତିବୃତ୍ତି ସେଠାରେ ସ୍ମୃତି ରୂପେ ତାଲିକାଭୁକ୍ତ ହୋଇ ରହିଥାଏ । ଯେଉଁମାନେ ସେଠାକୁ ଯିବାକୁ ସକ୍ଷମ ହୋଇଥାଆନ୍ତି ଏବଂ ସେଥିପାଇଁ ଆୟାସ ସ୍ୱୀକାର କରିବାକୁ ପ୍ରସ୍ତୁତ ଥାଆନ୍ତି, ସେମାନେ ଯେକୌଣସି ଜିନିଷ ଜାଣିବାକୁ ଚାହିଁଲେ, ସେଠାକୁ ଯାଇ ତାହାର ବିବରଣୀ ପାଇପାରନ୍ତି । କିନ୍ତୁ ଏହି ଅଞ୍ଚଳଟିକୁ ଅତିମାନସ ସ୍ତରଗୁଡ଼ିକ ସହ ସମାନ ବୋଲି ଭାବିବା ଠିକ୍ ନୁହେଁ । ତଥାପି ଏପରିକି ସେଠାରେ ପହଞ୍ଚିବାକୁ ହେଲେ ମଧ୍ୟ ତୁମକୁ ତୁମର ଦୈହିକ ଓ ଭୌତିକ ମନର ଗତିବୃତ୍ତିଗୁଡ଼ିକୁ ନିରବ କରିଦେବାକୁ ପଡ଼ିବ, ତୁମର ସମସ୍ତ ସଂବେଦନ ବା ଇନ୍ଦ୍ରିୟାନୁଭୂତିଗୁଡ଼ିକୁ ଛାଡ଼ିଯିବାକୁ ପଡ଼ିବ ଓ ଯାହାକିଛି ସାଧାରଣ ମାନସିକ ଗତିବୃତ୍ତି ଥାଏ ସେଗୁଡ଼ିକୁ ବନ୍ଦ କରିଦେବାକୁ ହେବ, ପ୍ରାଣ-ସ୍ତରରୁ ବାହାରିଯିବାକୁ ହେବ ଏବଂ ଶରୀରର ଦାସତ୍ୱ ଭିତରୁ ମୁକୁଳିବାକୁ ପଡ଼ିବ । ତା'ହେଲେ କେବଳ ସେହି ଅଞ୍ଚଳରେ ପ୍ରବେଶ କରିବାକୁ ଓ ସବୁକିଛି ଦେଖି ପାରିବାକୁ ସକ୍ଷମ ହେବ । କିନ୍ତୁ ତୁମର ଯଦି ଏ ଦିଗରେ ଚେଷ୍ଟା କରିବା ପାଇଁ ଯଥେଷ୍ଟ ଆଗ୍ରହ ଥାଏ ତା'ହେଲେ ତୁମେ ସେଠାରେ ପହଞ୍ଚିପାରିବ ଏବଂ ପୃଥିବୀର ସ୍ମୃତିପଟରେ ଯାହାସବୁ ଲେଖାଅଛି, ତାହା ପଢ଼ିପାରିବ ।''

(ଶ୍ରୀମା'ଙ୍କ ସହ ପ୍ରଶ୍ନୋତ୍ତର, ୧୯୨୯)

*ପ୍ରଶ୍ନ : ଆପଣ କହିଛନ୍ତି ଯେ ଯେଉଁଠି ପୃଥିବୀ ଜୀବନର ସମସ୍ତ ମାନସିକ ଗତିବୃତ୍ତିଗୁଡ଼ିକ ଗଚ୍ଛିତ ହୋଇ ରହିଛି ସେଇ ସ୍ଥାନକୁ ଯିବାକୁ ହେଲେ ସ୍ଥୂଳ ଦୈହିକ ମନର ଗତିବୃତ୍ତିଗୁଡ଼ିକୁ ନିରବ କରିଦେବାକୁ ହେବ... ଏବଂ ସାଧାରଣ ମନର କ୍ରିୟାକଳାପକୁ ବନ୍ଦ କରିଦେବାକୁ ପଡ଼ିବ । ଯଦି ମନର କ୍ରିୟାକଳାପଗୁଡ଼ିକୁ ବନ୍ଦ କରିଦିଆଯାଏ ତା'ହେଲେ କ'ଣ ଘଟିବ ? ଆମକୁ ସାରାଦିନ ତ କିଛି କାମ କରିବାକୁ ପଡ଼ିବ ।*

ଶ୍ରୀମା : ସାରାଦିନ ପାଇଁ ନୁହେଁ, କେବଳ ସେହି ସମୟତକ ମନର କ୍ରିୟାକଳାପ ବନ୍ଦ କରିବାକୁ ହେବ । ସ୍ଥାୟୀ ଭାବରେ ନୁହେଁ ।

*ପ୍ରଶ୍ନ : ମା, କିନ୍ତୁ ଜଣେ ଯଦି ଭୁଲିଯାଏ ? ଧରନ୍ତୁ ଦୁଇଟା ବେଳେ କିଛି କାମ କରିବାର ଅଛି, ସାଢ଼େ ଦଶଟାରେ ଅନ୍ୟ କିଛି କାମ କରିବାର ଅଛି; ଯଦି ଜଣେ ତାହା ଭୁଲିଯାଏ...*

ଶ୍ରୀମା : ନା, ତୁମେ ଠିକ୍ ବୁଝିପାରୁ ନାହଁ । ସେହି ସ୍ଥାନକୁ ଯିବାକୁ ହେଲେ, ସେଠାକୁ ଯିବା ସମୟରେ ତୁମେ ତୁମର ମନକୁ ସଂପୂର୍ଣ୍ଣ ନିରବ କରିଦେବା ପାଇଁ ସକ୍ଷମ ହେବାକୁ ହେବ (ଏବଂ ବାକି ଯାହା ମୁଁ କହିଛି ତାହା ମଧ୍ୟ କରିବାକୁ ହେବ), କିନ୍ତୁ ଏହା କରିବାକୁ ହେବ, କେବଳ ସେଠାକୁ ଯିବା ପାଇଁ । ଉଦାହରଣ ସ୍ୱରୂପ, ତୁମେ ସ୍ଥିର କଲ ''ବର୍ତ୍ତମାନ, ମୁଁ ପୃଥିବୀ-ଇତିହାସର ଅମୁକ ଅମୁକ ଅଧ୍ୟାୟ ପଢ଼ିବାକୁ ଚାହେଁ ।'' ତା'ପରେ ତୁମେ ଏକ ଆରାମ ଚୌକିରେ ସ୍ୱଚ୍ଛନ୍ଦ ଭାବରେ ବସି ରହିଲ ଓ ଲୋକମାନଙ୍କୁ କହିଲ ତୁମର ଶାନ୍ତିଭଙ୍ଗ ନ କରିବାକୁ ଓ ତୁମେ ନିଜ ଭିତରେ ବୁଡ଼ିଗଲ ଏବଂ ତୁମର ମନକୁ ପୂରାପୂରି ନିରବ କରିଦେଲ ଓ ତୁମର ମାନସିକ ଦୂତ ବା ବାର୍ତ୍ତାବହକୁ ସେହି ସ୍ଥାନକୁ ପଠାଇଲ... ସେଠାରେ ତୁମକୁ ବାଟ ଦେଖାଇ ଠିକ୍ ବାଟରେ ଚାଳିତ କରିବା ଭଳି କେହି ଲୋକ ଥିଲେ ଖୁବ୍ ଭଲ, କାରଣ ନହେଲେ ତୁମେ ପୂରା ବାଟ ଭୁଲି ଅନ୍ୟ କେଉଁ ସ୍ଥାନକୁ ଚାଲିଯାଇପାର । ତା'ପରେ ତୁମେ ସେହି ସ୍ଥାନକୁ ଚାଲିଲ । ଏହା ଏକ ବିରାଟ ଲାଇବ୍ରେରି ପରି, ଯାହାର ଅନେକ, ଅନେକଗୁଡ଼ିଏ ଛୋଟ ପ୍ରକୋଷ୍ଠ ରହିଛି । ତା'ପରେ ତୁମେ ଯେଉଁ ବିଷୟଟି ସଂପର୍କରେ କିଛି ତଥ୍ୟ ଜାଣିବାକୁ ଚାହୁଁଥିଲ ତାହାରି ସମ୍ବନ୍ଧିତ ପ୍ରକୋଷ୍ଠଟିଏ ଦେଖିବାକୁ ପାଇବ । ତୁମେ ସେଠାରେ ଗୋଟିଏ ବୋତାମ ଚିପିବ ଏବଂ ପ୍ରକୋଷ୍ଠଟି ଖୋଲିଯିବ । ଏବଂ ତା'ଭିତରେ ତୁମେ ଦେଖିବ ଗୁଡ଼ା ହୋଇ ରହିଥିବା ଏକ ଲମ୍ବା ବିବରଣୀ, ଯାହାକି ଏକ ମାନସିକ ଗଠନର

ବିବରଣୀ ଏବଂ ତାହା ତୁମ ଆଗରେ ଲମ୍ବା କାଗଜ ପରି ଖୋଲିଯିବ ଏବଂ ତାହା ତୁମେ ପଢ଼ିବାକୁ ପାଇବ । ତା'ପରେ ତୁମେ ଯାହା ଦେଖିଲ ବା ପଢ଼ିଲ, ତାହାକୁ ମନେ ମନେ ଟିପିରଖି ଚୁପଚାପ୍ ପୁଣି ଦେହ ଭିତରକୁ ଫେରି ଆସିଲ ଏକ ନୂତନ ଜ୍ଞାନ ନେଇ । ଏବଂ ଯଦି ପାର ଯାହା ଦେଖିଲ ତାହାର ଏକ ସ୍ଥୂଳ ପ୍ରତିଲିପି ତିଆରି କରିପାର ଏବଂ ତା'ପରେ ଉଠି ପୂର୍ବପରି ତୁମର ଦୈନନ୍ଦିନ କାମ ଆରମ୍ଭ କରିଦେଇପାର... ଏଥିପାଇଁ ତୁମକୁ ଦଶମିନିଟ ସମୟ ଲାଗିପାରେ, ଘଣ୍ଟାଏ ବା ଅଧଘଣ୍ଟାଏ ଲାଗିପାରେ, ତାହା ନିର୍ଭର କରେ ତୁମର କ୍ଷମତା ଉପରେ । କିନ୍ତୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଲା ଠିକ୍ ଭାବରେ ବାଟଟିକୁ ଜାଣିବା ଯେପରିକି ତୁମେ କିଛି ଭୁଲ୍ ନକର ।

*ପ୍ରଶ୍ନ : ତା'ହେଲେ ବହି ପଢ଼ାପଢ଼ି ଛାଡ଼ି ଆମେ ଏହି କାମଟିକୁ ନକରିବୁ କାହିଁକି ?*

ଶ୍ରୀମା : କାରଣ ଖୁବ୍ କମ୍ ସଂଖ୍ୟକ ଲୋକେ ଏହା କରିବା ପାଇଁ ସମର୍ଥ ଅଥଚ ଅନେକ ସଂଖ୍ୟକ ଲୋକେ ବହି ପଢ଼ି ପାରିବେ (ଅନେକେ ହୁଏତ ବହିକୁ ବୁଝିପାରନ୍ତି ନାହିଁ କିନ୍ତୁ ଅନେକେ ପଢ଼ି ପାରିବେ) କିନ୍ତୁ ବହିଠାରୁ ଏହି ଅନୁଭୂତିକୁ ବୁଝିବା ଆହୁରି ଅଧିକ କଷ୍ଟସାଧ୍ୟ ।

*ପ୍ରଶ୍ନ : ଯଦି ଖୁବ୍ କମ୍ ବୟସରୁ ଏହା ପିଲାମାନଙ୍କୁ ଶିକ୍ଷା ଦିଆଯାଏ ?*

ଶ୍ରୀମା : ଏହା ସମ୍ଭବପର ଯେ ଅଧିକ ସୁବିଧାଜନକ ଭାବରେ ଏହା ହୁଏତ ବହି ପଢ଼ିବାର ସ୍ଥାନ ନେଇପାରେ !

ପୃଥିବୀରେ ଯାହାକିଛି ଘଟିଯାଇଛି – ପୃଥିବୀ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ, ମନର ସମସ୍ତ ଗତିବୃତ୍ତିଗୁଡ଼ିକ ଠିକ୍ ସେହିପରି ଭାବରେ ଲିପିବଦ୍ଧ ହୋଇରହିଛି । ସୁତରାଂ ତୁମେ ଯେତେବେଳେ କୌଣସି ବିଷୟରେ କିଛି ସମ୍ପୂର୍ଣ୍ଣ ଠିକ୍ ବିବରଣୀ ଜାଣିବାକୁ ଚାହିଁବ, ତୁମକୁ ସେହି ସ୍ଥାନଟିରେ ପହଞ୍ଚିବାକୁ ହେବ, ତୁମେ ତୁମର ବାଟ ପାଇଯିବ । ଏହା ବେଶ୍ ଆଶ୍ଚର୍ଯ୍ୟକର ଏକ ସ୍ଥାନ; ଯେପରିକି ଛୋଟ ଛୋଟ କୋଠରି ନେଇ ଗଠିତ ଠିକ୍ ପାରା ଭାଡ଼ିର ଥାକ ପରି । ତେଣୁ ତୁମେ ସେହି ଥାକଗୁଡ଼ିକ ଅନୁସରଣ କରି କିଛି ଧରଣର... ଠିକ୍ କିପରି ବୁଝାଇବି ? ସେଇ ଧରଣର ଲାଇବ୍ରେରିମାନ ଅଛି; ସିନେମାରେ ନିୟୁୟର୍କର ଏକ ଲାଇବ୍ରେରିର ଛବି ଦେଖା ହୋଇଥିଲା । ଏହି ଥାକଗୁଡ଼ିକ ଅନେକଟା ସେଇଭଳି ସଜା ହୋଇଥାଏ । ସଜା ହେବାର ବ୍ୟବସ୍ଥା ମଧ୍ୟ ସେଇଭଳି । ସେଇଥିପାଇଁ ସେହି ଲାଇବ୍ରେରିର ଛବି ମୋ ଭିତରେ ଆଗ୍ରହ ସୃଷ୍ଟି କରିଥିଲା । ତେବେ ବହି ବଦଳରେ ପୂର୍ବୋକ୍ତ ସେହି ଥାକରେ ରହିଥାଏ ଛୋଟ ଛୋଟ ଚତୁଷ୍କୋଣ ପରି କିଛି । ସେଗୁଡ଼ିକ ସବୁ ବନ୍ଦ ହୋଇ ରହିଥାଏ । ତୁମେ ତାହାର ଗୋଟାଏ ବୋତାମ ଉପରେ ଆଙ୍ଗୁଠି ଚିପିଦେଲେ ତାହା ଖୋଲିଯିବ ଏବଂ ତା'ଭିତରୁ ଲମ୍ବା କାଗଜ ପରସ୍ତର ଏକ ମୋଡ଼ା ବାହାରି ଆସିବ, ତା'ପରେ ତୁମେ ତାହାକୁ ଖୋଲି ଫିଟାଇ ଦେଲେ ତୁମେ ଜାଣିବାକୁ ଚାହୁଁଥିବା ବିଷୟଟି ସମ୍ପର୍କରେ ଯାହା ଲେଖା ଅଛି ତାହା ପଢ଼ି ପାରିବ । ସେଠାରେ ଏହିପରି ଥାକ ଲକ୍ଷ ଲକ୍ଷ ସଂଖ୍ୟାରେ, ନିୟୁତ ନିୟୁତ ସଂଖ୍ୟାରେ ରହିଛି । ଏବଂ ସୌଭାଗ୍ୟବଶତଃ ମନକ୍ଷେତ୍ରରେ ତୁମେ ତଳକୁ ଯାଇପାର, ଉପରକୁ ଉଠିପାର, ଏକେବାରେ ଉପରକୁ ଉଠିଯାଇପାର, ସେଥିପାଇଁ ତୁମର କୌଣସି ଶିଡ଼ିର ଆବଶ୍ୟକତା ନାହିଁ ।

*ଶିଷ୍ୟ : ଏହା ପଢ଼ାଯାଏ କିପରି ? ଆମେ ଯେପରି ବହିଟିଏ ପଢୁ ?*

ଶ୍ରୀମା : ଏହା ଏକ ପ୍ରକାର ମାନସିକ ପ୍ରତ୍ୟକ୍ଷ । ଏହା ସେହିଭଳି କିଛି । ତୁମେ ଖୁବ୍ ଭଲ ଭାବରେ ସମସ୍ତ ବର୍ଣ୍ଣନା, ସମସ୍ତ ତଥ୍ୟ ବା ଖବର ସେଠାରୁ ପାଇପାରିବ (ତାହା ନିର୍ଭର କରେ ବିଷୟବସ୍ତୁଟି କ'ଣ, ତା'ଉପରେ) କେତେକ ସମୟରେ ଏଗୁଡ଼ିକ ଚିତ୍ର ଆକାରରେ ରହିଥାଏ, ଯେପରିକି ଏକ ଚିତ୍ର ରଖାଯାଇଛି । କେତେକ ସମୟରେ ଏହା ଗଳ୍ପ ଆକାରରେ ରହିଥାଏ, ଆଉ କେତେକ ସମୟରେ ଏହା କୌଣସି ପ୍ରଶ୍ନର ଉତ୍ତର ଆକାରରେ ରହିଥାଏ । କଳ୍ପନା କରାଯାଇ ପାରୁଥିବା ସମସ୍ତ ସମ୍ଭାବ୍ୟ ଜିନିଷ ଯାହା ମନରେ ଲିପିବଦ୍ଧ ହୋଇଥାଏ, ତାହା ସେଠାରେ ଥାଏ । ତୁମେ ସେଠାରେ ଅନେକ କିଛିର ସଂଶୋଧନ ମଧ୍ୟ ଦେଖିପାରିବ (ଠିକ୍ ସେଇଗୁଡ଼ିକର ସଂଶୋଧନ, ବହି ସବୁରେ ଯାହାର ଭୁଲ୍ ତଥ୍ୟ ଦିଆଯାଇଥାଏ) । ଏବଂ ତୁମକୁ କିଛି ଖୋଜି ବାହାର କରିବାକୁ ପଡ଼ିବ ନାହିଁ ବା ଶିଡ଼ିରେ ଚଢ଼ି ଉପରକୁ ଉଠିବାକୁ ପଡ଼ିବ ନାହିଁ । ତୁମକୁ ସହଜ ଭାବରେ କେବଳ ଏକ ଏକାଗ୍ର ମାନସିକ ଚେତନା

ପଠାଇବାକୁ ହେବ, ତାହାହିଁ ଆଗକୁ ଯାଇ ସେହି ଜିନିଷଟିକୁ ସ୍ପର୍ଶ କରିବ । ତେବେ, ଯଦି ତୁମ ନିଜର ମାନସିକ କ୍ରିୟାକଳାପରୁ ନିଜକୁ ସଂପୂର୍ଣ୍ଣ ଅଲଗା କରି ଅନାସକ୍ତ ନରୁହ ତା'ହେଲେ ଏହି ଭୟ ଅଛି ଯେ ତୁମେ କେବଳ ତୁମ ନିଜ ମନରେ ଯାହା ଅଛି, ତାହାକୁହିଁ ଦେଖିବ । ଜିନିଷଗୁଡ଼ିକୁ ପ୍ରକୃତରେ ସେମାନଙ୍କ ନିଜ ସ୍ୱରୂପରେ ନଦେଖି ସମ୍ଭବତଃ ତୁମ ନିଜର ମସ୍ତିଷ୍କ ଭିତରେ ବିଚରଣ କରି ଚାଲିବ ଓ କେବଳ ସେଇଠାରେ ଯାହା ରହିଥାଏ, ସେହିଗୁଡ଼ିକୁହିଁ ଦେଖିବ – ଏହାହିଁ ବିପଦ । ତୁମକୁ ତୁମ ମସ୍ତିଷ୍କକୁ ସଂପୂର୍ଣ୍ଣ ନିରବ କରିଦେବା ପାଇଁ ସକ୍ଷମ ହେବାକୁ ହେବ, ସଂପୂର୍ଣ୍ଣ ଅନାସକ୍ତ ରହିବାକୁ ହେବ, ତୁମକୁ (ଉଦାହରଣ ସ୍ୱରୂପ ତୁମେ ଯେତେବେଳେ କୌଣସି ସମସ୍ୟାର ସମାଧାନ ଖୋଜୁଥାଅ) ସେତେବେଳେ ଆଗରୁ ତୁମ ମସ୍ତିଷ୍କରେ ଏପରି କୌଣସି ସମାଧାନକୁ ସ୍ଥାନ ଦେବ ନାହିଁ, ଯାହାକି ତୁମକୁ ସମ୍ପୂର୍ଣ୍ଣ ଠିକ୍, ସର୍ବୋତ୍ତମ ଓ ସବୁଠୁ ଉପାଦେୟ ବୋଲି ମନେ ହେଉଥିବ । ଆଗରୁ ଏପରି କୌଣସି ସମାଧାନର ଚିନ୍ତାକୁ ମନରେ ସ୍ଥାନ ଦେବ ନାହିଁ । ତୁମକୁ ପୂରା ଏକ ଅଲେଖା ସାଦା କାଗଜ ପରି ହେବାକୁ ହେବ, ଯାହା ଉପରେ କିଛି ମଧ୍ୟ ଲେଖାଯାଇ ନାହିଁ । ସତ୍ୟ ଜାଣିବା ପାଇଁ ଏକ ଅତ୍ୟନ୍ତ ଆନ୍ତରିକ ଅଭୀପ୍ସା ରଖି, ଆଗରୁ ସେ ସମ୍ପର୍କରେ ଏହା ଏପରି ହେବ ବା ସେପରି ହେବ ବୋଲି ଚିନ୍ତା ନକରି ବା ଧରି ନନେଇ ତୁମକୁ ଆଗେଇବାକୁ ହେବ । ତା' ନହେଲେ ତୁମେ କେବଳ ନିଜର ମାନସିକ ଗଠନଗୁଡ଼ିକୁହିଁ ଦେଖିବ । ଏଥିପାଇଁ ସର୍ବପ୍ରଥମ ସର୍ତ୍ତଟି ହେଲା ଏହିସବୁ ଜିନିଷକୁ ନିରୀକ୍ଷଣ କଲାବେଳେ ତୁମର ମସ୍ତିଷ୍କ ଯେପରି ସଂପୂର୍ଣ୍ଣ ନିରବତା ରକ୍ଷା କରେ ।

ଏବଂ ଏ ସଂପର୍କରେ ଅଧିକ ନିଶ୍ଚିତ ହେବାକୁ ହେଲେ (ଏ କ୍ଷେତ୍ରରେ ତୁମର ପୂରା ତାଲିମ ଦରକାର, ଏକ ଅତି ଉତ୍ତମ ଶିକ୍ଷା ଦରକାର), କୌଣସି ଭାବରେ ବିକୃତ ବା ଅଙ୍ଗହାନି ନକରି ଗ୍ରହଣ କରୁଥିବା ଜ୍ଞାନକୁ ପରିଷ୍କାର ଭାବରେ ପରିବେଷଣ କରିବାକୁ ହେଲେ ସବୁଠୁ ଭଲ ବାଟ ହେଉଛି ସେଠାରେ ଯାହା ଦେଖିବ ବା ଯାହା ପଢ଼ିବ, (ଆମେ 'ପଢ଼ିବ' ବୋଲି କହୁଛୁ କିନ୍ତୁ ପ୍ରକୃତରେ ତାହା ତୁମେ ପ୍ରତ୍ୟକ୍ଷ କର) ତାହାକୁ ପ୍ରତ୍ୟକ୍ଷ କରିବା ସମୟରେହିଁ ଯାହା ପ୍ରତ୍ୟକ୍ଷ କର ଠିକ୍ ତାହାହିଁ କହିବା ଆବଶ୍ୟକ ଏବଂ ସେତେବେଳେ ଅନ୍ୟ ଜଣେ ତାହାକୁ ଲିପିବଦ୍ଧ କରିବା ଉଚିତ ।... ମୁଁ ପୁଣିଥରେ କହୁଛି ଯେ ତୁମେ ତୁମର ଆରାମ ଚେୟାରରେ ଚୁପ୍‌ଚାପ୍ ବସିଥିବ, ଆଦୌ ହଲଚଲ ନହୋଇ ପୂରା ସ୍ଥିର ଓ ନିରବ ରହିଥିବ ଏବଂ ମସ୍ତିଷ୍କରୁ ଏକ ଦୂତପରି କିଛିକୁ ପଠାଇବ । ସେତେବେଳେ ତୁମ ପାଖରେ ଆଉ ଜଣେ କାହାକୁ ବସାଇଥିବ ଏବଂ ଯେତେବେଳେ ତୁମେ ସେହି ସ୍ଥାନରେ ଯାଇ ପହଞ୍ଚିବ ଏବଂ ଦ୍ୱାର ଖୋଲି ସେହି ପାଣ୍ଡୁଲିପିକୁ (ବା ତାହାକୁ ଯେଉଁ ନାମ ଦିଅ) କାଢ଼ି ବାହାର କରିବ, ସେତେବେଳେ କେବଳ ଆଖିରେ ଦେଖିବା ପରିବର୍ତ୍ତେ, (କାରଣ ଆଖି ଖୋଲା ନଥାଏ) ତୁମେ ଯାହା ଦେଖୁଥାଅ ତାହାକୁ ବର୍ଣ୍ଣନା କରିବା ଆରମ୍ଭ କରିଦେବ । ବଡ଼ ପାଟିରେ କହିବାକୁ ଅଭ୍ୟାସ କରିବ ଏବଂ ସେଠାରେ ଯାହାକିଛି ଦେଖୁଥିବ ଏଠାରେ ତାହା କହିଚାଲୁଥିବ । ସେହିସବୁ ବଡ଼ ବଡ଼ ହଲ୍ ଭିତର ଦେଇ ତୁମର ଯାତ୍ରା ସଂପର୍କରେ ଏବଂ ତୁମେ କିପରି ସେହି ସ୍ଥାନରେ ପହଞ୍ଚିଲ ଏବଂ ତୁମେ ଜାଣିବାକୁ ଚାହୁଁଥିବା ବିଷୟର ସଂକେତ ସ୍ୱରୂପ ସେଠାରେ କିପରି ଏକ ଛୋଟ ଦାଗ ବା ଚିହ୍ନ ଥିଲା ସେହିସବୁ ବିଷୟରେ ଏକ ସଂକ୍ଷିପ୍ତ ବର୍ଣ୍ଣନା ଦେବ । ତା'ପରେ ତୁମେ ସେହି ଛୋଟ ଥାକ ପରି କିଛିକୁ ଖୋଲି ତା' ଭିତରେ ମୋଡ଼ା ହୋଇ ରହିଥିବା ଲମ୍ବ ଫର୍ଦ୍ଦକୁ କାଢ଼ି ପଢ଼ିବାକୁ ଆରମ୍ଭ କରିବ ଏବଂ ବଡ଼ ପାଟିରେ ତାହା ପଢ଼ି ଚାଲିବ । ଏବଂ ତୁମ ପାଖରେ ଯେଉଁ ବ୍ୟକ୍ତି ଜଣକ ବସିଥିବ ତୁମେ ପଢୁଥିବା ବିଷୟବସ୍ତୁକୁ ସେ ଲେଖି ଚାଲିଥିବ । ଏହି ଭାବରେ ତୁମେ ସେହି ସ୍ଥାନରୁ ଫେରିବା ବାଟରେ ବିଷୟଗୁଡ଼ିକ ଆଉ ପରିବର୍ତ୍ତନ ହୋଇଯିବାର ବିପଦ ନଥିବ । କାରଣ ତୁମ ସତ୍ତାର ସେହି ଅଂଶଟି ଯାହା ସେତେବେଳେ ସେଠାରେ ଥାଏ ତା' ପାଇଁ ଅନୁଭୂତିଟି ବେଶ୍ ସ୍ପଷ୍ଟ, ସୁନିର୍ଦ୍ଦିଷ୍ଟ ହୋଇଥାଏ, କିନ୍ତୁ ତୁମେ ଯେତେବେଳେ ଆମର ଏହି ସ୍ଥୂଳ ଜଗତକୁ ଫେରି ଆସ, ସେହି ଅନୁଭୂତିରୁ ବରାବର କିଛି ଅଂଶ ହଜିଯାଏ, କିନ୍ତୁ ତୁମେ ଯଦି ଅନୁଭୂତିଟି ଘଟୁଥିବା ବେଳେହିଁ ସିଧା ତାହାକୁ କହିଚାଲ ତା'ହେଲେ ତହିଁରୁ କିଛି ବାଦ୍ ପଡ଼ିବ ନାହିଁ । ତେଣୁ ଏହି କାମଟି ଠିକ୍ ଭାବରେ କରିବାକୁ ହେଲେ ଅନେକଗୁଡ଼ିଏ ସର୍ତ୍ତ ପୂରଣ କରିବାକୁ ହେବ । ଲାଇବ୍ରେରିରୁ ବହିଟିଏ ନେଇ ପଢ଼ିଦେବା ପରି ଏହା ଏତେ ସହଜ କାମ ନୁହେଁ । ତାହା ସମସ୍ତେ କରିପାରିବେ । କିନ୍ତୁ ଏହି କାମଟିକୁ ଠିକ୍ ଭାବରେ ସଂପନ୍ନ କରିବା ଟିକିଏ ଅଧିକ କଷ୍ଟସାଧ୍ୟ ।

(M.C.W. Vol. V, Page 277-281)

ଶେଷ ପୃଷ୍ଠା :

# ଛାତ୍ରର ନିଜସ୍ୱ ରୁଚିକୁ ଉପଯୁକ୍ତ ମୂଲ୍ୟ ଦେବା

**ଶ୍ରୀ ବିଶ୍ୱମ୍ଭର ସାମନ୍ତ**

ଆଦର୍ଶ ଛାତ୍ର ହେବାକୁ ହେଲେ ଛାତ୍ରର ସ୍ୱଭାବ-ଚରିତ୍ର, ଆଚାର-ବ୍ୟବହାର ଓ ମନୋଭାବ ଆଦି କିପରି ହେବା ଉଚିତ – ଏ ସମ୍ପର୍କରେ ଶିକ୍ଷକ ଓ ଅଭିଭାବକମାନଙ୍କର ଚିରାଚରିତ ଧାରଣାସବୁ ରହିଥାଏ । ଏହି ଧାରଣାସବୁ ଆମର ଶିକ୍ଷା, ସମାଜ, ଆଦର୍ଶ, ନୀତିବୋଧ ଓ ଜୀବନ-ଦର୍ଶନ ସମ୍ପର୍କରେ ଯୁଗଯୁଗର ସଂସ୍କାରକୁ ଆଶ୍ରୟ କରି ଗଠିତ ହୋଇଥାଏ । ଏହିସବୁ ଦ୍ୱାରା ପ୍ରଭାବିତ ହୋଇ ସେହି ଅନୁସାରେହିଁ ଆମେ ଛାତ୍ରର ଜୀବନ-ବିକାଶକୁ ରୂପ ଦେବାକୁ ଚାହୁଁ । ଆଦର୍ଶ ଶିକ୍ଷକ ଓ ଅଭିଭାବକମାନଙ୍କର ଏହାହିଁ କର୍ତ୍ତବ୍ୟ ବୋଲି ଏକ ବଦ୍ଧମୂଳ ଧାରଣା ରହିଛି ।

କିନ୍ତୁ ପ୍ରକୃତରେ ଏହା ଏକ ସମ୍ପୂର୍ଣ୍ଣ ଭୁଲ୍ ଧାରଣା । ଆମେ ଆମର ପୂର୍ବକଳ୍ପିତ ଧାରଣାସବୁ ନେଇ ଯେତେବେଳେ ସେହି ଅନୁସାରେ କୌଣସି ପିଲାର ଜୀବନ ବା ଚରିତ୍ର ଗଠନ କରିବାରେ ଅତ୍ୟଧିକ ଉତ୍ସାହ ଦେଖାଉ ସେତେବେଳେ ଭୁଲିଯାଉ ଯେ ସେ ପିଲାର ମଧ୍ୟ ଏକ ନିଜସ୍ୱ ଚରିତ୍ର ରହିଛି; ତା'ର ପ୍ରକୃତି ବା ସ୍ୱଭାବର ଏକ ନିଜସ୍ୱ ଧର୍ମ ରହିଛି । ତା' ସ୍ୱଭାବର ସେହି ନିଜସ୍ୱ ଧର୍ମ ବା ସ୍ୱଧର୍ମ ଅନୁସାରେହିଁ ତା'ର ଜୀବନବିକାଶ ରୂପାୟିତ ହେବାହିଁ ଶ୍ରେୟ । ତା'ର ଜୀବନ-ସଂଗୀତର ମୂର୍ଚ୍ଛନା ଯେଉଁ ରାଗ, ଯେଉଁ ସୁର ଓ ତାଳଲୟରେ ବାଜିବା ଅଭିପ୍ରେତ, ତା'ର ଜୀବନ-ସଙ୍ଗୀତର ଯନ୍ତ୍ରଟି ସେହି ସୁରରେହିଁ ବନ୍ଧା ହୋଇଥାଏ ।

କିନ୍ତୁ ଆମେ ଚାହୁ ଆମର ପ୍ରିୟ ରାଗ ବା ପରିଚିତ ସୁରଲୟରେହିଁ ଆମ ପ୍ରିୟ ଛାତ୍ରର ଜୀବନ-ସଂଗୀତଟି ବାଜିଉଠୁ । ଆମେ ଜାଣିବାକୁ ଚାହୁ ନାହିଁ ଯେ ଜୀବନ ସମ୍ପର୍କରେ ଆମ ଆଦର୍ଶର ସୁର ସଙ୍ଗରେ ଉକ୍ତ ଛାତ୍ରର ସହଜାତ ସ୍ୱଭାବର ସୁର କେତେଦୂର ମିଳୁଛି ନା ମିଳୁ ନାହିଁ । ତାହା ନଜାଣି ଆମେ ଯେତେବେଳେ ଆମ ନିଜର ଆଦର୍ଶର ଛାଞ୍ଚରେ ଛାତ୍ରର ଜୀବନକୁ ଗଢ଼ିବାକୁ ଚେଷ୍ଟାକରୁ, ସେତେବେଳେ ନାନା ବେସୁର, ନାନା ବିଭ୍ରାଟ ସୃଷ୍ଟି ହୁଏ ।

ହୁଏତ କୌଣସି ନିର୍ଦ୍ଦିଷ୍ଟ ବିଷୟ ପ୍ରତି ଛାତ୍ରର ସ୍ୱଭାବରେ ଆବଶ୍ୟକୀୟ ଗ୍ରହଣଶୀଳତା ନାହିଁ, କିନ୍ତୁ ସେ ବିଷୟଟି ପ୍ରତି ଯଦି ଅଭିଭାବକ ବା ଶିକ୍ଷକଙ୍କର ବିଶେଷ ଆଗ୍ରହ-ଆକର୍ଷଣ ଥାଏ ତେବେ ସେ ଚାହିବେ ଛାତ୍ରଟି ମଧ୍ୟ ସେହି ବିଷୟରେ ପାରଙ୍ଗମ ହୋଇଉଠୁ । ସେହି ବିଷୟରେହିଁ ଅଧିକ ମନୋଯୋଗ ଓ ଧ୍ୟାନ ଦେବାକୁ ସେ ଛାତ୍ରକୁ ଉତ୍ସାହିତ କରିବେ । ସେହି ବିଷୟ ପ୍ରତି କୌଣସି ଆଗ୍ରହ ନଥାଇ ମଧ୍ୟ ଶିକ୍ଷକଙ୍କ ପ୍ରତି ଭୟ ବା ସମ୍ମାନ ହେତୁ ବା ତାଙ୍କର ପ୍ରିୟପାତ୍ର ହେବାକୁ ଛାତ୍ରଟି ସେହି ବିଷୟରେ ଅତ୍ୟଧିକ ମନୋଯୋଗ ଓ ଶ୍ରମ ଦେଇଥାଏ । କିନ୍ତୁ ତାହା ନିଜ ସ୍ୱଭାବର ଅନୁକୂଳ ହୋଇ ନଥିବାରୁ ତହିଁରେ ସାଫଲ୍ୟ ଲାଭ ବିଡ଼ମ୍ୱିତ ହୁଏ ଓ ତା'ର ଉଦ୍ୟମ ପଣ୍ଡଶ୍ରମରେହିଁ ପରିଣତ ହୁଏ । ଏପରିକି ଯଦି ତହିଁରେ ସେ ବାହାର ଦୃଷ୍ଟିରୁ ସାଫଲ୍ୟ ଓ କୃତିତ୍ୱ ମଧ୍ୟ ଦେଖାଏ, ତଥାପି ସେହି ସାଫଲ୍ୟ ଛାତ୍ରଟିକୁ ତା'ର ସ୍ୱଭାବ ଅନୁଯାୟୀ ଯଥାର୍ଥ ବିକାଶର ଧାରାରେ ଆଗେଇ ନେବ ନାହିଁ । ପ୍ରକୃତ ଅର୍ଥରେ ବାହାରର ସମସ୍ତ ସାଫଲ୍ୟ ସତ୍ତ୍ୱେ ତା'ର ନିଜସ୍ୱ ବିକାଶର ଧାରା ଏହା ଫଳରେ ବିକଳ ଓ ଖଣ୍ଡିତ ହେବାହିଁ ସାର ହୁଏ ।

ନିଜର ବିଚାର ଓ ରୁଚିକୁ ପିଲା ଉପରେ ଏହିପରି ଭାବରେ ଲଦି ଦେଇ ତା'ର ସ୍ୱାଭାବିକ ବିକାଶର ଧାରାକୁ ଖର୍ବ ଓ ଖଣ୍ଡିତ କରିବାର ଅଜସ୍ର ଦୃଷ୍ଟାନ୍ତ ଆମେ ସଚରାଚର ଦେଖୁ । ଜଣେ ଛାତ୍ରର ସ୍ୱଭାବରେ ହୁଏତ କଳା ଓ ସାହିତ୍ୟ ପ୍ରତି ବିଶେଷ ଆଗ୍ରହ ରହିଛି କିନ୍ତୁ ଶିକ୍ଷକ ଓ ଅଭିଭାବକଙ୍କ ବିଚାର ହେଲା ଭବିଷ୍ୟତରେ ଜୀବିକାର୍ଜନ ପାଇଁ ସୁବିଧା ଦୃଷ୍ଟିରୁ ସେ ବିଜ୍ଞାନ ବା ଡାକ୍ତରୀ ବା ଇଞ୍ଜିନିୟରିଂକୁ ନିଜ ଅଧ୍ୟୟନର ବିଷୟରୂପେ ବାଛି ନେଉ । ସେହି ଦିଗରେହିଁ ତା' ଉପରେ ଚାପ ପ୍ରୟୋଗ ହୁଏ । ଆଜିର ସମାଜରେ ଆଇ.ଏ.ଏସ୍. ଆଦି ପ୍ରତିଯୋଗିତାରେ ସଫଳତାକୁ ଛାତ୍ର ଆଗରେ କୃତିତ୍ୱର ଚରମ ଲକ୍ଷ୍ୟ ରୂପେ ଯେପରି ରଖାଯାଇଛି ଓ ସେହି ଲକ୍ଷ୍ୟସାଧନ ପାଇଁ ଶିକ୍ଷକ, ଅଭିଭାବକ ଓ ଜ୍ଞାତି କୁଟୁମ୍ବମାନେ ଛାତ୍ରକୁ ଯେପରି ଭାବରେ ପ୍ରଭାବିତ କରନ୍ତି, ବିଚାରା ଛାତ୍ର ଅନୁଭବ କରେ ଯେପରି ନିଜର ଯୋଗ୍ୟତାର ପ୍ରମାଣ ପାଇଁ ତାହାହିଁ ଏକମାତ୍ର ବାଟ । ତା'ର ହୁଏତ ଅନ୍ୟ ଅନେକ ବିଷୟରେ ପ୍ରତିଭା ରହି ପାରିଥାଏ । କିନ୍ତୁ ଆଇ.ଏ.ଏସ୍. ପ୍ରାପ୍ତିର ଯଜ୍ଞରେ ତା'ର ସେହିସବୁ ପ୍ରତିଭାକୁ ଆହୁତି ଦେବାକୁ ପଡ଼େ । ଏହିପରି ଭାବରେ

ଅଭିଭାବକ ଓ ଶୁଭେଚ୍ଛୁ ଶିକ୍ଷକଙ୍କ ତାଡ଼ନାରେ ଅନେକ ଉଦୀୟମାନ ପ୍ରତିଭା ନିଜ ଜୀବନର ପୂର୍ଣ୍ଣତା ଖୋଜନ୍ତି ମୋଟା ଦରମା ମିଳୁଥିବା ସରକାରୀ ଚାକିରିର ନିରାପତ୍ତାରେ । ଜୀବିକାର୍ଜନ ଦୃଷ୍ଟିରୁ, ଡିଗ୍ରୀଲାଭ ଦୃଷ୍ଟିରୁ, ସମାଜରେ ମାନ୍ୟଗଣ୍ୟ ବ୍ୟକ୍ତି ରୂପେ ପରିଗଣିତ ହେବା ଦୃଷ୍ଟିରୁ ସେ ହୁଏତ ସାଫଲ୍ୟର ଶିଖରରେ ପହଞ୍ଚିଲା । କିନ୍ତୁ ଏଥିପାଇଁ ତାହାକୁ ଯେଉଁ ମୂଲ୍ୟ ଦେବାକୁ ପଡ଼ିଲା, ତାହା ସେ ଦେଲା ନିଜ ଅନ୍ତର୍ବିକାଶର ସ୍ୱାଭାବିକ ଧାରାର ସ୍ୱଚ୍ଛନ୍ଦ ପ୍ରବାହକୁ ରୁଦ୍ଧକରି ।

ଛାତ୍ରର ସ୍ୱାଭାବିକ ଜୀବନବିକାଶରେ ସୂକ୍ଷ୍ମ ଭାବରେ ସବୁଠୁ ବେଶୀ ହସ୍ତକ୍ଷେପ ହୁଏ ଯେତେବେଳେ ଶିକ୍ଷକ ଆଶା କରନ୍ତି ଛାତ୍ରଟି ତାଙ୍କରି ଆଦର୍ଶକୁହିଁ ଅନୁସରଣ କରୁ । ସେ ଧରି ନିଅନ୍ତି ତାଙ୍କ ନିଜର ଚାଲିଚଳନ, ଆଚାର-ବ୍ୟବହାର ଓ ରୁଚିସବୁକୁ ଅନୁସରଣ କରିବାରେହିଁ ଛାତ୍ରର ସର୍ବୋତ୍ତମ ମଙ୍ଗଳ ନିହିତ । ସେ ବୁଝିବାକୁ ଚାହାନ୍ତି ନାହିଁ ଯେ ଛାତ୍ରର ଏକ ନିଜସ୍ୱ ସ୍ୱଭାବ ଅଛି; ଏକ ନିଜସ୍ୱ ରୁଚି ଅଛି, ଆଚାର-ବ୍ୟବହାର ସମ୍ପର୍କରେ ଏକ ନିଜସ୍ୱ ମନୋଭାବ ରହିଛି । ତାହା ହୁଏତ ତାଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇପାରେ, ଏପରିକି ବିପରୀତ ମଧ୍ୟ ହୋଇପାରେ । ଶିକ୍ଷକଙ୍କର ନିଜର ସ୍ୱଭାବ ଓ ସଂସ୍କାର ଅନୁସାରେ ଯେପରି ତାଙ୍କ ନିଜର ପସନ୍ଦ-ଅପସନ୍ଦ ଗଠିତ ହୋଇଛି ଠିକ୍ ସେହିପରି ଛାତ୍ରଟିର ପସନ୍ଦ-ଅପସନ୍ଦ ମଧ୍ୟ ଗଠିତ ହୋଇଛି ତା' ନିଜର ସ୍ୱଭାବ ଓ ସଂସ୍କାର ଅନୁଯାୟୀ । ତେଣୁ ନିଜର ଧାରଣାନୁସାରେ ସେଗୁଡ଼ିକୁ ବଦଳାଇବାକୁ ଚେଷ୍ଟା ନକରି ଶିକ୍ଷକ ସେଗୁଡ଼ିକୁ ଯଥାର୍ଥ ମୂଲ୍ୟ ଓ ସମ୍ମାନ ଦେଇ ସେଗୁଡ଼ିକ ଭିତରେ କେଉଁ ସତ୍ୟ ରହିଛି ତାହା ବୁଝିବାକୁ ଚେଷ୍ଟା କରିବା ଉଚିତ । ନିଜର ଧାରଣା ନୁହେଁ, ଛାତ୍ରର ସ୍ୱଭାବର ସେହି ସତ୍ୟଗୁଡ଼ିକହିଁ ଯେପରି ତାହାର ଆଚରଣରେ ପ୍ରତିଫଳିତ ହୁଏ, ଶିକ୍ଷକ ସେ ଦିଗରେ ଦୃଷ୍ଟି ରଖିବା ଉଚିତ । କିନ୍ତୁ ବହୁ କ୍ଷେତ୍ରରେ ଦେଖାଯାଏ ଶିକ୍ଷକ ନିଜର ରୁଚିଗୁଡ଼ିକୁହିଁ ଛାତ୍ର ଉପରେ ଲଦି ଦେବାକୁ ଚେଷ୍ଟା କରନ୍ତି, ସେଥିପାଇଁ ନାନା ଚାପ ପ୍ରୟୋଗ କରନ୍ତି ।

ଦେଖାଯାଏ ଜଣେ ଶିକ୍ଷକଙ୍କର ନୃତ୍ୟ, ଗୀତ, ସଙ୍ଗୀତ, ନାଟକ ଆଦି ପ୍ରତି କୌଣସି ରୁଚି ନାହିଁ ବରଂ ସେସବୁ ପ୍ରତି ବୀତସ୍ପୃହ ଅଛି; ସେ ଚାହିବେ ତା'ଙ୍କ ପ୍ରିୟ ଛାତ୍ର ମଧ୍ୟ ସେହିପରି ହେଉ, ଅଥଚ ସେ ଛାତ୍ରର ସ୍ୱଭାବରେ ନୃତ୍ୟଗୀତ ପ୍ରତି ସ୍ୱାଭାବିକ ଆକର୍ଷଣ ରହିଛି; ତେଣୁ ସେ ଦିଗରେ ବିକାଶହିଁ ତା' ପାଇଁ କାମ୍ୟ । ସେହିପରି ଜଣେ ଶିକ୍ଷକଙ୍କର ହୁଏତ ବାହାରର ଆଦବକାଇଦା ପ୍ରତି, ପୋଷାକ-ପରିଚ୍ଛଦରେ, ପରିପାଟୀ ଦିଗରେ ଖୁବ୍ ରୁଚି ଅଛି ବା ଖେଳ କସରତ ଓ ବହିରଙ୍ଗ ଆମୋଦ-ପ୍ରମୋଦ ପ୍ରତି ଖୁବ୍ ରୁଚି ଅଛି; ସେ ଚାହିବେ ତାଙ୍କର ପ୍ରିୟ ଛାତ୍ରଟି ମଧ୍ୟ ନିଜକୁ ସେଇ ଭାବରେ ତିଆରି କରୁ, କିନ୍ତୁ ହୁଏତ ଉକ୍ତ ଛାତ୍ରର ବାହାରର କାମଦାମ ଅପେକ୍ଷା ଚୁପ୍‌ଚାପ୍ ନୀରବରେ ଘଣ୍ଟା ଘଣ୍ଟା ଧରି ପଢ଼ାଲେଖାରେ ସମସ୍ତ ଆଗ୍ରହ-ଆକର୍ଷଣ ରହିଛି । ଶିକ୍ଷକଙ୍କ ପସନ୍ଦ ପ୍ରତି ସମ୍ମାନ ଦେଖାଇ ଯଦି ଉକ୍ତ ଛାତ୍ରଟି ତା' ନିଜ ସ୍ୱାଭାବିକ ରୁଚି ବିରୋଧରେ ଖେଳ-କସରତରେ ଅଧିକ ସମୟ ଦିଏ, ତେବେ ସେ ଆପଣାର ଯଥାର୍ଥ ବିକାଶରେ ବାଧା ସୃଷ୍ଟି କରିବ । ସେହିପରି ଦେଖାଯାଏ ଯେ, ଅତି ସାଦାସିଧା ଲୁଗାପଟା ପିନ୍ଧିବାରେ ରୁଚି ଥିବା କୌଣସି ଶିକ୍ଷୟିତ୍ରୀ ଯଦି ଦେଖନ୍ତି ତାଙ୍କର କେହି ଛାତ୍ରୀ ଖୁବ୍ ଚାକଚକ୍ୟ ଓ ଆଡ଼ମ୍ବରପୂର୍ଣ୍ଣ ବେଶବାସରେ ସଜ୍ଜିତା ହୋଇ କ୍ଲାସକୁ ଆସୁଛି, ତା'ହେଲେ ଆପେ ଆପେ ତାଙ୍କର ଭ୍ରୂକୁଞ୍ଚନ ହୋଇଯିବ ବିରକ୍ତିରେ । ସୁନ୍ଦର ବିଳାସପୂର୍ଣ୍ଣ ସାଜସଜ୍ଜାରେ ଯେ ଏକ ସତ୍ୟ ନିହିତ ରହିଛି ଓ ଛାତ୍ରୀଟିର ରୁଚିରେ ତାହାହିଁ ପ୍ରତିଫଳିତ ହୋଇଛି ତାହା ଦେଖିପାରିବା ଭଳି ଦୃଷ୍ଟି ତାଙ୍କର ନଥାଏ । ସେହିଭଳି କୌଣସି ଶିକ୍ଷକ ଯେତେବେଳେ ଛାତ୍ରମାନଙ୍କୁ ଭବିଷ୍ୟତ୍ ପାଇଁ ଧୀର, ସ୍ଥିର, ଶାନ୍ତ, ନିରୀହ ନାଗରିକ ରୂପେ ଗଢ଼ିବାର ଅତ୍ୟଧିକ ଉତ୍ସାହ ନେଇ କୌଣସି ଛାତ୍ରକୁ ତା'ର ଅବାଧ, ଶୃଙ୍ଖଳାହୀନ ଆଚରଣ ପାଇଁ କଠୋର ଶାସ୍ତିବିଧାନ କରନ୍ତି, ସେ ଦେଖିବାକୁ ଚେଷ୍ଟା କରନ୍ତି ନାହିଁ ଯେ ହୁଏତ ସେହି ଛାତ୍ରଟିର ସ୍ୱଭାବରେ ବିପ୍ଳବର ଏପରି ବୀଜ ନିହିତ ରହିଛି ଯାହାକି ଭବିଷ୍ୟତରେ ସମାଜର ନାନା ଅନ୍ୟାୟ, ଅନାଚାର ବିରୋଧରେ ଦୃଢ଼ ପ୍ରତିବାଦ ପାଇଁ, ନିର୍ଭୀକ ସଂଗ୍ରାମ ପାଇଁ ତାକୁ ସମର୍ଥ କରିଥାଆନ୍ତା । ଶିକ୍ଷକଙ୍କର ସେହି ଆଚରଣ ହୁଏତ ସେହି ବିପ୍ଳବ ବୀଜଟିର ଅଙ୍କୁରୋଦ୍‌ଗମରେ ବାଧା ସୃଷ୍ଟି କଲା ।

ଏହିପରି ଅନେକ ଦୃଷ୍ଟାନ୍ତ ଦିଆଯାଇପାରେ । ତେଣୁ ଛାତ୍ରର ସ୍ୱଭାବରେ ପ୍ରକୃତ ଯେଉଁ ସତ୍ୟ ନିହିତ ରହିଛି, ତାକୁ ଦେଖିପାରି, ତା'ର ଆଚରଣ ଓ ମନୋଭାବରେ ସେହିଗୁଡ଼ିକ ଯେପରି ପ୍ରତିଫଳିତ ହୁଏ, ସେହି ଦିଗରେ ଦୃଷ୍ଟି ଦେବାହିଁ ଶିକ୍ଷକଙ୍କ କର୍ତ୍ତବ୍ୟ । କିନ୍ତୁ ଅନ୍ୟର ସ୍ୱଭାବରେ ସତ୍ୟ ଦେଖିବାକୁ ହେଲେ ତୁମକୁ ସତ୍ୟର ସେହିପରି ସାଧକ ହେବାକୁ ହେବ । ସେଇଥିପାଇଁ ମା କହିଥିଲେ ପ୍ରତ୍ୟେକ ଶିକ୍ଷକ ଜଣେ ଜଣେ ଯୋଗୀ ହେବା ଉଚିତ ।

ତେଣୁ ଯେଉଁ ଶିକ୍ଷକମାନେ ଆନ୍ତରିକଭାବେ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ସତ୍ୟର ଏକ ସାଧନା ରୂପେ ଗ୍ରହଣ କରିଛନ୍ତି, ସେମାନେ ମନେ ରଖିବା ଉଚିତ ଯେ ପ୍ରତ୍ୟେକଟି ବ୍ୟକ୍ତିସତ୍ତା, ତାହା ପିଲା ହେଉ ବା ବଡ଼ ହେଉ, ଛାତ୍ର ହେଉ ବା ଶିକ୍ଷକ ହେଉ, ତା' ଭିତରେ ଏକ ଦିବ୍ୟ-ସତ୍ୟ, ଏକ ଦିବ୍ୟ-ବ୍ୟକ୍ତିତ୍ୱ ରହିଛି । ଭଗବାନଙ୍କ ସଙ୍ଗରେ ତା'ର ସମ୍ପର୍କର ଏକ ନିଜସ୍ୱ ଧାରା ରହିଛି । ସେହି ଧାରାଟି ଯେପରି କୌଣସି ବାଧା ନପାଇ ସ୍ୱଚ୍ଛନ୍ଦ ଗତିରେ ପ୍ରବାହିତ ହୁଏ, ବ୍ୟକ୍ତିତ୍ୱ ଭିତରେ ପ୍ରଚ୍ଛନ୍ନ ରହିଥିବା ସେହି ଦିବ୍ୟ-ସତ୍ୟଟି ଯେପରି ପୂର୍ଣ୍ଣାଙ୍ଗ ଭାବରେ ପ୍ରସ୍ଫୁଟିତ ହୁଏ, ବିକଶିତ ହୁଏ, ସେହି ଦିଗରେ ସହାୟତା କରିବାହିଁ ଶିକ୍ଷକଙ୍କର ପ୍ରଧାନ କାମ । ପ୍ରକୃତରେ ଭଗବତୀ ଦିବ୍ୟଜନନୀଙ୍କ ଶକ୍ତିହିଁ ସେଥିପାଇଁ ନିୟତ କ୍ରିୟା କରୁଛି; ସେହି କ୍ରିୟାକୁ ବୁଝିପାରି ତା' ସହ ଯଥାର୍ଥ ସହଯୋଗ କରିବାରେହିଁ ରହିଛି ଶିକ୍ଷକଙ୍କର ଯଥାର୍ଥ କୃତିତ୍ୱ ଓ ସାର୍ଥକତା । ✜

ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ । ତୁମେ ଅନ୍ୟର ପନ୍ଥା ଗ୍ରହଣ କରିବା ଆବଶ୍ୟକ ନାହିଁ ! ତୁମେ ତୁମ ବାଟକୁ ଅନୁସରଣ କରି ଚାଲ ଏବଂ ତୁମ ବାଟରେ ଗଲେହିଁ ତୁମେ ସେଇ ଶୀର୍ଷରେ ପହଞ୍ଚ ପାରିବ । ଏଇ ଶୀର୍ଷ ସ୍ଥାନଟି ''ଏକ'', କିନ୍ତୁ ତୁମ ବାଟରେ ତୁମେ ଯାଇ ସେଠି ପହଞ୍ଚୁଛ । ଲକ୍ଷ୍ୟଟି ରହିଛି ଏହି ଶୀର୍ଷକୁ ଅତିକ୍ରମ କରି ତା'ର ଆହୁରି ଊର୍ଦ୍ଧ୍ୱରେ । ସେଇ ଲକ୍ଷ୍ୟଟି ''ଏକ'' ଏବଂ ସବୁ ଶୀର୍ଷର ଅତୀତ ଓ ଊର୍ଦ୍ଧ୍ୱରେ । କିନ୍ତୁ ପ୍ରତ୍ୟେକଙ୍କୁ ତାଙ୍କ ନିଜ ରାସ୍ତାରେ ଯାଇ ସେଠାରେ ପହଞ୍ଚିବାକୁ ହେବ । ପ୍ରତ୍ୟେକଙ୍କୁ ତାଙ୍କ ନିଜର ପାହାଡ଼ ଚଢ଼ିବାକୁ ହେବ, ଅନ୍ୟର ପାହାଡ଼ ନୁହେଁ ।

(CWM, Vol. 4, p. 350) ଶ୍ରୀମା

Give us faith in a glorious future and the capacity to realise it.

– The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**